# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଏପ୍ରିଲ ୨୪/୨୦୧୯ (୧୬ ପୃଷ୍ଠା) Sambalpur, Wednesday, April 24/ 2019 ★★

୧୫ଶ ଭାଗ ୧୨୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-





## କେନ୍ଦ୍ରୀୟ ବିଜେପି ନେତାଙ୍କ ଇଲେକ୍ସନ୍ ଟୁରିଜିମ୍

୨୦୧୪ ମସିହାରେ 'ହୁଡ୍‌ହୁଡ୍' ସହିତ ପ୍ରଳୟଙ୍କରୀ ବନ୍ୟା ।

୨୦୧୫ ମସିହାରେ ଭୟଙ୍କର ମରୁଡି ପରିସ୍ଥିତି ।

୨୦୧୬ ମସିହାରେ ବନ୍ୟା ।

୨୦୧୭ ମସିହାରେ ପ୍ରଳୟଙ୍କରୀ ବନ୍ୟା ଓ ଭୟଙ୍କର ମରୁଡି ।

୨୦୧୮ ମସିହାରେ 'ତିତ୍‌ଲି' ସହିତ ପ୍ରଳୟଙ୍କରୀ ବନ୍ୟା ।

ଓଡ଼ିଶାବାସୀ ଦୁଃଖକଷ୍ଟରେ ପାଣିଘେରରେ ଥିଲେ...କିନ୍ତୁ ୫ ବର୍ଷରେ ଥରେ ହେଲେ ବି ବିଜେପିର ବଡ ବଡ କେନ୍ଦ୍ର ନେତା କେହି ଆସିଲେ ନାହିଁ ।

ଏବେ ଭୋଟ୍ ପାଇଁ ୧୫ ଦିନରେ ୧୫ ଥର ଓଡ଼ିଶାକୁ ଦୌଡୁଛନ୍ତି ।



ଓଡ଼ିଶାବାସୀଙ୍କ ଦୁଃଖକଷ୍ଟରେ ନବୀନ ପଟ୍ଟନାୟକ ସବୁଦିନେ ଠିଆ ।

**ନବୀନଙ୍କ ସହିତ ରହିବା**
**ଆମ ହକ୍ ପାଇଁ ଲଢିବା**

ବିଜୁ ଜନତା ଦଳ

ସବୁଦିନେ ଲୋକଙ୍କ ସୁଖଦୁଃଖର ସାଥୀ

'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା । ଦୁଇଥର ।
ଥରେ ଏମ୍.ପି.ପାଇଁ । ଥରେ ଏମ୍.ଏଲ୍.ଏ ପାଇଁ ।



"ଆତଙ୍କବାଦୀଙ୍କ ଦ୍ୱାରା ବ୍ୟବହୃତ ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି)ଠାରୁ ଭୋଟର ଆଇଡି ବେଶି ଶକ୍ତିଶାଳୀ।
- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



ବିଜେଡି ଦେଇଛି ମହିଳାଙ୍କୁ ତାଙ୍କ ହକ୍।
୨୧ରୁ ୨୧ରେ 'ବିଜେଡି'କୁ ଜିତାଇବା ଓଡ଼ିଶାର ହକ୍ ପାଇଁ ଲଢ଼ିବା।
ଚଳିତ ଲୋକସଭା ନିର୍ବାଚନରେ ଏକ ତୃତୀୟାଂଶ ମହିଳାଙ୍କୁ ପ୍ରାର୍ଥୀ କରିଛି ବିଜେଡି। କେନ୍ଦ୍ର ଯୋଜନାରେ ମହିଳାଙ୍କୁ ୫ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ମିଳୁଥିବା ବେଳେ 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'ରେ ମିଳିବ ୧୦ ଲକ୍ଷ। 'ମିଶନ ଶକ୍ତି'ରେ ୫ ହଜାର କୋଟି ଟଙ୍କାର ବ୍ୟବସାୟ, ୫୦୦ କୋଟିର ଲାଭ। ବିନା ସୁଧରେ ୫ ଲକ୍ଷ ଟଙ୍କାର ଋଣ।
ବିଜୁ ଜନତା ଦଳ
ନବୀନ ଓଡ଼ିଶା : ସଶକ୍ତ ମହିଳା ସଶକ୍ତ ଓଡ଼ିଶା
'ଶଙ୍ଖ' ଚିହ୍ନରେ ଭୋଟ୍ ଦେବା। ଦୁଇଥର। ଥରେ ଏମ୍.ପି.ପାଇଁ। ଥରେ ଏମ୍.ଏଲ୍.ଏ ପାଇଁ।

## ସଂକ୍ଷେପରେ

### କଂଗ୍ରେସ କର୍ମୀଙ୍କୁ ହତ୍ୟା

**ମୁର୍ଶିଦାବାଦ,୨୩।୪(ପି.ଟି.):** ପଶ୍ଚିମବଙ୍ଗର ମୁର୍ଶିଦାବାଦ ଲୋକ ସଭା ଆସନ ପାଇଁ ମତଦାନ ଚାଲିଥିବାବେଳେ ବାଲିଗ୍ରାମ୍ ପ୍ରାଥମିକ ସ୍କୁଲସ୍ଥିତ ଏକ ବୁଥ୍ ବାହାରେ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି। ତିୟାରୁଲ୍ ଶେଖ୍ ନାମକ ମତଦାତା ଉକ୍ତ ସ୍କୁଲକୁ ଭୋଟ ଦେଇଯାଉଥିବାବେଳେ କେତେଜଣଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ସେମାନେ ଏଥିରେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ତିୟାରୁଲଙ୍କୁ ମୃତ ଘୋଷଣା କରିଥିଲେ। ଏହାସହ ଆକ୍ରମଣରେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ତିୟାରୁଲ ଜଣେ କଂଗ୍ରେସ କର୍ମୀ। ତାଙ୍କୁ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଗୁଣ୍ଡାମାନେ ଆକ୍ରମଣ କରିଥିଲେ ବୋଲି ଏହି ଆସନର କଂଗ୍ରେସ ପ୍ରାର୍ଥୀ ଅବୁ ହେନା ଅଭିଯୋଗ କରିଛନ୍ତି। ନିର୍ବାଚନ କମିଶନ ଏନେଇ ଜିଲା ପ୍ରଶାସନକୁ ରିପୋର୍ଟ ମାଗିଛନ୍ତି।

### 'ଭାଜପା ପାଇଁ କାମ କରୁଛି କେନ୍ଦ୍ରୀୟ ବଳ'



**ଖାନାକୁଲ,୨୩।୪(ପି.ଟି.):** କେନ୍ଦ୍ରୀୟ ବଳ ଭାଜପା ସପକ୍ଷରେ ମତଦାନ କରାଇବା ପାଇଁ କାମ କରୁଛି ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମାଲୋଚନା କରିଛନ୍ତି। ଟିଏମ୍‌ସି ସୁପ୍ରିମୋ ମମତା ମଙ୍ଗଳବାର ଆରାମବାଗ୍‌ରେ କହିଛନ୍ତି, ମାଲଦା ଦକ୍ଷିଣ ଓ ବାଲୁରଗଡ଼ ଆସନରେ କେନ୍ଦ୍ରୀୟ ବଳଗୁଡ଼ିକ ଭାଜପା ପାଇଁ ଭୋଟରଙ୍କୁ ଭୋଟ ମାଗୁଛନ୍ତି। ଏନେଇ ନିର୍ବାଚନ କମିଶନ (ଇସି) ଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସେହିପରି ଏତେ ଦୀର୍ଘ ଅବଧି ଧରି ଦେଶରେ କେବେ ନିର୍ବାଚନ ହୋଇ ନ ଥିଲା। ଭାଜପା ନେତାମାନଙ୍କୁ ସୁହାଇବା ଭଳି ବ୍ୟବସ୍ଥା ଇସି କରିଛନ୍ତି ବୋଲି ମମତା ସମାଲୋଚନା କରିଛନ୍ତି।

### ଭିଭିପିଏଟି ମେଶିନରେ ସାପ

**କନ୍ନଉର(କେରଳ)୨୩।୪(ପି.ଟି):** କନ୍ନଉର ଲୋକ ସଭା ନିର୍ବାଚନ ମଣ୍ଡଳୀର ମାଇଲ କାଣ୍ଡାକାଇସ୍ଥିତ ଏକ ପୋଲିଂ ବୁଥ୍‌ରେ ଗୋଟିଏ ଛୋଟ ସାପ ଭିଭିପିଏଟି ମେଶିନ ଭିତରକୁ ପଶିଯାଇଥିଲା। ଏଥିପାଇଁ ସମ୍ପୃକ୍ତ ଅଧିକାରୀ ଏବଂ ଭୋଟର ଆତଙ୍କିତ ହୋଇପଡିଥିଲେ। ସାପକୁ ମେଶିନ ଭିତରୁ ବାହାର କରାଯିବା ପରେ ମତଦାନ କାର୍ଯ୍ୟ ଜାରି ରହିଥିଲା। କନ୍ନଉର ଲୋକ ସଭା ନିର୍ବାଚନମଣ୍ଡଳୀରେ ବର୍ତ୍ତମାନର ଏମ୍‌ପି ପି.କେ. ଶ୍ରୀମତୀ(ସିପିଆଇ-ଏମ୍-ଏଲ୍‌ଡିଏଫ୍), କେ. ସୁରେନ୍ଦ୍ରନ୍ (କଂଗ୍ରେସ-ୟୁଡିଏଫ୍) ଏବଂ ସି.କେ. ପଦ୍ମନାଭନ(ଭାଜପା-ଏନ୍‌ଡିଏ) ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

### [ଇତିହାସର ଆଇନାରେ]

### ଏପ୍ରିଲ ୨୪ର ପ୍ରମୁଖ ଘଟଣା

୧୯୫୩ ଏପ୍ରିଲ ୨୪ରେ କୁଇନ୍ ଏଲିଜାବେଥ୍ ଦ୍ୱିତୀୟ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲଙ୍କୁ ନାଇଟ୍ ଉପାଧି ପ୍ରଦାନ କରିଥିଲେ। ଏଲିଜାବେଥ୍ ଦ୍ୱିତୀୟ ୧୯୨୬ ଏପ୍ରିଲ ୨୧ରେ ଜନ୍ମ ହୋଇଥିଲେ।

୨୦୧୩ ଏପ୍ରିଲ ୨୪ରେ ଢାକାରେ ଏକ କୋଠା ଭୁଶୁଡ଼ି ୧,୧୨୯ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨,୫୦୦ ଜଣ ଆହତ ହୋଇଥିଲେ। ଢାକା ହେଉଛି ବାଂଲାଦେଶର ରାଜଧାନୀ ତଥା ବୃହତ୍ ନଗରୀ।

## ୧୩ ରାଜ୍ୟ, ୨ କେନ୍ଦ୍ର ଶାସିତ ଅଞ୍ଚଳର ୧୧୭ ଆସନ

# ତୃତୀୟ ପର୍ଯ୍ୟାୟରେ ୬୪.୬୬% ମତଦାନ

**ନୂଆଦିଲ୍ଲୀ,୨୩।୪(ପି.ଟି.)**

କାଁଭାଁ କେତେକ ସ୍ଥାନରେ ହିଂସାକୁ ଛାଡ଼ିଦେଲେ ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୧୩ ରାଜ୍ୟ ଓ ୨ କେନ୍ଦ୍ର ଶାସିତ ଅଞ୍ଚଳର ୧୧୭ ଲୋକ ସଭା ଆସନରେ ୬୪.୬୬% ମତଦାତା ସେମାନଙ୍କ ରାଜନୈତିକ ଅଧିକାର ସାବ୍ୟସ୍ତ କରିଛନ୍ତି। ଭୋଟଗ୍ରହଣ କରାଯାଇଥିବା ଆସନଗୁଡ଼ିକ ମଧ୍ୟରେ ରହିଛି ଆସାମର ୪, ବିହାର (୫), ଛତିଶଗଡ଼ (୭), ଗୁଜରାଟ (୨୬), ଗୋଆ (୨), ଜମ୍ମୁ ଓ କଶ୍ମୀର (୧), କର୍ନାଟକ (୧୪), କେରଳ (୨୦), ମହାରାଷ୍ଟ୍ର (୧୪), ଓଡ଼ିଶା (୬), ୟୁପି (୧୦), ପଶ୍ଚିମବଙ୍ଗ (୫), ଦାଦର ଓ ନଗର ହାଭେଲି (୧), ତ୍ରିପୁରା (୧) ଏବଂ ଡାମନ ଓ ଡିଉର ଗୋଟିଏ। ଏହି ଆସନଗୁଡ଼ିକରେ ମୋଟ ୧,୬୧୨ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ବନ୍ଦ ହୋଇଯାଇଛି।

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନିର୍ବାଚନ କମିଶନ ଓ ପୋଲିସ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ମତଦାନ ପରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ (ଗୁଜରାଟର ଗାନ୍ଧୀନଗର) ଓ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ(କେରଳର ୱାୟନାଡ୍)ଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ଏବଂ ହେଭିୱେଟ୍‌ଙ୍କ ଭାଗ୍ୟ ଇଭିଏମ୍‌ରେ ବନ୍ଦ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଭାଜପା ମୁଖ୍ୟ ଅମିତ ଶାହ, ବରିଷ୍ଠ ନେତା ଏଲ୍.କେ. ଆଡ୍‌ଭାନୀ, କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ, କଂଗ୍ରେସ ନେତା ଅହମଦ ପଟେଲ ପ୍ରମୁଖ ଗୁଜରାଟର ବିଭିନ୍ନ ପୋଲିଂ ଷ୍ଟେଶନରେ ଭୋଟ ଦେଇଛନ୍ତି। ଗୁଜରାଟର ୨୬ ଆସନରେ ସନ୍ଧ୍ୟା ୫ଟା ସୁଦ୍ଧା ୫୮.୯୬% ମତଦାନ ହୋଇଛି। ସେହିପରି କେରଳରେ ୭୦.୨୮% ମତଦାନ ହୋଇଛି। ଏଠାରେ ରାହୁଲଙ୍କ ବ୍ୟତୀତ ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁର ଏବଂ କେନ୍ଦ୍ରମନ୍ତ୍ରୀ କେ. ଆଲଫନ୍ସ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ରହିଛନ୍ତି। କର୍ନାଟକରେ ୬୦.୪୨% ମତଦାତା ଭୋଟ ଦେଇଛନ୍ତି। ଉତ୍ତରପ୍ରଦେଶର ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ଏସ୍‌ପି ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବ (ମୈନ୍‌ପୁରୀ), ନେତା ଆଜମ୍ ଖାନ୍ (ରାମପୁର), ମୁଲାୟମ୍‌ଙ୍କ ଭାଇ ଶିବପାଲ ଯାଦବ ଓ ପୁତୁରା ଧର୍ମେନ୍ଦ୍ର ଯାଦବଙ୍କ ସହ ଅକ୍ଷୟ ଯାଦବ। ସେହିପରି ରାମପୁର ଆସନରୁ ଭାଜପା ପ୍ରାର୍ଥୀ ଜୟପ୍ରଦାଙ୍କ ଭାଗ୍ୟ ମଧ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ମହାରାଷ୍ଟ୍ରରେ ୫୭.୦୧%, ଗୋଆରେ ୭୦.୯୦%, ଛତିଶଗଡ଼ରେ ୬୪.୬୮% ମତଦାନ ହୋଇଛି। ସେହିପରି ଓଡ଼ିଶାରେ ୬୧%, ପଶ୍ଚିମବଙ୍ଗରେ ୭୮.୯୭%, ଆସାମରେ ୭୧.୪୭%, ବିହାରରେ ୫୪.୯୧% ଓ ତ୍ରିପୁରାରେ ସର୍ବାଧିକ ୭୭.୨୮% ଭୋଟଗ୍ରହଣ କରାଯାଇଛି। ଲୋକ ସଭାର ୫୪୩ ଆସନ ମଧ୍ୟରୁ ଏପ୍ରିଲ ୧୧ରେ ୯୧ ଓ ୧୮ରେ ୯୫ ଆସନରେ ଭୋଟଗ୍ରହଣ କରାଯାଇଥିଲା। ଅଦ୍ୟାବଧି ମୋଟ ୩୦୨ ଆସନରେ ଭୋଟଗ୍ରହଣ ଶେଷ ହୋଇଛି। ସମସ୍ତ ୭ ପର୍ଯ୍ୟାୟ ନିର୍ବାଚନ ସରିବା ପରେ ମେ ୨୩ରେ ଭୋଟଗଣତି ହେବ।



ତ୍ରିପୁରାର ଅଗରତାଳାରେ ଆଦିବାସୀ ସମ୍ପ୍ରଦାୟର ମହିଳାମାନେ ଭୋଟ ଦେବା ପରେ ଅଙ୍ଗୁଳି ଦେଖାଉଛନ୍ତି।

## ତିନିପୁଅଙ୍କୁ ହରାଇଲେ ଡେନ୍‌ମାର୍କର ସବୁଠୁ ଧନୀ ବ୍ୟକ୍ତି

**କଲମ୍ବୋ,୨୩।୪**

### ଶ୍ରୀଲଙ୍କା ଆକ୍ରମଣ



ଶ୍ରୀଲଙ୍କାରେ ଆତଙ୍କବାଦୀ ଆକ୍ରମଣରେ ଡେନମାର୍କର ସବୁଠାରୁ ଧନୀ ବ୍ୟକ୍ତି ଆଣ୍ଡର୍ସ ହଲ୍ଚ ପଭସେନ(୪୬) ନିଜର ୪ ପୁଅଙ୍କ ମଧ୍ୟରୁ ୩ ପୁଅଙ୍କୁ ହରାଇଥିବା ତାଙ୍କ ମୁଖପାତ୍ର ସୂଚନା ଦେଇଛନ୍ତି। ଗ୍ଲୋବାଲ ରିଟେଲ ଜିଆଣ୍ଟ ଏଏସ୍‌ଓଏସ୍ ଏବଂ ବେଷ୍ଟସେଲରର ଜଣେ ପ୍ରଖ୍ୟାତ ଫ୍ୟାଶନ ମୋଗଲ ଭାବେ ପରିଚିତ ପଭସନଙ୍କ ବେଷ୍ଟସେଲରର କମ୍ୟୁନିକେସନ ମ୍ୟାନେଜର ଜେସପର ଷ୍ଟବକିଏର ମଧ୍ୟ ଏନେଇ ବ୍ରିଟିଶ ନ୍ୟୁଜ ଏଜେନ୍ସିକୁ ସୂଚନା ଦେଇଛନ୍ତି। ଷ୍ଟବକିଏର ଏନେଇ ବିସ୍ତୃତ ଖବର ଦେଇ ନ ଥିଲେ ବି ଶ୍ରୀଲଙ୍କାକୁ ପଭସନ ତାଙ୍କ ସ୍ତ୍ରୀ ଓ ପିଲାମାନଙ୍କ ସହ ଛୁଟି କାଟିବାକୁ ଯାଇଥିଲେ ବୋଲି କୁହାଯାଇଛି। ତେବେ କିଭଳି ପରିସ୍ଥିତିରେ ଓ କେଉଁଠାରେ ଏମାନେ ବିସ୍ଫୋରଣର ଶିକାର ହେଲେ, ତାହା ଠିକ୍‌ଭାବେ ଜଣାପଡିନାହିଁ। ଶ୍ରୀଲଙ୍କାର ୩ ଚର୍ଚ୍ଚ ଓ ୩ ହୋଟେଲ ସମେତ ୮ଟି ସ୍ଥାନରେ ରବିବାର ଆତ୍ମଘାତୀ ବିସ୍ଫୋରଣ ହୋଇଥିଲ। ଏହି ଆକ୍ରମଣରେ ମୃତ୍ୟୁସଂଖ୍ୟା ୩୨୧ରେ ପହଞ୍ଚିଛି। ଏଏସ୍‌ଓଏସ୍ ହେଉଛି ବ୍ରିଟେନର ସବୁଠାରୁ ଜଣାଶୁଣା ଅନଲାଇନ ରିଟେଲ ୱେବସାଇଟ୍ସ। ଏହାର ରିଟେଲ ବିକ୍ରି ମୋଟ ୩.୦୬ ବିଲିୟନ ଡଲାର। ପଭସେନ ବ୍ରିଟେନରେ ସବୁଠାରୁ ଅଧିକ ଘରୋଇ ଜମିର ମାଲିକ ବୋଲି 'ଟାଇମ୍ସ' ଖବରକାଗଜ ଦର୍ଶାଇଛି। ପଭସେନ ଓ ତାଙ୍କ ସ୍ତ୍ରୀ ଆନ୍ନୀ ସ୍କଟିସ ହାଇଲାଣ୍ଡରେ ୨ ଲକ୍ଷ ଏକର ଜମିର ମାଲିକ ଥିବା ଜଣାପଡିଛି। ସ୍କଟଲାଣ୍ଡରେ ବ୍ରିଟିଶ ରାଜ ପରିବାର ପରେ ପଭସେନଙ୍କ ପରିବାର ନିକଟରେ ସବୁଠାରୁ ଅଧିକ ଜମି ରହିଛି। ଫବ୍ସ ରିପୋର୍ଟ ମୁତାବକ ପଭସେନଙ୍କ ପାଖରେ ୭.୯ ବିଲିୟନ ଡଲାରର ସମ୍ପତ୍ତି ରହିଛି। ଶ୍ରୀଲଙ୍କା ଆତଙ୍କବାଦୀ ଆକ୍ରମଣରେ ପଭସେନଙ୍କ ୩ ପୁଅ ପ୍ରାଣ ହରାଇବା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି।

## ଅଦାଲତ ଅବମାନନା ମାମଲା

# ବ୍ୟକ୍ତିଗତ ହାଜର ହେବେନି ରାହୁଲ

**ନୂଆଦିଲ୍ଲୀ,୨୩।୪**

ରାଫାଲ ରାୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆକ୍ଷେପ କରି 'ଚୌକିଦାର ଚୋର ହୈ' ବୋଲି ମନ୍ତବ୍ୟ ଦେଇଥିବା କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ମଙ୍ଗଳବାର ଆଶ୍ୱସ୍ତି ମିଳିଛି। ସେ ଆପରାଧିକ ଅଦାଲତ ଅବମାନନା ମାମଲାରେ ବ୍ୟକ୍ତିଗତ ଭାବେ ହାଜର ହେବେନାହିଁ। ଏନେଇ ତାଙ୍କୁ ନୋଟିସ ଜାରି କରାଯାଇଥିଲାବେଳେ ସୁପ୍ରିମକୋର୍ଟ ତାଙ୍କ ବ୍ୟକ୍ତିଗତ ହାଜିରାକୁ ଉଠାଇ ଦେଇଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ବର୍ତ୍ତମାନ ଲାଗି ଏହାକୁ କୋହଳ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୩୦ରେ କରାଯିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ପ୍ରକାଶଥାଉ କି, ଭାଜପା ଏମ୍‌ପି ମୀନାକ୍ଷି ଲେଖି ରାହୁଲଙ୍କ ବିରୋଧରେ ଅଦାଲତ ଅବମାନନା ପାଇଁ ଆପରାଧିକ ମାମଲା ସକାଶେ ପିଟିଶନ ଦାୟର କରିଥିଲେ। ମାମଲା ବନ୍ଦ କରିବା ଲାଗି ରାହୁଲ ଆବେଦନ କରିଥିଲାବେଳେ ଏହାକୁ ଅଗ୍ରାହ୍ୟ କରାଯାଇଛି।

## ପୁଣି ଇଭିଏମ୍ ଦୋଷ

# ପ୍ରଶ୍ନ ଉଠାଇଲେ ବିରୋଧୀ

**ମୁମ୍ବାଇ/ଲକ୍ଷ୍ନୌ,୨୩।୪(ପି.ଟି.)**



ଶରଦ ପାୱାର



ଏନ୍. ଚନ୍ଦ୍ରାବାବୁ ନାଇଡୁ

ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ ଚାଲିଥିବାବେଳେ ଦେଶର ବିଭିନ୍ନ ସ୍ଥାନରେ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ୍ (ଇଭିଏମ୍)ରେ ତ୍ରୁଟି ଦେଖାଦେଇଛି। ଏହାକୁ ନେଇ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର ଏବଂ ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବ ଇଭିଏମ୍‌କୁ ଦୋଷ ଦେଇ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି।

ମୁମ୍ବାଇରେ ଏନ୍‌ସିପି, ଟିଡିପି, ଟିଏମ୍‌ସି, ଏଏପି, ସିପିଆଇ, ସିପିଆଇଏମ୍ ଏବଂ ଡିଏମ୍‌କେ ପକ୍ଷରୁ ଆୟୋଜିତ ଏକ ମିଳିତ ଖବରଦାତା ସମ୍ମିଳନୀରେ ପାୱାର କହିଛନ୍ତି, ଦେଶବାସୀ ମୋଦିଙ୍କ ନେତୃତ୍ୱାଧୀନ ସରକାରକୁ ହଟାଇ ନୂଆ ସରକାର ଗଠନ ପାଇଁ ଚାହୁଁଛନ୍ତି। କିନ୍ତୁ ଇଭିଏମ୍‌ରେ ହେରଫେର ହେଉଛି ଚିନ୍ତାର ବିଷୟ। ସେହିପରି ଭାଜପା କେବଳ ଚାଲବାଜି କରି ଭୋଟ ହାତଉଛି ବୋଲି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ସମାଲୋଚନା କରିଛନ୍ତି। ଏଏପି ନେତା ସଞ୍ଜୟ ସିଂ କହିଛନ୍ତି, ଯେଉଁ ବଟନ ଦବାଇଲେ ଭାଜପାକୁ ଭୋଟ ଯାଉଛି। ନିର୍ବାଚନ କମିଶନ ଏସବୁ ଜାଣି ଧୃତରାଷ୍ଟ୍ରଙ୍କ ଭଳି ଅଭିନୟ କରୁଛନ୍ତି। ଉତ୍ତରପ୍ରଦେଶର ୮୦ ଲୋକ ସଭା ଆସନରୁ ୧୦ଟିରେ ଭୋଟଗ୍ରହଣ କରାଯାଇଛି। ଅନେକ ବୁଥ୍‌ରେ ଇଭିଏମ୍ ଅଚଳ ହୋଇଯାଇଥିବାରୁ ମତଦାନ ବାଧାପ୍ରାପ୍ତ ହୋଇଛି। ଏହାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ କହିଛନ୍ତି, ଡିଜିଟାଲ ଇଣ୍ଡିଆରେ ଏତେସଂଖ୍ୟକ ଇଭିଏମ୍ କାହିଁକି ଖରାପ ହେଉଛି। ଏଥିଯୋଗୁ ସନ୍ଦେହ ଜାତ ହେଉଛି। ନିର୍ବାଚନ କମିଶନ ଏହାକୁ ନେଇ ଯାଞ୍ଚ କରାଇବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଅଖିଳେଶ ଦାବି କରିଛନ୍ତି।

## ଭୂସ୍ଖଳନରେ ୫୦ରୁ ଊର୍ଦ୍ଧ୍ୱ ମୃତ

**ୟାଙ୍ଗନ,୨୩।୪**

ମିଆଁମାରର କାଚିନ ରାଜ୍ୟରେ ଭୂସ୍ଖଳନ ଯୋଗୁଁ ୫୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଏକ ଫଳରେ ଖଣିରେ ଶୋଇଥିବା ଶ୍ରମିକମାନେ ଏହାର ଶିକାର ହୋଇଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଶ୍ରମିକମାନେ ଖରିରେ ଶୋଇଥିବାବେଳେ ଭୂସ୍ଖଳନ ହେବାରୁ ସେମାନଙ୍କ ମୃତ୍ୟୁ ହୋଇଥିଲା। ମାଟି କାଦୁଅ ଭିତରେ ଏବେବି ୫୪ ଜଣ ଲୋକ ନିଖୋଜ ହୋଇଯାଇଥିବା ପୋଲିସ କହିଛି। ଉଦ୍ଧାର ଲାଗି ପ୍ରୟାସ ଜାରି ରହିଥିବା ଜଣାପଡିଛି।



## ଫିଲିପାଇନ୍ସରେ ଭୂକମ୍ପ :୧୬ ମୃତ

**ମାନିଲା,୨୩।୪**

ଫିଲିପାଇନ୍ସର ଲୁଜନ ଆଇସଲାଣ୍ଡରେ ସୋମବାର ହୋଇଥିବା ଭୂକମ୍ପଜନିତ ମୃତ୍ୟୁସଂଖ୍ୟା ୧୬କୁ ବୃଦ୍ଧିପାଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୬.୧ ରହିଥିଲା। ବାଣିଜ୍ୟିକ କେନ୍ଦ୍ରର ଭଗ୍ନସ୍ତୁପ ତଳେ ଚାପିହୋଇ ରହିଥିବା ନିଖୋଜ ୩୦ ଜଣଙ୍କୁ ଉଦ୍ଧାର କରାଯିବା ଲାଗି ଯୁଦ୍ଧକାଳୀନ ଭିତ୍ତିରେ ପ୍ରୟାସ ଜାରି ରହିଥିବା ଅଧିକାରୀମାନେ ପ୍ରକାଶ କରିଛନ୍ତି। ଉତ୍ତର ମାନିଲାରୁ ୧୦୦ କିମି ଦୂର ପାପାଙ୍ଗା ପ୍ରୋଭିନ୍ସର ୧୫ ଜଣ ପ୍ରାଣ ହରାଇଛନ୍ତି। ପୋରାକସ୍ଥିତ ୪ ମହଲାବିଶିଷ୍ଟ ମଲର ଭଗ୍ନସ୍ତୁପ ତଳୁ ୯ ଜଣଙ୍କୁ ଉଦ୍ଧାର କରାଯାଇଛି। ଏହି ଭୟଙ୍କର ଭୂକମ୍ପରେ ୮୧ ଜଣ ଆହତ ହୋଇଥିବା ଓ ୧୪ ଜଣ ନିଖୋଜ ଥିବା ଜଣାପଡିଛି। ଭୂକମ୍ପରେ ରାସ୍ତାଘାଟ, ପୋଲ, ରେଳପଥ ଓ ବିମାନବନ୍ଦର ବହୁଳଭାବରେ କ୍ଷତି ହୋଇଛି। ବୁଧବାର ସକାଳ ପର୍ଯ୍ୟନ୍ତ ବିମାନ ଚଳାଚଳ ବନ୍ଦ ରହିବ ବୋଲି ବିମାନବନ୍ଦର ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ପାରୋକରେ ଥିବା ସପ୍ତଦଶ ଶତାବ୍ଦୀର ଚର୍ଚ୍ଚ ମଧ୍ୟ ଭୂକମ୍ପ କ୍ଷତିରୁ ବାଦ ପଡିନି।

# ମତଦାନ ବେଳେ ୧୦ ମୃତ

**ଥିରୁଭାନନ୍ତପୁରମ୍,୨୩।୪(ପି.ଟି.)**

କେରଳର କସରଗୋଡ, କୋଲ୍ଲାମ୍, କନ୍ନୁର, ଏର୍ନାକୁଲମ୍, ୱାୟନାଡ୍ ସମେତ ବିଭିନ୍ନ ବୁଥ୍‌ରେ ମଙ୍ଗଳବାର ମତଦାନ ବେଳେ ଅନ୍ୟୂନ ୧୦ ଭୋଟରଙ୍କ ମୃତ୍ୟୁ ଘଟିଛି। ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ ବେଳେ କେଉଁ ସ୍ଥାନରେ କେତେଜଣଙ୍କ ମୃତ୍ୟୁ ହୋଇଛି ସେନେଇ ଜିଲା ପ୍ରଶାସନକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ରିପୋର୍ଟ ମାଗିଛନ୍ତି। କୋଟ୍ଟାୟମର ୮୪ ବର୍ଷୀୟ ରୋସାମ୍ମା ଭୋଟ ଦେଇଯାଇଥିବାବେଳେ ମୂର୍ଚ୍ଛା ହୋଇଯାଇଥିଲେ। କନ୍ନୁରର ବେଣୁଗୋପାଳ ଭୋଟ ଦେଇ ଫେରୁଥିବାବେଳେ ଚେତାଶୂନ୍ୟ ହୋଇଯାଇଥିଲେ। ସେମାନଙ୍କୁ ହସ୍ପିଟାଲ ନିଆଯାଉଥିବାବେଳେ ମୃତ୍ୟୁ ଘଟିଥିଲା। ସେହିପରି ତେଲ୍ଲିଚେରୀର ମୁସ୍ତାଫା (୫୨), ଚୋକ୍ଲିର ବିଜୟ (୬୫), ଏର୍ନାକୁଲମ୍‌ର ଥେରେସିୟାମ୍ମା(୮୭), ୱାୟନାଡ୍‌ର ବଲାନ୍ (୬୪), ଅଲାପ୍ପୁଝାର ପ୍ରଭାକରନ୍ (୭୪)ଙ୍କ ମତଦାନ ସମୟରେ ଜୀବନ ଯାଇଛି। ରାନ୍ନିର ପାପାଚେନ୍ (୬୭) ଭୋଟ ଦେବା ପାଇଁ ଧାଡ଼ିରେ ଛିଡ଼ା ହୋଇଥିବାବେଳେ ପ୍ରାଣ ହରାଇଛନ୍ତି। କସରଗୋଡ୍‌ର ମଧ୍ୟମ ବୟସ୍କ ଭୋଟର ବାବୁରାଜ ଏବଂ କୋଲ୍ଲାମ୍‌ର ଏକ ବୁଥ୍‌ରେ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

# ଭାଜପାରେ ଯୋଗଦେଲେ ସନ୍ନି ଦେଓଲ

**ନୂଆଦିଲ୍ଲୀ,୨୩।୪:** ଅଭିନେତା ସନ୍ନି ଦେଓଲ ମଙ୍ଗଳବାର ଭାଜପାରେ ଯୋଗଦେଇଛନ୍ତି। ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ ଓ ରେଳମନ୍ତ୍ରୀ ପୀୟୂଷ ଗୋୟଲଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ହୋଇଥିଲା। ଏହାର ଦିନକ ପୂର୍ବରୁ ଦେଓଲ ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କୁ ଭେଟିଥିଲେ।

ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଗଣମାଧ୍ୟମକୁ ଦେଓଲ କହିଛନ୍ତି, ଯେଉଁ ନୀତି ଆଧାରରେ ତାଙ୍କ ପିତା ଧର୍ମେନ୍ଦ୍ର ଅଟଳଜୀଙ୍କ ସହିତ ସାମିଲ ହୋଇଥିଲେ ସେଇ ଆଦର୍ଶକୁ ଭିତ୍ତିକରି ସେ ମୋଦିଜୀଙ୍କ ସହିତ ଯୋଗଦେଇଛନ୍ତି। ଭାଜପା ତାଙ୍କ ପରିବାର। ଏଥିପାଇଁ ସେ ସବୁକିଛି କରିପାରିବେ। ଖାଲି କଥାରେ ନୁହେଁ, କାମରେ କରି ଦେଖାଇବେ। ମୋଦିଙ୍କୁ ଆସନ୍ତା ୫ବର୍ଷ ପାଇଁ ପୁଣିଥରେ ପ୍ରଧାନମନ୍ତ୍ରୀ ଭାବରେ ସେ ଦେଖିବାକୁ ଚାହାନ୍ତି।

'ଘାୟଲ' ଏବଂ 'ଦାମିନି' ଫିଲ୍ମରେ ଅଭିନୟ କରିଥିବା ଦେଓଲ ପଞ୍ଜାବର ଗୁରୁଦାସପୁର ଅଥବା ଚଣ୍ଡିଗଡ ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇପାରନ୍ତି। ଗୁରୁଦାସପୁର ଲୋକ ସଭା ଆସନରୁ ଭାଜପାରୁ ବିନୋଦ ଖାନ୍ନା ପ୍ରତିନିଧିତ୍ୱ କରିଆସୁଥିଲେ। ଏ ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରୀ ସୀଥାରାମନ କହିଲେ, ସନ୍ନି ଦେଓଲ ସିନେମାର ସରହଦ ଅତିକ୍ରମ କରି ଭାଜପାକୁ ଆସିବା ସ୍ୱାଗତଯୋଗ୍ୟ। ଜାତୀୟତାବାଦ ଏବଂ ଦେଶପ୍ରେମର ଅନୁଭୂତି ଫିଲ୍ମ ଜରିଆରେ ସୁନ୍ଦର ଭାବରେ ପ୍ରତିଫଳିତ ହେଲେ ଏହା ଭାରତୀୟଙ୍କ ହୃଦୟକୁ ଛୁଇଁପାରେ। ଦେଓଲ ଭଲଭାବେ ଲୋକଙ୍କ ସ୍ପନ୍ଦନ ବୁଝିପାରିଛନ୍ତି ଏବଂ ଭାରତୀୟ ଜନତାଙ୍କ ସେବା କରୁଥିବା ଓ ଦେଶର ଗୌରବକୁ ଉଚ୍ଚରେ ରଖିଥିବା ପ୍ରଧାନମନ୍ତ୍ରୀ ମୋଦିଙ୍କ ଆଦର୍ଶରେ ଦେଓଲ ଅନୁପ୍ରାଣିତ ହୋଇଛନ୍ତି। ବ୍ୟବସାୟିକ ବିଚାରଧାରାଠୁ ଦୂରେଇଯାଇ ଦେଓଲ ଦେଶବାସୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁଭିତ୍ତିକ ଫିଲ୍ମ କରନ୍ତି ବୋଲି ସୀଥାରାମନ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ମଥୁରା ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ହେମାମାଳିନୀ ହେଉଛନ୍ତି ସନ୍ନି ଦେଓଲଙ୍କ ସାବତ ମା'।



# ଧରିତ୍ରୀ DHARITRI

ସମ୍ବଲପୁର, ବୁଧବାର, ଏପ୍ରିଲ ୨୪/୨୦୧୯ | Sambalpur, Wednesday, April 24/ 2019 | ପୃଷ୍ଠା-୧




## 'ତେରେ ନାମ୍'ର ସିକ୍ୱେଲ ସ୍କ୍ରିପ୍ଟ ସମ୍ପୂର୍ଣ୍ଣ

୨୦୦୩ର ବ୍ଲକ୍‌ବଷ୍ଟର ଫିଲ୍ମ 'ତେରେ ନାମ୍'ର ସିକ୍ୱେଲ ସ୍କ୍ରିପ୍ଟ ସମ୍ପୂର୍ଣ୍ଣ ହୋଇଥିବା ଅଭିନେତା ତଥା ଫିଲ୍ମ ନିର୍ମାତା ସତୀଶ କୌଶିକ ପ୍ରକାଶ କରିଛନ୍ତି। ୦୩

୧୦

## ବଜରଙ୍ଗ ଜିତିଲେ ସ୍ୱର୍ଣ୍ଣ

ଭାରତର ବଜରଙ୍ଗ ପୁନିଆ ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।








## ୨୫ରେ ୯ ବୁଥରେ ହେବ ସାନି ମତଦାନ

**ଭୁବନେଶ୍ୱର,୨୩।୪(ବ୍ୟୁରୋ)**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ବେଳେ ୯ଟି ବୁଥ୍‌ର ମତଦାନ ବାତିଲ ହୋଇଥିଲା। ସେହି ବୁଥ୍‌ଗୁଡ଼ିକରେ ଆସନ୍ତା ୨୫ ତାରିଖରେ ସାନି ମତଦାନ ଅନୁଷ୍ଠିତ ହେବ । ଏ ନେଇ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ସୂଚନା ଦେଇଛନ୍ତି। ପୂର୍ବରୁ ଉକ୍ତ ବୁଥଗୁଡିକରେ ପୁଣି ଥରେ ମତଦାନ କରିବାକୁ ସିଇଓ ନିର୍ବାଚନ କମିଶନଙ୍କୁ ସୁପାରିସ କରିଥିଲେ। କମିଶନ ସେହି ସବୁ ମତଦାନ କେନ୍ଦ୍ରଗୁଡ଼ିକରେ ପୁଣି ଥରେ ମତଦାନ କରିବାକୁ ଅନୁମତି ଦେଇଛନ୍ତି। ସେହି ମତଦାନ କେନ୍ଦ୍ରଗୁଡ଼ିକ ହେଲା ବଣାଇ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉପରପଡ଼ା କେନ୍ଦ୍ରିକେଲା ୟୁଜି ୟୁପି ସ୍କୁଲର ୧୨୯ ନମ୍ବର ବୁଥ, ସୁନ୍ଦରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗଡିପ ୟୁପି ସ୍କୁଲର ୨୧୩ ନମ୍ବର ବୁଥ, ଦଶପଲ୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାହାଡାଝୋଳ ବୁଥ ନଂ.୨୧୦, ଦଶପଲ୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେତନଟୀ ବୁଥ ନଂ. ୨୨୨, ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଅରେଇଗୁଡି ବୁଥ ନଂ. ୨୩୫, ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଶକ୍ତିନଗର ପ୍ରାଥମିକ ସ୍କୁଲ ବୁଥ ନଂ. ୬୮, ପଦମ୍‌ପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡଭା ବୁଥ ନଂ.୧୬, ବ୍ରଜରାଜ ନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାରମାଳ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲ ବୁଥ ନଂ ୨୫୪ ଏବଂ ସୋରଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରେଣ୍ଟ ବୁଥ ନଂ ୧୮୨।

### ଆଜିର ସମ୍ପାଦକୀୟ

**ନ୍ୟାୟାଳୟ ଉପରେ ଛିଟା**

### ଆଜିର ମନ୍ତବ୍ୟ

"ଭାଜପାର ବିଜୟ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ରୀୟ ବଳ କାମ କରୁଛି।
-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

### କିଛି ତଥ୍ୟ

୨୦୧୮-୧୯ରେ ଦେଶରୁ ଫାର୍ମା ପ୍ରଡକ୍ଟ ରପ୍ତାନି ୧୧% ବୃଦ୍ଧି ଘଟି ୧୯.୨ ବିଲିୟନ ଡଲାର ଛୁଇଁଛି।
- ବାଣିଜ୍ୟ ମନ୍ତ୍ରଣାଳୟ

■ ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ

# ଅପରାହ୍ଣ ୫ଟା ସୁଦ୍ଧା ୬୧ % ମତଦାନ

- ଭୁବନେଶ୍ୱରରେ ମତଦାନ ହାର ବୃଦ୍ଧି
- ଇଭିଏମ୍‌ରେ ସିଲ୍ ୪୧୭ ପ୍ରାର୍ଥୀଙ୍କ ଭାଗ୍ୟ
- ପୋଲିଂ ଅଧିକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ
- ନିଜ ଅଞ୍ଚଳରେ ଭୋଟ ଦେଲେ ହେଭିୱେଟ ନେତା


ସମ୍ବଲପୁର ଦେହେରିପାଲି ସେବାଶ୍ରମ ସ୍କୁଲ ଭୋଟ ଗ୍ରହଣ କେନ୍ଦ୍ରରେ ମହିଳା ଭୋଟରମାନେ ଲମ୍ବା ଧାଡ଼ିରେ ଠିଆ ହୋଇଛନ୍ତି।

**ଭୁବନେଶ୍ୱର,୨୩।୪(ବ୍ୟୁରୋ)**

ମଙ୍ଗଳବାର ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି।ଏହିପର୍ଯ୍ୟାୟରେ୬ଲୋକସଭା ଓ ୪୨ ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୪୧୭ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି। ମତଦାନ କେନ୍ଦ୍ରଗୁଡ଼ିକରେ ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। ଏହାର ଦେଢ଼ଘଣ୍ଟା ପୂର୍ବରୁ ମକ୍‌ପୋଲ କରାଯାଇଥିଲା। ସକାଳେ ମତଦାନ ସାମାନ୍ୟ ଧୀମା ରହିଥିଲା। ମଧ୍ୟାହ୍ନରେ ପ୍ରବଳ ଖରା ଯୋଗୁ ଟିକେ ମାନ୍ଦା ପଡ଼ିଥିବାବେଳେ ଅପରାହ୍ଣରେ ମତଦାନ ହାର ବୃଦ୍ଧି ପାଇଥିଲା। ପୂର୍ବାହ୍ଣ ୧୦ଟା ବେଳକୁ ବିଭିନ୍ନ ମତଦାନ କେନ୍ଦ୍ରରେ ଭୋଟରଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଭୋଟ ହାରରେ ମଧ୍ୟ ବୃଦ୍ଧି ଘଟିଥିଲା। ସକାଳ ୯ଟା ସୁଦ୍ଧା ମତଦାନ ହାର ୬ ପ୍ରତିଶତ ହୋଇଥିବାବେଳେ ପୂର୍ବାହ୍ଣ ୧୧ଟା ବେଳକୁ ୧୮ ଏବଂ ☞ପୃଷ୍ଠା-୫

## ବହୁ ସ୍ଥାନରେ ଇଭିଏମ୍ ଅଚଳ

- ଭୋଟଦାନ ବାଧାପ୍ରାପ୍ତ
- କେତେକ ସ୍ଥାନରେ ହିଂସା
- ଆଠଗଡ଼ରେ ଇଭିଏମ୍‌ରେ ନିଆଁ
- ୨ ସ୍ଥାନରେ ମତଦାନ ବାତିଲ, ସାନି ନିର୍ବାଚନ ପାଇଁ ସୁପାରିସ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ)**

ରାଜ୍ୟର ୬ ଲୋକ ସଭା ଆସନ ଏବଂ ଏହା ଅଧୀନ ୪୨ ବିଧାନସଭା କ୍ଷେତ୍ରରେ ମଙ୍ଗଳବାର ଭୋଟ ଗ୍ରହଣ ହୋଇଛି। ପୂର୍ବ ପ୍ରସ୍ତୁତି ସତ୍ତ୍ୱେ ରାଜଧାନୀ ଭୁବନେଶ୍ୱର ସମେତ ଅନ୍ୟ କେତେକ ସ୍ଥାନରେ ଇଭିଏମ୍ ତ୍ରୁଟି ଦେଖାଦେଇଛି। ଏହି କାରଣରୁ ଅନେକ ସ୍ଥାନରେ ମତଦାନ ବିଳମ୍ବ ଓ ବାଧାପ୍ରାପ୍ତ ହୋଇଛି। ସେହିପରି ମତଦାନବେଳେ କେତେକ ସ୍ଥାନରେ ହିଂସା ସହ ଇଭିଏମ୍ ଭଙ୍ଗାରୁଜା ମଧ୍ୟ ହୋଇଛି। ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରିଥିବା ଯୋଗୁ ବିଜେଡି ନେତା ଦେବାଶିଷ ସାମନ୍ତରାୟ, ଚନ୍ଦ୍ରସାରଥି ବେହେରା ଏବଂ ଭାଜପା ନେତା ପ୍ରକାଶ ମିଶ୍ରଙ୍କୁ କଟକ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ନୋଟିସ କରାଯାଇଛି। ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀର ୧୮୩ ନମ୍ବର ବୁଥ ଏବଂ କଟକ ଜିଲା ବଡମ୍ବା ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ୍ ନମ୍ବର ୧୯୬ରେ ଭୋଟ ଗ୍ରହଣ ବାତିଲ କରାଯାଇଛି। ଇଭିଏମ୍ ଏବଂ ଭିଭିପିଏଟି ପ୍ୟାୟାରିଂରେ ତ୍ରୁଟିଯୋଗୁ ଉକ୍ତ ଦୁଇଟି ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ ହୋଇ ପାରି ନାହିଁ। ମନୁଷ୍ୟକୃତ ତ୍ରୁଟି ଯୋଗୁ ଏଭଳି ସମସ୍ୟା ହୋଇଛି। ଉକ୍ତ ଦୁଇଟି ବୁଥରେ ସାନି ମତଦାନ ପାଇଁ ନିର୍ବାଚନ କମିଶନଙ୍କୁ ସୁପାରିସ କରାଯିବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର କହିଛନ୍ତି। ଏଥିପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ଚିଲିକା ନିର୍ବାଚନମଣ୍ଡଳୀ ବାଣପୁର ଥାନା ଓ ବେଗୁନିଆ ନିର୍ବାଚନମଣ୍ଡଳୀର ବୋଲଗଡ ଥାନା ଅଞ୍ଚଳରେ ରାଜନୈତିକ ହିଂସା ହୋଇ ୩ ଆହତ ହୋଇଛନ୍ତି। ☞ପୃଷ୍ଠା-୫

## 'ନବୀନଙ୍କ ଗାଦି ଛାଡ଼ିବାର ସମୟ ଆସିଲାଣି'



କେନ୍ଦ୍ରାପଡ଼ାର ସିଦ୍ଧମଠ ପଞ୍ଚାୟତ ପଡ଼ିଆରେ ମଙ୍ଗଳବାର ଆୟୋଜିତ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ନେତୃବୃନ୍ଦ ।

**କେନ୍ଦ୍ରାପଡ଼ା, ବାଲେଶ୍ୱର ବିଜୟ ସଂକଳ୍ପ ସଭାରେ ମୋଦି**

- ଓଡ଼ିଶାରେ ଶେଷ ପ୍ରଚାର, ସରକାର ଆସିଲେ ପୁଣି ଆସିବି
- ନୂଆ ଭାରତ ଗଠନରେ ଡବଲ୍ ଇଞ୍ଜିନର ରହିଛି ଆବଶ୍ୟକତା
- ବକ୍ତବ୍ୟରେ 'ଜୟ ଅନୁସନ୍ଧାନ' ସ୍ଲୋଗାନ ଯୋଡ଼ିଲେ

**କେନ୍ଦ୍ରାପଡ଼ା ଅଫିସ/ ବାଲେଶ୍ୱର ଅଫିସ/ ବସ୍ତା/ରୂପ୍‌ସା,୨୩।୪ (ଡି.ଏନ୍.ଏ.)**

ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗାଦି ଛାଡ଼ିବାର ସମୟ ଆସିଗଲାଣି। ଏଥର ବିଜେଡି ଯିବ ଓ ଭାଜପା ଆସିବା ସୁନିଶ୍ଚିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେନ୍ଦ୍ରାପଡ଼ା ଗସ୍ତ ଅବସରରେ ଏହା କହିଛନ୍ତି। ଏଥିସହ ସେ ପ୍ରକାଶ କରିଛନ୍ତି ଯେ, ଓଡ଼ିଶାରେ ଏହା ତାଙ୍କର ଶେଷ ନିର୍ବାଚନ ପ୍ରଚାର । ଏହାପରେ ନୂଆ ସରକାର ଆସିଲେ ପୁଣି ଆସିବେ। ☞ପୃଷ୍ଠା-୫

## 'ମୋଦି ସରକାର ଲୋକଙ୍କ ବିଶ୍ୱାସ ହରାଇଛି'

**ଖଇରା, ୨୩।୪(ଡି.ଏନ.ଏ.)**

**ସ୍ୱାଭିମାନ ଶଙ୍ଖନାଦ ସମାରୋହରେ ନବୀନ ବର୍ଷିଲେ**



ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଥିବା ବେଳେ ନିକଟରେ ଉପସ୍ଥିତ ଅଛନ୍ତି ଏମ୍‌ପି ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ପ୍ରାର୍ଥୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ।

- ବିମୁଦ୍ରୀକରଣ, ଜିଏସ୍‌ଟି ଯୋଗୁ ଲୋକେ କ୍ଷତିଗ୍ରସ୍ତ
- ଗରିବ ଲୋକ ଗରିବ ହୋଇ ରହିଲେ
- ଗୁଜରାଟ ମଡେଲ କଥା ଫେଲ୍ ହୋଇଛି

ଗତ ନିର୍ବାଚନରେ ବିଭିନ୍ନ ପ୍ରତିଶ୍ରୁତି ଦେଇ ନରେନ୍ଦ୍ର ମୋଦିଙ୍କ ସରକାର ବହୁ ମତରେ କ୍ଷମତାକୁ ଆସିଲେ। କିନ୍ତୁ ବିମୁଦ୍ରୀକରଣ, ଜିଏସ୍‌ଟି ପ୍ରଚଳନ ଭଳି ପଦକ୍ଷେପ ଯୋଗୁ ବହୁ ଲୋକ ନିଯୁକ୍ତି ହରାଇଲେ ଓ ବହୁ ବ୍ୟବସାୟୀ କ୍ଷତିଗ୍ରସ୍ତ ହେଲେ। ଗରିବ ଲୋକ ଗରିବ ହୋଇ ରହିଲେ। ମୋଦି ସରକାର ଲୋକଙ୍କର ବିଶ୍ୱାସ ହରାଇ ସାରିଛନ୍ତି। ଗୁଜରାଟ ମଡେଲ କଥା କହି ମୋଦି ବିଭିନ୍ନ ରାଜ୍ୟରେ ନିର୍ବାଚନ ପ୍ରଚାର କରିଥିଲେ ମଧ୍ୟ ସେଠାରେ ଭୋଟରମାନେ ତାଙ୍କୁ ନିର୍ବାଚନରେ ହରାଇଛନ୍ତି। ଏଥର ପୁଣି ସେ ନିଶ୍ଚିତ ହାରିବେ। ନରେନ୍ଦ୍ର ମୋଦିଙ୍କୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଭଳି ସିଧା ସମାଲୋଚନା କରିଛନ୍ତି। ବାଲେଶ୍ୱର ଜିଲା ସିମୁଳିଆ ନିର୍ବାଚନମଣ୍ଡଳୀ ଅଧୀନ ଖଇରା ବ୍ଲକ ପତିରାଜପୁର ମେଳନ ପଡିଆରେ ମଙ୍ଗଳବାର ଆୟୋଜିତ ସ୍ୱାଭିମାନ ଶଙ୍ଖନାଦ ସମାରୋହରେ ମୁଖ୍ୟମନ୍ତ୍ରୀ ଉପରୋକ୍ତ ବକ୍ତବ୍ୟ ଦେଇ ଭାଜପା ଓ କେନ୍ଦ୍ର ସରକାରଙ୍କ ☞ପୃଷ୍ଠା-୫

# ଖ୍ରୀଷ୍ଟଚର୍ଚ୍ଚର ପ୍ରତିଶୋଧ ଶ୍ରୀଲଙ୍କାରେ

## ମୃତ୍ୟୁସଂଖ୍ୟା ୩୨୧ରେ ପହଞ୍ଚିଲା

- ନିଜକୁ ଦାୟୀକଲା ଆଇଏସ୍
- ୪୦ ସନ୍ଦିଗ୍ଧ ଗିରଫ ହେଲେଣି

**କଲମ୍ବୋ,୨୩।୪**

ଗତ ମାର୍ଚ୍ଚ ମାସରେ ନ୍ୟୁଜିଲାଣ୍ଡର ଖ୍ରୀଷ୍ଟଚର୍ଚ୍ଚସ୍ଥିତ ଦୁଇ ମସ୍‌ଜିଦରେ ହୋଇଥିବା ଆଖିବୁଜା ଗୁଳିମାଡର ପ୍ରତିଶୋଧ ହେଉଛି ଭୟଙ୍କର ଇଷ୍ଟର ସଣ୍ଡେ ବିସ୍ଫୋରଣ। ଶ୍ରୀଲଙ୍କାର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ରୁୱାନ ୱିଜେବର୍ଦ୍ଧନେ ମଙ୍ଗଳବାର ଏଭଳି ସଂସଦରେ କହିଛନ୍ତି। ତଦନ୍ତରୁ ତାହା ଜଣାପଡିଥିବା ସେ ପ୍ରକାଶ କରିଛନ୍ତି। ଶ୍ରୀଲଙ୍କା ଆତଙ୍କବାଦୀ ବିସ୍ଫୋରଣରେ ମୃତ୍ୟୁସଂଖ୍ୟା ଏବେ ୩୨୧ରେ ପହଞ୍ଚିଥିବା ବେଳେ ଏଥିରେ ୩୮ ବିଦେଶୀଙ୍କ ସହ ୧୦ ଜଣ ଭାରତୀୟ ମଧ୍ୟ ପ୍ରାଣ ହରାଇଛନ୍ତି। ଏବେବି ପ୍ରାୟ ୩୦ ଜଣ ବିଦେଶୀ ଡାକ୍ତରଖାନାରେ ଚିକିତ୍ସା ହେଉଛନ୍ତି। ମଙ୍ଗଳବାର ମୃତକଙ୍କ ସମୂହ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ପ୍ରକାଶ।


ଏକ ମୃତଦେହକୁ ଶେଷକୃତ୍ୟ ନିମନ୍ତେ ନିଆଯାଉଛି।

ଘଟଣାକୁ ନେଇ କଲମ୍ବୋରେ ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଥିବାବେଳେ କୋଲୁପେଟିୟା ରେଲୱେଷ୍ଟେଶନରୁ ପୋଲିସକୁ ଏକ ସନ୍ଦିଗ୍ଧ ପାର୍ସଲ ମିଳିଛି। ଆତଙ୍କୀ ବିସ୍ଫୋରଣ ମାମଲାରେ ଏପର୍ଯ୍ୟନ୍ତ ୪୦ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ସାଙ୍ଗ୍ରି-ଲା ଓ ଚିନ୍ନାମନ ଗ୍ରାଣ୍ଡ ହୋଟେଲରେ ଆତ୍ମଘାତୀ ବିସ୍ଫୋରଣ ପଛରେ ଦୁଇ ମୁସଲମାନ ଭ୍ରାତାଙ୍କ ହାତ ଥିବା ମଧ୍ୟ ପୋଲିସ କହିଛି। ସ୍ଥାନୀୟ ଇସଲାମିକ ଗୋଷ୍ଠୀ ଏଭଳି କାଣ୍ଡରେ ସାମିଲ ଥିବା ପୋଲିସ କହିଥିଲାବେଳେ ଏହା ପଛରେ ବିଦେଶୀ ଶକ୍ତିର ହାତ ☞ପୃଷ୍ଠା-୫


AIMS COLLEGE SAMBALPUR
FULLY RESIDENTIAL +2 & +3 Sc. COLLEGE
For e-admission : College code - 28085110
FOUNDATION COURSE STARTING FROM 1ST APRIL 2019
Hurry Up... Limited Seats
(Jharsuguda Highway) Pardhiapali, Sambalpur
Call No- 7873006705, 7873006725, 7978326206, 7873006711,7381026700
E-mail: aims.sambalpur@gmail.com
website: www.aimscollegesambalpur.com

NATIONAL EGG CO-ORDINATION COMMITTEE — 23.04.2019 — Vencobb Chicken

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 98 | 155 | 165 |
| CTC | 99 | 157 | 167 |
| DKL | 99 | 157 | 167 |
| BDK | 102 | 161 | 171 |
| BLS | 102 | 161 | 171 |
| ANG | 99 | 157 | 167 |

*Conditions Apply
Eggs Retail Price- 40/-Dozen
Issued in the Interest of Consumers





କଷ୍ଟ ଏବଂ ବିପଦ ! ମନୁଷ୍ୟକୁ ଶିକ୍ଷା ଦେବାର ଶ୍ରେଷ୍ଠ ଗୁଣ ଅଟେ। ଯିଏ ଏହି ସମୟକୁ ସାହସର ସହିତ ସାମ୍ନାକରେ ସେ ହିଁ କଷ୍ଟ ଓ ବିପଦକୁ ବିଜୟ କରିପାରେ।
- ଚାଣକ୍ୟ


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ତେଜଲ୍ ପରିବାରବର୍ଗ



ଅନମୋଲ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭୋଟ ଦେବାରୁ ବଞ୍ଚିତ ହେଲେ ମହାରଥୀ

ଭୁବନେଶ୍ୱର,୨୩।୪ (ବ୍ୟୁରୋ)

ନିର୍ବାଚନ କମିଶନଙ୍କ ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟ୍ ଓ ତାଙ୍କ ଟିମ୍‌କୁ ଆକ୍ରମଣ କରି ଜେଲ୍ ଯାଇଥିବା ବିଜେଡିର ବରିଷ୍ଠ ନେତା ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀ ଭୋଟ ଦେବାରୁ ବଞ୍ଚିତ ହୋଇଛନ୍ତି। ମହାରଥୀ ପିପିଲି ନିର୍ବାଚନ ମଣ୍ଡଳୀରୁ ୩ଥର ବିଧାୟକ ହୋଇଥିବାବେଳେ ଚଳିତ ନିର୍ବାଚନରେ ବିଜେଡିରୁ ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ମଙ୍ଗଳବାର ଥିଲା ଭୋଟ। ହେଲେ ଏହାର ଗୋଟିଏ ଦିନ ପୂର୍ବରୁ ଅର୍ଥାତ ସୋମବାର ସେ ଗିରଫ ହୋଇ ଜେଲ୍ ଯାଇଥିଲେ। ବିଳମ୍ବିତ ରାତିରେ ହଠାତ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଝାରପଡ଼ା ଜେଲ୍‌ରୁ କ୍ୟାପିଟାଲ ହସ୍ପିଟାଲକୁ ଅଣାଯାଇଥିଲା। ସେ ବର୍ତ୍ତମାନ କ୍ୟାପିଟାଲ ହସ୍ପିଟାଲରେ ନର୍ସିଂ ହଲ୍ ୫ ନମ୍ବର ୱାର୍ଡରେ ଚିକିତ୍ସାଧୀନ ଅଛନ୍ତି। ତେବେ ଆବଶ୍ୟକ କାଗଜପତ୍ର ଯୋଗାଡ଼ ହୋଇ ନ ଥିବାରୁ ମହାରଥୀ ମତଦାନ କରିପାରି ନ ଥିବା ଜଣାପଡିଛି। ଅନ୍ୟପକ୍ଷରେ ବୁଧବାର ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ମହାରଥୀଙ୍କ ଜାମିନ ଆବେଦନର ଶୁଣାଣି ହେବ।

ସୂଚନା ମୁତାବକ, ରବିବାର ମହାରଥୀଙ୍କ ପିପିଲିସ୍ଥିତ

### ଆଜି ହେବ ଜାମିନ ଆବେଦନର ଶୁଣାଣି

ଫାର୍ମ ହାଉସ୍‌ରେ ଭୋଜି ସହ ଟଙ୍କା ବଣ୍ଟାଯାଉଥିବା ଖବର ମିଳିବା ପରେ ରାତି ପ୍ରାୟ ୧୧ଟା ୪୫ରେ ଫ୍ଲାଇଂ ସ୍କ୍ୱାଡ୍ ଓ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ (ଏସ୍‌ଏସ୍‌ଟି) ଚଢାଉ କରିଥିଲା। ଏହି ସମୟରେ ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟ୍ ରବିନାରାୟଣ ପାତ୍ର, ପିପିଲି ଥାନା ଏଏସ୍‌ଆଇ ବିନୟ କୁମାର ଦାସ ଓ ଡ୍ରାଇଭର ଦୀପକଙ୍କ ସମେତ ୫ଜଣଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାକୁ ନେଇ ମହାରଥୀ ଓ ତାଙ୍କ ସମର୍ଥକଙ୍କ ବିରୋଧରେ ପିପିଲି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପିପିଲି ପୋଲିସ ସୋମବାର ପୂର୍ବାହ୍ନ ୧୧ଟାରେ ମହାରଥୀଙ୍କୁ ଗିରଫ କରିଥିଲା। ଏହାପରେ ସ୍ଥାନୀୟ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କୁ ପିପିଲି ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ବିଚାର ଚାଲିଥିବାବେଳେ ମହାରଥୀ ଅସୁସ୍ଥ ହୋଇପଡିବାରୁ କୋର୍ଟଙ୍କ ଅନୁମତିକ୍ରମେ ମହାରଥୀଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟକୁ ଅଣାଯାଇଥିଲା। ଆଡିଶନାଲ ସେସନ୍ସ ଜଜ୍-୩ ଅରୁଣ କୁମାର ମଲ୍ଲିକ ତାଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।





# ଜୁଲାଇ, ଅଗଷ୍ଟ ପାଇଁ ଗୋ ଏୟାରର ସ୍ୱତନ୍ତ୍ର ଭଡ଼ା ଘୋଷଣା

ଭୁବନେଶ୍ୱର,୨୩।୪(ବ୍ୟୁରୋ)

ଆସନ୍ତା ଜୁଲାଇ ଏବଂ ଅଗଷ୍ଟରେ ଭୁବନେଶ୍ୱର ଓ ମୁମ୍ବାଇ ମଧ୍ୟରେ ବିମାନ ଯାତ୍ରା କରିବା ପାଇଁ ଗୋ ଏୟାର ସ୍ୱତନ୍ତ୍ର ଭଡ଼ା ଘୋଷଣା କରିଛି। ଏ ନେଇ ଗୋ ଏୟାର ନିଜର ଅଫିସିଆଲ ୱେବ୍‌ସାଇଟ୍‌ରେ ଜଣାଇଛି। ଜୁଲାଇ ୮ରୁ ୨୧ ମଧ୍ୟରେ ଭୁବନେଶ୍ୱରରୁ ମୁମ୍ବାଇ ଯାତ୍ରା କରିବା ପାଇଁ ଟିକେଟ୍ ପିଛା ୩,୭୯୯ଟଙ୍କା ରହିଛି। ସେହିପରି ଅଗଷ୍ଟ ୫ରୁ ୩୧ ମଧ୍ୟରେ ମୁମ୍ବାଇରୁ ଭୁବନେଶ୍ୱର ଯାତ୍ରା ପାଇଁ ଟିକେଟ୍ ପିଛା ୩,୦୯୯ଟଙ୍କା ରହିଛି। ଏଥିଲାଗି ଯାତ୍ରୀମାନଙ୍କୁ ଏପ୍ରିଲ ୨୫ ଭିତରେ ଟିକେଟ୍ କାଟିବାକୁ ପଡ଼ିବ। ଗୋ ଏୟାର ଦେଶର ବିଭିନ୍ନ ସହରକୁ ମଧ୍ୟ ଏହିଭଳି ସ୍ୱତନ୍ତ୍ର ବ୍ୟବସ୍ଥା କରିଛି। ତେବେ ବାଗ୍‌ଦୋଗ୍ରା ଓ ଗୁଆହାଟୀ ମଧ୍ୟରେ ସବୁଠାରୁ କମ୍ ଟଙ୍କାର ଭଡ଼ା ରଖାଯାଇଛି। ଏହି ଦୁଇଟି ସ୍ଥାନ ମଧ୍ୟରେ ଯାତ୍ରା କରିବା ପାଇଁ ଟିକେଟ୍ ପିଛା ୧୩୭୫ଟଙ୍କା ରହିଛି। ସୂଚନାଯୋଗ୍ୟ, ଜୁଲାଇ ଓ ଅଗଷ୍ଟ ବିମାନସେବା କ୍ଷେତ୍ରରେ ଖରାପ ସମୟ ଭାବେ ଗଣନା ହୁଏ। ସେଥିପାଇଁ ଅଧିକାଂଶ ବିମାନ ଉଡ଼ାଣକାରୀ ସଂସ୍ଥା ଏହି ଦୁଇଟି ମାସ ପାଇଁ ସ୍ୱତନ୍ତ୍ର ଭଡ଼ା ବ୍ୟବସ୍ଥା କରିଥାଆନ୍ତି।

■ବଉଳା କୁମ୍ଭୀର ପ୍ରଜନନ ଋତୁ ଆରମ୍ଭ

# ମେ ୧ରୁ ଭିତରକନିକା ବନ୍ଦ

ରାଜନଗର, ୨୩।୪ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟସ୍ଥ ନଦୀ ନାଳଗୁଡ଼ିକରେ ରହୁଥିବା ବଉଳା କୁମ୍ଭୀରଙ୍କର ପ୍ରଜନନ ଋତୁ ଆରମ୍ଭ ହୋଇଛି। ଏହି ସମୟରେ କୁମ୍ଭୀରମାନେ ସୁରକ୍ଷିତ ସ୍ଥାନ ଖୋଜି ଅଣ୍ଡାଦାନ କରିଥାନ୍ତି। ଏଥିରେ କୌଣସି ବାଧା ନ ଉପୁଜିବା ପାଇଁ ରାଜନଗର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଫଳରେ ପ୍ରତିବର୍ଷ ଭଳି ଚଳିତବର୍ଷ ମେ ୧ ତାରିଖଠାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଭିତରକନିକା ବନ୍ଦ ରହିବ। ଏହି ସମୟ ମଧ୍ୟରେ ଜାତୀୟ ଉଦ୍ୟାନ ମଧ୍ୟକୁ ପର୍ଯ୍ୟଟକଙ୍କ ପ୍ରବେଶ ନିଷିଦ୍ଧ କରାଯାଇଛି। ଏ ନେଇ ରାଜନଗର ବନବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଭିତରକନିକା ଜାତୀୟ ଉଦ୍ୟାନରେ ଥିବା ନଦୀନାଳ ଓ ଏହା ସଂଲଗ୍ନ ନଦୀନାଳଗୁଡ଼ିକରେ ୧୭୪୨ କୁମ୍ଭୀର ରହୁଛନ୍ତି। ପ୍ରତିବର୍ଷ ବଉଳା କୁମ୍ଭୀରଙ୍କ ପ୍ରଜନନ ଋତୁ ସମୟ ମେ ୧ରୁ ତିନିମାସ ପର୍ଯ୍ୟନ୍ତ ଭିତରକନିକା ବନ୍ଦ ରଖାଯାଇଥାଏ। ଏହି ସମୟରେ କୁମ୍ଭୀରମାନେ ଅଧିକ ହିଂସ୍ର ହୋଇଉଠୁଥିବା ଯୋଗୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଜାତୀୟ ଉଦ୍ୟାନ ବନ୍ଦ ରଖାଯାଇଥାଏ।

# ବିଭିନ୍ନ ସ୍ଥାନରେ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ

ଭୁବନେଶ୍ୱର,୨୩।୪(ବ୍ୟୁରୋ)

ଚଳିତ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଏବଂ ସ୍ୱଚ୍ଛ ଓ ନୀରପେକ୍ଷତା ଅବଲମ୍ବନ କରିବା ସକାଶେ ବିଭିନ୍ନ ସ୍ଥାନରେ ଯାଞ୍ଚ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ଫ୍ଲାଇଙ୍ଗ ସ୍କ୍ୱାର୍ଡ ଓ ପୋଲିସ ଦ୍ୱାରା ୩ କୋଟି ୬୨ ଲକ୍ଷ ୭୮ ହଜାର ଟଙ୍କା ଜବତ କରାଯାଇଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ୧୪ହଜାର ୧୫୧ ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରାଯାଇଛି। ସିଆରପିସିର ଧାରା ୧୦୭/୧୧୦ ଅନୁଯାୟୀ ୬୩ ହଜାର ୮୨୯ ଜଣଙ୍କୁ ଅଟକ ରଖାଯାଇଛି। ଲାଇସେନ୍ସ ପ୍ରାପ୍ତ ୫ ହଜାର ୪୫୧ ଗୋଟି ବନ୍ଧୁକ ସମ୍ପୃକ୍ତ ଜିଲା ପ୍ରଶାସନ

### ୩.୬୨ କୋଟି ଟଙ୍କା ଜବତ

ଠାରେ ଦାଖଲ କରାଯାଇଛି। ଲାଇସେନ୍ସ ନ ଥିବା ୨୪୮ଟି ଅସ୍ତ୍ରଶସ୍ତ୍ର ଏବଂ ୧୪୫୭.୫୮୨ କିଲୋଗ୍ରାମ ବିସ୍ଫୋରକ ଦ୍ରବ୍ୟ ଜବତ ହୋଇଛି। ଏ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ଅବାକରୀ ବିଭାଗ ଓ ପୋଲିସର ମିଳିତ ଚଢାଉ ଫଳରେ ୧୫୪୪୩୨.୫୦୩ ଲିଟର ମଦ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୪ କୋଟି ୦୫ ଲକ୍ଷ ୪୯ ହଜାର ୦୭୫ ଟଙ୍କା ହେବ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଗତ ୩ଟି ପର୍ଯ୍ୟାୟରେ ମତଦାନ ହୋଇଥବା ଜିଲାଗୁଡିକରେ ମଙ୍ଗଳବାର ସୁଧା ଅବକାରୀ ବିଭାଗ ଦ୍ୱାରା ୩୯୩୧୪.୮୭୩ ଲିଟର ଏବଂ ପୋଲିସ ଦ୍ୱାରା ୨୧୯୩୨.୩୫୦ ଲିଟର ମଦ ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ଯଥାକ୍ରମେ ୬୩ ଲକ୍ଷ ୪୦ ହଜାର ୮୩୬ ଏବଂ ୫୧ ଲକ୍ଷ ୩୮ ହଜାର ୬୫୦ ଟଙ୍କା ହେବ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରି ସର୍ବସାଧାରଣ ସ୍ଥାନରେ ଲାଗିଥିବା ୪୬ ଲକ୍ଷ ୪୬ହଜାର ୫୯୭ ହୋଡିଂ, ପୋଷ୍ଟର ଆଦିକୁ ହଟାଇ ଦିଆଯାଇଛି। ସେହିପରି ବର୍ତ୍ତମାନ ସୁଦ୍ଧା ବ୍ୟକ୍ତିଗତ ମାଲିକାନରେ ଥିବା ସ୍ଥାନ ଗୁଡିକରେ ବେଆଇନ ଭାବେ ଲାଗିଥିବା ୩ ଲକ୍ଷ ୬୩ହଜାର ୨୦୦ଟି ହୋଡିଂ ଓ ପୋଷ୍ଟରକୁ ମଧ୍ୟ କାଢି ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଅଶ୍ୱିନୀ ନକ୍ଷତ୍ରସ୍ଥ ରବି ଓ ଆପଣଙ୍କ ସୁସ୍ଥ ଚିନ୍ତାଧାରା ଓ କାର୍ଯ୍ୟକଳାପକୁ ପ୍ରଭାବିତ କରି ସମସ୍ୟାମୂଳକ ଚିନ୍ତାରେ ବ୍ୟଥିତ କରାଇପାରନ୍ତି।ବନ୍ଧୁମାନଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡିପାରେ। ସାହିତ୍ୟ, ସଂସ୍କୃତି, କଳା, ସଙ୍ଗୀତ, ଚଳଚ୍ଚିତ୍ରରେ ଅଗ୍ରଗତି ଘଟିବ। ପରିବାରରେ ନିଜ ଲୋକମାନଙ୍କ ପକ୍ଷପାତିତାକୁ ଦେଖି ବ୍ୟସ୍ତ ହେବେ।

**ବୃଷ**
ଶନି ଯୁକ୍ତ ଚନ୍ଦ୍ର ମାନସିକ ସ୍ତରକୁ ଚିନ୍ତିତ କରାଇବା ସହ ପ୍ରତ୍ୟେକ କ୍ଷେତ୍ରରେ ଦ୍ୱନ୍ଦ୍ୱଯୁକ୍ତ କରାଇପାରନ୍ତି। ଅବଶ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ସଙ୍ଗକୁ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ସହକର୍ମୀମାନଙ୍କ ପରାମର୍ଶ କ୍ରମେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବାକୁ ପଡିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ, ନିର୍ମାଣ, ଜମିଜମା କ୍ଷେତ୍ରରେ କାର୍ଯ୍ୟ ସାଧିତ ହେବ।

**ମିଥୁନ**
ଷଷ୍ଠ ଏକାଦଶାଧିପତି ମଙ୍ଗଳ ଦ୍ୱାଦଶସ୍ଥ ରହି ଆପଣଙ୍କୁ ଋଣମୁକ୍ତ କରାଇବା ସଙ୍ଗେ ଶତ୍ରୁମାନଙ୍କୁ ପରାସ୍ତ କରିବେ। ପ୍ରତ୍ୟେକ ପରିସ୍ଥିତିରେ ନିଜଲୋକ ଦ୍ୱାରା ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ। ସନ୍ତାନ ହେତୁକ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଅଶାନ୍ତିରେ ଅସ୍ଥିରତା ଅନୁଭବ କରିପାରନ୍ତି।

**କର୍କଟ**
ଭାଗ୍ୟସ୍ଥାନରେ ବ୍ୟୟାଧିପ ଅବସ୍ଥାନ କରି ଆପଣଙ୍କ ଉଦ୍ୟମରେ ବାଧାବିଘ୍ନ ସୃଷ୍ଟି କରିପାରନ୍ତି। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିର ଅଙ୍କାବଙ୍କା ରାସ୍ତାରେ ଇଚ୍ଛା ନ ଥାଇ ମଧ୍ୟ ଚାଲିବାକୁ ବାଧ୍ୟ ହେବେ। ଅତ୍ୟଧିକ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନ ଅବସରରେ ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ସିଂହ**
ଚତୁର୍ଥକେନ୍ଦ୍ରରେ ବୃହସ୍ପତି ପାରିବାରିକ ଜୀବନକୁ ସରସ ସୁନ୍ଦର କରାଇବାରେ ସାହାଯ୍ୟ କରିବେ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସଭାସମିତିରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଅଧିକାଂଶ ସମୟ ବିତିଯାଇପାରେ।

**କନ୍ୟା**
ଚତୁର୍ଥସ୍ଥ ଶନି ଯୁକ୍ତ ଚନ୍ଦ୍ର ପାରିବାରିକ ଓ କର୍ମକ୍ଷେତ୍ରରେ ନକାରାତ୍ମକ ମାନସିକ ଚିନ୍ତା ସୃଷ୍ଟି କରିବେ। ବିକ୍ଷିପ୍ତ ଭାବଧାରାର ଅବ୍ୟବସ୍ଥିତ ମନ ସାମାଜିକ ସ୍ଥିତିକୁ ମଧ୍ୟ ବିଶୃଙ୍ଖଳିତ କରିପାରେ। ଜଣେ ଅତିପରିଚିତ ହିତୈଷୀଙ୍କ ଠାରୁ ସାହାଯ୍ୟ ପାଇବେ। ଏହା ବ୍ୟତୀତ ସବୁପ୍ରକାରର ସୁବିଧା ଥିଲେ ମଧ୍ୟ ଅନ୍ୟାନ୍ୟ କ୍ଷେତ୍ରରେ ସାମାନ୍ୟ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ତୁଳା**
ଭାଗ୍ୟସ୍ଥାନରେ ରାହୁ ଆପଣଙ୍କ ଧନହାନୀ, ବନ୍ଧୁଙ୍କ ସହ ତିକ୍ତଆଲୋଚନା ସୃଷ୍ଟି କରିପାରେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ତଥାପି ପରିସ୍ଥିତିବଶତଃ କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ବ୍ୟବସାୟ, ପ୍ରଶାସନ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା**
ମୁଖଭାବରେ କେତୁ ଆପଣଙ୍କ କଥାବାର୍ତ୍ତାକୁ ନେଇ ବିତର୍କ ସୃଷ୍ଟିହେବାର ଆଶଙ୍କା ଉପୁଜିପାରେ। ବୃହସ୍ପତିଙ୍କ ଦୃଷ୍ଟି ଜନିତ ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ପ୍ରଗତି ଓ ଉନ୍ନତ ଚିନ୍ତା ମଧ୍ୟ ଅନୁରାଧା ନକ୍ଷତ୍ର କରିପାରନ୍ତି। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା ତଥା ବିବାଦୀୟ ପରିସ୍ଥିତି, କ୍ରୀଡା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ**
ସାମୟିକ ବ୍ୟତିକ୍ରମକୁ ବାଦ୍ ଦେଲେ ପ୍ରାୟତଃ ଦିନଟିରେ ପ୍ରତିଟି କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ପାରିବାରିକ, ପ୍ରଶାସନ, ଯାନବାହନ, କଳା, ସାହିତ୍ୟ, ସଙ୍ଗୀତ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ଅଫିସ୍ କାମରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିପାରନ୍ତି।

**ମକର**
ଆପଣ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ବାଣିଜ୍ୟ, ବ୍ୟବସାୟ ତଥା ବିଭିନ୍ନ ସୂତ୍ରରୁ ରୋଜଗାର ବୃଦ୍ଧି ପାଇବ ଓ କୌଣସି କ୍ଷେତ୍ରରେ ତାହାକୁ ବିନି ଯୋଗ କରିବା ପାଇଁ ଚେଷ୍ଟା କରିବେ। ଜମିଜମା ବିବାଦର ସମାଧାନ ହେବାର ସମ୍ଭାବନା ରହିଛି। ସ୍ୱାସ୍ଥ୍ୟପ୍ରତି ଅବହେଳା କରି ଅନୁତାପ କରି ପାରନ୍ତି।

**କୁମ୍ଭ**
ବଳବାନ୍ ଶନିଙ୍କ କୃପାଦୃଷ୍ଟି ଫଳରେ ସ୍ୱାସ୍ଥ୍ୟ ଭଲ ରହିବା ସହ ଅନ୍ୟମାନଙ୍କର ପରୋକ୍ଷ ଶତ୍ରୁତା ଆପଣଙ୍କ କୌଣସି କାମକୁ ଅଟକାଇ ପାରିବ ନାହିଁ। ସଭାସମିତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କର ସଂସ୍ପର୍ଶରେ ଆସିବେ, ଯଦ୍ୱାରା ଆପଣ କେତେକ ବ୍ୟକ୍ତିଗତ ପରାମର୍ଶ ଲାଭକରିବାର ସୁଯୋଗ ପାଇ ପାରିବେ।

**ମୀନ**
ଗ୍ରହସ୍ଥିତିର ଅନୁକୂଳତା ପ୍ରାପ୍ତ ହୋଇ ପ୍ରତ୍ୟେକ କାମକୁ ବିନା ଟେନ୍ସନରେ ସମ୍ପନ୍ନ କରିପାରିବେ। ସଭାସମିତି, ଆଲୋଚନା, ସମ୍ପର୍କସ୍ଥାପନ ତଥା ବ୍ୟବସାୟ, ବାଣିଜ୍ୟ, ନିର୍ମାଣ, ଶେୟାର ବଜାର, ପରିବହନରେ ଲାଭବାନ ହେବେ। ଅର୍ଥନୈତିକ ଅଭିବୃଦ୍ଧି ସଙ୍ଗକୁ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଶଂସିତ ହେବାର ସୌଭାଗ୍ୟ ଲାଭ କରିବେ।

ଆଜି ବୈଶାଖ କୃଷ୍ଣ ୫ମୀ ଯୁକ୍ତ ଷଷ୍ଠୀ ବୁଧବାର, ଏପ୍ରିଲ୍ ୨୪ ତାରିଖ, ବୁଧବାର, ମାନବ ଏକତା ଦିବସ, ଶ୍ରୀମାଙ୍କ ଶେଷଥର ପଣ୍ଡିଚେରୀ ଆଗମନ ଦିବସ, ସତ୍ୟସାଇବାବାଙ୍କ ତିରୋଧାନ ଦିବସ,ରାଶି ନକ୍ଷତ୍ର-ମୂଳା/ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, କର୍କଟ ରାଶିର ଘାତବାର, ସକାଳ ଘ୮ ।୩୦ମି. ଗତେ ଘ୧୦ ।୦୫ମି. ମଧ୍ୟେ, ଘ୧୧ ।୪୦ମି. ଗତେ ଘ୧ ।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦ ।୦୫ମି. ଗତେ ଘ୧୧ ।୪୦ମି. ମଧ୍ୟେ, ଘ୨ ।୫୦ମି. ଗତେ ଘ୪ ।୨୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୧ ।୪୫ମି. ଗତେ ଘ୧ ।୨୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302





**BRIDE WANTED**

Urgent bride requirement for Gudia groom. Qualification-IT, Age-34, Rasi- 5/2, Height- 5'.7". Contact: 9778124128. D-12184

Engineer boy, Age 41, second marriage, looking for Muslim girl from religious, poor or needy family. WhatsApp photo details: 9985784765. D-12228

Now Matrimonial ads. only on Wednesday & Sunday Book 1 Get 1 FREE

ବ୍ରାହ୍ମଣ ପାତ୍ରୀ ଆବଶ୍ୟକ। 34 ବୟସରୁ ଉର୍ଦ୍ଧ୍ୱ ହୋଇଥିବ। Mob No: 8598834841. D-12281

Khandayat (Divorcee) boy 1978/ MBBS, PG (pediatrics) Doctor USA. 6372663936. D-66128

Bank ଚାକିରିଆ, 40 ବୟସ୍କ, ଛାଡପତ୍ର ବଣିଆ ପୁଅଙ୍କ ପାଇଁ ଯେକୌଣସି ଜାତିର ବିବାହିତା/ ଅବିବାହିତା ଝିଅ ଦରକାର: 7008080967. D-60830

ଧୋବା ଜାତିର କମ୍ପାନି ଚାକିରି କରିଥିବା ପୁଅ ପାଇଁ ପାତ୍ରି ଦରକାର। 9337065883, 7609836849. D-64960

**GROOM WANTED**

Wanted groom for 35yrs, State Govt. Employee Kaibarta girl. 8249993227. D-66439

Divorcee bride Lecturer 40, Clerk 43 (caste-no-bar). Contact. 7873374269. D-66440

Groom (Karan, Khandayat) required for divorcee issue less Karan girl, 36, B.A, MSW. 9853356780. D-12297





**SALE**

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952. D-66343

SC gharabari plot for sale just 1.9km. from NH-5 Hanspal- Puri Canal, sqft. 1250. 8763499150. D-12286

କଟକ-ଭୁବନେଶ୍ୱର **Twincity** ମଧ୍ୟରେ ନିର୍ମିତ ବୃହତ୍ତମ **commercial Hub (Grand bazar)** ସମ୍ମୁଖରେ ଘରବାରି ବାସୋପଯୋଗୀ **plot** ଶସ୍ତାରେ ମିଳୁଅଛି। **Sanjaya-8339826767.** D-66354

ଭୁବନେଶ୍ୱର ରେତଙ୍ଗ ଷ୍ଟେସନ ପାଖରେ ଘରବାରି ପ୍ଲଟ କିଣି ଘର କରନ୍ତୁ। 9938066403. D-66358

ORERA registered 1BHK, Studio flats @ Narendrakona, Puri. Construction in full swing. Mobile: 9238356740, 9437030740. D-66095

Bhubaneswar ପିତାପଲ୍ଲି ଛକକୁ ଲାଗି BDA Commercial plot ସୁଲଭ ମୂଲ୍ୟରେ ମିଳୁଅଛି। 8339920771. D-66357

Looking to purchase Land/ Building at Medical area, Behrampur: 7978426155. D-66441

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar Infocity-II boundary କୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66360

**BDAର Southcity IIT Argul** ଠାରେ **Railway station**ରୁ ଅଳ୍ପ ଦୂରତାରେ ପିଚୁରାସ୍ତାର ସୁବିଧାଥାଇ ଘରବାରି **plot** କିଣନ୍ତୁ **Akshya- 8327748629.** D-66352





3BR duplex flat at Tankapani Road with parking 9439833387, 9861393570. D-65641

**AFFIDAVIT**

I, Ayush Agarwal, 18 years, S/o. Raj Kumar Agarwal, Laxmi sagar, Bhubaneswar, I hereby declare vide affidavit Dt. 22.04.2019 that my surname is wrongly mentioned as 'Agrawal' in my Matric Certificate. Hence, both 'Ayush Agarwal' & 'Ayush Agrawal' is one and same person i.e. myself. D-12285

**AFFIDAVIT**

By virtue of an affidavit sworn before the Notary, Boudha, I Smt. Jhuli Mishra, W/o- Satyanarayan Mishra, R/o- Vill/ Po- Nuagaon, Dist- Kandhamal declared that prior to my marriage I was known as Swarnalata Mishra, but after marriage I have changed my name from Swarnalata Mishra to Jhuli Mishra for all purposes. D-37365

By virtue of an affidavit filed before Notary Public I, Manoj Kejriwal, S/o Radha Kishan Kejriwal, R/O- Ward No.-6, Bargarh, changed my name as Manoj Kumar Kejriwal for all purposes. D-12288

**3rd Marriage Anniversary**



**Aditya Barman Jena (Arun)**
**Sonali Mohanty (Mili)**
ଶୁଭେଚ୍ଛା ସହ
ପରିବାରବର୍ଗ
D-12302

**21st Happy Birthday**



**Sonali Jena (Sonu)**
**Phulnakhara, Trinath Bazar**
Cos today is your day. It is an oppertunity for you to know that you are special and special things are for you. Today I wish you all the best. *Happy birth day*.
**Best Wishes: Sinu, Mama, Rinu, Sima, Dinesh, Rashmi, Motu, Mithun & Friends.**
D-12301

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





# ବସ୍ ଧକ୍କାରେ ବାଇକ ଆରୋହୀ ମୃତ

**ତରଭା, ୨୩।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧୀନ ଖାରୀ ନିକଟରେ ବସ୍ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଲାଙ୍ଗୀର ଜିଲା ପୁଇଁନ୍ତଲା ବ୍ଲକ ଅଧୀନ ଅର୍ଜୁଣ୍ଡା ଗ୍ରାମ ହରିଜନ ପଡାର ନେହେରୁ ବାରିକ(୨୪) ।ମଙ୍ଗଳବାର ଅପରାହ୍ଣରେ ସୋନପୁର ପଟରୁ ବଲାଙ୍ଗୀର ଅଭିମୁଖେ ବାଇକ ନଂ. ଓଡି ୩୧ ଡି ୭୮୧୯ରେ ଆସୁଥିବା ବେଳେ ଖାରୀ ବୀଣାପାଣି ରାଇସ୍ ମିଲ ସାମ୍ନାରେ ଗଣପତି ବସ (ଓଡି ୦୩ ବି ୭୨୭୫) ତାଙ୍କୁ ସାମନା ପଟୁ ଧକ୍କା ଦେଇଥିଲା । ତରଭା ଥାନା ପୋଲିସ ଘଟଣାସ୍ଥଳରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ତରଭା ଡାକ୍ତରଖାନାକୁ ଆଣିଥିଲା। ସେଠାରେ ଡାକ୍ତର ନେହେରୁଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଯେ, ନେହେରୁ କାମ ଧନ୍ଦା ଅନ୍ୱେଷଣରେ ତାମିଲନାଡୁ ଯାଇଥିଲେ। ସେଠାରୁ ୭-୮ ଦିନ ତଳେ ଘରକୁ ଫେରିଥିଲେ। ଅର୍ଜୁଣ୍ଡା ଗ୍ରାମବାସୀ ନାରାୟଣ ବାରିକଙ୍କ ଏକମାତ୍ର ପୁଅ ନେହେରୁଙ୍କ ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଦାବି କରିଛନ୍ତି।

# ଭୋଟ ଦେବାକୁ ଜନସାଧାରଣଙ୍କୁ ଧର୍ମେନ୍ଦ୍ରଙ୍କ ଅନୁରୋଧ

ଭୁବନେଶ୍ୱର, ୨୩।୪(ବ୍ୟୁରୋ): ପ୍ରଜାତନ୍ତ୍ରରେ ଭୋଟ ଏକ ଅମୂଲ୍ୟ ସମ୍ପଦ । ଜନତାଙ୍କ ଏକମାତ୍ର ଭୋଟ ଲମ୍ବା ସମୟ ପର୍ଯ୍ୟନ୍ତ ଦେଶ, ରାଜ୍ୟ, ସ୍ଥାନୀୟ ଅଞ୍ଚଳ ଓ ବ୍ୟକ୍ତିଗତ ଜୀବନର ଚଳଣିକୁ ବଦଳାଇ ଦେଇପାରିବ। ଜନତାଙ୍କ ଗୋଟିଏ ଭୋଟ ଏକ ଦୃଢ଼, ନିର୍ଣ୍ଣାୟକ ଓ କାମ କରିବା ଭଳି ସରକାର ବନେଇବାର ପ୍ରମୁଖ ମାଧମ । ତେଣୁ ବିକାଶ ପାଇଁ ଭୋଟ ଦିଅନ୍ତୁ ବୋଲି ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନିଜ ଅଧିକାର ପାଇଁ ଓଡ଼ିଶା ମାଟିରେ ପାଇକ ବିଦ୍ରୋହ ହୋଇଥିଲା, ବକ୍ସି ଜଗବନ୍ଧୁ ଏଥିପାଇଁ ଲଢ଼େଇ କରିଥିଲେ। ଏହି ସୁଯୋଗକୁ ହାତଛଡା ନ କରି ଭୋଟ ଅଧିକାରକୁ ସାବ୍ୟସ୍ତ କରିବାକୁ ଧର୍ମେନ୍ଦ୍ର ଲୋକମାନଙ୍କୁ ଅନୁରୋଧ କରିଛନ୍ତି।

# 'ତେରେ ନାମ୍'ର ସିକ୍ୱେଲ ସ୍କ୍ରିପ୍ଟ ସମ୍ପୂର୍ଣ୍ଣ: ସତୀଶ କୌଶିକ

**ମୁମ୍ବାଇ,୨୩।୪(ପି.ଟି.)**

୨୦୦୩ର ବ୍ଲକ୍‌ବଷ୍ଟର ଫିଲ୍ମ 'ତେରେ ନାମ୍'ର ରୂପାନ୍ତର ପାଇଁ ସଂଳାପ ରଚନା ସମ୍ପୂର୍ଣ୍ଣ ହୋଇଛି ବୋଲି ଅଭିନେତା ତଥା ଫିଲ୍ମ ନିର୍ମାତା ସତୀଶ କୌଶିକ ପ୍ରକାଶ କରିଛନ୍ତି। ଉକ୍ତ ଫିଲ୍ମରେ ସୁପରଷ୍ଟାର ସଲମାନ ଖାନ୍ ପ୍ରମୁଖ ଭୂମିକାରେ ଅଭିନୟ କରିଥିଲେ। ଫିଲ୍ମ ନିର୍ମାଣ ସମ୍ପର୍କରେ ଆହୁରି କିଛି ନିଷ୍ପତ୍ତି ନେବା ବାକି ରହିଛି ବୋଲି ନିର୍ଦ୍ଦେଶକ କହିଛନ୍ତି।

ଏ ସମ୍ପର୍କରେ କୌଶିକ କହନ୍ତି, ବର୍ତ୍ତମାନ ଉକ୍ତ ଫିଲ୍ମର ସିକ୍ୱେଲ ନିର୍ମାଣ ପାଇଁ ଲେଖା ପ୍ରସ୍ତୁତ ହୋଇଛି। ଫିଲ୍ମ ସମ୍ପର୍କରେ ବେଶି କିଛି ପ୍ରକାଶ କରା ନ ଗଲେ ମଧ୍ୟ ଏତିକି କୁହାଯାଇପାରେ ଯେ, ଜଣେ ଗ୍ୟାଙ୍ଗ୍‌ଷ୍ଟାରଙ୍କ ପ୍ରେମକାହାଣୀକୁ ଭିତ୍ତିକରି ଏହା ନିର୍ମାଣ ହେଉଛି। ପରବର୍ତ୍ତୀ ପ୍ରଡକ୍ସନ୍ 'କାଗଜ' ସମ୍ପୂର୍ଣ୍ଣ ହେବାପରେ 'ତେରେନାମ୍'ର ସିକ୍ୱେଲ୍ ପାଇଁ ଶୁଟିଂ ଆରମ୍ଭ ହେବ। ତେବେ ସ୍କ୍ରିପ୍ଟ ସମ୍ପର୍କରେ ସଲମାନ୍ ଖାନ୍‌ଙ୍କ ସହିତ ଆଲୋଚନା କରାଯାଇ ନ ଥିବା ସେ ପ୍ରକାଶ କରିଛନ୍ତି। ୨୦୦୦ ପ୍ରାରମ୍ଭରେ 'ତେରେ ନାମ୍' ଫିଲ୍ମ ଖୁବ୍ ଚର୍ଚ୍ଚାକୁ ଆସିବା ପରେ ସଲମାନ୍‌ଙ୍କ କ୍ୟାରିୟର ଆଗକୁ ବଢ଼ିଥିଲା। କଲେଜ ଛାତ୍ର ରାଧେ ମୋହନ ଭାବେ ତାଙ୍କର ଅଭିନୟ ଦର୍ଶକଙ୍କ ପାଇଁ ଖୁବ୍ ଗ୍ରହଣୀୟ ହୋଇଥିଲା। ଏଥିରେ ଭୂମିକା ଚାୱାଲା ଏବଂ ରବି କିଷାନ ମଧ୍ୟ ଅଭିନୟ କରିଥିଲେ।














BRIGHT

# ଓଡ଼ିଶାରେ ପୋଡୁଚାଷର ବିକଳ୍ପ



ଗୟାଧର ଶିଅଳ

ପୋଡୁଚାଷ ଆଜକୁ ହଜାର ହଜାର ବର୍ଷ ଧରି ବନବାସୀମାନଙ୍କ ମଧ୍ୟରେ ପ୍ରଚଳିତ ହୋଇଆସୁଛି। ଏହା ସେମାନଙ୍କ ସଂସ୍କୃତି ବା ପରମ୍ପରାର ଏକ ଅଂଶବିଶେଷ ବୋଲି ବିବେଚନା କରନ୍ତି। ଜଙ୍ଗଲ ପୋଡି ଚାଷ କରାଯାଉଥିବାରୁ ଏହାକୁ ପୋଡୁଚାଷ କୁହାଯାଏ। ଆମ ରାଜ୍ୟରେ କୋରାପୁଟ, କଳାହାଣ୍ଡି, କନ୍ଧମାଳ, କେଉଁଝର, ସୁନ୍ଦରଗଡ଼, ଢେଙ୍କାନାଳ, ସମ୍ବଲପୁର, ଗଜପତି, ମାଲକାନଗିରି ଓ ରାୟଗଡ଼ା ଜିଲାରେ ଏହି ଆଦିମ ଚାଷ ପଦ୍ଧତି ବହୁଳ ଭାବରେ ଦେଖିବାକୁ ମିଳେ। ଖରାଦିନେ ରାତିରେ ଜଙ୍ଗଲ ମଧ୍ୟରେ ଠାଏ ଠାଏ ନିଆଁ ଜଙ୍ଗଲକୁ ଗ୍ରାସ କରିଥାଏ। ଏହି ସବୁ ଜିଲାରେ ଓଡ଼ିଶାର ଲୋକସଂଖ୍ୟାର ଶତକଡ଼ା ୨୩ ଭାଗ ହେଉଛନ୍ତି ବନବାସୀ ସମ୍ପ୍ରଦାୟର। ଏମାନଙ୍କ ମଧ୍ୟରୁ ବଣ୍ଡା, ଡଙ୍ଗରିଆ କନ୍ଧ, କୋୟା, ପରଜା, କୁଟିଆ କନ୍ଧ, ରାଞ୍ଜିଆ ସଉରା, ଭୂୟାଁ, ଜୁଆଙ୍ଗ, ଦିଦାଇ, ପାରେଙ୍ଗା ଆଦି ସମ୍ପ୍ରଦାୟର ବନବାସୀମାନେ ପୋଡୁଚାଷ କରନ୍ତି। ସାଧାରଣତଃ ପାହାଡ଼ର ଡାଲୁ ଅଞ୍ଚଳକୁ ପୋଡୁଚାଷ କରିବା ପାଇଁ ଚିହ୍ନଟ କରାଯାଏ। ନଭେମ୍ବର ମାସରୁ ମାର୍ଚ୍ଚ ମାସ ଭିତରେ ଏହି ଜମିରୁ ଗଛ, ଲତା ଆଦି କଟାଯାଇ ମାଟି ଉପରେ ପକାଯାଏ। ଖରାଦିନେ ଅର୍ଥାତ୍ ଏପ୍ରିଲ-ମେ ମାସରେ କଟାଯାଇଥିବା ଗଛରେ ନିଆଁ ଲଗାଯାଏ। ମେ-ଜୁନ୍ ମାସରେ ସେମାନେ ଏହି ଜମିରେ ପାହାଡ଼ି ଧାନ, କାଙ୍ଗୁ, ସୁଆଁ, ଡଙ୍ଗରରାଣୀ, ମକା, ଝୁଡ଼ଙ୍ଗ, କାନ୍ଦୁଲ, ହଳଦୀ, ଅଦା ଆଦି ଚାଷ କରିଥାନ୍ତି। ପୋଡୁଜମିରେ ହଳ ନ କରି କୋଦାଳ କୋଡି ବା ମୁନିଆ ଲୁହା ଖଣ୍ଡରେ ଖୋଳି ବିହନ ପକାନ୍ତି। ଜୁନ୍-ଜୁଲାଇ ମାସରେ କୋଡ଼ା ଖୋସା କରି ଫସଲରୁ ଘାସ ନିୟନ୍ତ୍ରଣ କରନ୍ତି। ଫସଲକୁ ବନ୍ୟଜନ୍ତୁ ଦାଉରୁ ରକ୍ଷା କରିବାପାଇଁ ପୋଡୁ ଜମିରେ ଥିବା ଗଛରେ ମଞ୍ଚା ବାନ୍ଧନ୍ତି କିମ୍ବା ଅସ୍ଥାୟୀ କୁଟୀର ତିଆରି କରି ଅଗଷ୍ଟରୁ ଜାନୁୟାରୀ ମାସ ପର୍ଯ୍ୟନ୍ତ ଫସଲ ଜଗନ୍ତି ଏବଂ ଏହି ସମୟ ମଧ୍ୟରେ ଫସଲ ଅମଳ କରନ୍ତି। ସେମାନେ ସାଧାରଣତଃ କୌଣସି ଫଳବୃକ୍ଷ ଯଥା ଆମ୍ବ, ମହୁଲ, ପଣସ, ତେନ୍ତୁଳି ଆଦି ଗଛକୁ କାଟନ୍ତି ନାହିଁ। ଗୋଟାଏ ଜମିରେ ଲଗାତର ତିନିବର୍ଷ ଚାଷ କଲାପରେ ସେମାନେ ଅନ୍ୟ ଗୋଟାଏ ଜଙ୍ଗଲ କାଟି ସଫା କରି ସେହିଭଳି ଚାଷ କରନ୍ତି ଓ ସାତ-ଆଠ ବର୍ଷ ପରେ ପୁନର୍ବାର ପ୍ରଥମ ସ୍ଥାନକୁ ଚାଷକାର୍ଯ୍ୟ ପାଇଁ ଫେରିଆସନ୍ତି।

## ପୋଡୁଚାଷର ହାନିକାରକ ପ୍ରଭାବ

ପୋଡୁଚାଷ କେବଳ ପରିବେଶ ଓ ପ୍ରକୃତି ଉପରେ କୁପ୍ରଭାବ ପକାଏ ନାହିଁ। ଏହା ଆମର ଅର୍ଥନୈତିକ ଅଭିବୃଦ୍ଧିରେ ବାଧକ ସାଜେ। ଏହାର କେତେଗୋଟି ହାନିକାରକ ପ୍ରଭାବ ସମ୍ପର୍କରେ ନିମ୍ନରେ ସୂଚିତ କରାଯାଉଛି...

- ଝରଣା, ଜଳାଶୟ ଶୀଘ୍ର ଶୁଖିଯାଏ।
- ମୃତ୍ତିକା କ୍ଷୟ ଯୋଗୁ ପାହାଡ଼ର ଗଡାଣିଆ ବା ଡାଲୁଜମି ନଷ୍ଟ ହୋଇ ପଥୁରିଆ ହୋଇଯାଏ।
- ମୂଲ୍ୟବାନ ବନସମ୍ପଦ ନଷ୍ଟ ହୁଏ।
- ବନ୍ୟଜନ୍ତୁଙ୍କର ଆବାସସ୍ଥଳ ନଷ୍ଟ ହେବାରୁ ବନ୍ୟଜନ୍ତୁମାନେ ଜନବସତି ଆଡ଼କୁ ଅଗ୍ରସର ହୋଇ ମାନବ, ଗୋ ସମ୍ପଦ ଓ କୃଷିଜାତ ଶସ୍ୟକୁ ନଷ୍ଟ କରନ୍ତି।
- ଜଳାଶୟ, ଚାଷଜମି ଆଦିରେ ପଙ୍କ ଏବଂ ବାଲିଚର ହୋଇଯାଏ।
- ପୋଡୁଚାଷ ଜଳବାୟୁ ପରିବହନରେ ସହାୟକ ହୁଏ।
- ପୋଡୁଜମିରେ ଅନାବନା ଗୁଳ୍ମ ଯଥା ପୋକସୁଂଘା, ନାଗୁଆରୀ ଆଦି ବଂଶବିସ୍ତାର ହୋଇ ଖରାଦିନେ ଜଙ୍ଗଲ ନିଆ- ବିସ୍ଫୁରିତ ହେବା ସହିତ ମୂଲ୍ୟବାନ୍ ଗଛର ବଂଶବିସ୍ତାର କରିବାରେ ବାଧକ ସାଜେ।





**କେଉଁ ପଦକ୍ଷେପ ନେବା ଜରୁରୀ:** ପୋଡୁଚାଷ ପାହାଡ଼ର ଉପର ଡାଲୁ ଅଂଶରେ ଜଙ୍ଗଲ ବୃକ୍ଷ ତଥା ଗୋଚାରଣ ଭିତ୍ତିକ ଜଙ୍ଗଲ ସୃଷ୍ଟି କରିବା।

- ମଝି ଡାଲୁ ଅଂଶରେ ସୋପାନ କରି ଦୀର୍ଘ ସ୍ଥାୟୀ ଫଳବୃକ୍ଷ ରୋପଣ କରି ଗଛ ମଧ୍ୟରେ ଥିବା ଫାଙ୍କା ସ୍ଥାନରେ ଅନ୍ତଃ ଫସଲ ରୋପଣ କରିବା।
- ପାହାଡ଼ର ପାଦଦେଶରେ ବା ନିମ୍ନ ଅଂଶରେ କ୍ଷେତ୍ର ଫସଲ ଚାଷକରିବା।

**ପୋଡୁଚାଷର ବିକଳ୍ପ ବ୍ୟବସ୍ଥା:** ଚିରାଚରିତ ପୋଡୁଚାଷ ପଦ୍ଧତିର ସମ୍ପୂର୍ଣ୍ଣ ନିରାକରଣ ରାତାରାତି ସମ୍ଭବ ନୁହେଁ। ପାହାଡ଼ତଳେ ଆବଶ୍ୟକ ଚାଷୋପଯୋଗୀ ଜମିର ସମସ୍ୟା ଏବଂ ପୋଡୁଚାଷକୁ ଜୀବିକା କରି ଚଳୁଥିବା ବନବାସୀମାନଙ୍କୁ ଅନ୍ୟ ସ୍ଥାୟୀ ରୋଜଗାର ଉପାର୍ଜନର ପନ୍ଥା ଯୋଗାଇଦେବା ସହିତ ଏହାର ବଜାରୀକରଣ ବ୍ୟବସ୍ଥା ଆଦି ସମସ୍ୟା ଏହା ସହିତ ସଂଶ୍ଳିଷ୍ଟ ଅଛି । ତେଣୁ ପୋଡୁଚାଷର ବିକଳ୍ପ ବ୍ୟବସ୍ଥା ଚିନ୍ତା କଲା ବେଳକୁ ଏହି ଚାଷର ବୈଜ୍ଞାନିକ ପଦ୍ଧତିର ଦୀର୍ଘସ୍ଥାୟୀ ଚାଷ ପଦ୍ଧତି, ପୁନରୁଦ୍ଧାର, ଜଙ୍ଗଲ ସଂରକ୍ଷଣ, ବନବାସୀମାନଙ୍କର ସଂସ୍କୃତି କଥା ଚିନ୍ତା କରିବା ଆବଶ୍ୟକ । ଏକ ସମନ୍ୱିତ ଆଦର୍ଶ ବହୁମୁଖୀ ଯୋଜନା ମାଧ୍ୟମରେ ପୋଡୁଚାଷୀମାନଙ୍କର ବିକାଶ ସହିତ ନାନା ପ୍ରକାରର ସମୟୋପଯୋଗୀ କାର୍ଯ୍ୟକ୍ରମ ନିମ୍ନରେ ଦିଆଗଲା।

-ବନବାସୀମାନଙ୍କର ଅର୍ଥନୈତିକ ଅଭିବୃଦ୍ଧିର ସ୍ଥାୟିତ୍ୱ ପାଇଁ ପୋଡୁ ଚାଷ ଜମିରେ ସେମାନଙ୍କର ଅଭିଜ୍ଞତା, କୃଷି ଜଳବାୟୁ ଓ ବଜାରୀକରଣ ବ୍ୟବସ୍ଥାକୁ ନେଇ ଏକ ଲାଭଜନକ କୃଷିବନୀକରଣର ଫସଲ ଖସଡାର ପ୍ରସ୍ତୁତି ଓ ସମ୍ପ୍ରସାରଣ କରିବା ଦରକାର।

- ପାହାଡର ସ୍ୱଳ୍ପ ଡାଲୁ ଜମିରେ ସାମାନ୍ୟ ସମତଳ ଜାଗା ଦେଖି ସ୍ଥାୟୀ କୃଷି ପଦ୍ଧତି ଅବଲମ୍ବନ ପାଇଁ ସଚେତନ କରାଇବା । ଏହି ପ୍ରକାରର ଜମିକୁ କନ୍ଧମାଳରେ ପାଙ୍ଗା ଜମି କହନ୍ତି।
- ପାହାଡର ପଥର ଛନ୍ଦିରେ ଗଛର ପତ୍ର ବର୍ଷ ବର୍ଷ ଧରି ଶଡିଯାଇ ଉର୍ବର ହୋଇଥାଏ । ସେହି ସ୍ଥାନରେ ଲେମ୍ବୁ, ସପୁରୀ, ସ୍ଥାନୀୟ କଦଳୀ ଗଛ ଆଦି ଚାଷ କରାଯାଇପାରେ।
- ଦୀର୍ଘସ୍ଥାୟୀ ଚାଷ ପଦ୍ଧତି ମାଧ୍ୟମରେ ବନବାସୀମାନେ ବର୍ଷ ସାରା କାମଧନ୍ଦା ପାଇ ପାରିବେ ଓ କଷ୍ଟ ଦାୟକ ପୋଡୁ ଚାଷକୁ ବର୍ଜନ କରିବାକୁ ଆଗଭର ହେବେ। ଏହାଦ୍ୱାରା ସବୁବର୍ଷ ସମ ପରିମାଣର ଫସଲ ସେମାନଙ୍କ ଜମିରୁ ଓ ସେମାନେ ସ୍ଥାୟୀ କୃଷି ପଦ୍ଧତି ଛାଡି ଅନ୍ୟସ୍ଥାନକୁ ଯିବାକୁ ଆଗ୍ରହ ପ୍ରକାଶ କରିବେ ନାହିଁ।
- ପୋଡୁ ଚାଷର ଅନ୍ୟ ବିକଳ୍ପ ହେଉଛି ପାହାଡ ଡାଲୁରେ ଫଳବୃକ୍ଷ ରୋପଣ । ଜଳସେଚନର ସୁବିଧା ଥିବା ଉଚ୍ଚ ଏବଂ ମଧ୍ୟମ କିସମ ଜମିଗୁଡିକରେ କଦଳୀ, ଅମୃତଭଣ୍ଡା, ସପୁରୀ, ଲେମ୍ବୁ, କମଳା, ଆମ୍ବ ଆଦି ଏକ ଚକିଆ ଫଳବଗିଚା କରାଗଲେ ବିକ୍ରିବଟାର ଅସୁବିଧା ହେବ ନାହିଁ।
- ବିକ୍ରି ହୋଇ ପାରୁ ନ ଥିବା ବଳକା ଫଳର ମୂଲ୍ୟଯୁକ୍ତ ଉତ୍ପାଦନ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ହୋଇପାରିବ।
- ବୃଷ୍ଟିପୁଷ୍ଟ ଉଚ୍ଚା ଜମି ବା ବଗଡରେ ମରୁଡି ସହନଶୀଳ ଫଳବୃକ୍ଷ ଯଥା ଆତ, କାଜୁ, ପିଜୁଳି, ଅଁଳା, ପଣସ, ବେଲ, ତେନ୍ତୁଳି, କରମଙ୍ଗା ଆଦି ଚାଷ କରାଯାଇପାରିବ।
- ଅନୁକୂଳ ପରିବେଶ ଓ ଜଳାଶୟ ନିକଟବର୍ତ୍ତୀ ଅଞ୍ଚଳରେ ସପେଟା, ଲିଚୁ, ଆମ୍ବ, କମଳା ଆଦି ଫଳଚାଷ କରାଯାଇପାରେ।
- ସ୍ୱଳ୍ପ ଛାଇ ପ୍ରଦାନ କରୁଥିବା ଗଛ ଛାଇରେ ଏବଂ ଗଛରେ କଫି, ଗୋଲମରିଚ, ପିପ୍ପଳୀ ଆଦି ଅନ୍ତଫସଲ ହିସାବରେ ଚାଷ କରାଯାଏ।
- ଉଚ୍ଚ ମୂଲ୍ୟଯୁକ୍ତ ଫସଲ ଯଥା ଅଦା, ହଳଦୀ, ପାଲୁଅ ଆଦି ଫସଲକୁ ଅନ୍ତଫସଲ ହିସାବରେ କିମ୍ବା ଏକକ ଫସଲ ରୂପେ ଉର୍ବର ଉଚ୍ଚା ଜମିରେ ଚାଷ କରାଯାଇପାରିବ।
- ବର୍ଷା ଦିନେ କେତେକ ନିର୍ଦ୍ଦିଷ୍ଟ ଜିଲାରେ ଯଥା କନ୍ଧମାଳ, କେଉଁଝର, ଗଜପତି, କୋରାପୁଟ ଆଦି ଅଞ୍ଚଳରେ ଅଦିନିଆ ଫସଲ ବିନ୍ସ, ବିଲାତି, ଫୁଲକୋବି, ମୂଳା ଆଦି ଚାଷ କରାଯାଇପାରିବ।
- ଲୋକସହଭାଗୀ ଯୋଜନା ପ୍ରସ୍ତୁତ କଲା ବେଳେ ଫସଲ ଖସଡାରେ ଅଧିକ ଦିନ ରହି ପାରୁଥିବା ପନିପରିବା ରହିପାରିଲେ ବିକ୍ରିବଟାର ସମସ୍ୟା ରହିବ ନାହିଁ । ସେହି ଫସଲଗୁଡିକ ହେଲା ଖମ୍ବଆଳୁ, କନ୍ଦମୂଳ, ଟାପିଓକା, କଖାରୁ, ଲଙ୍କା, ରାଜମା, ଝୁଡଙ୍ଗ ଇତ୍ୟାଦି

-ଲଘୁବନଜାତ ଦ୍ରବ୍ୟ ସଂଗ୍ରହ, ପ୍ରକ୍ରିୟାକରଣ ଓ ବିକ୍ରିବଟା ଉପରେ ଗୁରୁତ୍ୱାରୋପ କରିବା।

*-ବନ ବିଜ୍ଞାନୀ, ଓୟୁଏଟି, ଭୁବନେଶ୍ୱର,*
*ମୋ: ୯୪୩୭୦୩୧୨୦୯*

## ହଳଦୀ ଲଗାଇବା ପୂର୍ବରୁ...



ରୋମା, ସୁରମା, ରଙ୍ଗ, ରଶ୍ମୀ, ନାମରେ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ଏକ ଏକର ଜମିପାଇଁ ୮-୧୦କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡ ଗୁଡିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷ କରି ଏକ ମିଟର ଓସାର, ୧୫ସେ.ମି. ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ ଚାଷ ବେଳେ ଏକର ପ୍ରତି ୧୦ଗାଡି (୫ଟନ) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ, ୧୨କି.ଗ୍ରା ଫସଫରସ୍, ୩୬କି.ଗ୍ରା. ପଟାସ ତିନିଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସଫେଟ ଓ ଅଧା ମ୍ୟୁରିଏଟ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।



ବର୍ତ୍ତମାନ ସମୟରେ ମକା ଓ ବରଗୁଡିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ ଅଟେ। ଶେଷଓଡ ଚାଷରେ ଏକର ପ୍ରତି ୫ଗାଡି ସଢ଼ା ଗୋବର ଖତ,୪୦କି.ଗ୍ରା ଯବକ୍ଷାରଜାନ, ୪୦କି.ଗ୍ରା ଫସଫରସ ଓ ୪୦କି.ଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବାର ଆଶଙ୍କା ଥିଲେ ଶେଷ ଓଡ ଚାଷରେ ଏକର ପ୍ରତି ୧୦କି.ଗ୍ରା ଶତକଡା ୧.୫ଭାଗ କ୍ଲୋରୋପାଇରିଫସ ଗୁଣ୍ଡ ପ୍ରୟୋଗ କରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କିଗ୍ରା ମକା ବିହନ ଓ ୨୦କି.ଗ୍ରା ବରଗୁଡି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡି ମକା ପରେ ୨ଧାଡି ବରଗୁଡି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

ପ୍ରଥମ ପୃଷ୍ଠାରୁ...

## 'ନବୀନଙ୍କ ଗାଦି ଛାଡ଼ିବାର ...

ଏଥର ଯେଉଁ ଭଲପାଇବା ରାଜ୍ୟରେ ତାଙ୍କୁ ମିଳିଛି, ତାହା ଗତଥର ମିଳି ନ ଥିଲା ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ବାଲେଶ୍ୱରର ବସ୍ତାଠାରେ ଆୟୋଜିତ ବିଜୟ ସଙ୍କଳ୍ପ ସଭାରେ ସେ କହିଛନ୍ତି ଯେ, ନୂଆ ଭାରତ ଗଢ଼ିବା ଲାଗି ଡବଲଖ ଇଞ୍ଜିନ ସରକାର ଗଠନର ଆବଶ୍ୟକତା ରହିଛି। ବିଜେଡିକୁ ଟାର୍ଗେଟ କରି ଓଡିଶାରେ ୧୯ ବର୍ଷରେ ଯାହା ନ ହୋଇଛି, ଭାଜପା କ୍ଷମତାକୁ ଆସିଲେ ତାହାର ୫ଗୁଣ ବିକାଶ କରାଯିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପ୍ରଚାରରେ ଆସି ମୋଦି ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲା କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ବାରୁଅ ପଞ୍ଚାୟତସ୍ଥିତ ସିଦ୍ଧମଠ ପଞ୍ଚାୟତ ପଡ଼ିଆରେ ମଧ୍ୟାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ବିରୋଧୀଙ୍କୁ ଟାର୍ଗେଟ କରିବା ସହ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଜନସାଧାରଣଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗାଦି ଛାଡ଼ିବାର ସମୟ ଆସିଗଲାଣି। ଏଥିସହ ରାଫାଲ ଦୁର୍ନୀତି ପ୍ରସଙ୍ଗ ଉଠାଇ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। ସେ କହିଛନ୍ତି, ରାଫାଲ ମାମଲାକୁ ନେଇ ବିରୋଧୀ ଦଳ ହୋହଲ୍ଲା କରୁଥିଲେ। ଏବେ ଭୁଲ ମାଗିଲେଣି। ଗତ ୫ ବର୍ଷ ମଧ୍ୟରେ କେନ୍ଦ୍ର ସରକାର କୌଣସି ଭ୍ରଷ୍ଟାଚାରରେ ସାମିଲ ହୋଇ ନ ଥିବା ପ୍ରକାଶ କରି ଦେଶର ସୁରକ୍ଷା ପ୍ରସଙ୍ଗ ଉଠାଇଥିଲେ। ପଶ୍ଚିମବଙ୍ଗ ପରି ଓଡ଼ିଶାରେ ହିଂସାକାଣ୍ଡ ବଢ଼ି ଚାଲିଥିବାରୁ ରାଜ୍ୟ ସରକାର ଏବେ ଯିବା ସୁନିଶ୍ଚିତ ବୋଲି ସେ କହିଛନ୍ତି। ନଦୀ ସଂଯୋଗୀକରଣ କଥା ଉଠାଇ ମୋଦି ନୀଳ ଅର୍ଥନୀତି ଉପରେ ଆଲୋକପାତ କରିଛନ୍ତି। ଏ ସମ୍ପର୍କରେ ପ୍ରକାଶ କରିଥିଲେ ଯେ, ଓଡ଼ିଶାରେ ମତ୍ସ୍ୟଚାଷକୁ ଆହୁରି ଆଗକୁ ନେବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ନୂଆ ମନ୍ତ୍ରଣାଳୟ ଖୋଲାଯିବ। ଏହାଦ୍ୱାରା ମତ୍ସ୍ୟଜୀବୀଙ୍କୁ ସମସ୍ତ ସୁବିଧା ମିଳିପାରିବ। ଓଡ଼ିଶାରେ ଜଳପଥ ପାଇଁ ବ୍ରାହ୍ମଣୀ ନଦୀ ଉପରେ ପ୍ରକଳ୍ପ କାର୍ଯ୍ୟକାରୀ ଚାଲିଛି। ଏହା ତାଳଚେରରୁ ଧାମରା ଦେଇ ପାରାଦୀପ ପର୍ଯ୍ୟନ୍ତ ଛୁଇଁବ। ଏହାଦ୍ୱାରା ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବ ବୋଲି ମୋଦି କହିଛନ୍ତି। ସେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ମଧ୍ୟାହ୍ନ ୧୨ଟା ୨ମିନିଟ୍‌ରେ ଯୋଗଦେଇ ଓଡ଼ିଆରେ ଭାଷଣ ଆରମ୍ଭ କରିଥିଲେ। ପ୍ରଥମେ ଶ୍ରୀଜଗନ୍ନାଥ ଓ ବଳଭଦ୍ରଙ୍କ ମାଟିକୁ ପ୍ରଣାମ କରି ଭାଷଣ ଦେଇଥିଲେ। ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ସଡ଼କ, ବିଜୁଳି, ପାଣି, ରନ୍ଧନ ଗ୍ୟାସ, ଆୟୁଷ୍ମାନ ଭାରତ ଆଦି ଯୋଜନା ସମ୍ପର୍କରେ ପ୍ରକାଶ କରିଥିଲେ । ଓଡ଼ିଶାରେ ଭାଜପା ସରକାରକୁ ଆଣି ଦେଶରେ ଡବଲ ଇଞ୍ଜିନ ଚଲାଇବାକୁ କେନ୍ଦ୍ରାପଡାର ମତଦାତାମାନେ ଦୁଇ ଥର ପଦ୍ମ ଚିହ୍ନରେ ଭୋଟ ଦେବା ପାଇଁ ସେ ଏହି ଅବସରରେ ନିବେଦନ କରିଥିଲେ । ସଭାରେ ରାଷ୍ଟ୍ରୀୟ ଉପସଭାପତି ତଥା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, କେନ୍ଦ୍ରାପଡ଼ା ବିଧାୟକ ପ୍ରାର୍ଥୀ ସୁନାକର ବେହେରା, ପାଟକୁରା ବିଧାୟକ ପ୍ରାର୍ଥୀ ବିଜୟ କୁମାର ମହାପାତ୍ର, ବରିଷ୍ଠ ରାଜନେତା ଦାମୋଦର ରାଉତ ଓ ରାଜ୍ୟ ପ୍ରଭାରୀ ଅରୁଣ ସିଂ ଏବଂ ଭାଜପା ବିରୋଧୀ ଦଳ ନେତା କେ.ଭି. ସିଂଦେଓ ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ରାପଡ଼ାରେ ସଭା ସାରି ମୋଦି ବାଲେଶ୍ୱର ଜିଲା ବସ୍ତାସ୍ଥିତ ବାହାର୍ଦ୍ଦା ସରକାରୀ କୃଷି ଫାର୍ମରେ ଆୟୋଜିତ ବିଜୟ ସଂକଳ୍ପ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ସେ ନୂଆ ଭାରତ ଗଢ଼ିବା ଲାଗି ଡବଲ ଇଞ୍ଜିନ ସରକାର ଗଠନର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରିଥିଲେ। ରାଜ୍ୟର ବିଜେଡି ସରକାରଙ୍କୁ ସିଧାସଳଖ ଟାର୍ଗେଟ କରି ଚିଟ୍‌ଫଣ୍ଡ ଓ ଖଣି ଦୁର୍ନୀତି ଆଦି ପ୍ରସଙ୍ଗ ଉଠାଇ ରାଜ୍ୟରେ ସରକାର ପରିବର୍ତ୍ତନ ହେଲେ ବିକାଶ ତ୍ୱରାନ୍ୱିତ ହେବ ବୋଲି କହିଥିଲେ। ବାଲେଶ୍ୱରର କ୍ଷେପଣାସ୍ତ୍ର ଘାଟି ଦେଶର ପ୍ରତିରକ୍ଷା ବ୍ୟାବସ୍ଥାକୁ ଶକ୍ତିଶାଳୀ କରିଛି ଏବଂ ଦେଶ ଏଥିପାଇଁ ଗୌରବାନ୍ୱିତ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ସେ ପ୍ରତିରକ୍ଷା ଗବେଷଣା କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ଜୟ ଯବାନ, ଜୟ କିଷାନ ଓ ଜୟ ବିଜ୍ଞାନ ସ୍ଲୋଗାନ ସହ 'ଜୟ ଅନୁସନ୍ଧାନ'କୁ ଯୋଡ଼ିଥିଲେ। ପ୍ରଧାନମନ୍ତ୍ରୀ ହେଲିକପ୍ଟର ଯୋଗେ ଆସି ବସ୍ତା ହେଲିପ୍ୟାଡରେ ଅବତରଣ କରିଥିଲେ। ଅପରାହ୍ନ ୧ଟା ୨୫ ମିନିଟ୍‌ରେ ସଭା ଆରମ୍ଭ ହୋଇଥିଲା। ମୋଦି ପ୍ରଥମେ ଓଡ଼ିଆରେ ଭାଷଣ ଆରମ୍ଭ କରିଥିଲେ। ସେ ତିନି ଥର ଜୟ ଜଗନ୍ନାଥ କହିବା ସହ ଜିଲାର ସ୍ଥାନୀୟ ଦେବଦେବୀଙ୍କୁ ପ୍ରଣାମ ଜଣାଇ ନିର୍ବାଚନରେ ଭାଜପାର ବିଧାନସଭା ଓ ଲୋକ ସଭା ପ୍ରାର୍ଥୀଙ୍କୁ ଜିତାଇବାକୁ ନିବେଦନ କରିଥିଲେ। ବାଲେଶ୍ୱର ମିଶନ ଶକ୍ତି ପାଇଁ ସମଗ୍ର ପୃଥିବୀରେ ପରିଚିତ ହୋଇପାରିଛି ବୋଲି ବର୍ଣ୍ଣନା କରି ବର୍ତ୍ତମାନର ଭାରତ ବିଶ୍ୱର ଚତୁର୍ଥ ଶକ୍ତିଶାଳୀ ରାଷ୍ଟ୍ରରେ ପରିଗଣିତ ହୋଇପାରିଛି ବୋଲି ସେ କହିଥିଲେ। ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଭାରେ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବାଲେଶ୍ୱର ଲୋକ ସଭା ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀ, ନୀଳଗିରି ବିଧାୟକ ପ୍ରାର୍ଥୀ ସୁକାନ୍ତ ନାୟକ, ସଦର ବିଧାୟକ ପ୍ରାର୍ଥୀ ମଦନମୋହନ ଦତ୍ତ, ରେମୁଣା ପ୍ରାର୍ଥୀ ଗୋବିନ୍ଦ ଦାଶ, ସୋର ପ୍ରାର୍ଥୀ ରାକେଶ ମଲ୍ଲିକ, ବସ୍ତା ପ୍ରାର୍ଥୀ ରଘୁନାଥ ମହାନ୍ତି, ଜଳେଶ୍ୱରର ଜୟନାରାୟଣ ମହାନ୍ତି, ଭୋଗରାଇର ଅଂଶୁମାନ୍ ମହାନ୍ତି, ସିମୁଳିଆର ପଦ୍ମଲୋଚନ ପଣ୍ଡା, ବଡ଼ସାହିର ସନାତନ ବିଜୁଳି ପ୍ରମୁଖ ଯୋଗଦେଇଥିଲେ। ତେବେ ସଭାରେ ବାଧା ସୃଷ୍ଟି ପାଇଁ ଦୁଇ ତିନୋଟି ସ୍ଥାନରେ ଏକ ରାଜନୈତିକ ଦଳର କର୍ମୀମାନେ ରାସ୍ତା ଅବରୋଧ କରିଥିବା କଥା ଏମ୍‌ପି ପ୍ରାର୍ଥୀ ପ୍ରତାପ ଷଡ଼ଙ୍ଗୀ ଏବଂ ଧର୍ମେନ୍ଦ୍ର ପ୍ରଧାନ ଅଭିଯୋଗ କରିଥିଲେ। ଅପରାହ୍ନ ୨ଟା ୨୫ ମିନିଟରେ ସଭା ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ଦିଲ୍ଲୀ ଫେରି ଯାଇଥିଲେ।

## ବହୁ ସ୍ଥାନରେ...

ସେହିପରି ପୁରୀ ପେଣ୍ଠକଟାସ୍ଥିତ ଆଇଟିଆଇ ବୁଥ୍‌ରେ ଭୋଟରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ କୁହାଯିବାକୁ ନେଇ ଭାଜପା ଏବଂ ବିଜେଡି ସମର୍ଥକ ମୁହାଁମୁହିଁ ହୋଇଥିଲେ। ଦୀର୍ଘ ସମୟ ଧରି ଉଭୟ ଗୋଷ୍ଠୀ ଧସ୍ତାଧସ୍ତି ହୋଇଥିଲେ। ପୁରୀ ଜିଲା ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର କମାଶାସନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭିଭିପିଏଟି ଭଙ୍ଗାରୁଜା କରାଯାଇଥିଲା। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ନିର୍ଦ୍ଦିଷ୍ଟ ଚିହ୍ନରେ ଭୋଟ ଦେବା ପାଇଁ ଜଣେ ମହିଳା ଭୋଟରଙ୍କୁ କହିବାକୁ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବାରୁ ଉତ୍ତେଜନା ପ୍ରକାଶ ପାଇ ଭଙ୍ଗାରୁଜା ହୋଇଥିଲା। ଫଳରେ ସେଠାରେ ମତଦାନ ଅଧାରୁ ବନ୍ଦ ହୋଇଯାଇଥିଲା। ପୁରୀ ଜିଲା ସତ୍ୟବାଦୀ ନିର୍ବାଚନମଣ୍ଡଳୀର ୭୮ ନଂ. ବୁଥ୍‌ରେ ଇଭିଏମ୍ ଭଙ୍ଗାରୁଜା ହୋଇଛି। ଅନ୍ୟପକ୍ଷରେ ସମ୍ବଲପୁର ସହରର ସିନାପାଲି ଅଞ୍ଚଳରେ ମଙ୍ଗଳବାର ବିଜେଡିର କେତେକ କର୍ମୀ ଭୋଟରଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗ ହୋଇଥିଲା। ଏହି ଖବର ପାଇ ସେଠାରେ ପୂର୍ବତନ ମନ୍ତ୍ରୀ ତଥା ଭାଜପା ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ର ପହଞ୍ଚି ଥିଲେ। ଏହା ପରେ ଦୁଇ ଦଳର କର୍ମୀଙ୍କ ମଧ୍ୟରେ ଛକାପଞ୍ଝା ଦେଖା ଦେବା ସହ ଯୁକ୍ତିତର୍କ ହୋଇଥିଲା। ଏହି ଖବର ପାଇ ସେଠାରେ ପୋଲିସ ଓ ସିଆରପିଏଫ ଯବାନ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ। ଅନ୍ୟପକ୍ଷରେ କଟକ ଜିଲା ଆଠଗଡ଼ର ୧୨୧ ନଂ. ବୁଥ୍‌ରେ ଇଭିଏମ୍‌ରେ ନିଆଁ ଲାଗିଯାଇଥିଲା। ଫଳରେ ସେଠାରେ ମତଦାନ ବାଧାପ୍ରାପ୍ତ ହୋଇଥିଲା। ସମ୍ବଲପୁର ଜିଲା ରେଢାଖୋଲ ନିର୍ବାଚନମଣ୍ଡଳୀ ଅଧୀନ ରେଢାଖୋଲ ସହରର ଖନ୍ଦାଡିପ ଉଚ୍ଚ ପ୍ରାଥମିକ ସ୍କୁଲର ୧୭୨ ନଂ. ବୁଥରେ ଇଭିଏମ୍ ଅଚଳ ହୋଇ ପଡିଥିଲା। ସେଠାରେ ୧ ଘଣ୍ଟା ବିଳମ୍ବରେ ଅର୍ଥାତ୍ ସକାଳ ୮ଟାରେ ଭୋଟ୍ ଗ୍ରହଣ କରାଯାଇଥିଲା। ସେହିଭଳି ରେଢାଖୋଲ ଗୌରଚନ୍ଦ୍ର ହାଇସ୍କୁଲ (ବୁଥ୍ ନଂ. ୧୭୪), ଯୁଯୁମୁରା ବ୍ଲକ୍ ଝାଙ୍କରପାଲି (ବୁଥ୍ ନଂ. ୩୬, ୩୭), ଭବାନୀପାଲି ସ୍କୁଲ (ବୁଥ୍ ନଂ.୩୮), ଠାକୁରମାଲ ସ୍କୁଲ (ବୁଥ୍ ନଂ.୯୩), ବସିଆପଡା ସ୍କୁଲ (ବୁଥ୍ ନଂ.୫୩), କୁସାମୁରା (ବୁଥ୍ ନଂ.୧୧୦)ରେ ଇଭିଏମ୍ ଅଚଳ ଯୋଗୁ ବିଳମ୍ବରେ ଭୋଟର ମତ ସାବ୍ୟସ୍ତ କରିଥିଲେ। ରେଙ୍ଗାଲି ନିର୍ବାଚନମଣ୍ଡଳୀର ୧୭୩, ୧୭୪ ନଂ. ବୁଥ୍‌ରେ ଭୋଟ୍ ଗ୍ରହଣ ବିଳମ୍ବେ ହୋଇଥିଲା। ଗୁଣ୍ଡେରପୁର ସ୍କୁଲର ୨୨୩, ୨୨୪ ଓ ବ୍ରାହ୍ମଣୀପାଲିର ୧୭୬ ନଂ. ବୁଥ୍‌ରେ ମଧ ମେଶିନ ଅଚଳ ପାଇଁ ଭୋଟ ଗ୍ରହଣ ପ୍ରଭାବିତ ହୋଇଥିଲା। ଇଭିଏମ୍ ଅଚଳ ଯୋଗୁ ନୟାଗଡ ଜିଲା ଖଣ୍ଡପଡା ୩୭ ନଂ. ବୁଥ୍‌ରେ ଦିନ ୧୧ଟା ଯାଏ ମତଦାନ ହୋଇ ପାରି ନ ଥିଲା। ସମାନ କାରଣରୁ ୩୨ ନଂ. ବୁଥ୍‌ରେ ୪୬ ମିନିଟ୍ ଓ ୧୫୭ ନଂ. ବୁଥ୍‌ରେ ଅଧଘଣ୍ଟା ବିଳମ୍ବ ହୋଇ ଥିଲା। ଓଡଗାଁ ବ୍ଲକ ବାହାଡାରିଠା ବୁଥ୍‌ରେ ଭୋଟଦାନ ୩ ଘଣ୍ଟା ବିଳମ୍ବ ହୋଇଥିଲା। ଅନୁରୂପଭାବେ ରଣପୁର ନିର୍ବାଚନମଣ୍ଡଳୀରେ ୨୬୦, ୧୨୪, ୧୨୫ ଏବଂ ୨୩୦ରେ ଭିଭିପିଏଟି ଅଚଳ ହୋଇଥିବାରୁ ୨ ଘଣ୍ଟା ବିଳମ୍ବରେ ମତଦାନ ହୋଇଥିଲା। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ୧୫୯, ୧୪୯, ୧୫୧, ୧୦୧, ୧୦୨, ୧୬୬ ଓ ୧୭୬ ନଂ ବୁଥ୍‌ରେ ପ୍ରାୟ ଅଧ ଘଣ୍ଟାରୁ ୫ ଘଣ୍ଟା ପର୍ଯ୍ୟନ୍ତ ଇଭିଏମ ଖରାପ ହୋଇ ରହିଥିଲା। ଜଟଣୀ ନିର୍ବାଚନ ମଣ୍ଡଳୀର ୧୭୯, ୧୮୦, ୧୮୧, ୧୭୩, ୧୧୫, ୨୨୮, ୧୯୭, ୨୦୦, ୨୦୫, ୧୩୯, ୪୪, ୨୨୩ ଓ ୨୨୪ ନଂ. ବୁଥ୍‌ରେ ଇଭିଏମ୍ ତ୍ରୁଟି କାରଣରୁ ପ୍ରାୟ ଅଧ ଘଣ୍ଟାରୁ ୩ ଘଣ୍ଟା ପର୍ଯ୍ୟନ୍ତ ମତଦାନ ବନ୍ଦ ରହିଥିଲା। ବେଗୁନିଆ ନିର୍ବାଚନମଣ୍ଡଳୀର ୪୦, ୯୫, ୧୨୦, ୩୪, ୫୪ନଂ. ବୁଥ୍‌ରେ ଇଭିଏମ୍ ତ୍ରୁଟିରୁ ପ୍ରାୟ ୧ଘଣ୍ଟାରୁ ୩ ଘଣ୍ଟା ଯାଏ ଡେରିରେ ମତଦାନ ଆରମ୍ଭ ହୋଇଥିଲା। ଶଗଡଭଙ୍ଗାରେ ଏଜେଣ୍ଟଙ୍କ ମଧ୍ୟରେ ବିବାଦ ଘଟି ଅଧ ଘଣ୍ଟାଏ ଧରି ଉତ୍ତେଜନା ଲାଗି ରହିଥିଲା । ଚିଲିକା ନିର୍ବାଚନମଣ୍ଡଳୀର ୨୦୯, ୧୨୯, ୧୭୦ନଂ. ବୁଥ୍‌ରେ ଇଭିଏମ କିଛି ସମୟ ପାଇଁ ଅଚଳ ହୋଇ ରହିଥିଲା। କେନ୍ଦୁଝର ବିଧାନସଭା ନିର୍ବାଚନ ମଣ୍ଡଳୀର କେନ୍ଦୁଝର ପୌରପାଳିକା ଅଧୀନ ୨୧୯, ୨୧୨,୨୧୩,୨୩୧ ନମ୍ବର ବୁଥ, ଝୁମ୍ପୁରା ବ୍ଲକର ୨୨,୫୪,୩୬ ନମ୍ବର, ପାଟଣା ନିର୍ବାଚନ ମଣ୍ଡଳୀର ସାହାରପଡା ବ୍ଲକର ୧୫୩,୧୫୪ ନମ୍ବର ବୁଥର ଇଭିଏମ୍‌ରେ ତ୍ରୁଟି ଦେଖାଦେବା ଯୋଗୁ ଭୋଟ ଗ୍ରହଣରେ ବହୁ ବିଳମ୍ବ ଘଟିଥିଲା।

## ଖ୍ରୀଷ୍ଟଚର୍ଚ୍ଚର ପ୍ରତିଶୋଧ ...

ଥାଇପାରେ ବୋଲି ସନ୍ଦେହ କରାଯାଉଛି। ସେପଟେ କଲମ୍ବୋସ୍ଥିତ ଆମେରିକୀୟ ଦୂତାବାସ ପକ୍ଷରୁ ପୁଣି ଥରେ ଆତଙ୍କବାଦୀ ଗୋଷ୍ଠୀ ଆକ୍ରମଣ କରିପାରନ୍ତି ବୋଲି ସତର୍କ ସୂଚନା ଜାରି କରାଯାଇଛି। ଅନ୍ୟପକ୍ଷରେ ଇଷ୍ଟର ସଣ୍ଡେ ବୋମା ବିସ୍ଫୋରଣ ନିଜେ ଘଟାଇଥିବା ଇସଲାମିକ ଷ୍ଟେଟ(ଆଇଏସ୍) ମଙ୍ଗଳବାର ଦାବି କରିଛି। ନିଜ ନ୍ୟୁଜ ଏଜେନ୍ସିରେ ଆଇଏସ୍ ଏଭଳି ଦାବି କରିଥିଲାବେଳେ ଏନେଇ କୌଣସି ତଥ୍ୟପ୍ରମାଣ ଦେଇନାହିଁ।

## ଅପରାହ୍ନ ୫ଟା...

ଅପରାହ୍ନ ୩ଟା ବେଳକୁ ମତଦାନ ହାର ୪୭ ପ୍ରତିଶତକୁ ବୃଦ୍ଧି ପାଇଥିଲା। ମତଦାତାମାନେ ବୁଥ ସମ୍ମୁଖରେ ଲମ୍ବା ଲାଇନରେ ଛିଡାହୋଇ ଭୋଟ ଦେବାକୁ ଅପେକ୍ଷା କରିଥିବା ଦେଖାଯାଇଥିଲା। କେବଳ ଜନତା ନୁହଁନ୍ତି ନେତାମାନେ ମଧ ଉତ୍ସାହର ସହ ଭୋଟ ଦେଉଥିବା ଦେଖାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବହୁ ପ୍ରମୁଖ ନେତା ତଥା ପିନାକୀ ମିଶ୍ର, ଭର୍ତ୍ତୃହରି ମହତାବ, ଅରୂପ ପଟ୍ଟନାୟକ, ପ୍ରକାଶ ମିଶ୍ର, କେ.ପି. ସିଂଦେଓ, ଅପରାଜିତା ଷଡ଼ଙ୍ଗୀ, ଜନାର୍ଦ୍ଦନ ପତି, ପଞ୍ଚାନନ କାନୁନଗୋଙ୍କ ସମେତ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ବିଧାୟକମାନେ ନିଜ ନିଜ ବୁଥରେ ମତଦାନ କରୁଥିବା ଦେଖିବାକୁ ମିଳିଥିଲା। ତୃତୀୟ ପର୍ଯ୍ୟାୟରେ ମତଦାନ ହାର ଗତ ଦୁଇଟି ପର୍ଯ୍ୟାୟ ତୁଳନାରେ କମ୍ ରହିଛି। ଏହି ପର୍ଯ୍ୟାୟରେ ଅପରାହ୍ନ ୫ଟା ସୁଦ୍ଧା ମତଦାନ ୬୧ ପ୍ରତିଶତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ମତଦାନ ହାର ଅପରାହ୍ନ ୫ଟା ସୁଦ୍ଧା ୬୬ ପ୍ରତିଶତ ରହିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୬୪ ପ୍ରତିଶତ ହୋଇଥିଲା । ଚୂଡ଼ାନ୍ତ ଭୋଟ ପ୍ରତିଶତ ମିଳି ପାରି ନ ଥିବାରୁ ରାଜ୍ୟରେ ସମୁଦାୟ କେତେ ପ୍ରତିଶତ ମତଦାନ ହୋଇଛି ତାହା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ। ତେବେ ଏହି ପର୍ଯ୍ୟାୟରେ ଭୋଟ ଗ୍ରହଣ ପ୍ରାୟ ୭୦ ପ୍ରତିଶତ ମଧ୍ୟରେ ରହିବ ବୋଲି ଆକଳନ କରାଯାଉଛି। ମିଳିଥିବା ସୂଚନା ଅନୁଯାୟୀ ଅପରାହ୍ନ ୫ଟା ସୁଦ୍ଧା ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀରେ ମତଦାନ ହାର ୫୨.୯୪ ପ୍ରତିଶତ ରହିଥିବା ବେଳେ କେନ୍ଦୁଝର ୬୧.୪୭, ଢେଙ୍କାନାଳ ୬୨.୮, କଟକ ୫୩.୧୮, ପୁରୀ ୫୮.୧୧ ଏବଂ ଭୁବନେଶ୍ୱରରେ ୫୦.୫୬ ପ୍ରତିଶତ ମତଦାନ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ଗତ ଦୁଇଟି ନିର୍ବାଚନ ହାରକୁ ପଛରେ ପକାଇ ଦେଇଛି। ୨୦୦୯ରେ ଭୁବନେଶ୍ୱରରେ ୩୫ ପ୍ରତିଶତ ମତଦାନ ହୋଇଥିବା ବେଳେ ୨୦୧୪ରେ ୪୨ ପ୍ରତିଶତ ହୋଇଥିଲା। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ବହୁ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ଏମ୍‌ପି ତଥା ନବାଗତଙ୍କ ଭାଗ୍ୟ ପରୀକ୍ଷା କରିଛନ୍ତି ମତଦାତା। ସେମାନେ ହେଲେ କାମାକ୍ଷା ପ୍ରସାଦ ସିଂଦେଓ, ପିନାକୀ ମିଶ୍ର, ଭର୍ତ୍ତୃହରି ମହତାବ, ଅରୂପ ମୋହନ ପଟ୍ଟନାୟକ, ଅପରାଜିତା ଷଡ଼ଙ୍ଗୀ, ଜନାର୍ଦ୍ଦନ ପତି, ନଳିନୀକାନ୍ତ ପ୍ରଧାନ, ପ୍ରକାଶ ମିଶ୍ର, ସମ୍ବିତ ପାତ୍ର, କଂଗ୍ରେସ ପ୍ରାର୍ଥୀ ସତ୍ୟ ପ୍ରକାଶ ନାୟକ। ଏହାଛଡ଼ା ବିଧାନସଭା ଆସନରେ ଲଢୁଥିବା ମନ୍ତ୍ରୀ ଏବଂ ହେଭିୱେଟ ନେତାମାନଙ୍କ ଆସନ୍ତା ୫ ବର୍ଷ ପାଇଁ ରାଜନୈତିକ ଭବିଷ୍ୟତ ମଧ ଇଭିଏମ୍‌ରେ ସିଲ ହୋଇଯାଇଛି। ସେମାନେ ହେଲେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ନୃସିଂହ ସାହୁ, ପ୍ରଫୁଲ୍ଲ ସାମଲ, ଦେବୀ ପ୍ରସାଦ ମିଶ୍ର, ମହେଶ୍ୱର ମହାନ୍ତି, ପ୍ରଦୀପ ମହାରଥୀ, ଅଶୋକ ଚନ୍ଦ୍ର ପଣ୍ଡା, ଚନ୍ଦ୍ର ସାରଥୀ ବେହେରା, ଅରୁଣ ସାହୁ, ସଞ୍ଜୟ ଦାସବର୍ମା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ସୁରେଶ ଚନ୍ଦ୍ର ରାଉତରାୟ, ପ୍ରସାଦ ହରିଚନ୍ଦନ, ନବୀନ ନନ୍ଦ, ଦେବାଶିଷ ପଟ୍ଟନାୟକ,ଜୟ ନାରାୟଣ ମିଶ୍ର, ସମୀର ଦେ, ନୟନ କିଶୋର ମହାନ୍ତି, ସୁରମା ପାଢ଼ୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ବିଧାନସଭା ପାଇଁ ୩୫୬ ଏବଂ ୬ ଲୋକ ସଭା ଆସନ ପାଇଁ ୬୧ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ। ଏହି ପର୍ଯ୍ୟାୟରେ ପ୍ରଥମ ଥର ଲାଗି କିନ୍ନରମାନେ ମତଦାନ କରିଛନ୍ତି। ତୃତୀୟ ପର୍ଯ୍ୟାୟ ମତଦାନ ସକାଶେ ୧୦,୪୬୪ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଥିଲା । ସେଥି ମଧ୍ୟରୁ ୩୧୮୬ଟି ସମ୍ବେଦନଶୀଳ ବୁଥ ରହିଥିବା ବେଳେ ୩୮ଟି ମହିଳା ବୁଥ ଥିଲା।

## 'ମୋଦି ସରକାର ଲୋକଙ୍କ ...

କାର୍ଯ୍ୟଶୈଳୀ ଉପରେ ବର୍ଷିଥିଲେ। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ହେଲିକପ୍ଟର ଯୋଗେ ଆସି ପୂର୍ବାହ୍ନ ୧୦ଟା ୪୨ମିନିଟ୍‌ରେ ପତିରାଜପୁର ପଡ଼ିଆରେ ଓହ୍ଲାଇ ସଭାସ୍ଥଳକୁ ଯାଇଥିଲେ। ସେ ଉପସ୍ଥିତ ଜନତା ଓ କର୍ମୀଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଓଡ଼ିଶା ସରକାରଙ୍କ ପକ୍ଷରୁ କାଳିଆ ଯୋଜନାରେ ୪୦ଲକ୍ଷ ଚାଷୀଙ୍କୁ ସହାୟତା ଦିଆଯାଇସାରିଲାଣି। ହେଲେ କେନ୍ଦ୍ରର ଭାଜପା ସରକାର ଏହାକୁ ବନ୍ଦ ପାଇଁ ଉଦ୍ୟମ କରୁଛନ୍ତି। ସେ ବଞ୍ଚିଥିବା ଯାଏ ଏହି ଯୋଜନାକୁ କେହି ବନ୍ଦ କରିପାରିବେ ନାହିଁ। ସେହିପରି ଓଡ଼ିଶାରେ ଫାଇଲିନ, ତିତ୍‌ଲି, ହୁଡ୍‌ହୁଡ୍ ଭଳି ପ୍ରାକୃତିକ ଦୁର୍ବିପାକ ସମୟରେ କୌଣସି କେନ୍ଦ୍ରୀୟ ନେତାଙ୍କ ଦେଖା ମିଳି ନ ଥିଲା। ଲୋକଙ୍କ ଦୁଃଖସୁଖର ସାଥୀ ହେବା ପରିବର୍ତ୍ତେ ଏବେ ନିର୍ବାଚନ ସମୟରେ ସେମାନେ ରାଜ୍ୟକୁ ଆସି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଓଡ଼ିଶାର ଦାବି ପ୍ରତି କେନ୍ଦ୍ରର ଅବହେଳା ଓ ଉପେକ୍ଷା ସତ୍ତ୍ୱେ ରାଜ୍ୟରେ ବିକାଶଧାରା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟବାସୀଙ୍କ ସେବା କରିବା ପାଇଁ ତାଙ୍କୁ ପୁଣି ଥରେ ସୁଯୋଗ ଦେବା ସକାଶେ ସେ ଅନୁରୋଧ କରିବା ସହ ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ପ୍ରାର୍ଥୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କୁ ଭୋଟ ଦେଇ ଜିତାଇବାକୁ କହିଥିଲେ। ସ୍ୱାଭିମାନ ଶଙ୍ଖନାଦ ସମାରୋହରେ ଏମ୍‌ପି ପ୍ରାର୍ଥୀ ମଞ୍ଜୁଲତା ଭାଷଣ ଦେଇ କହିଥିଲେ, ରାଜ୍ୟ ସରକାର ମହିଳାମାନଙ୍କୁ ସମ୍ମାନ ଦେବାକୁ ଯାଇ ୩୩ ପ୍ରତିଶତ ମହିଳାଙ୍କୁ ଟିକେଟ ପ୍ରଦାନ କରିଛନ୍ତି। ଘରେ ସକାଳେ ସନ୍ଧ୍ୟାରେ ଶଙ୍ଖ ବଜାଇବା ଭଳି ୨ ଥର ଶଙ୍ଖ ଚିହ୍ନରେ ବଟନ୍ ଦବାଇବାକୁ ସେ ଉପସ୍ଥିତ ଜନତାଙ୍କୁ ଅନୁରୋଧ କରିଥିଲେ। ବିଧାୟକ ପ୍ରାର୍ଥୀ ଜ୍ୟୋତିପ୍ରକାଶ ସିମୁଳିଆ ନିର୍ବାଚନମଣ୍ଡଳୀକୁ ବିକଶିତ କରିବା ପାଇଁ ଦ୍ୱିତୀୟଥର ଲାଗି ବିଜେଡିକୁ ବିଜୟୀ କରିବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ବ୍ଲକ ସଭାପତି ବ୍ରଜକିଶୋର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ସ୍ଥାନୀୟ ଯୁବନେତା ସମ୍ପଦ ଘଡ଼େଇ, ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା ପ୍ରମୁଖ ବକ୍ତବ୍ୟ ରଖିଥିଲେ।



"ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇ ପାରେ।
- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ତାମିଲନାଡୁରେ ଶ୍ରମିକ ମୃତ: ଅର୍ଥାଭାବରୁ ମୃତଦେହ ଆସି ପାରିଲାନି

**ବିନିକା, ୨୩।୪(ଡି.ଏନ୍.ଏ.):** ଟଙ୍କା ଉପାର୍ଜନ କରିବା ପାଇଁ ଘରେ ସ୍ତ୍ରୀ ଓ ୩ ଝିଅପୁଅଙ୍କୁ ଛାଡି ତାମିଲନାଡୁ ଯାଇଥିବା ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହଦା ଗ୍ରାମର ଶଙ୍କର ସାହୁ (୩୫)ଙ୍କର ସୋମବାର ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ସେଠାରେ ଥିବା ତାଙ୍କ ନିକଟତମ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଥିଲା। ହେଲେ ଅର୍ଥାଭାବରୁ ମୃତଦେହ ଏଠାକୁ ଅଣା ଯାଇ ନପାରି ସେଠାରେ ସତ୍କାର କରାଯାଇଛି। ପ୍ରାୟ ୬ମାସ ତଳେ ଶଙ୍କର କେତେକ ସମ୍ପର୍କୀୟଙ୍କ ସହ ତାମିଲନାଡୁ ରାଜ୍ୟ ଧିରପୁର ଜିଲା ପାରାଡମକୁ କାମ କରିବା ପାଇଁ ଯାଇଥିଲେ। ସେଠାରେ ସେ ଏକ କୋଠା କାମରେ ଦିନ ମଜୁରିଆ ଭାବେ କାମ କରୁଥିଲେ। ସୋମବାର ବଜାରକୁ ଯାଇ ରାସ୍ତା ପାର ହେଉଥିବା ବେଳେ ଏକ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ପାରାଡମ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପାରାଡମ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଶଙ୍କରଙ୍କ ମୃତ ଖବର ଶୁଣି ଗାଁରେ ଥିବା ତାଙ୍କ ସ୍ତ୍ରୀ, ଦୁଇ ଝିଅ ଓ ପୁଅ ଦୁଃଖରେ ଭାଙ୍ଗି ପଡିଛନ୍ତି। କାମ ଧନ୍ଦା କରି ଚାରି ପ୍ରାଣୀ କୁଟୁମ୍ବ ପରିପୋଷଣ କରୁଥିବା ଶଙ୍କର ପରିବାରକୁ ଜିଲା ପ୍ରଶାସନ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ସିଆଳି ରାମଲୀଳା : ଲକ୍ଷ୍ମଣଙ୍କ ଶକ୍ତିଭେଦ, ଇନ୍ଦ୍ରଜିତ୍ ବଧ

**ବିନିକା, ୨୩।୪(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହଦା ପଞ୍ଚାୟତ ଅନ୍ତର୍ଗତ ସିଆଳି ରାମମନ୍ଦିର ପ୍ରାଙ୍ଗଣରେ ରଘୁନାଥ ନାଟ୍ୟ କଳା ପରିଷଦ ଆନୁକୂଲ୍ୟରେ ଚାଲିଥିବା ରାମଲୀଳା ମହୋତ୍ସବର ମଙ୍ଗଳବାର ଥିଲା ୧୧ତମ ସନ୍ଧ୍ୟା। କାର୍ଯ୍ୟକ୍ରମରେ ଲକ୍ଷ୍ମଣଙ୍କ ଶକ୍ତିଭେଦ ଓ ଇନ୍ଦ୍ରଜିତ ବଧ ନାଟକ ମଞ୍ଚସ୍ଥ ହୋଇଥିଲା। ଡୋଲାମଣୀ ଷାଣ୍ଢଙ୍କ ପରିଚାଳନାରେ ଅନୁଷ୍ଠିତ ରାମଲୀଳାର ରାମ ଭୂମିକାରେ ଶିବ ପ୍ରସାଦ ସେଠୀ, ଲକ୍ଷ୍ମଣ- ଭାଗବତ ବିଶ୍ୱାଳ, ରାବଣ- ପଞ୍ଚାନନ ସାହୁ, ହନୁମାନ -ଲବ ସେଠ୍, ଇନ୍ଦ୍ରଜିତ- ନାରାୟଣ ଷାଣ୍ଢ ପ୍ରମୁଖଙ୍କ ଅଭିନୟ ଚମତ୍କାର ହୋଇଥିଲା।

### ବନ୍ଧପାଲିରେ ଦନ୍ତ ଚିକିତ୍ସା ଶିବିର

**ଡୁଙ୍ଗୁରିପାଲି, ୨୩।୪ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବନ୍ଧପାଲି ଗ୍ରାମ ପଞ୍ଚାୟତରେ ମଙ୍ଗଳବାର ଏକ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ଦିପ୍ତିମୟୀ ବାରିକ ଓ ସହକାରୀ ଫୁଲମତୀ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କେନ୍ଦ୍ରରେ ବନ୍ଧପାଲି ଗ୍ରାମର ୭୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷଙ୍କ ଦନ୍ତ ଚିକିତ୍ସା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସୂର୍ଯ୍ୟୋଦୟ ଫାଇନାନ୍ସର କର୍ମୀ ଉଷା ମାଝୀ, ରାଜୀବ କୁମାର ଦାୟିତ୍ୱ ତୁଲାଇଥିଲେ। ବନ୍ଧପାଲି ପଞ୍ଚାୟତର ସରପଞ୍ଚ ସଂଯୁକ୍ତା ଦଣ୍ଡସେନା ଓ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଯୁବକଙ୍କ ସମେତ ହରିଶ୍ଚନ୍ଦ୍ର ନାୟକ, ବୁଠି ପାଣ୍ଡେ, ପଦ୍ମଲୋଚନ ବଗର୍ତ୍ତି, ମହେନ୍ଦ୍ର ଭୋଇ, କରୁଣାକର ବୁଡେକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଟ୍ରକ୍ ଧକ୍କାରେ ୪ ଗୋରୁ ମୃତ

**ବଡ଼ଗାଁ, ୨୩।୪ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଫିସ ସମ୍ମୁଖ ୧୦ନଂ. ରାଜ୍ୟ ରାଜପଥରେ ମଙ୍ଗଳବାର ଅପରାହ୍ନ ୩ଟାରେ ଟ୍ରକ୍ ଧକ୍କାରେ ୪ ଗୋରୁର ମୃତ୍ୟୁ ଘଟିଛି। ସୁନ୍ଦରଗଡ ପଟକୁ ଦ୍ରୁତ ଗତିରେ ଯାଉଥିବା ଟ୍ରକ ଓଡି ୧୬ ଡି- ୭୨୯୯ ଗୋରୁ ପଲକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଗୋଟିଏ ବାଛୁରୀ ଓ ୩ ଗାଈ ମରିଥିଲାବେଳେ ଗୋଟିଏ ଗାଈ ଆହତ ହୋଇଛି। ଦ୍ରୁତ ଗତିରେ ଧକ୍କା ଦେଇ ଯାଉଥିବା ଟ୍ରକକୁ ଜଣେ ବାଇକ ଚାଳକ ପିଛା କରି ଥାନା ସମ୍ମୁଖରେ ଅଟକାଇ ଡ୍ରାଇଭରକୁ ଥାନାରେ ଜିମା ଦେଇଛନ୍ତି। ଟ୍ରକଟି ରାଉରକେଲା ବେଦବ୍ୟାସର ରମେଶ ମିସ୍ତ୍ରୀଙ୍କ ଓ ଚାଳକ ବିହାର ଛାପ୍ରା ଜିଲାର ଶୈଳେନ୍ଦ୍ର କୁମାର ରାୟ ବୋଲି ତାଙ୍କଠାରୁ ଜଣାପଡିଛି।

■ କାମେ ନାଇଁ ଆଏବାର ସ୍ୱଜଳଧାରା ପ୍ରକଳ୍ପ

# ପାଏନ୍ ଲାଗି ଗୁଲଗୁଲା

**ବିନିକା, ୨୩।୪(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଁଚେତ୍ର ଦେଣ୍ଡୁପଦର ଗାଁ। ୨ଟା ୱାର୍ଡ ଥିବାର ଇ ଗାଁରେ ପାଖାପାଖି ୮ଶହ ଲୋକ୍ ବାସ୍ କରୁଛନ୍। ଗାଁରେ ଗଲା ୧୨ ବଛର ହେଲା ପିଇଲା ପାଏନ୍ ସମସିଆ ଲାଗିରହିଥିଲେ ବି ତାର ସମାଧାନର ବାଟ୍ ନାଇଁ ଫିଟିପାରବାର। ଏହେଦେ ଗାଁରେ ଥିବାର ଗୁଟେ ବଲି ନଲ୍‌ଚୁଆଁ ଲୁକ୍‌କର ସାହାଭରସା ପାଲଟିଛେ। ୨୦୦୭-୦୮ ଆରଥିକ ବଛରରେ ଜିଲା ଜଳ ଓ ପରିମଳ ମିଶନ ସୁବର୍ଣ୍ଣପୁର ତରଫୁ ୮ ଲାଖ୍ ଟଁକା ଖରଚ୍‌ରେ ଗାଁରେ ସ୍ୱଜଳଧାରା ପ୍ରକଳ୍ପ ତିଆର ହେଲା। ଫିଦିନ୍ ୫୦ ହଜାର ଲିଟର ପିଇଲା ପାଏନ୍ ପ୍ରକଳ୍ପରୁ ଗାଁର ଲୁକ୍‌କୁ ଯୁଗେଇ ଦେବାର ବେବସ୍ତା ରହିଥିଲା। ଗାଁରେ ପାଖାପାଖି ୨୨ଟା ଷ୍ଟାଣ୍ଡପୋଷ୍ଟ ତିଆର କରି ଲୁକ୍‌କୁ ପାଏନ୍ ଯୁଗେଇ ଦେବାର ବେବସ୍ତା ହେଲା। ହେଲେ ଦୁଖର କଥା ଯେ, ପ୍ରକଳ୍ପଟା ମାସେ ଚଲ୍‌ଲା ଉତାରୁ ବିଦ୍ୟୁତ୍ ଅଭାବୁ ବଁଦ୍ ହେଇଗଲା। ପହେଲାରୁ ପ୍ରକଳ୍ପ ଚଲାବାର ଲାଗି ଗାଁର ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ପଛେ ବିଦ୍ୟୁତ୍ ବିଭାଗ ପ୍ରକଳ୍ପ ଲାଗି ଉନିଆ ଟ୍ରାନ୍ସଫର୍ମରର ବେବସ୍ତା କରବାର ଲାଗି କହି ବିଦ୍ୟୁତ୍ ସଂଯୋଗ କାଟିଦେଲା। ସେଦିନ୍‌ଠାନୁ ପ୍ରକଳ୍ପ ଅଚଲ ହେଇ ପଡ଼ିରହିଛେ। ଇ ବାବଦେ ବିନିକା ବ୍ଲକ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗୀୟ ଜେଇ ଗଜେନ୍ଦ୍ର ନାଏକକୁଁ ପଚରାଲାରୁ ଦେଣ୍ଡୁପଦର ଜଳଯୋଗାଣ ପ୍ରକଳ୍ପ କାଯ୍‌କ୍ଷମ କରବାର ଲାଗି ଉଚ କତୃରପକ୍ଷକୁଁ ଜନେଇଛେଁ ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ବାବୁପାଲି କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ଶତପଥୀକୁଁ ପଚରାଲାରୁ ପ୍ରକଳ୍ପର ଦାଇତିଅ ପଁଚେତ୍‌କେ ଦେବାର ଲାଗି ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗ୍‌କେ ବହୁତଥର କୁହାଯାଇଛେ। ପ୍ରକଳ୍ପ କାଯ୍‌କ୍ଷମ କରବାର ଲାଗି ପଁଚେତ୍ ତରଫୁ ଦେଢ଼ ଲାଖ୍ ଟଁକାର ଖରଚ୍ ଅଟକଲର କାଗଜପତର ବି କରାଯାଇଛେ। ହେଲେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗ ପ୍ରକଳ୍ପର ଦାଇତିଅ ପଁଚେତ୍‌କେ ନାଇଁ ଦେବାର, ଯେନ୍‌ଥିରଲାଗି ଲୋକ୍ ମଉଲିକ ସୁବିଧାରୁ ବଁଚିତ ହେଉଛନ୍। ପ୍ରକଳ୍ପର ଭାର ପଁଚେତ୍‌କେ ଦେଲେ ଯେତେ ଜଲଦି ହେବା ନୂତନ ଟ୍ରାନ୍ସଫର୍ମର ଲଗେଇ ପ୍ରକଳ୍ପ ଚାଲୁ କରାଯିବା ବଲି ସେ କହିଥିଲେ।



ଦେଣ୍ଡୁପଦର ଗାଁରେ ଅଚଲ ହେଇ ପଡ଼ିଥିବାର ସ୍ୱଜଳଧାରା ପ୍ରକଳ୍ପ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୂଳିଆ ଘରର ପୁଅ**
**ଆପଣା ପଦାର୍ଥ ପରକୁ ଦେଇ**
**ଡାକୁଛି ଧରମ ପୁଅ।**

ନିଜର ଅଧିକାର ପରକୁ ଦେବା ଉଚିତ ହୋଇ ନ ଥାଏ। କାରଣ ଏପରି କରିବା ଦ୍ୱାରା ବ୍ୟକ୍ତି ଅନ୍ୟର ଗୋଡ଼ାଣିଆ ହୋଇଯିବା ସହ ନିଜତ୍ୱ ହରାଇ ବସିବା ଆଶଙ୍କା ରହିଥାଏ। ନିଜର ଧନସମ୍ପତ୍ତି ଏକାନ୍ତ ବ୍ୟକ୍ତିଗତ, ପରକୁ ଆପଣାର କରିବାକୁ ଯାଇ ଏସବୁକୁ ଦାନ କରିବସିଲେ ପଛରେ ହତାଶ ହେବା ହିଁ ସାର ହୁଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଧଣ୍ଡା ଧମଣା**
**ବୁଲି ବୁଲି କରି ସେଇ ଅଗଣା।**

ଧଣ୍ଡ ଓ ଢମଣା ସାପ ବିଷହୀନ। ଏମାନେ ସେତେଟା କ୍ଷତିକାରକ ହୋଇ ନ ଥାନ୍ତି। ପରୋକ୍ଷରେ ସରଳ ବା ନିଷ୍କପଟ ଲୋକ ଅଭିମାନ କରେ ସତ, ମାତ୍ର ବେଇମାନି କରି ନ ଥାଏ। ସେ ସବୁଠି ସବୁବେଳେ ଅନୁରକ୍ତ ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ

# ଅଇଁଲାଛାଟରେ ୨୪ ପ୍ରହର ନାମଯଜ୍ଞ

**ଉଲୁଣ୍ଡା ୨୩।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅଇଁଲାଛାଟ ଗ୍ରାମରେ ୨୪ ପ୍ରହର ନାମଯଜ୍ଞ ମଙ୍ଗଳବାର ସମ୍ପନ୍ନ ହୋଇଛି। ଗ୍ରାମର ୧୦୮ ଜଣ ମହିଳା ନିକଟସ୍ଥ କଟାରୁ ପୂର୍ଣ୍ଣ କଳସ ଜଳ ଆଣି ଯଜ୍ଞସ୍ଥଳରେ ସ୍ଥାପନ କଲାପରେ ପୂଜକ ହରେକୃଷ୍ଣ ଦାସ ପୂଜାର୍ଚ୍ଚନା କରିଥିଲେ। ସୂର୍ଯ୍ୟକୁମାର ଦେହୁରି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏଥିରେ ବଘାରମୁଣ୍ଡା, ବଡମାଲ, ଦୀପପାଲି, ଝାରବାହାଲି, ସୁଲିଆ, କ୍ଷେମାଲୋଏ, ଇଛାପୁର, ଜଉଁରାଭଉଁରା, ଚଢେଇପଙ୍କ (ଗଉଡପଡା), କେଉଟପଡା ପ୍ରଭୃତି ଗ୍ରାମର କୀର୍ତ୍ତନ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ। ସେହିପରି ବାବୁପାଲି ଓ ହରିଣାପାଲି ମଧ୍ୟରେ ବୈଠକୀ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ପରିଚାଳନା ପରିଷଦର ସଭାପତି ସନ୍ତୋଷ କୁମାର ଦେହୁରି, ସମ୍ପାଦକ ଗଜେନ୍ଦ୍ର ସେଠୀଙ୍କ ସମେତ ବୃଷବ ରଣା, ଚିତ୍ତରଞ୍ଜନ ପଧାନ, ଜଗଦୀଶ ଛନ୍ଦ, ଧ୍ରୁବଳେଶ୍ୱର ରଣା, ଟଙ୍କଧର ରଣା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



୨୪ ପ୍ରହର ନାମଯଜ୍ଞରେ ସଂକୀର୍ତ୍ତନ ପରିବେଷଣ କରାଯାଉଛି।

# ହାର୍‌ଜିତକୁ ନେଇ ଚାଲିଛି ଅବଗଣନା

■ ଛିଣ୍ଡୁନି କାହାରି ଗଣିତ
■ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ
■ ସୁରକ୍ଷା ବଳୟ ଭିତରେ ପ୍ରାର୍ଥୀଙ୍କ ଭାଗ୍ୟ

**ବୀରମହାରାଜପୁର, ୨୩।୪(ଡି.ଏନ୍.ଏ.)**

ବଲାଙ୍ଗୀର ସଂସଦୀୟ କ୍ଷେତ୍ର ପରିସରଭୁକ୍ତ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରେ ଗୁରୁବାର ଭୋଟଗ୍ରହଣ ସରିଥିବା ବେଳେ ମତଦାନ ପାଇଁ ବ୍ୟବହୃତ ଇଭିଏମ୍, ଭିଭିପିଏଟି ସବୁ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯାଇଛି। ଏଥିସକାଶେ ତ୍ରିସ୍ତରୀୟ କଡା ସୁରକ୍ଷା ଗ୍ରହଣ କରାଯାଇଛି। ୨୦୧୪ ନିର୍ବାଚନରେ ଏଠାରେ ୧ ଲକ୍ଷ ୪୭ ହଜାର ୯୨ ମତଦାତା ମତାଧିକାର ସାବ୍ୟସ୍ତ କରିଥିବା ବେଳେ ଏଥର ଭୋଟ ଦେଇଛନ୍ତି ୧ ଲକ୍ଷ ୬୭ ହଜାର ୧୮୬। ୨୦୧୪ ସାଧାରଣ ନିର୍ବାଚନ ତୁଳନାରେ ଏହା ୨୦ହଜାର ୯୪ ଖଣ୍ଡ ଅଧିକ। ଭୋଟ ଗଣତିକୁ ଆହୁରି ଏକ ମାସ ସମୟ ବାକି ଥିବା ବେଳେ ନିର୍ବାଚନ ଫଳାଫଳ ନେଇ ଅବଗଣନା ଆରମ୍ଭ ହୋଇଯାଇଛି। ୨୬୭ ବୁଥ୍ ବିଶିଷ୍ଟ ନିର୍ବାଚନ ମଣ୍ଡଳୀର ଗାଁଗାଁରେ ଭୋଟକୁ ନେଇ ପ୍ରମୁଖ ପ୍ରାର୍ଥୀମାନଙ୍କ ସହ ଦଳୀୟ କର୍ମୀ ଓ ସମର୍ଥକ ଏପରିକି ବିଭିନ୍ନ ବର୍ଗର ଲୋକେ ଅଙ୍କ କଷୁଥିବା ଦେଖାଯାଇଛି। ପ୍ରମୁଖ ଦଳର ଶିବିରରେ ମଧ୍ୟ ତର୍ଜମା ଚାଲିଛି। ପ୍ରାକ୍ ନିର୍ବାଚନୀ ଦୃଶ୍ୟପଟ୍ଟଠାରୁ ପରବର୍ତ୍ତୀ ସ୍ଥିତିରେ ଅନେକଟା ଅଦଳବଦଳ ପରିଲକ୍ଷିତ ହୋଇଥିବାରୁ ହାରଜିତ ଓ ଭୋଟ ବ୍ୟବଧାନର ଗଣିତ ମଧ୍ୟ ଓଲଟପାଲଟ ହେବାର ସମ୍ଭାବନା ସୃଷ୍ଟି କରିଛି। ସମ୍ପ୍ରତି ଏଭଳି ଚର୍ଚ୍ଚା ଚାରିଆଡେ ଜୋର ଧରିଛି।

୨୦୧୪ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରୁ ସର୍ବାଧିକ ଭୋଟପାଇ ଉଭୟ ଲୋକ ସଭା ତଥା ବିଧାନସଭା ଆସନରେ ବିଜୁ ଜନତା ଦଳର ପ୍ରାର୍ଥୀ ବିଜୟୀ ହୋଇଥିଲେ। ଗତଥର ସମୁଦାୟ ବୈଧଭୋଟ ୧ ଲକ୍ଷ ୪୬ ହଜାର ୬୨୯ ଭୋଟ ମଧ୍ୟରୁ ଲୋକ ସଭା ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ ୬୭ ହଜାର ୬୫୬ ଏବଂ ବିଧାୟକ ପ୍ରାର୍ଥୀ ଥିବ ପଦ୍ମନାଭ ବେହେରା ୬୭ ହଜାର ୭୭୪ ଭୋଟ ପାଇଥିଲେ। ସେହିଭଳି ଗତଥର ଲୋକ ସଭା ନିର୍ବାଚନରେ ଦ୍ୱିତୀୟ ସ୍ଥାନ ପାଇଥିବା ଭାଜପାକୁ ଏଠାରେ ୪୦ ହଜାର ୧୬ ଭୋଟ ମିଳିଥିବା ବେଳେ କଂଗ୍ରେସକୁ ଯାଇଥିଲା ୩୦ ହଜାର ୯୭୮। ଅନୁରୂପ ଭାବେ ବିଧାନସଭା ଆସନପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଭାଜପା ପ୍ରାର୍ଥୀଙ୍କୁ ଏଠାରୁ ୩୬ ହଜାର ୪୮୪ ମିଳିଥିଲା। ତୃତୀୟ ସ୍ଥାନରେ ରହିଥିବା କଂଗ୍ରେସ ପ୍ରାର୍ଥୀ ୩୪ ହଜାର ୫୮୯ ପାଇଥିଲେ। ଏହିକ୍ରମରେ ଲୋକ ସଭା ଅସନ ପାଇଁ ବିଜୟୀ ବିଜେଡି ପ୍ରାର୍ଥୀ ୨୭ ହଜାର ୬୪୦ ଏବଂ ବିଧାନସଭା ଆସନର ପ୍ରାର୍ଥୀ ୩୧ ହଜାର ୨୯୦ ଭୋଟ ବ୍ୟବଧାନରେ ଜିଣିଥିଲେ। ଏଥର ପୂନର୍ବାର ସେହି ଦୁଇ ଜଣଙ୍କୁ ବିଜେଡି ପ୍ରାର୍ଥୀ କରିଛି। ହେଲେ ବିରୋଧୀ ଭାଜପା ଓ କଂଗ୍ରେସ ଏଥର ପ୍ରାର୍ଥୀ ବଦଳାଇଛନ୍ତି। କଂଗ୍ରେସ ଦଳରୁ ସୋନପୁରର ପ୍ରାକ୍ତନ ବିଧାୟକ ତଥା ୨୦୦୯ ନିର୍ବାଚନରେ ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରି ୨ୟ ସ୍ଥାନ ନେଇଥିବା ବିନୋଦ ପାତ୍ର ଚଳିତ ଥର କଂଗ୍ରେସ ଟିକଟରେ ଲଢିଥିବା ବେଳେ ଭାଜପା ନୂଆଁ ମୁହଁ ଆଣିଛି। ଏଠାରୁ ଇଂ. ରଘୁନାଥ ଜଗଦଲା ଭାଜପାର ପ୍ରାର୍ଥୀ ହୋଇଛନ୍ତି। ୨୦୧୪ରେ ଭାଜପାରୁ ଲଢି ଦ୍ୱିତୀୟ ସ୍ଥାନରେ ରହିଥିବା ଆନନ୍ଦ ବାରିକ ଟିକେଟ ନ ପାଇ ଏଥର ସ୍ୱାଧୀନ ପ୍ରାର୍ଥୀଭାବେ ମଇଦାନକୁ ଓହ୍ଲାଇଛନ୍ତି। ତେବେ ତିନୋଟି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ଏଥରବି ଲଢେଇ ହେଉଥିବା ସ୍ପଷ୍ଟ ଜଣାପଡୁଛି। କିନ୍ତୁ ଚଳିତ ନିର୍ବାଚନରେ କେଉଁ ଦଳ ପ୍ରାର୍ଥୀ ଜୟଯୁକ୍ତ ହୋଇ କ୍ଷମତା ଲାଭ କରିବେ ଏବଂ କେଉଁ ଦଳର ପ୍ରାର୍ଥୀଙ୍କୁ ୨ୟ ଓ ୩ୟ ସ୍ଥାନ ମିଳିବ ତାହକୁ ନେଇ ସରଗରମ ଆଲୋଚନା ସାଙ୍ଗକୁ ଅଙ୍କକଷା ଚାଲିଛି।



ସୁରକ୍ଷାବଳୟ ମଧ୍ୟରେ ଇଭିଏମ୍ ରହିଥିବା ଷ୍ଟ୍ରଙ୍ଗ୍‌ରୁମ୍।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ: 8763499150
OMM HONEY

ASTROLOGY ASTROLOGY

FINANCE FINANCE

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

BUSINESS BUSINESS

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add.: T-51, Gali No. 8, Gautampuri, Delhi

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

DHARITRI Career appointment Every Wednesday and Saturday

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁ ଲୋକ କେବେ ରାଗେ ନାହିଁ, ସେ ଅନ୍ୟକୁ ଆଦେଶ ଦେବାର ଅଧିକାରୀ ହୋଇଥାଏ।
- ସେଣ୍ଟ୍ ଜନ୍ ପଲ୍



## ସଂକ୍ଷେପରେ

### ପିଇବା ପାଇଁ ଅପରିଷ୍କାର ପାଣି

**କୁଚିଣ୍ଡା,୨୩।୪(ସ୍ୱ.ପ୍ର.):** କୁଚିଣ୍ଡାସ୍ଥିତ ସର୍ଗିଡିହି ପ୍ରାଥମିକ ବିଦ୍ୟାଳୟ ବୁଥ ନଂ. ୧୩୩ରେ ଭୋଟରଙ୍କ ପିଇବା ପାଇଁ ଗୋଟିଏ ମାଠିଆ ଓ ବାଲ୍‌ଟିରେ ପାଣି ରଖାଯାଇଥିଲା। ହେଲେ ଉକ୍ତ ପାଣି ପିଇବା ଅନୁପଯୋଗୀ ବୋଲି ଅଭିଯୋଗ ଉଠିଥିଲା। ପାଣି ଉପରେ ମଇଳା ଓ ତେଲିଆ ଅଂଶ ଭାସୁଥିବା ଦେଖିବାକୁ ମିଳିଥିଲା।

### ତାଲିକାରେ ନାମ ନାହିଁ, ଫେରିଲେ ନୂଆ ଭୋଟର

**ସମ୍ବଲପୁର,୨୩।୪(ବ୍ୟୁରୋ):** ମତଦାନ ସମୟରେ ସମ୍ବଲପୁରରେ ଅନେକ ସମସ୍ୟା ଦେଖାଦେଇଥିଲା। ନୂତନ ଭୋଟରମାନଙ୍କ ତାଲିକାରେ ନାମ ନ ଥିବାରୁ ସେମାନେ ଫେରିଯାଇଛନ୍ତି। ଅନେକ ଉତ୍ସାହ ସହିତ ଭୋଟ ଦେବା ପାଇଁ ସାଥୀର ଚିରକୁଟ ନେଇ ଭୋଟ କେନ୍ଦ୍ରକୁ ଆସିଥିଲେ। ହେଲେ ପ୍ରିଜାଇଡିଂ ଅଫିସରଙ୍କ ପାଖରେ ଥିବା ଭୋଟର ତାଲିକାରେ ସେମାନଙ୍କ ନାମ ନ ଥିଲା। ତେଣୁ ସେମାନେ ନିରାଶରେ ଫେରିଥିବା କହିଛନ୍ତି। ରାସନୁପର ବୁଥ୍ ନଂ ୧୭୨, ୧୭୩ରେ ୩୦ରୁ ଅଧିକ ନୂଆ ଭୋଟର ଏପରି ଫେରିଥିବା ଜଣାପଡ଼ିଛି।



ସମ୍ବଲପୁର ପ୍ରଫେସର କଲୋନୀ ସ୍କୁଲ ପିଙ୍କ ବୁଥ୍‌ରେ ଭୋଟ ଗ୍ରହଣ କରାଯାଉଛି।



ସମ୍ବଲପୁରରେ ଜଣେ ବୃଦ୍ଧାଙ୍କୁ ଭୋଟ ଦେବାପାଇଁ ନିଆଯାଉଛି।

# ଇଭିଏମ୍‌ରେ କଏଦ ୪୦ ପ୍ରାର୍ଥୀଙ୍କ ଭାଗ୍ୟ

**ସମ୍ବଲପୁର,୨୩।୪(ବ୍ୟୁରୋ)**

- ରେଙ୍ଗାଲିରେ ସର୍ବାଧିକ ୭୮ ପ୍ରତିଶତ ମତଦାନ
- ଚେକ୍ ଡ୍ୟାମ୍‌କୁ ବିରୋଧ, ୩ ବୁଥ୍‌ରେ ଭୋଟ ବର୍ଜନ
- ବିଳମ୍ବକୁ ନେଇ ଅସନ୍ତୋଷ, ସାମାନ୍ୟ ଉତ୍ତେଜନା

୨୦୧୯ ସାଧାରଣ ନିର୍ବାଚନ ତୃତୀୟ ପର୍ଯ୍ୟାୟରେ ମଙ୍ଗଳବାର ସମ୍ବଲପୁର ଲୋକ ସଭା ଓ ଏହା ଅଧୀନ ଜିଲାର କୁଚିଣ୍ଡା, ରେଢ଼ାଖୋଲ, ସମ୍ବଲପୁର ଏବଂ ରେଙ୍ଗାଲି ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ ହୋଇଛି। ୪୦ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ କଏଦ ହୋଇଯାଇଛି। ଆସନ୍ତା ମେ ୨୩ରେ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମିଳିଥିବା ରିପୋର୍ଟ ଅନୁସାରେ ରେଙ୍ଗାଲି ନିର୍ବାଚନମଣ୍ଡଳୀରେ ସର୍ବାଧିକ ୭୮ ଓ ସମ୍ବଲପୁରରେ ସର୍ବନିମ୍ନ ୫୪ ପ୍ରତିଶତ ମତଦାନ ହୋଇଛି। ସେହିପରି କୁଚିଣ୍ଡାରେ ୫୮ ଏବଂ ରେଢ଼ାଖୋଲରେ ୬୫ ପ୍ରତିଶତ ମତଦାନ ହୋଇଛି। ଜିଲାରେ ହାରାହାରି ୬୪ ପ୍ରତିଶତ ମତଦାନ ହୋଇଛି। ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇଥିଲା। ହେଲେ ଇଭିଏମ୍ ତ୍ରୁଟି ଯୋଗୁ ବିଭିନ୍ନ ସ୍ଥାନରେ ମତଦାନ ବିଳମ୍ବିତ ହୋଇଥିଲା। ଏହାକୁ ନେଇ ଭୋଟ କେନ୍ଦ୍ରଗୁଡ଼ିକରେ ଅସନ୍ତୋଷ ଦେଖାଦେଇଥିଲା। ଅନେକ ଭୋଟର ସକାଳୁ ଧାଡ଼ିରେ ଠିଆ ହୋଇଥିଲେ। ବିଳମ୍ବ ହେବାରୁ ସେମାନେ ଫେରି ଯାଇଥିଲେ। କେତେକ ବୁଥ୍‌ରେ ପୋଲିଂ ପାର୍ଟି ସଦସ୍ୟଙ୍କ ସହ ଭୋଟରଙ୍କ ବଚସା ହେଇଥିଲା। ସାଧାରଣ ବୁଥ୍‌ରେ ସକାଳ ୭ଟାରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ ଓ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରିବାକୁ ନିର୍ଦ୍ଦେଶ ରହିଥିଲା। ହେଲେ ବିଭିନ୍ନ ବୁଥ୍‌ରେ ବ୍ୟତିକ୍ରମ ଦେଖାଦେଇଥିଲା। ରେଙ୍ଗାଲି ନିର୍ବାଚନମଣ୍ଡଳୀ ବୁଥ୍ ନଂ. ୧୭୨, ୧୭୩, ୧୭୮, ୧୭୭, ୨୨୩, ୨୨୪ ଓ ରେଢ଼ାଖୋଲ ନିର୍ବାଚନମଣ୍ଡଳୀ ବୁଥ୍ ନଂ. ୩୬, ୩୭, ୩୮, ୯୩, ୫୩, ୧୧୦ରେ ଇଭିଏମ୍ ତ୍ରୁଟି ଯୋଗୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। କୁଚିଣ୍ଡା ନିର୍ବାଚନମଣ୍ଡଳୀ ଲିପେଇକାନି ୧୮୭, ବାମରାଗଡ଼ ୧୮୯, କରଙ୍ଗାମାଳ ୧୯୦ନଂ ବୁଥ୍‌ରେ ଲୋକେ ଭୋଟ ବର୍ଜନ କରିଥିଲେ। ଲମ୍ବୋଦର ପ୍ରକଳ୍ପକୁ ବିରୋଧ କରି ୧୭୯୫ ଭୋଟର ଭୋଟଦାନରୁ ଦୂରେଇ ରହିଥିଲେ। ସେହିପରି ସୁନାପାଲି ଅଞ୍ଚଳରେ ବିଜେଡି-ଭାଜପା କର୍ମୀ ମୁହାଁମୁହିଁ ହୋଇଥିଲେ।

### ଭୋଟ ପାଇଁ ଲମ୍ବା ଧାଡ଼ି

**କୁଚିଣ୍ଡା,୨୩।୪(ସ୍ୱ.ପ୍ର.)**

ତୃତୀୟ ପର୍ଯ୍ୟାୟ ମତଦାନ ପାଇଁ ମଙ୍ଗଳବାର ସକାଳ ୭ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ହୋଇଥିବାବେଳେ ସକାଳୁ ସକାଳୁ ଭୋଟକେନ୍ଦ୍ର ଆଗରେ ଲମ୍ବା ଧାଡ଼ି ଭୋଟରମାନେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ହେଲେ ନିର୍ଦ୍ଧାରିତ ସମୟରେ ଭୋଟ ଗ୍ରହଣ ଆରମ୍ଭ ନ ହୋଇ ଅଧଘଣ୍ଟା ବିଳମ୍ବରେ ହୋଇଥିଲା। ମକ୍ ପୋଲିଂ ପାଇଁ ବିଭିନ୍ନ ରାଜନୈତିକ ଦଳର ଏଜେଣ୍ଟ ନିର୍ଦ୍ଧାରିତ ସମୟରେ ପହଞ୍ଚି ନ ଥିବାରୁ ଭୋଟ ଗ୍ରହଣ ପ୍ରକ୍ରିୟା ବିଳମ୍ବିତ ହୋଇଥିଲା। ତଥାପି ଭୋଟରମାନେ ନିଜ ବହୁମୂଲ୍ୟ ଭୋଟ ସାବ୍ୟସ୍ତ କରିବା ପାଇଁ ଖରାରେ ଅପେକ୍ଷା କରିଥିଲେ। ସରକାରୀ ବାଳକ ବିଦ୍ୟାଳୟ ଆଦର୍ଶ ଭୋଟଦାନ କେନ୍ଦ୍ରରେ ଭୋଟରଙ୍କ ପାଇଁ ପ୍ରଶାସନ ପକ୍ଷରୁ ଦହିପାଣି ବ୍ୟବସ୍ଥା ସାଙ୍ଗକୁ ପ୍ରତି ବୁଥ୍‌ରେ ଦିବ୍ୟାଙ୍ଗଙ୍କ ପାଇଁ ହୁଇଲ ଚେୟାର ବ୍ୟବସ୍ଥା କରାଯାଇଥିଲା।



ମତଦାନ ସାବ୍ୟସ୍ତ କରିବା ପରେ କୁଚିଣ୍ଡା ବିଜେଡି ପ୍ରାର୍ଥୀ କିଶୋର ଚନ୍ଦ୍ର ନାୟକ।

## ରେଙ୍ଗାଲିରେ ମତଦାନ ଶାନ୍ତିପୂର୍ଣ୍ଣ

**ରେଙ୍ଗାଲି,୨୩।୪(ଡି.ଏନ୍.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକରେ ମଙ୍ଗଳବାର ଶାନ୍ତିପୂର୍ଣ୍ଣ ଭାବେ ମତଦାନ ସମ୍ପନ୍ନ ହୋଇଛି। ଅଧିକାଂଶ ବୁଥ୍‌ରେ ଇଭିଏମ୍ ତ୍ରୁଟି ଯୋଗୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ଜଙ୍ଗଲା ଏବଂ କୁର୍ଲାସ୍ଥିତରେ ଭୋଟର ସଂଖ୍ୟା ଅଧିକ ଥିବାବେଳେ ଏଠାରେ ଗୋଟିଏ ବୁଥ୍ କରାଯାଇଥିଲା। ଇଭିଏମ୍ ତ୍ରୁଟି ଯୋଗୁ ଭୋଟରମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ଦୁଇ ବୁଥ୍‌ରେ ରାତି ୮ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯାଇଥିଲା। ବ୍ଲକରେ ୩୭ ସମ୍ବେଦନଶୀଳ ବୁଥ୍ ଥିବାବେଳେ ସେଥିମଧ୍ୟରୁ ୧୦ଟି ଅତି ସମ୍ବେଦନଶୀଳ ବୁଥ ରହିଥିଲା। ଅତି ସମ୍ବେଦନଶୀଳ ବୁଥ୍‌ରେ ସିସିଟିଭି କ୍ୟାମେରା ଏବଂ ଅଧିକ ପୋଲିସ ମୁତୟନ କରାଯାଇଥିଲା। ନୂଆରମ୍ଭେଲାସ୍ଥିତ ବାଳିକା ପ୍ରାଥମିକ ବିଦ୍ୟାଳୟ ବୁଥ୍‌କୁ ଆଦର୍ଶ ଭୋଟ ଗ୍ରହଣ କେନ୍ଦ୍ରରେ ପରିଣତ କରାଯାଇଥିଲା। ବୃଦ୍ଧ, ବୃଦ୍ଧା, ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ହୁଇଲ ଚେୟାର ସହ ପ୍ରତ୍ୟେକ ବୁଥ୍‌ରେ ଦୁଇଜଣ ଲେଖାଏଁ ସ୍ୱେଚ୍ଛାସେବୀ ମୁତୟନ କରାଯାଇଥିଲା।



ରେଙ୍ଗାଲି ବ୍ଲକର ଏକ ବୁଥ୍‌ରେ ଭୋଟ ଦେବା ପାଇଁ ମହିଳାମାନେ ଧାଡ଼ିରେ ଠିଆ ହୋଇଛନ୍ତି।

■ ତୃତୀୟ ପର୍ଯ୍ୟାୟ ମତଦାନ ଶେଷ

# ଭୋଟର କାର୍ଡ ଅଛି, ତାଲିକାରେ ନାମ ନାହିଁ

**ସମ୍ବଲପୁର,୨୩।୪(ବ୍ୟୁରୋ)**

ତୃତୀୟ ପର୍ଯ୍ୟାୟ ମତଦାନ ମଙ୍ଗଳବାର ଶେଷ ହୋଇଛି। ସମ୍ବଲପୁର ବିଧାନସଭା କ୍ଷେତ୍ର ଅନ୍ତର୍ଗତ ବିଭିନ୍ନ ମତଦାନ କେନ୍ଦ୍ରରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟରମାନେ ମତଦାନ କରିଛନ୍ତି। ଆଦର୍ଶ ମତଦାନ କେନ୍ଦ୍ର, ମହିଳା ପରିଚାଳିତ ଭୋଟକେନ୍ଦ୍ରଗୁଡ଼ିକୁ ସୁସଜ୍ଜିତ କରାଯାଇଥିଲା। ଭୋଟରଙ୍କ ସକାଶେ ପାନୀୟ ଜଳ ଓ ବସିବା ବ୍ୟବସ୍ଥା ମଧ୍ୟ କରାଯାଇଥିଲା। କେତେକ ଭୋଟ କେନ୍ଦ୍ରରେ ଇଭିଏମ୍ ବାରମ୍ବାର ଅଚଳ ହୋଇଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷେ ଗୋଟିଏ ପରିବାରର ଜଣଙ୍କ ଭୋଟ ଗୋଟିଏ କେନ୍ଦ୍ରରେ ଥିବାବେଳେ ଅନ୍ୟ ସଦସ୍ୟମାନେ ୩ରୁ ୪ କିମି ଦୂରରେ ଥିବା କେନ୍ଦ୍ରକୁ ଭୋଟ ଦେବାପାଇଁ ଯାଇଥିଲେ। ଏଥିସହ ଅନେକ ଭୋଟରଙ୍କ ଭୋଟର ପରିଚୟପତ୍ର ଥିବା ସତ୍ତ୍ୱେ ସେମାନଙ୍କ ନାମ ତାଲିକାରେ ନ ଥିଲା। ତେଣୁ ସେମାନେ ନିରାଶରେ ଫେରିଥିଲେ। ଏହାକୁ ନେଇ ମତାମତ ଭିତ୍ତିକ ଉପସ୍ଥାପନା...



ପ୍ରଥମଥର ଭୋଟ ଦେବାକୁ ସୁଯୋଗ ମିଳିଛି। ଏହାକୁ ହାତଛଡ଼ା କରିବାକୁ ଚାହିଁ ନ ଥିଲି। ସକାଳେ ପରିଚୟପତ୍ର ନେଇ ଲେଡିଲୁଇସ ଗାର୍ଲ୍ସ ହାଇସ୍କୁଲରେ ହୋଇଥିବା ଆଦର୍ଶ ଭୋଟ କେନ୍ଦ୍ରରେ ମତଦାନ କରିଛି।

**ସଙ୍ଗୀତା ଦାଶ।**



ଦିବ୍ୟାଙ୍ଗମାନଙ୍କ ସକାଶେ ଭୋଟ ସହାୟତା କେନ୍ଦ୍ର ଖୋଲା ହୋଇଛି। ହୁଇଲ ଚେୟାର ବ୍ୟବସ୍ଥା ମଧ ହୋଇଛି। ଛାତ୍ରୀଛାତ୍ର, ସ୍କାଉଟ ଓ ଗାଇଡ୍ ଏବଂ ସ୍ୱେଚ୍ଛାସେବୀମାନେ ସୁବିଧାରେ ଦିବ୍ୟାଙ୍ଗମାନଙ୍କୁ ମୁଖ୍ୟ ଫାଟକରୁ ଭୋଟ କେନ୍ଦ୍ରକୁ ନେଉଛନ୍ତି। ଏହା ଆମମାନଙ୍କୁ ଉତ୍ସାହିତ କରିଛି।

**ଡି. ସୋନି**



ମୋର ଭୋଟର କାର୍ଡ ଅଛି। କିନ୍ତୁ ଭୋଟର ତାଲିକାରେ ନାମ ନାହିଁ। ବୁଢ଼ାରଜା ହାଇସ୍କୁଲ ଆଦର୍ଶ ଭୋଟଦାନ କେନ୍ଦ୍ରକୁ ଯାଇଥିଲି। ହେଲେ ନିରାଶରେ ଫେରିଲି। ଏ ନେଇ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳିଲା ନାହିଁ। ତାଲିକା ପ୍ରସ୍ତୁତିରେ ତ୍ରୁଟି ରହିଛି। ଏଥିଯୋଗୁ ମୋ ପରି ଅନେକ ଭୋଟର ନିରାଶ ହୋଇଛନ୍ତି।

**ମିଲାପ ପଟ୍ଟନାୟକ**



୫୦ବର୍ଷରେ ଭୋଟ ଦେବାର ସୁଯୋଗ ମିଳୁଛି। ସ୍ୱାମୀଙ୍କ ସହ ଖୁସିରେ ଭୋଟଦେଇ ଆସୁଛି। ଗତ ନିର୍ବାଚନ ଅପେକ୍ଷା ଚଳିତ ନିର୍ବାଚନ ଶାନ୍ତିଶୃଙ୍ଖଳାରେ ହୋଇଛି। ଭୋଟଦାତାଙ୍କ ସକାଶେ ପାନୀୟ ଜଳ, ବସିବା ବ୍ୟବସ୍ଥା କରାଯାଇଛି।

**ମମତା ମହାପାତ୍ର।**

## ସମ୍ବଲପୁରରେ ଭୋଟ ଗ୍ରହଣ ଝଲକ...



ଲେଡିଲୁଇସ୍ ଗାର୍ଲ୍ସ ହାଇସ୍କୁଲ ମତଦାନ କେନ୍ଦ୍ରରେ ଛାତ୍ରୀମାନେ ଜଣେ ବୃଦ୍ଧାଙ୍କୁ ନେଉଛନ୍ତି।



ସ୍ୱାଧୀନ ପ୍ରାର୍ଥୀ ପ୍ରଜ୍ଞା ପଟ୍ଟନାୟକ ଭୋଟ ଦେଇ ଫେରୁଛନ୍ତି।



ଭାଜପା ରାଜ୍ୟ ପ୍ରବକ୍ତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ଭୋଟ ଦେଇ ଫେରୁଛନ୍ତି।



ସମ୍ବଲପୁରରେ ଦିବ୍ୟାଙ୍ଗ ଭୋଟର ସହାୟତା କେନ୍ଦ୍ର।



ଜଣେ ମହିଳା ଭୋଟ ପୁସ୍ତିକାରୁ ନିଜ ନାମ ଖୋଜୁଛନ୍ତି।



ସମ୍ବଲପୁରରେ ଭୋଟ ଦେବାକୁ ଜନସାଧାରଣ ଧାଡ଼ିବାନ୍ଧି ଠିଆ ହୋଇଛନ୍ତି।



ସାକ୍ଷୀପଡ଼ା ଭୋଟ କେନ୍ଦ୍ରରୁ ସ୍ୱାଧୀନ ପ୍ରାର୍ଥୀ ଜୟବ୍ରତ ଦେ ଭୋଟ ଦେଇ ଫେରୁଛନ୍ତି।



ପୂର୍ବତନ ରାଜ୍ୟସଭା ସଦସ୍ୟ ସୁରେନ୍ଦ୍ର ଲାଠ ହୁଇଲ ଚେୟାରରେ ଭୋଟ ଦେବାକୁ ଯାଉଛନ୍ତି।



ଜଣେ ବୃଦ୍ଧାଙ୍କୁ ମାନେଶ୍ୱର ଭୋଟକେନ୍ଦ୍ରକୁ ସ୍ୱେଚ୍ଛାସେବୀମାନେ ନେଉଛନ୍ତି।



ମୁର୍ଗାମୁଣ୍ଡାରେ ତ୍ରୁଟିପୂର୍ଣ୍ଣ ଇଭିଏମ୍ ମରାମତି କରାଯାଉଛି।



ରାଶନପୁର ଭୋଟ କେନ୍ଦ୍ରରେ ଭିଡ଼।



ମାନେଶ୍ୱର ସ୍କୁଲ ଭୋଟ କେନ୍ଦ୍ରରେ ଭିଡ଼।



ବରଗଡ଼ ଲୋକ ସଭା ଭାଜପା ପ୍ରାର୍ଥୀ ସୁରେଶ ପୂଜାରୀ ବୁକ୍ସ ହିଲ୍ ଭୋଟ କେନ୍ଦ୍ରରେ ଭୋଟ ଦେଇ ଫେରୁଛନ୍ତି।

## ମତଦାନ କଲେ ଗଜପତି ମହାରାଜା

# ପ୍ରଥମେ ବ୍ୟକ୍ତି, ପରେ ଦଳ

**ପୁରୀ ଅଫିସ,୨୩।୪**

ଗଣତନ୍ତ୍ରର ମହାନ ପର୍ବରେ ସାମିଲ ହୋଇ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ। ମଙ୍ଗଳବାର ସକାଳେ ଗଜପତି ମହାରାଜା ଦୋଳମଣ୍ଡପ ସାହି ଉପ୍ରା ବିଦ୍ୟାଳୟ ୧୦୨ ନଂ. ବୁଥ୍‌କୁ ମହାରାଣୀଙ୍କ ସହ ଆସି ଭୋଟ ଦେଇଛନ୍ତି । ମତଦାନ ପରେ ଗଣମାଧ୍ୟମକୁ ଗଜପତି ମହାରାଜା କହିଥିଲେ, ମତାଧିକାର ସାବ୍ୟସ୍ତ କରିବା ପ୍ରତ୍ୟେକ ଭାରତୀୟ ନାଗରିକଙ୍କ ମୁଖ୍ୟ ଦାୟିତ୍ୱ ଓ କର୍ତ୍ତବ୍ୟ। ଏହାଦ୍ୱାରା ଆମ ରାଷ୍ଟ୍ର ତଥା ରାଜ୍ୟର ଭବିଷ୍ୟତ ନିର୍ମାଣ ହେବ। ଭୋଟ ହେଉଛି ସବୁଠୁ ମୂଲ୍ୟବାନ, ଏହାକୁ କାହା ସହିତ ତୁଳନା କରାଯାଇପାରିବ ନାହିଁ। ଏହା ଏକ ସ୍ୱତନ୍ତ୍ର ବିଧାନ, ସ୍ୱତନ୍ତ୍ର ଅଧିକାର ଏବଂ ସ୍ୱତନ୍ତ୍ର କର୍ତ୍ତବ୍ୟ। ମତଦାନ ସମୟରେ ପ୍ରଥମେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବ୍ୟକ୍ତିଙ୍କୁ ଦେଖିବା ଦରକାର, ପରେ ଦଳ। ବ୍ୟକ୍ତି ଠିକ୍ ରହିଲେ କାମ ଠିକ୍ ହେବ। ତେଣୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବ୍ୟକ୍ତିଙ୍କ ଚରିତ୍ର, ବ୍ୟକ୍ତିତ୍ୱ ଦେଖି ମତଦାନ କରିବା ଦରକାର। ଜନତାଙ୍କ ଦ୍ୱାରା ନିର୍ବାଚିତ ହୋଇ ଯେଉଁମାନେ ବିଧାନସଭା ଏବଂ ଲୋକ ସଭାକୁ ଯିବେ ସେମାନେ ପୁରୀକୁ ଅଗ୍ରାଧିକାର ଦେବେ ବୋଲି ଗଜପତି ଆଶା ରଖିଛନ୍ତି। ସେହିପରି ନୂଆକରି ଭିଭିପିଏଟିର ବ୍ୟବହାର ସମ୍ପର୍କରେ ପ୍ରଶ୍ନ ହେବାରୁ ଭୋଟ ଦେବା ପାଇଁ ସରଳ ବ୍ୟବସ୍ଥା ହୋଇଛି। କୌଣସି ନାଗରିକଙ୍କୁ ଭୋଟ ଦେବା ଲାଗି କିଛି ବି ଅସୁବିଧା ହେବ ନାହିଁ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ପୁରୀ କେବଳ ଆମ ରାଜ୍ୟର ଏକ ସହର ନୁହେଁ, ସମଗ୍ର ବିଶ୍ୱର ଆଧ୍ୟାତ୍ମିକ ମୂଳପୀଠ। ସମଗ୍ର ସନାତନ ବୈଦିକ ହିନ୍ଦୁଙ୍କର ମୂଳ ପୀଠ ହେଉଛି ଶ୍ରୀକ୍ଷେତ୍ର ପୁରୀ। ଏହାକୁ ଆମେ ସମସ୍ତେ ଠିକ୍ ଭାବେ ବୁଝିପାରିଲେ ପୁରୀର ଗୁରୁତ୍ୱ ଆହୁରି ବୃଦ୍ଧି ପାଇବ ବୋଲି ଗଜପତି ମହାରାଜା ପ୍ରକାଶ କରିଥିଲେ।


ଗଜପତି ମହାରାଜା ଦିବ୍ୟସିଂହ ଦେବ ମତଦାନ କରି ଫେରୁଛନ୍ତି।


କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ


ଭୋଟ ଦେବା ପରେ ନୟନ କିଶୋର ମହାନ୍ତି ଓ ତାଙ୍କ ସ୍ତ୍ରୀ।


ସ୍ତ୍ରୀଙ୍କ ସହ ସମ୍ବଲପୁର ବିଜେଡି ଏମ୍‌ପି ପ୍ରାର୍ଥୀ ନଳିନୀ ପ୍ରଧାନ।


ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ଭୋଟ ଦେବା ପରେ।

## ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ଦେଲେ ଧାରଣା

**କେନ୍ଦୁଝର, ୨୩।୪(ସ୍ୱ.ପ୍ର.):** ନିର୍ବାଚନରେ ସ୍ୱଚ୍ଛତା ଆଣିବା ପାଇଁ ଭୋଟ ଗ୍ରହଣ କେନ୍ଦ୍ରରେ ଦଳୀୟ ବା ପ୍ରାର୍ଥୀଙ୍କ ଏଜେଣ୍ଟଙ୍କ ଉପସ୍ଥିତି ଜରୁରୀ । ତେବେ ଘଷିପୁରା ନିର୍ବାଚନ ମଣ୍ଡଳୀରେ ଏକ ବୁଥରେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ଏଜେଣ୍ଟକୁ ପୋଲିସ ସୁରକ୍ଷାକର୍ମୀ ବୁଥ ଭିତରକୁ ନ ଛାଡିବାରୁ ବିବାଦ ଦେଖାଦେଇଥିଲା । ଫଳରେ ଏହାର ପ୍ରତିବାଦରେ ମନ୍ତ୍ରୀ ବଦ୍ରୀ ପାତ୍ର ଏକ ବୁଥ ସମ୍ମୁଖରେ ଧାରଣା ଦେଇଥିଲେ । ବିନା ଏଜେଣ୍ଟରେ ପାଖାପାଖି ୩ ଘଣ୍ଟା ଭୋଟ ଗ୍ରହଣ କରାଯାଇଥିବା ବେଳେ ଏନେଇ ପୋଲିସକୁ ଦାୟୀ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ବିଜେଡି ନେତା ଧୀରେନ୍ଦ୍ର ରାଉତ କହିଛନ୍ତି । ସେହିପରି ମନ୍ତ୍ରୀ ପାତ୍ର ଗଡବାନ୍ଧଗୋଡା ଗ୍ରାମର ୨୮୧ ନମ୍ବର ବୁଥରେ ନିଜର ମତଦାନ କରିଛନ୍ତି।

## ହୃଦ୍‌ଘାତରେ ପୋଲିଂ କର୍ମଚାରୀ ମୃତ

**କାମାକ୍ଷାନଗର, ୨୩।୩(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଜଣେ ପୋଲିଂ କର୍ମଚାରୀଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ନବକିଶୋର ନାୟକ। ହିନ୍ଦୋଳ ପ୍ରାଣୀଧନ ଚିକିତ୍ସାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ହେଉଛନ୍ତି ନବକିଶୋର। ପରଜଙ୍ଗ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ କଣ୍ଟାପାଳ ଥଇଥାନ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪୧ନଂ. ବୁଥ୍‌ରେ ତାଙ୍କୁ ୪ର୍ଥ ପୋଲିଂ ଅଧିକାରୀଭାବେ ନିୟୋଜିତ କରାଯାଇଥିଲା। ରବିବାର କାମାକ୍ଷାନଗର ମହାବିଦ୍ୟାଳୟରେ ହୋଇଥିବା ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରୁ ଆନୁଷଙ୍ଗିକ ଉପକରଣ ସହ ସେ ବୁଥ୍‌କୁ ଯାଇଥିଲେ। ମଙ୍ଗଳବାର ମତଦାନ କାର୍ଯ୍ୟରେ ନିୟୋଜିତ ଥିବାବେଳେ ସେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ସହାୟତାରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

ଏ ନେଇ ଜରୁରିକାଳୀନ ଦାୟିତ୍ୱରେ ଥିବା ଡା. ସୁବାସ ଚନ୍ଦ୍ର ମଣ୍ଡଳ କୁହନ୍ତି, ଡାକ୍ତରଖାନାକୁ ଆସିବା ପୂର୍ବରୁ ରୋଗୀଙ୍କ ରକ୍ତଚାପ ଅସ୍ୱାଭାବିକ ଭାବେ ବୃଦ୍ଧି ଘଟିଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିଲା। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି। ଏ ନେଇ ଉପଜିଲାପାଳ ତଥା ରିଟର୍ନିଂ ଅଫିସର ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ କୁହନ୍ତି, କର୍ମଚାରୀ ଅସୁସ୍ଥ ଥିବା ଜଣାପଡ଼ିବା ପରେ ତାଙ୍କ ସ୍ଥାନରେ ଅନ୍ୟଜଣଙ୍କୁ ନିୟୋଜିତ କରାଯାଇଥିଲା। ନବକିଶୋରଙ୍କ ଏଭଳି ଆକସ୍ମିକ ମୃତ୍ୟୁରେ ପ୍ରଶାସନ ମର୍ମାହତ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ। ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।


ଅଭିନେତା ସବ୍ୟସାଚୀ ମିଶ୍ର।



ଅଭିନେତ୍ରୀ ଅର୍ଚ୍ଚିତା ସାହୁ।


ଭୁବନେଶ୍ୱରର ଏକ ବୁଥ୍‌ରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି.କେ. ପାଣ୍ଡିୟାନ ଓ ତାଙ୍କ ସ୍ତ୍ରୀ ସୁଜାତା ପାଣ୍ଡିୟାନ ଭୋଟ ଦେବାକୁ ଆସିଛନ୍ତି।


ବାରବାଟୀ–କଟକ ଭାଜପା ପ୍ରାର୍ଥୀ ସମୀର ଦେ ପରିବାର ସଦସ୍ୟଙ୍କ ସହ ଭୋଟ ଦେଇ ଫେରୁଛନ୍ତି।


ପୁରୀ ଲୋକ ସଭା ଭାଜପା ପ୍ରାର୍ଥୀ ଡା. ସମ୍ବିତ୍ ପାତ୍ର ପୁରୀ ମ୍ୟୁନିସିପାଲ ହାଇସ୍କୁଲ ମତଦାନ କେନ୍ଦ୍ର ବୁଲି ଦେଖୁଛନ୍ତି।


ଭୁବନେଶ୍ୱର ରାଜଭବନ ପ୍ରାଥମିକ ବିଦ୍ୟାଳୟ ମଡେଲ ବୁଥରେ ପ୍ରଥମ କରି ଭୋଟ ଦେଇଥିବା ମତଦାତା।

# ଭାଜପା–ବିଜେଡି ମୁହାଁମୁହିଁ

## ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତିଙ୍କୁ ଆକ୍ରମଣ

**ପୁରୀ ଅଫିସ, ୨୩।୪**

ପୁରୀ ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ଜୟନ୍ତ କୁମାର ଦାଶଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୋମବାର ବିଳମ୍ବିତ ରାତିରେ ଜୟନ୍ତଙ୍କୁ ପେଣ୍ଠକଟା ନୋଳିଆ ବସ୍ତିରେ ୧୫ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ମରଣାନ୍ତକ ଆକ୍ରମଣ କରିଥିବା ସମୁଦ୍ରକୂଳ ଥାନାରେ ଅଭିଯୋଗ ହୋଇଛି। ଏହାକୁ ନେଇ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ଭାଜପା ଯୁବମୋର୍ଚ୍ଚାର ଶତାଧିକ କର୍ମୀ ସମୁଦ୍ରକୂଳ ଥାନା ଘେରାଉ କରିଥିଲେ। ଯୁବମୋର୍ଚ୍ଚା ଅଭିଯୋଗ କରିଛି ଯେ, ପୋଲିସ ଶାସକ ଦଳର ଏଜେଣ୍ଟ ସାଜିଛି। ସିଟି ଡିଏସ୍‌ପି ଉକ୍ତ ଅଞ୍ଚଳରେ ଡ୍ୟୁଟି କରୁଥିଲେ। ତାଙ୍କୁ ଘଟଣା ସମ୍ପର୍କରେ ଜଣାଇବା ସତ୍ତ୍ୱେ ସେ ଗୁରୁତ୍ୱ ଦେଇ ନ ଥିଲେ। ବରଂ ଯୁବମୋର୍ଚ୍ଚା କର୍ମୀମାନଙ୍କୁ ଗାଳିଗୁଲଜ କରିଥିଲେ। ଖବର ପାଇ ପୁରୀ ବିଧାନସଭା ଆସନର ଭାଜପା ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ସମୁଦ୍ରକୂଳ ଥାନାରେ ପହଞ୍ଚି ପୋଲିସ ସହ ଆଲୋଚନା କରିଥିଲେ। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ ପାଇଁ ସେ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ସୋମବାର ସନ୍ଧ୍ୟାରେ ପେଣ୍ଠକଟା ନୋଳିଆ ବସ୍ତିରେ ବିଜେଡି ସମର୍ଥକମାନେ ଘର ଘର ବୁଲି ଟଙ୍କା ବାଣ୍ଟୁଥିବା ଭାଜପା ଯୁବମୋର୍ଚ୍ଚା ପାଖରେ ଖବର ପହଞ୍ଚିଥିଲା। ଏ ନେଇ ଜିଲାପାଳ, ଉପଜିଲାପାଳ, ନିର୍ବାଚନ କମିଶନଙ୍କୁ ଅଭିଯୋଗ କରାଯାଇଥିଲା। ମାତ୍ର କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ପରେ ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ ଘଟଣାସ୍ଥଳକୁ ଟଙ୍କା ବଣ୍ଟାକୁ ବିରୋଧ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ବିଜେଡି କର୍ମୀମାନେ ହଠାତ୍ ତାଙ୍କୁ ଆକ୍ରମଣ କରିଥିଲେ। ସେ ତଳେ ପଡ଼ିଯିବାରୁ ତାଙ୍କୁ ଦଳି ଦେଇଥିଲେ। ଆକ୍ରମଣରେ ତାଙ୍କ ବାମ ପଟ ଆଖିପତା ତଳ ଫାଟିଯାଇଛି। ମୁହଁ, ନାକ, ଓଠ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଛି। ଭାଜପା ଯୁବମୋର୍ଚ୍ଚା ସଭାପତିଙ୍କୁ ଆକ୍ରମଣ ଖବର ପାଇ ତାଙ୍କୁ ଉଦ୍ଧାର କରିବାକୁ ଯାଇଥିବା ବିଶ୍ୱନାଥ ସେନାପତି, ଆଶିଷ ବରାଳ ଏବଂ ଅନ୍ୟ ୨ଜଣ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି। ବିଶ୍ୱନାଥଙ୍କ ମୁଣ୍ଡ ଫାଟିଛି। ସମୁଦ୍ରକୂଳ ଥାନା ପୋଲିସ ପହଞ୍ଚି ଆହତ ଦ୍ୱୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ଜୟନ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ତେବେ ପୁରୀ ବିଜେଡି ନଗର ସଭାପତି ସବ୍ୟସାଚୀ ମହାପାତ୍ରଙ୍କୁ ପଚାରିବାରେ ଯୁବମୋର୍ଚ୍ଚାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି ଯେ, ଭାଜପା ହାରିଯିବା ଭୟରେ ଔଷଧ ବିକଳରେ ତାଟିଆ କାମୁଡ଼ିବା ସଦୃଶ ବିଜେଡି ବିରୋଧରେ ଏଭଳି ମିଥ୍ୟା ଅଭିଯୋଗ ଆଣୁଛି। ଭାଜପା ଶସ୍ତା ରାଜନୀତି କରୁଛି। ତେବେ ବିଜେଡି ବହୁମତରେ ଜିତିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଥାନାଧିକାରୀ ଗୌରାଙ୍ଗ ପୃଷ୍ଟି କହିଛନ୍ତି ଯେ, ଘଟଣା ସମ୍ପର୍କରେ ଅଭିଯୋଗ ହୋଇଛି। ଏ ନେଇ ତଦନ୍ତ ଜାରି ରହିଛି। କୌଣସି ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି। ସେହିପରି ସିଟି ଡିଏସ୍‌ପି ସୁଧାକର ସାହୁ ଯୁବମୋର୍ଚ୍ଚାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କୌଣସି କର୍ମକର୍ତ୍ତାଙ୍କୁ ଗାଳିଗୁଲଜ କରି ନ ଥିବା କହିଛନ୍ତି।

### ୨ ବୁଥ୍‌ରେ ଉତ୍ତେଜନା

**ପୁରୀ ଅଫିସ, ୨୩।୪:** ପୁରୀ ପେଣ୍ଠକଟାସ୍ଥିତ ଆଇଟିଆଇ ବୁଥ୍‌ରେ ମଙ୍ଗଳବାର ଅପରାହ୍ନରେ ମତଦାନ ଚାଲିଥିବା ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ବୁଥ୍‌ରେ ବିଜେଡି ସମର୍ଥକମାନେ ଜୋର ଜବରଦସ୍ତ ଭୋଟରଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଉସ୍‌କାଉଥିବା ଭାଜପା ଯୁବମୋର୍ଚ୍ଚା ଅଭିଯୋଗ ଆଣିଥିଲା। ଏ ନେଇ ଭାଜପା ଏବଂ ବିଜେଡି ସମର୍ଥକ ମୁହାଁମୁହିଁ ହୋଇଥିଲେ। ଦୀର୍ଘ ସମୟ ଧରି ଉଭୟ ଗୋଷ୍ଠୀ ଧସ୍ତାଧସ୍ତି ହୋଇଥିଲେ। ଖବର ପାଇ ଏସ୍‌ପି ଡା. ଉମାକାନ୍ତ ଦାଶ, ଉପଜିଲାପାଳ ଭବତାରଣ ସାହୁ, ସିଟି ଡିଏସ୍‌ପି ସୁଧାକର ସାହୁ ପ୍ରମୁଖ ପହଞ୍ଚି ଉଭୟ ଗୋଷ୍ଠୀକୁ ବୁଝାଶୁଝା କରିଥିଲେ। ବୁଥ୍ ନିକଟରୁ ଯୁବମୋର୍ଚ୍ଚା କର୍ମୀଙ୍କୁ ହଟାଇବାକୁ ନେଇ ଯୁବମୋର୍ଚ୍ଚା ସଭାପତି ଜୟନ୍ତ ଦାଶ ଏବଂ ଏସ୍‌ପି ଦାଶ, ଡିଏସ୍‌ପି ସାହୁ କଥା କଟାକଟି ହୋଇଥିଲେ। ବିଜେଡି ପାଖରେ ପୋଲିସ ବିକ୍ରି ହୋଇଯାଇଛି। ବୁଥ୍‌ରେ ବିଜେଡି ସମର୍ଥକ ର୍‍ୟାଗିଂ କରୁଥିବାବେଳେ ପୋଲିସ ଜାଣିଶୁଣି ନୀରବଦ୍ରଷ୍ଟା ସାଜିଛି ବୋଲି ଯୁବମୋର୍ଚ୍ଚା ସଭାପତି ଦାଶ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି। ସେହିପରି ବାଲିନୋଳିଆ ସାହି ବୁଥ୍‌ରେ ବିଜେଡି ଓ ଭାଜପାର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

### ଭିଭିପିଏଟି ଭଙ୍ଗାରୁଜା: ମତଦାନ ବନ୍ଦ

ପୁରୀ ଅଫିସ, ୨୩।୪: ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କମାଶାସନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୨୨୨ ନଂ. ବୁଥ୍‌ରେ ଭିଭିପିଏଟି ଭଙ୍ଗାରୁଜା ଯୋଗୁ ମତଦାନ ବନ୍ଦ ରହିଛି। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀ ନିର୍ଦ୍ଦିଷ୍ଟ ଚିହ୍ନରେ ଭୋଟ ଦେବା ପାଇଁ ଜଣେ ମହିଳା ଭୋଟରଙ୍କୁ କହିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ମତଦାନ ବାଧାପ୍ରାପ୍ତ ହୋଇଥିଲା। ଭିଭିପିଏଟି ଭଙ୍ଗାରୁଜାକୁ ନେଇ ଅଧିକାରୀ ଓ ସ୍ଥାନୀୟ ଲୋକେ ପରସ୍ପର ଉପରେ ଦୋଷ ଲଦାଲଦି ହୋଇଛନ୍ତି। ଖବର ପାଇ ଚନ୍ଦନପୁର ଥାନା ଆଇଆଇସି ଏବଂ ମାଜିଷ୍ଟ୍ରେଟ୍ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଚଳାଇଛନ୍ତି।


ପୁରୀ ଲୋକ ସଭା କଂଗ୍ରେସ ପ୍ରାର୍ଥୀ ସତ୍ୟପ୍ରକାଶ ନାୟକ।


ପୁରୀ ବିଧାନସଭା କଂଗ୍ରେସ ପ୍ରାର୍ଥୀ ଅରୋପ୍ରସାଦ ମିଶ୍ର।


ପୁରୀ ବିଧାନସଭା ଭାଜପା ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ।


ଆଠମଲ୍ଲିକ ବିଧାନସଭା ବିଜେଡି ପ୍ରାର୍ଥୀ ରମେଶ ଚନ୍ଦ୍ର ସାଏ ଓ ତାଙ୍କ ସ୍ତ୍ରୀ।


ଭୁବନେଶ୍ୱର ମଧ୍ୟ ବିଜେଡି ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା


ପରିବାରବର୍ଗଙ୍କ ସହ କାମାକ୍ଷାନଗର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ମଲ୍ଲିକ।

## ସଂକ୍ଷେପରେ



### ବଡ଼ଭାଇ ଟାଙ୍ଗିଆ ଚୋଟରେ ସାନଭାଇ ଗୁରୁତର

ଝାରସୁଗୁଡା ଅଫିସ୍/ ଲଖନପୁର, ୨୩।୪(ଡି.ଏନ୍.ଏ)-ଝାରସୁଗୁଡା ଜିଲା ବଡ଼ମାଲ ଥାନା ବୃନ୍ଦାମାଲ ଆର୍‌ଆର୍ କଲୋନୀରେ ମଙ୍ଗଳବାର ସକାଳ ସାଢେ ୭ଟାରେ ବଡ଼ଭାଇ ସୁଶିଲ ଧୁରୁଆଙ୍କ ଟାଙ୍ଗିଆ ଚୋଟରେ ସାନଭାଇ ସୁରେଶ ଧୁରୁଆ(୩୫)ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତଙ୍କୁ ପ୍ରଥମେ ଝାରସୁଗୁଡା ଜିଲା ମୁଖ୍ୟଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ମେଡିକାଲ୍ ସୂତ୍ରରୁ ଜଣାପଡିଛି। ଖବରପାଇ ବଡମାଲ ଥାନା ଆଇଆଇସି ଅମିତାଭ ପଣ୍ଡାଙ୍କ ସମେତ ଏକ ପୋଲିସ୍ ଟିମ୍ ଆର୍‌ଆର୍ କଲୋନୀରେ ପହଞ୍ଚି ରକ୍ତମୁଖା ବଡଭାଇ ସୁଶିଲଙ୍କୁ ଗିରଫ କରିଛି। ଏହା ସହ ବ୍ୟବହୃତ ରକ୍ତଲଗା ଟାଙ୍ଗିଆକୁ ଜବତ କରିଛି। ପୋଲିସ ଏନେଇ ବଡମାଲ ଥାନାରେ ଏକ ମାମଲା (ନଂ.୬୪/୨୦୧୯) ରୁଜୁକରି ତଦନ୍ତ ଚଳାଇଛି।

### ଭାଜପାରୁ ସୁଜାତା ବହିଷ୍କୃତ

**ଭୁବନେଶ୍ୱର, ୨୩।୪(ବ୍ୟୁରୋ):** ଅନୁଶାସନ ଭଙ୍ଗ ଏବଂ ବିଶୃଙ୍ଖଳିତ କାର୍ଯ୍ୟ ପାଇଁ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନକ୍ରମେ ଆଳି ନିର୍ବାଚନ କ୍ଷେତ୍ରର ସୁଜାତା ବାରିକଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଛି। ଏନେଇ ଭାଜପା ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

### ଟଙ୍କା ବଣ୍ଟାକୁ କେନ୍ଦ୍ରକରି ଗ୍ରାମବାସୀଙ୍କ ଭୋଟ ବର୍ଜନ

ଯୋଡ଼ା,୨୩।୪(ଡି.ଏନ.ଏ.) କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ସିଲଯୋଡ଼ା ଠାରେ ମଙ୍ଗଳବାର ଟଙ୍କା ବଣ୍ଟାକୁ କେନ୍ଦ୍ର କରି ଉତ୍ତେଜନା ଦେଖା ଦେଇଛି। ଅପରାହ୍ନ ୪ଟା ବେଳେ କୌଣସି ଏକ ରାଜନୈତିକ ଦଳର ନେତାଙ୍କ ଠାରୁ ଟଙ୍କା ଆଣି ଉକ୍ତ ଗ୍ରାମର କେତେକ ଯୁବକ ମଙ୍ଗଳବାର ଭୋର ୪ଟା ବେଳେ ଗ୍ରାମର ଗୌଡ଼ସାହି, ମନ୍ଦିର ସାହି, କୁଦୁରୁସାହିର କିଛି ଲୋକଙ୍କୁ ଭୋଟ ପିଛା ୫୦୦ଟଙ୍କାରୁ ଏକ ହଜାର ଟଙ୍କା ବାଣ୍ଟୁଥିଲେ ବୋଲି ଗ୍ରାମର ସାଗର ଲାଗୁରୀ, ଚରଣ ବାନ୍ଦରା, କୁନୁ ଲୋହାର, ରେଘା ଚାମ୍ପିଆ ପ୍ରମୁଖ କହଛନ୍ତି। ଗ୍ରାମର କେତେକ ଲୋକଙ୍କୁ ଟଙ୍କା ଦେଇ ବହୁ ଗ୍ରାମବାସୀଙ୍କୁ ଟଙ୍କା ନ ଦେବାରୁ ସେମାନେ ଟଙ୍କା ବାଣ୍ଟୁଥିବା ଲୋକଙ୍କୁ ବିରୋଧ କରିଥିଲେ। ଫଳରେ ଟଙ୍କା ପାଇ ନ ଥିବା ମହିଳା ଓ ପୁରୁଷଙ୍କୁ ଟଙ୍କା ବାଣ୍ଟୁଥିବା ରାଜନୈତିକ ଦଳର ଲୋକମାନେ ଛୁରୀ ଓ ଅନ୍ୟାନ୍ୟ ହତିଆର ସାହାଯ୍ୟରେ ଆକ୍ରମଣ କରିଥିବା ମହିଳା ମଞ୍ଜୁ ବାଲମୁଚୁ, ବେରୋ କୁଜୁର, ମୁକୁତା ମୁଣ୍ଡା ପ୍ରମୁଖ କହିଛନ୍ତି। ଏହି ଘଟଣାକୁ କେନ୍ଦ୍ର କରି କିଛି ଲୋକ ଭୋଟ ବର୍ଜନ କରିଥିବା ସନାମଣି ବାଲମୁଚୁ, ଚମ୍ପା ବାନ୍ଦ୍ରା, ଶାନ୍ତି ଭଞ୍ଜ କହିଛନ୍ତି। ବାମେବାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି।

### ଗଛରେ ପିଟି ହୋଇ ବାଇକ୍ ଚାଳକ ମୃତ,୨ ଗୁରୁତର

**ରାଇରଙ୍ଗପୁର,୨୩।୪(ଡି.ଏନ.ଏ.):** ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଦାମୁଡିଗୋଡା ଗ୍ରାମ ନିକଟସ୍ଥ ବଡାମତଳିଆ- ବିଜାତଳା ରାସ୍ତାରେ ମଙ୍ଗଳବାର ଅପରାହ୍ନରେ ଏକ ଗଛରେ ପିଟି ହୋଇ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ଅନ୍ୟଦୁଇ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଯୁଡିଆ ଗ୍ରାମର ମାଟୁ ମାଝୀ(୧୭) ଓ ଆହତ ଦ୍ୱୟ ହେଲେ ସୁରେଶ ମୁଣ୍ଡା(୧୮) ଏବଂ ସଞ୍ଜୀବ ଗିରି(୧୮)। ଆହତଙ୍କୁ ପ୍ରଥମେ ରାଇରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୁରେଶଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦା ସ୍ଥିତ ପି.ଆର.ଏମ ମେଡିକାଲକୁ ଚିକିତ୍ସା ଲାଗି ସ୍ଥାନାନ୍ତର କରାଯାଇଛି।



ଦେବଗଡ଼ ଜିଲା ଝାରମୁଣ୍ଡା ଗ୍ରାମବାସୀ ବୁଥ୍ ସମ୍ମୁଖରେ ଧାରଣା ଦେଇଛନ୍ତି।

# ଭୋଟ ବର୍ଜନ କଲେ ଝାରମୁଣ୍ଡା ଗ୍ରାମବାସୀ

**ଦେବଗଡ,୨୩।୪(ସ୍ୱ.ପ୍ର)** ଦେବଗଡ ଜିଲା ତିଲେଇବଣି ବ୍ଲକ ଅଧୀନ ନବଗଠିତ ଝାରମୁଣ୍ଡା ପଞ୍ଚାୟତର ଗ୍ରାମବାସୀ ମଙ୍ଗଳବାର ଜିଲା ପ୍ରଶାସନର ମନମୁଖୀ କାର୍ଯ୍ୟକୁ ବିରୋଧ କରି ଭୋଟ ବର୍ଜନ କରିଛନ୍ତି। ଗ୍ରାମବାସୀଙ୍କ ଦାବି ଅନୁସାରେ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ କରାଯାଇନାହିଁ। ପ୍ରଶାସନ ନିଜ ଇଚ୍ଛା ମୁତାବକ ଅନ୍ୟ ଏକ ଜାଗାରେ ପଞ୍ଚାୟତ ଅଫିସ ପାଇଁ ଗୃହ ନିର୍ମାଣ କରିଛି। ଏହାକୁ ବିରୋଧ କରି ସେମାନେ ଭୋଟ ବର୍ଜନ କରିଛନ୍ତି। ଫଳରେ ଉକ୍ତ ପଞ୍ଚାୟତର ୧୫ନଂ ବୁଥ୍‌ରେ ୫୮୪ ଜଣ ଭୋଟର ବର୍ଜନ କରିଛନ୍ତି। ତେବେ ଇଭିଏମ ଧରି ପୋଲିଂ କର୍ମଚାରୀମାନେ ବୁଥ୍‌ରେ ଉପସ୍ଥିତ ଥିଲେ ସୁଦ୍ଧା ଗ୍ରାମବାସୀ ଭୋଟ ନ ଦେଇ ବୁଥ୍ ସମ୍ମୁଖରେ ଧାରଣାରେ ବସିଥିଲେ।

# ସାପ କାମୁଡ଼ାରେ ନାବାଳିକାଙ୍କ ମୃତ୍ୟୁ

ଲହୁଣୀପଡା, ୨୩।୪ (ଡି.ଏନ.ଏ) ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଶଙ୍ଖପୋଷ ପଞ୍ଚାୟତ ଆମରୁଡି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ବିଷାକ୍ତ ସାପ କାମୁଡାରେ ଜନୈକା ନାବାଳିକାଙ୍କ ମୃତ୍ୟୁ ଘଟିଛି। ଆମରୁଡି ଗ୍ରାମର ସ୍ୱର୍ଗତ ସୁକଲାଲ ମୁଣ୍ଡାରିଙ୍କ ସ୍ତ୍ରୀ ଓ ତାଙ୍କ ଝିଅ ରଞ୍ଜିତା (୧୧) ସୋମବାର ରାତିରେ ଘରେ ଶୋଇଥିଲେ। ରାତି ପ୍ରାୟ ୩ଟା ବେଳେ ରଞ୍ଜିତାଙ୍କୁ ଏକ ବିଷାକ୍ତ ସାପ କାମୁଡି ଦେଇଥିଲା। ସାପ ହାତ ଉପରେ ଥିବାରୁ ଫୋପାଡି ଦେଇଥିଲା। ଫଳରେ ସାପ ରଞ୍ଜିତାଙ୍କ ମାଆ ଉପରେ ପଡିଥିଲା। ରଞ୍ଜିତାକୁ ସାପ କାମୁଡି ଦେଇଥିବା ଜାଣିବାରୁ ତାଙ୍କୁ ଲହୁଣୀପଡା ଡାକ୍ତରଖାନାକୁ ଆଣିଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ମଙ୍ଗଳବାର ସକାଳେ କେ.ବଲାଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ବଜରଙ୍ଗଙ୍କୁ ସ୍ୱର୍ଣ୍ଣ, ପର୍ବିନ୍‌ଙ୍କୁ ରୌପ୍ୟ

ଜିଆନ୍ (ଚାଇନା), ୨୩।୪ (ପି.ଟି.)

**ଏସିଆନ ରେସ୍‌ଲିଂ ଚାମ୍ପିୟନଶିପ୍**

ବିଶ୍ୱର ନମ୍ବର ୱାନ କୁସ୍ତିଯୋଦ୍ଧା ଭାରତର ବଜରଙ୍ଗ ପୁନିଆ ଏସିଆନ ଚାମ୍ପିୟନଶିପ୍‌ରେ ଆଉଥରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ପର୍ବିନ ରାଣା ରୌପ୍ୟ ଜିତିଛନ୍ତି। ମଙ୍ଗଳବାର ପୁରୁଷ ୬୫କେଜି ଫ୍ରିଷ୍ଟାଇଲ ବିଭାଗରେ ଏକ ଜୋର୍‌ଦାର ମୁକାବିଲାରେ ସେ କାଜାଖସ୍ତାନର ସାୟତବେକ୍ ଓକାସୋଭ୍‌ଙ୍କୁ ୧୨-୭ ପଏଣ୍ଟ ବ୍ୟବଧାନରେ ହରାଇ ଦେଇଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଏସିଆନ ଗେମ୍ସ ଚାମ୍ପିୟନ ବାଉଟ୍‌ରେ ପ୍ରଥମେ ୨-୭ ପଛୁଆ ରହିଥିଲେ। ମାତ୍ର ପରବର୍ତ୍ତୀ ସମୟରେ କ୍ରମାଗତ ୧୦ ପଏଣ୍ଟ ହାସଲ କରି ଲଢେଇ ଜିତିନେଇଥିଲେ। କାଜାଖସ୍ତାନ ବକ୍ସର କ୍ଲାନ୍ତ ଜଣାପଡୁଥିବା ବେଳେ ଚାପରେ ଥିବା ବଜରଙ୍ଗ ତାଙ୍କ ବଳିଷ୍ଠ ଶକ୍ତିର ପରିଚୟ ଦେଇ ବିଜୟ ହାସଲ କରିଥିଲେ। ଚାମ୍ପିୟନଶିପ୍‌ରେ ବଜରଙ୍ଗଙ୍କ ଏହା ଥିଲା ଦ୍ୱିତୀୟ ସ୍ୱର୍ଣ୍ଣ। ଏହା ପୂର୍ବରୁ ସେ ୨୦୧୭ରେ ଜିତିଥିଲେ। ଭାରତୀୟ କୁସ୍ତି ଯୋଦ୍ଧାଙ୍କର ଟୁର୍ନାମେଣ୍ଟରେ କିନ୍ତୁ ଓଭରାଲ ଏହା ଥିଲା ୫ମ ପଦକ। ବଜରଙ୍ଗ ତାଙ୍କର ଏହି ପ୍ରଦର୍ଶନ ଦ୍ୱାରା ୨୦୨୦ ଟୋକିଓ ଅଲିମ୍ପିକ୍ସର ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ପ୍ରତି ସତର୍କଘଣ୍ଟି ବଜାଇଛନ୍ତି। ସେ ଏଥିରେ ଜଣେ ପଦକ ଦାବିଦାର ବୋଲି ସୂଚାଇ ଦେଇଛନ୍ତି। ବଜରଙ୍ଗ ଫାଇନାଲ ପ୍ରବେଶ ପଥରେ ମାତ୍ର ଗୋଟିଏ ପଏଣ୍ଟ ହରାଇଥିଲେ। ସେମିଫାଇନାଲରେ ସେ ଉଜ୍‌ବେକିସ୍ତାନର ସିରୋଜିଦ୍ଦିନଙ୍କୁ ୧୨-୧ରେ ପରାସ୍ତ କରିବା ପୂର୍ବରୁ ଉନ୍ନତ ଟେକ୍‌ନିକ୍ ଭିତ୍ତିରେ ସେ ଶ୍ରୀଲଙ୍କାର ଚାର୍ଲସ ଫେରନଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ। ଇରାନର ପେମାନ ବାଏବାନିଙ୍କୁ ସେ ୬-୦ରେ ହରାଇ ଦେଇଥିଲେ। ସ୍ୱର୍ଣ୍ଣ ପଦକ ଦୌଡ଼ରେ ଥିବା ଅନ୍ୟ ଜଣେ କୁସ୍ତି ଯୋଦ୍ଧା ହେଲେ ପର୍ବିନ ରାଣା। ୭୯ କାଟେଗୋରିରେ କାଜାଖସ୍ତାନର ଗାଲିମଝାନ ଉସେରବାୟେଭଙ୍କ ବିପକ୍ଷରେ ୩-୨ରେ ବିଜୟ ହାସଲ ପରେ ସେ ଫାଇନାଲରେ ପ୍ରବେଶ କରିଛନ୍ତି। ସ୍ୱର୍ଣ୍ଣ ପଦକ ବାଉଟ୍‌ରେ ସେ ଇରାନର ବାହମାନ ମହମ୍ମଦ ତେମୋରିଙ୍କଠାରୁ ୦-୩ରେ ହାରି ରୌପ୍ୟ ପାଇଛନ୍ତି। ୫୭ କେଜି ଓଜନ କାଟେଗୋରିର ରିପିଚେଜ୍‌ରେ ତାଇପେର ଚିଆ ତିସୋ ଲି ୟୁଙ୍କ ବିପକ୍ଷରେ ୪-୦ରେ ବିଜୟ ହାସଲ ପରେ ରବି କୁମାର ବ୍ରୋଞ୍ଜ ପଦକ ପ୍ଲେ-ଅଫ୍ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ଜାପାନର ୟୁକି ତାକାହାଶିଙ୍କ ବିପକ୍ଷରେ ଲଢିବେ। ସାତିୱାର୍ଟ କାଡିଆନ ମଧ ୯୭କେଜି କାଟେଗୋରି ବ୍ରୋଞ୍ଜ ପଦକ ରାଉଣ୍ଡରେ ପ୍ରବେଶ କରିଛନ୍ତି।




ବଜରଙ୍ଗ ପୁନିଆ

# ବିଏସ୍‌ପି ପାଇଁ ପ୍ରଚାର କଲେ ଶ୍ରୀକାନ୍ତ

**ବଡ଼ସାହି,୨୩।୪(ସ୍ୱ.ପ୍ର)** ମୟୂରଭଞ୍ଜ ଜିଲା ବଡ଼ସାହି(ସଂ) ନିର୍ବାଚନ ମଣ୍ଡଳୀରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ପକ୍ଷରୁ ମଙ୍ଗଳବାର ରୋଡ୍ ଶୋ ସାଙ୍ଗକୁ ପଥପ୍ରାନ୍ତ ସଭା କରାଯାଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗଦେଇ ବିଏସ୍‌ପି ଲାଗି ପ୍ରଚାର କରି ଜନସାଧାରଣଙ୍କୁ ଭୋଟ ଭିକ୍ଷା କରିଥିଲେ। ସେ କହିଥିଲେ, ଦୁର୍ନୀତି ମୁକ୍ତ ନିର୍ବାଚନ ମଣ୍ଡଳୀ ଗଠନ ଲାଗି ତଳସ୍ତରରୁ ଉଦ୍ୟମ ହେବା ଦରକାର। ବିଏସ୍‌ପି ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ଜେନାଙ୍କୁ ହାତୀ ଚିହ୍ନରେ ମୋହର ମାରି ଜୟଯୁକ୍ତ କରାଇଲେ ସେ ଲୋକଙ୍କୁ ଉଚିତ ସେବା ଯୋଗାଇ ପାରିବେ । ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବିଏସପି କର୍ମୀମାନେ ମଙ୍ଗଳପୁରଠାରୁ ଏକ ବାଇକ ରାଲିରେ ଆସି ଭୀମଦା, ମାଣତ୍ରୀ, ବଡ଼ସାହି ଓ ପ୍ରତାପପୁରଠାରେ ପଥପ୍ରାନ୍ତ ସଭା କରିଥିଲେ। ଏଥିରେ ନେତା ଓ ଦଳର ପ୍ରାର୍ଥୀ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କେନ୍ଦ୍ରୀୟ କଂଗ୍ରେସ ଦଳ ୭ଶହ କୋଟି ଟଙ୍କାର ଖଣି ଚୋରଙ୍କୁ ଦଳ ଦାୟିତ୍ୱ ଦେବା ନେଇ ଶ୍ରୀକାନ୍ତ ସମାଲୋଚନା କରି ଏହାର ଉଚିତ ଜବାବ ଦେବାକୁ ସେ ଭୋଟରମାନଙ୍କୁ ନିବେଦନ କରିଥିଲେ। ପ୍ରତାପପୁରଠାରେ ପଥପ୍ରାନ୍ତ ସଭା ହେବା ଅବସରରେ ଅଞ୍ଚଳର ସଂଗଠିତ ମହିଳାମାନେ ମଦ କାରବାର ବନ୍ଦ କରିବା ପାଇଁ ଆନ୍ଦୋଳନ କରିଥିଲେ। ରାଜ୍ୟରେ ଆମ ସରକାର ଆସିଲେ ଓଡ଼ିଶା ମଦମୁକ୍ତ ହେବ ବୋଲି ଜେନା ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବିଏସପି ପାଇଁ ପ୍ରଚାର ମଙ୍ଗ ଧରିଥିବା ଶ୍ରୀକାନ୍ତ କଂଗ୍ରେସ ଦଳ ଲାଗି କ୍ଷତି ପହଞ୍ଚାଇବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଅନ୍ୟମାନଙ୍କ ମଧ୍ୟରେ ସାମାଜିକ ନ୍ୟାୟ ସଙ୍ଗଠନର ଆବାହକ ଅକ୍ଷୟ କୁମାର ମଲ୍ଲିକ, ପ୍ରତାପପୁର ସମିତିସଭ୍ୟ ପାର୍ଥ ସାରଥି ପଣ୍ଡା, ଖଗେଶ୍ୱର ନାୟକ ପ୍ରମୁଖ ଭୋଟରଙ୍କୁ ଉପଯୁକ୍ତ ପ୍ରାର୍ଥୀ ବାଛିବା ଲାଗି ନିବେଦନ କରି ଯୁବନେତାଙ୍କୁ ଜିତାଇବା ସକାଶେ ଅନୁରୋଧ କରିଥିଲେ।



ପଥପ୍ରାନ୍ତ ସଭାରେ ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସହ ବିଏସପି ପ୍ରାର୍ଥୀ ଓ ସମର୍ଥକମାନେ ।

### ଟ୍ରକ୍ ୟୁନିୟନ-ଟ୍ରାନ୍ସପୋର୍ଟ ୟୁନିୟନ ମଧ୍ୟରେ ବିବାଦ

# ରୋଡ୍ ସେଲ୍ କୋଇଲା ପରିବହନ ବନ୍ଦ

**ବ୍ରଜରାଜନଗର, ୨୩।୪ (ଡି.ଏନ.ଏ.)** ବ୍ରଜରାଜନଗର ଅଞ୍ଚଳରେ ମହାନଦୀ କୋଇଲା କମ୍ପାନୀର ବିଭିନ୍ନ ଖଣିରୁ ଦୁଇ ଦିନ ଧରି ରୋଡ ସେଲ କୋଇଲା ପରିବହନ ବନ୍ଦ ରହିଛି । ଫଳରେ ଶହ ଶହ ଟ୍ରକ ବିଭିନ୍ନ ପାର୍କିଂରେ ଦୁଇଦିନ ଧରି ଛିଡା ହୋଇ ରହିଛି । ଟ୍ରକ ୟୁନିୟନ ଏବଂ ଟ୍ରାନ୍ସପୋର୍ଟ ୟୁନିୟନ ମଧ୍ୟରେ ବିବାଦ ଯୋଗୁଁ ରୋଡସେଲ କୋଇଲା ପରିବହନ ବନ୍ଦ ରହିଛି । କେତେକ ନିର୍ଦ୍ଦିଷ୍ଟ ପରିବହନକାରୀ ସଂସ୍ଥା ଗାଡି ମାଲିକମାନଙ୍କୁ ଠିକ୍ ସମୟରେ ଗାଡି ଭଡା ଦେଇ ନାହାନ୍ତି । ଗୋଟିଏ ଟ୍ରିପ୍ କୋଇଲା ବୋହିଲେ ଟ୍ରକ୍ ମାଲିକମାନେ ଟଙ୍କା ପାଇବା ବେଳକୁ ପ୍ରାୟ ଅଢ଼େଇ ମାସ ଲାଗି ଯାଉଛି। ଏଣୁ ଗାଡି ମାଲିକମାନେ କୋଇଲା ନ ବୋହି ଗାଡି ଛିଡା କରିବାକୁ ପସନ୍ଦ କରୁଛନ୍ତି। ତେବେ ପରିବହନକାରୀ ସଂସ୍ଥା ସଭାପତି ଅଜିତ ଧଳ ଓ ତାଙ୍କ ସହଯୋଗୀ ବାବୁଲା ମିଶ୍ର ସମସ୍ତ ଗାଡି ନିର୍ଦ୍ଧାରିତ ସମୟସୀମା ଭିତରେ କୋଇଲା ନେବା ପାଇଁ ଗାଡି ମାଲିକମାନଙ୍କୁ ତାଗିଦ କରିଥିଲେ । ଯେଉଁ କେତେକ ପରିବହନକାରୀ ସଂସ୍ଥା ଠିକ ସମୟରେ ଭଡା ଦେଉନାହାନ୍ତି ସେହି ସମସ୍ୟା ପ୍ରଥମେ ସମାଧାନ କରାଯାଉ। ଗୋଟିଏ ଟ୍ରିପ୍ କୋଇଲା ନେଲେ ତାହାର ଭଡା ଟଙ୍କା ୭ ଦିନ ମଧ୍ୟରେ ପଇଠ କରାଯାଉ। ଏଭଳି ଜିଦରେ ୨ଦିନ ଧରି ପ୍ରତି ଖଣିରୁ ପରିବହନ ବନ୍ଦ ରହିଛି । ମଙ୍ଗଳବାର ଉଭୟ ସଂସ୍ଥା ମଧ୍ୟରେ ଏକ ଜରୁରୀ ବୈଠକ ବସିଥିଲା । ୨୪ ଘଣ୍ଟା ମଧ୍ୟରେ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଟ୍ରକ ମାଲିକ ସଂଘର ସଭାପତି ଅମୀୟ କୁମାର ସାମଲ ପ୍ରକାଶ କରିଛନ୍ତି ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ବ୍ଲକ ଏବଂ ପଞ୍ଚାୟତ ସ୍ତରୀୟ ନିଯୁକ୍ତି ପାଇଁ
ସମସ୍ତ ଜିଲ୍ଲାରୁ ପ୍ରାର୍ଥୀ ଆବଶ୍ୟକ ।
ଯୋଗ୍ୟତା - ୧୦ମ ରୁ ଊର୍ଦ୍ଧ
ଦରମା - ୭୦୦୦/- ରୁ ୩୫୦୦୦/-
9668051710

PART / FULL TIME
ଘରକାମ/ରୋଷେଇ/ରୋଗୀଙ୍କ ଯତ୍ନ/ଛୋଟପିଲାଙ୍କ ଯତ୍ନ ଏବଂ ଡ୍ରାଇଭର ଆବଶ୍ୟକ
Contact Number - 7381222430, 9090909300

URGENT REQUIRED
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ Candidate ଆବଶ୍ୟକ। ଦରମା: 27,000/-, ଶିକ୍ଷାଗତ ଯୋଗ୍ୟତା: 8th to 10th & above.
Contact: 8339922964

All Odisha Aadarsha Vidyalaya Vacancy
Post- SECURITY GUARD, DATA ENTRY, PEON, SWEEPER (Male / Female)
Sal-10000/ Above, Qual-8th/Above
Contact : 8480659517

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25000/-.
Contact Immediately
Mob: 8763257042

URGENT REQUIRED FOR AIRPORT JOB
Ground Staff (Male/Female)
Qualification : +2/Graduation
Salary : Rs.14000 To Rs.35000. Age : 18 To 30 yrs. Free Accommodation
Mob : 9090732106, 9090391585 (Bhubaneswar)

REQUIRED
Required one Lady Receptionist-cum-Accountant (Computer known), One Lady Supervisor for housekeeping & One Cook specially for Tandoor, for a reputed Hotel at Puri.
Apply with Bio-data, Passport size Photo & Contact No. to M/S DEEP RESORTS PVT. LTD., SEA BEACH ROAD, PURI-752001 within 10 days.
Contact: 7064836206, 06752-232834, 220848, 232835

REQUIREMENT
In immediate requirement of Computer Designer, having knowledge on Autocad, Photoshop, Coreldraw & others basic computing fields.
Contact No: 9338467646, 9861334152
IDOL Copier, Plot-5, Janpath, BBSR.

Contact: 9938414918
Bhubaneswar ଅଫିସ୍ ପାଇଁ 10th/ above Candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱର ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
Contact: 9938676412

SR. ACCOUNTANT, PROJECT HEAD, MARKETING, EXCEL EXPERT, TELE-CALLER, LABOUR CONTRACTOR, RECOVERY AGENT, SUPERVISOR
FOR PRE-CAST MANUFACTURING UNIT
Two-Wheeler Must, all Odisha.
9040019196/9778821577

DIRECT JOINING (NO INTERVIEW)
ଏକ Delhi Based Company ତାର Odisha ର Branch Expansion ପାଇଁ 35 (M/F) ଜଣ Candidates ଙ୍କୁ Direct Selection କରୁଛି। Qualification : 10th Pass / +2 and above. Monthly Income - 10,000/- + Free Accommodation. Age - 18+, ଆସନ୍ତା ୪ ଦିନ ମଧ୍ୟରେ Bio-data ସହିତ ସାକ୍ଷାତ କରନ୍ତୁ। (NO CHARGES)
MICRO EXPANSION, N//6, 1st Floor, IRC Village, Jayadev Vihar, Bhubaneswar, Ph : 9238100178

REQUIRED
FOR HOTEL RECEPTION MANAGER AT 148, HOTEL TAJ PALACE, BAPUJI NAGAR, BBSR
CONTACT- 9776967006, 9438143208

REQUIRED
Audit Assistant-cum-Accountant with minimum B.Com qualification having good knowledge in Accountancy
Contact:- R.C. LAL & Co. Chartered Accountants, 41, Ashok Nagar (East), Bhubaneswar-751009

Direct Joining
Customer Care (Airtel) Data Entry & Security Guard
Qual. : 10th, +2, +3, ITI, Diploma, B.Tech
Salary : Rs.6500/- To Rs.15000/-
Mob : 7440044313

ବ୍ଲକ୍ ସ୍ତରୀୟ ନିଯୁକ୍ତି
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
Mob : 8895725158

ଛାତ୍ରୀ ଆବଶ୍ୟକ
ଶୁଶ୍ରୁଷା ଅଧୀନରେ ଘରୋଇସେବା ବା ହୋମ୍‌ନର୍ସିଂ ଟ୍ରେନିଂ ନେବା ପାଇଁ ୧୮ ବର୍ଷରୁ ୩୫ବର୍ଷ ବୟସ୍କ ନବମ ଶ୍ରେଣୀ ବା ତଦୁର୍ଦ୍ଧ ଶିକ୍ଷାଗତ ଯୋଗ୍ୟତା ଥିବା ମହିଳା ପ୍ରାର୍ଥୀ ଆବଶ୍ୟକ। ୨ମାସ ଟ୍ରେନିଂ ପରେ ଆକର୍ଷଣୀୟ ଦରମା ସହିତ ନିଯୁକ୍ତି ପାଇବେ। ମଇ ୩ ତାରିଖ ୨୦୧୯ଠାରୁ ଟ୍ରେନିଂ ଆରମ୍ଭ ହେବ। ଦରଖାସ୍ତ ଦେବାର ଶେଷ ତାରିଖ ୩୦ ଅପ୍ରେଲ ୨୦୧୯। ଟ୍ରେନିଂ ସମୟରେ କୌଣସି କୋର୍ସ ଫି ନିଆଯିବ ନାହିଁ ଏବଂ ହଷ୍ଟେଲରେ ମାଗଣାରେ ରହିବାର ଓ ଖାଇବାର ସୁବିଧା ରହିଛି।
ଯୋଗାଯୋଗ ଠିକଣା: ସମ୍ପାଦିକା ଶୁଶ୍ରୁଷା
ପ୍ଲଟ୍ ନଂ. ୪୯୩, ଭୀମପୁର, କାର୍ଗିଲ୍‌ରୋଡ଼, ପଳାଶପଲ୍ଲୀ, ଭୁବନେଶ୍ୱର-୭୫୧୦୨୦
ଟେଲିଫୋନ୍: ୭୯୭୮୩୯୧୧୦, ମୋ: ୮୮୯୫୩୪୦୫୪୫, ଯୋଗାଯୋଗ ସମୟ: ୧୦.୩୦ଠାରୁ ୪ଟା ପର୍ଯ୍ୟନ୍ତ

CHILD HELP FOUNDATION
REQUIRES:
Telecampaigners.
Freshers / Experienced Both can apply.
Fluency in English & Hindi is must
Salary + Attractive Incentives + T.A
Contact - 7504029820 / 9776825919
Email : pradeep@childhelpfoundationindia.org
Walk in interview : Timing 10 am to 6 pm
Add: Room No - 409, 4th Floor, Janpath Tower, Ashok Nagar, Bhubaneshwar - 751009

FOR DOMESTIC PROCESS
FUSION BPO
NASSCOM® MEMBER
CAREER FAIR AT BHUBANESWAR
WALK IN WITH YOUR RESUME
20TH April 2019 (Saturday) 9:30 am - 5:00 pm
ADDRESS
SR CORPORATE GUEST HOUSE-2
PLOT NO: 17, AMRAPALI, AHALYA NAGAR, OPPOSITE KOEL CAMPUS, NEAR SAI TEMPLE, PATIA, Bhubaneswar, Odisha 751024
CALL US FOR TELEPHONIC INTERVIEW
9874178232 / 6290829832 / 7003064969 / 9875323773
8617773228 / 7980533049 / 6290829833 / 8336900210

See CAREER APPOINTMENT on every Wednesday & Saturday

REQUIRED
A leading Distributor of Electrical Test & Measurement Instruments and Engineering design Software requires.
a) Sales Engineer for Bhubaneswar office. Job involves travelling. B.Tech ECE/EE with experience in Industrial Sales preferred. E-mail resume to.-
elmaxsolutionscal@gmail.com

URGENTLY REQUIRED
1. MANAGER-2 NO. (EXPERIENCE IN SKILL WITH COMPUTER)
2. D.G.M-1 NO. (EXPERIENCE IN NGO SECTOR), 3. PEON-02 NO.
4. ADMIN.-1 NO. (RETD.) 5. CO-ORDINATOR-2 NO. (MBA / MCA)
6. MANAGER-02 NO. (EXPERIENCE IN SOFTWARE MARKETING OR DATA PROCESSING WORK)
PERLCT B-11, CIE, Patia, BBSR., Near KIIMS, Mob. 8260222053, 8093502498
STP-DDUGKY, PMKVY, ESDM, NULM, OULM, RPL, SC

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 69.62 (5) | 38,564.26 (80.30) | 11,575.95 (18.50) | 32,770.00 (`100) | 38,425.00 (`145) |



## ସଂକ୍ଷେପରେ

### ସ୍ୱାମୀଙ୍କ ସହ ଚନ୍ଦା କୋଚରଙ୍କୁ ଇଡି ସମନ



ନୂଆଦିଲ୍ଲୀ,୨୩-୪: ଭିଡିଓକନ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଚନ୍ଦା କୋଚର ଏବଂ ତାଙ୍କ ସ୍ୱାମୀ ଦୀପକ କୋଚରଙ୍କୁ ସମନ ଜାରି କରିଛନ୍ତି। ସେମାନେ ଆସନ୍ତା ସପ୍ତାହରେ ଦିଲ୍ଲୀ ମୁଖ୍ୟାଳୟରେ ହାଜର ହେବାକୁ କୁହାଯାଇଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଚନ୍ଦାଙ୍କୁ ମେ ୩ରେ ଏବଂ ଦୀପକ ଓ ତାଙ୍କ ଭାଇ ରାଜୀବଙ୍କୁ ଚଳିତ ମାସ ୩୦ରେ ଯାଞ୍ଚ ଅଧିକାରୀଙ୍କ ନିକଟରେ ଉପସ୍ଥିତ ହେବାକୁ କୁହାଯାଇଛି। ସେମାନଙ୍କଠାରୁ ପିଏମ୍‌ଏଲ୍‌ଏ ଆଇନ ଅଧୀନରେ ବୟାନ ନିଆଯିବ। ଚନ୍ଦାଙ୍କ ସମେତ ଅନ୍ୟମାନଙ୍କୁ ଗତ ସପ୍ତାହରେ ସମନ ପଠାଯାଇଛି ବୋଲି ସେ କହିଛନ୍ତି। ଯାଞ୍ଚକୁ ଆଗକୁ ବଢ଼ାଇବା ଲାଗି ସେମାନଙ୍କ ଉପସ୍ଥିତି ଅତ୍ୟନ୍ତ ଜରୁରୀ ହୋଇପଡିଛି। ଏହାଛଡ଼ା ସେମାନଙ୍କୁ ବ୍ୟକ୍ତିଗତ ଆର୍ଥିକ ଦସ୍ତାବିଜ ଆଣିବାକୁ କୁହାଯାଇଛି। ସୂଚନାଥାଉ କି, ଆଇସିଆଇସିଆଇ ବ୍ୟାଙ୍କ ଦ୍ୱାରା ଭିଡିଓକନ ଗ୍ରୁପ୍‌କୁ ୧୮୭୫ କୋଟି ଟଙ୍କାର ଋଣ ମଞ୍ଜୁରୀ ବେଳେ ଅନିୟମିତତା ହୋଇଥିବା ଅଭିଯୋଗ ଉଠିଛି। ସିବିଆଇ, ଇଡି ଏହାର ସ୍ୱତନ୍ତ୍ର ଯାଞ୍ଚ କରିଛି।

### ଆଧାର ଏକ ପରିଚୟ ପତ୍ର: ନିଲେକାନି

ବେଙ୍ଗାଲୁରୁ,୨୩-୪: ଆଧାର କୌଣସି ବ୍ୟକ୍ତିର ଗୋପନୀୟତା ବା ତାଙ୍କ ଉପରେ ନଜର ରଖିବାର ମାଧମ ନୁହେଁ, ବରଂ ଏହା ଏକ ପରିଚୟ ମାତ୍ର ବୋଲି ଆଇଟି କମ୍ପାନୀ ଇନ୍‌ଫୋସିସ୍‌ର ସହପ୍ରତିଷ୍ଠାତା ତଥା ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ(ୟୁଆଇଡିଏଆଇ)ର ପୂର୍ବତନ ଅଧକ୍ଷ ନନ୍ଦନ ନିଲେକାନି କହିଛନ୍ତି। ଆଧାର ସପକ୍ଷରେ ମନ୍ତବ୍ୟ ଦେଇ ସେ କହିଛନ୍ତି ଯେ, ଏହାଦ୍ୱାରା କେବେ ହେଲେ କୌଣସି ବ୍ୟକ୍ତିର ସୂଚନା ଏକତ୍ରିତ କରାଯାଏ ନାହିଁ। ଏହା ଅତ୍ୟନ୍ତ ସରଳ ପ୍ରଣାଳୀ ବୋଲି ଉଲ୍ଲେଖ କରି ନିଲେକାନି କହିଛନ୍ତି ଯେ, କୌଣସି ସଂଗଠନ ଏହା ମାଧମରେ ତଥ୍ୟ ସଂଗ୍ରହ କଲେ ଗୋପନୀୟତା ସମ୍ପର୍କିତ ଚିନ୍ତା ଆହୁରି ବଢ଼ିଯାଏ। ସେ କହିଛନ୍ତି ଯେ, ଆଧାର ଏକ ପରିଚୟ ପତ୍ର ଭଳି ଜଣଙ୍କୁ ଚିହ୍ନଟ କରିବାରେ ସହାୟତା କରିଥାଏ। ଏହି କାରଣରୁ ଏହାକୁ ନଜର ରଖିବାର ଉପକରଣ ଭାବେ ମନେ କରKଯିବା ଅନୁଚିତ। କାହା ଉପରେ ନଜର ରଖିବା ଏବଂ ଗୋପନୀୟତା ଦୁଇଟି ଭିନ୍ନ ପ୍ରସଙ୍ଗ ବୋଲି ସେ କହିଛନ୍ତି।

### ପି ଆଣ୍ଡ ଜି ଖାଇଗଲା ୨୫୦ କୋଟି ଲାଭ

ନୂଆଦିଲ୍ଲୀ,୨୩-୪: ସାମଗ୍ରୀ ଏବଂ ସେବା ଟିକସ(ଜିଏସ୍‌ଟି) ଅଧୀନରେ ଗ୍ରାହକଙ୍କୁ ଫାଇଦା ନ ଦେଇ ଆମେରିକାର ମଲ୍ଟି ନ୍ୟାଶନାଲ ଏଫ୍‌ଏମ୍‌ସିଜି କମ୍ପାନୀ ପ୍ରକ୍ଟର ଆଣ୍ଡ ଗ୍ୟାମ୍ବଲ(ପି ଆଣ୍ଡ ଜି) ୨୫୦ କୋଟି ଟଙ୍କା ଚଲୁ କରିଦେଇଛି ବୋଲି ଜିଏସ୍‌ଟି ଲାଭ ଯାଞ୍ଚ କରୁଥିବା ଏଜେନ୍ସି ଧରିଛି। ଆର୍ଥିକ ବ୍ୟାପାର ଷ୍ଟାଣ୍ଡିଂ କମିଟି ନିକଟରେ ଏ ସଂକ୍ରାନ୍ତରେ ଏକ ଅଭିଯୋଗ ଆସିବା ପରେ ଡାଇରେକ୍ଟୋରେଟ ଜେନେରାଲ ଅଫ୍ ଆଣ୍ଟି ପ୍ରଫିଟିୟରିଂ(ଡିଜିଏପି) ପି ଆଣ୍ଡ ଜିର ୨୦୧୭ ନଭେମ୍ବର ୧୫ ପୂର୍ବ ଏବଂ ପର ଆକାଉଣ୍ଟ ଯାଞ୍ଚ ଆରମ୍ଭ କରିଥିଲା। ଜିଏସ୍‌ଟି କାଉନସିଲର ନିଷ୍ପତ୍ତି ସତ୍ତ୍ୱେ ଏହି କଞ୍ଜ୍ୟୁମର ଗୁଡ୍ସ ମାନୁଫାକଚରିଂ କମ୍ପାନୀ କେତେକ ସାମଗ୍ରୀର ଦରକୁ ୨୮ରୁ ୧୮%କୁ ହ୍ରାସ କରି ନଥିଲା ବୋଲି ଜଣାପଡିଛି। ଡିଜିଏପି ରିପୋର୍ଟରେ ପି ଆଣ୍ଡ ଜି ୨୫୦ କୋଟି ଟଙ୍କା ଫାଇଦା ପାଇଛି ବୋଲି ଦର୍ଶାଯାଇଛି।



“କ୍ଲିନମ୍ୟାକ୍ସ ସୋଲାର ଆସନ୍ତା ବର୍ଷକ ମଧ୍ୟରେ ସୋଲାର କ୍ଷମତାକୁ ୫୦୦ ମେଗାୱାଟକୁ ବୃଦ୍ଧି କରିବାର ଯୋଜନା ରହିଛି।
–କୁଲଦୀପ ଜୈନ, ଏମ୍‌ଡି, କ୍ଲିନମ୍ୟାକ୍ସ ସୋଲାର



“ଇରାନ ବିରୋଧରେ ଆମେରିକାର କଟକଣା କୋହଳ ପ୍ରତ୍ୟାହାର ହେବା ଦ୍ୱାରା ଭାରତର ରପ୍ତାନି ପ୍ରଭାବିତ ହେବ।
– ମୋହିତ ସିଙ୍ଗଲା, ଅଧକ୍ଷ, ଟ୍ରେଡ ପ୍ରମୋଶନ କାଉନସିଲ ଅଫ୍ ଇଣ୍ଡିଆ

# ଜେଟ୍ ପୁନରୁଦ୍ଧାର ଆଶା କ୍ଷୀଣ

ନୂଆଦିଲ୍ଲୀ,୨୩-୪




ଜେଟ୍ ଏୟାରୱେଜର ପୁନରୁଦ୍ଧାର ଆଶା କ୍ଷୀଣ ହେବାରେ ଲାଗିଛି। ଏହାର ବିମାନ ପୁଣିଥରେ ଉଡ଼ିବାର ସମ୍ଭାବନା ନ ଥିଲା ଭଳି ମନେ ହେଉଛି। କାରଣ ଏହି କମ୍ପାନୀରେ ପୁଞ୍ଜିନିବେଶ ସମ୍ଭାବନା ଖୋଜୁଥିବା ଏତିହାଦ ଏୟାରୱେଜ, ଟିପିଜି କ୍ୟାପିଟାଲ ଏବଂ ଇଣ୍ଡିଗୋ ପାର୍ଟନର୍ସ ଜେଟ୍‌କୁ ନେଇ ବିଶେଷ ଆଶାବାଦୀ ନୁହନ୍ତି। ଏହାଛଡ଼ା ଜେଟ୍‌ର ବିଡିଂ ପ୍ରକ୍ରିୟାକୁ ନେଇ ସେମାନଙ୍କ ମନରେ ଉଠିଥିବା କେତେକ ପ୍ରଶ୍ନର ଉତ୍ତର ଆଜିଯାଏ ସେମାନଙ୍କୁ ମିଳିନାହିଁ। ଏଥିସହିତ କେନ୍ଦ୍ର ସରକାର ଜେଟ୍‌ର ଉଡ଼ାଣ ସ୍ଲଟ୍‌କୁ ଅନ୍ୟ ଏୟାରଲାଇନ୍ସକୁ ବଣ୍ଟନ କରିବାକୁ ନିଷ୍ପତ୍ତି ନେବା ପରେ ବିଡିଂ ପ୍ରକ୍ରିୟାରେ ସାମିଲ କମ୍ପାନୀଗୁଡିକ ହତୋତ୍ସାହିତ ହୋଇଛନ୍ତି। ଏତେ ସବୁ ନକାରାତ୍ମକ ଦିଗ ଭିତରେ ପୁଞ୍ଜିନିବେଶରୁ ଫାଇଦା ମିଳିବ ନାହିଁ ବୋଲି ମନେ କରି ସେମାନେ ବିଡିଂ ପ୍ରକ୍ରିୟା ପଛଘୁଞ୍ଚା ଦେଲେଣି। ସେମାନେ ବିଡିଂ ପ୍ରକ୍ରିୟାରେ ସାମିଲ ନ ହେବା ନେଇ ବିଚାର କରୁଛନ୍ତି। ଜେଟ୍ ଋଣପ୍ରଦାନକାରୀ ଓ ବିଡ୍ ପ୍ରକ୍ରିୟା ଚଳାଉଥିବା ଏସ୍‌ବିଆଇ କ୍ୟାପିଟାଲ ମାର୍କେଟସ ଡ୍ୟୁ ଡିଲିଜେନ୍ସ ପ୍ରୋସେସ୍ ଆରମ୍ଭ କରିଛି। ନିବେଶକ ମେ ୧୦ ତାରିଖ ସୁଦ୍ଧା ସେମାନଙ୍କର ବିଡ୍ ଦାଖଲ କରିପାରିବେ। ବିଡ୍ ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି ଯେ, ଜେଟ୍‌ର ୪୦୦ରୁ ଅଧିକ ଲାଭଜନକ ସ୍ଲଟ୍ ଅନ୍ୟ ଏୟାରଲାଇନ୍ସକୁ ମିଳୁଥିବାରୁ ନିବେଶକମାନଙ୍କ ଭିତରେ ନକାରାତ୍ମକ ପ୍ରଭାବ ପଡିଛି। ସେମାନେ ଜେଟ୍‌ରେ ନିବେଶ କରି କ'ଣ ପାଇବେ ସେ ନେଇ ପ୍ରଶ୍ନ କରିବା ଆରମ୍ଭ କଲେଣି। ତେବେ ସରକାର କହୁଛନ୍ତି ଅସ୍ଥାୟୀ ଭାବେ ଏହା ଦିଆଯାଉଛି। କିନ୍ତୁ ସରକାରଙ୍କ କଥାରେ ନିବେଶକମାନେ ସନ୍ତୁଷ୍ଟ ନୁହନ୍ତି। କାରଣ ଦିଆଯାଇଥିବା ସ୍ଲଟ ଫେରସ୍ତ ପାଇବା ସେତେଟା ସହଜ ନୁହେଁ। ଏହାଛଡ଼ା ବିମାନକୁ ଲିଜ୍‌ରେ ଦିଆଯାଉଛି। ଏହି କାରଣରୁ ଜେଟ୍‌ରେ ନିବେଶ କରିବା ଦ୍ୱାରା ଫାଇଦା ମିଳିବାର ସମ୍ଭାବନା କମ୍ ବୋଲି ସେମାନେ ବିଚାର କରୁଛନ୍ତି। ଏହାଛଡ଼ା ଋଣପ୍ରଦାନକାରୀଙ୍କ ନିକଟରେ ଏବେ ମଧ୍ୟ ୩୧% ଶେୟାର ରହିଛି, ଯାହାକୁ ନରେଶ ଗୋୟଲ ବନ୍ଧା ରଖିଛନ୍ତି। ସେହିପରି ଋଣପ୍ରଦାନକାରୀ ଜରୁରୀ ପାଣ୍ଠି ନ ଦେବା ପଛରେ ରହିଥିବା ରହସ୍ୟ ସେମାନେ ବୁଝିପାରୁନ ଥିବାରୁ ନିବେଶକମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି।

**▶ଅନ୍ୟ କମ୍ପାନୀକୁ ସ୍ଲଟ୍ ପ୍ରଦାନ ଅସ୍ଥାୟୀ : ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ**

ଜେଟ୍ ଏୟାରୱେର ସ୍ଲଟକୁ ନେଇ ବିଭିନ୍ନ ବିବାଦ ଉପୁଜୁଥିବା ବେଳେ ଏହାକୁ ନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ନିଜର ପ୍ରତିକ୍ରିୟା ରଖିଛି। ବିମାନ କମ୍ପାନୀର ସ୍ଲଟକୁ ଅସ୍ଥାୟୀ ଭାବେ ଅନ୍ୟ ସଂସ୍ଥାକୁ ଦିଆଯାଉଛି ବୋଲି ମନ୍ତ୍ରଣାଳୟ ପ୍ରକାଶ କରିଛି। ଜେଟ୍ ପରିଚାଳନା ସ୍ଥିତିକୁ ଆସିଗଲେ ସ୍ଲଟ୍‌ଗୁଡିକ ପୁଣି ଥରେ ଏହାକୁ ଦିଆଯିବା ନେଇ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି।

**▶ସ୍ଲଟ୍ ପ୍ରସଙ୍ଗକୁ ନେଇ କର୍ମଚାରୀ ଅସନ୍ତୁଷ୍ଟ**

ଜେଟ୍‌ର ଭାଗରେ ପଡିଥିବା ସ୍ଲଟ୍‌କୁ ଅନ୍ୟ ସଂସ୍ଥାଗୁଡିକୁ ପ୍ରଦାନ କରିବା ଯୋଗୁ କର୍ମଚାରୀମାନେ ଏହାକୁ ନେଇ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। ଜେଟ୍‌ର ବିଡିଂ ପ୍ରକ୍ରିୟା ନ ଶେଷ ହେବା ଯାଏ ଏହାର ସ୍ଲଟ୍‌କୁ ଅନ୍ୟ କୌଣସି କମ୍ପାନୀକୁ ନ ଦିଆଯାଉ ବୋଲି କର୍ମଚାରୀ ସଂଘ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ନିବେଦନ କରିଛି।

**▶ବିମାନ ଯାତ୍ରା ଅଭିବୃଦ୍ଧି ପ୍ରଭାବିତ**

ଗତ ୫୪ ମାସ ଧରି ଘରୋଇ ବିମାନ ଶିଳ୍ପରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ଧାରା ଲାଗି ରହିଥିବା ବେଳେ ଜେଟ୍ ଉଡାଣ ଅନିର୍ଦ୍ଦିଷ୍ଟ କାଳ ଲାଗି ବନ୍ଦ ରହିବା ଯୋଗୁ ଏହା ପ୍ରଭାବିତ ହୋଇଛି। ୨୦୧୯ରେ ଦେଶ ମଧ୍ୟରେ ୧.୧୫ କୋଟି ଲୋକ ବିମାନ ଯାତ୍ରା କରିଥିଲେ। ଏହା ଗତ ବର୍ଷ ତୁଳନାରେ ମାତ୍ର ୦.୧% ଅଧିକ ରହିଛି। ଅପରପକ୍ଷରେ ଦେଶ ମଧ୍ୟରେ ଫ୍ଲାଇଟ୍ ସଂଖ୍ୟା କମିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି।

**▶ଇସ୍ତଫା ଦେଇସାରିଛନ୍ତି ଜେଟ୍‌ର ୪୧୦ ପାଇଲଟ**

ଜେଟ୍ ଏୟାରୱେଜ ପୁଣିଥରେ ଉଡ଼ିବା ନେଇ ସଂଶୟ ରହିଛି। ଗତ ୭ ମାସ ମଧ୍ୟରେ ୪୧୦ ଜଣ ପାଇଲଟ ଓ କ୍ୟାପ୍ଟେନ ଚାକିରି ଛାଡ଼ିଛନ୍ତି। ଏବେ ଜେଟ୍ ନିକଟରେ ୧୫୨୭ ପାଇଲଟ ରହିଛନ୍ତି ବୋଲି ଏୟାରଲାଇନର ପାଇଲଟ ସଂଘ, ନ୍ୟାଶନାଲ ଏଭିଏଟର୍ସ ଗିଲ୍ଡ କହିଛି। କିଛି ବିମାନକୁ ଏହାର ବିମାନ ପରିଚାଳନା ଦଳ ସହିତ ଅନ୍ୟ ଏୟାରଲାଇନ୍ସକୁ ଭଡ଼ାରେ ଦିଆଯିବାର ପ୍ରସ୍ତାବ ରହିଛି।



# ହୋଣ୍ଡାର ନୂଆ ଆମେଜ୍ ଭିଏକ୍ସ ସିଭିଟି

ନୂଆଦିଲ୍ଲୀ,୨୩-୪




ପ୍ରମୁଖ ଅଟୋମୋବାଇଲ ମାନୁଫାକ୍‌ଚରର ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ(ଏଚ୍‌ସିଆଇଏଲ୍) ପକ୍ଷରୁ ନୂଆ ଆମେଜ୍ ଭିକ୍ସ ସିଭିଟି ବଜାରକୁ ଆସିଛି। ହୋଣ୍ଡା ଆମେଜ୍ ଫ୍ୟାମିଲି ସେଡାନ୍ ବର୍ଗରେ କମ୍ପାନୀର ଏକ ଲୋକପ୍ରିୟ ବ୍ରାଣ୍ଡ ହୋଇଥିବା ବେଳେ ଏଥିରେ ଏକ ନୂଆ ଗ୍ରେଡ୍ ଯୋଡିହୋଇଛି। ଉଭୟ ପେଟ୍ରୋଲ ଏବଂ ଡିଜେଲ ଭାରିଆଣ୍ଟରେ ଏହା ଉପଲବ୍ଧ। ଏସ୍ ଏବଂ ଭି ଗ୍ରେଡ୍‌ରେ ସିଭିଟି ଭାରିଆଣ୍ଟ ଉପଲବ୍ଧ ହେବ ବୋଲି କମ୍ପାନୀ ପ୍ରକାଶ କରିଛି। ଏହି ସେଗ୍‌ମେଣ୍ଟରେ ଦ୍ୱିତୀୟ ପିଢି ହୋଣ୍ଡା ଆମେଜ ଏକ ଲୋକପ୍ରିୟ ମଡେଲ ହୋଇ ପାରିଛି ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ନିର୍ଦ୍ଦେଶକ ତଥା ବରିଷ୍ଠ ଉପସଭାପତି ରାଜେଶ ଗୋଏଲ ସୂଚନା ଦେଇଛନ୍ତି। ପେଟ୍ରୋଲ ଏବଂ ଡିଜେଲ ବର୍ଗରେ ଗ୍ରାହକମାନେ ଅତ୍ୟାଧୁନିକ ସିଭିଟି ମଡେଲ ପ୍ରତି ଆଗ୍ରହ ଦେଖାଉଛନ୍ତି। ଏଭଳି ପ୍ରସଙ୍ଗକୁ ଧ୍ୟାନରେ ରଖି ନୂଆ ମଡେଲଟିକୁ ବଜାରକୁ ଆଣିଛୁ ବୋଲି ଗୋଏଲ କହିଛନ୍ତି। ନୂଆ ମଡେଲଟିରେ ଅତ୍ୟାଧୁନିକ ଇନଫୋଟେନମେଣ୍ଟ ସିଷ୍ଟମ, ସାଟେଲାଇଟ ସଂଯୁକ୍ତ ହୋଇଥିବା ଟର୍ନ ସିଷ୍ଟମ, ଅଗ୍ରଣୀ ସ୍ମାର୍ଟଫୋନ କନେକ୍ଟିଭିଟି, ଆଇଆର୍ ରିମୋଟ କଣ୍ଟ୍ରୋଲ, ଅତିରିକ୍ତ ୟୁଏସ୍‌ବି ଇନ୍‌ପୋର୍ଟ, ରିୟର କ୍ୟାମେରା ଗାଇଡ୍ ଭଳି ବୈଶିଷ୍ଟ୍ୟ ଗ୍ରାହକ ଏଥିରେ ଲାଭ କରିପାରିବେ।

# ରେନୋ ପକ୍ଷରୁ ସମର ସର୍ଭିସ କ୍ୟାମ୍ପ

ଭୁବନେଶ୍ୱର,୨୩-୪

**୨୮ ଏପ୍ରିଲ ଯାଏ ଚାଲିବ**

RENAULT Passion for life

ୟୁରୋପୀୟ ଅଟୋମୋଟିଭ୍ ବ୍ରାଣ୍ଡ ରେନୋ ଇଣ୍ଡିଆ ପକ୍ଷରୁ ଦେଶବ୍ୟାପୀ ସମର ସର୍ଭିସ କ୍ୟାମ୍ପର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହା ଚଳିତ ମାସ ୨୨ ଠାରୁ ୨୮ ଯାଏ କମ୍ପାନୀର ସର୍ଭିସ ଫାସିଲିଟିଗୁଡିକରେ ଅନୁଷ୍ଠିତ ହେବ। ଗ୍ରାହକ ସନ୍ତୁଷ୍ଟି ପଦକ୍ଷେପ ବୃଦ୍ଧି ସ୍ୱରୂପ କମ୍ପାନୀ ଉନ୍ନତ ବିକ୍ରି ପରବର୍ତ୍ତୀ ସେବା ଯୋଗାଣକୁ ଏହା ଦ୍ୱାରା ଧ୍ୟାନରେ ରଖିବ। ଏହାକୁ କମ୍ପାନୀର ୪୫୦ ଟଚ୍ ପଏଣ୍ଟରେ ଆରମ୍ଭ କରାଯାଇଛି। ଅଭିଜ୍ଞ ସର୍ଭିସ ଟେକ୍ନିସିଆନଙ୍କ ଦ୍ୱାରା ଯାନର ସର୍ଭିସ ସୁବିଧା ଯୋଗାଇଦିଆଯିବ। ଏହି ସମୟରେ ଗ୍ରାହକମାନେ ବଛା ଆସେସୋରିଜ ଉପରେ ୫୦% ପର୍ଯ୍ୟନ୍ତ ରିହାତି, ପାର୍ଟସ ଉପରେ ୧୦% ରିହାତି, ଲେବର ଚାର୍ଜ ଏବଂ ଅନ୍ୟାନ୍ୟ ଭାଲ୍ୟୁ ଆଡେଡ ସେବା ଉପରେ ୧୫% ସହ ରେନୋ ସୁକ୍ୟୁର ଦ୍ୱାରା ୧୦% ରିହାତି ପାଇବାର ସୁବିଧା କରାଯାଇଛି। ଏହାବାଦ ଟାୟାର ଏବଂ ଇଞ୍ଜିନ ଅଏଲ ପରିବର୍ତ୍ତନ ଉପରେ ରିହାତି ଦିଆଯାଉଛି। ମାଇଁ ରେନୋ ଆପ୍ ଡାଉନଲୋଡ କରିଥିବା ଗ୍ରାହକଙ୍କ ପାଇଁ ଅତିରିକ୍ତ ରିହାତି ସୁବିଧା ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଜେଏମ୍‌ଜି ହିରୋରେ ଗ୍ରାହକ ସମ୍ମିଳନୀ



କଟକ,୨୩-୪

ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ଲିମିଟେଡର ଅଧିକୃତ ବିକ୍ରେତା ଜେଏମ୍‌ଜି ହିରୋ ପକ୍ଷରୁ ଗୁଡ୍ ଲାଇଫ ଗ୍ରାହକମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୭୦ ଜଣଙ୍କୁ ଏଠାରେ କମ୍ପାନୀ ପକ୍ଷରୁ ପୁରସ୍କୃତ କରାଯାଇଛି। ଜେଏମ୍‌ଜି ଅଟୋମୋବାଇଲର ସ୍ୱତ୍ୱାଧିକାରୀ ପ୍ରଦୀପ ଅଗ୍ରୱାଲ ଉପସ୍ଥିତ ରହି ଗ୍ରାହକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କମ୍ପାନୀର ଗୁଡ୍‌ଲାଇଫ ଯୋଜନା ଗ୍ରାହକଙ୍କ ପାଇଁ କାର୍ଯ୍ୟକାରୀ କରାଯାଇଥିବା ଅଗ୍ରୱାଲ କହିଛନ୍ତି। ଏହା ଦ୍ୱାରା ସେବା, ବିକ୍ରି ଓ ଯନ୍ତ୍ରାଂଶ କ୍ରୟ ଉପରେ ଗ୍ରାହକ ପଏଣ୍ଟ ଲାଭ କରିପାରିବେ। ଗ୍ରାହକଙ୍କ ସହ ଯୋଡି ହୋଇ ରହିବା ଲାଗି ଏହା ଏକ ଯୋଜନା ବୋଲି ଅଗ୍ରୱାଲ ପ୍ରକାଶ କରିଛନ୍ତି।

# ଅନ୍ୟ ବୃହତ୍ ଦେଶରୁ ତେଲ କିଣାଯିବ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୨୩-୪

ଆସନ୍ତା ମେ' ୨ ପରେ ଭାରତ ସମେତ ୮ଟି ଦେଶ ଇରାନରୁ ଅଶୋଧିତ ତେଲ କିଣିପାରିବେ ନାହିଁ। ଏ ସଂକ୍ରାନ୍ତରେ ପୂର୍ବରୁ ଆମେରିକା କଟକଣା କୋହଳ କରିଥିଲା। ତେବେ ଉକ୍ତ ତାରିଖ ପରେ କଟକଣା ପୁନର୍ବାର ଲାଗୁ ହେବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଷ୍ପତ୍ତି ନେବା ପରେ ଭାରତ ବିକଳ୍ପ ପନ୍ଥା ବାହାର କରିଛି। ତୈଳ ଯୋଗାଣକାରୀ ଅନ୍ୟ ବୃହତ୍ ଦେଶରୁ ଭାରତ ତା'ର ଆବଶ୍ୟକତା ଭରଣା କରିବ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏ ସଂକ୍ରାନ୍ତରେ ସେ ଟୁଇଟ୍ କରି କହିଛନ୍ତି ଯେ, ଭାରତ ଏହାର ତୈଳ ଆବଶ୍ୟକତା ପୂରଣ ପାଇଁ ଯୋଜନା ପ୍ରସ୍ତୁତ କରିସାରିଛି। ଦେଶର ତୈଳ ବିଶୋଧନାଗାରକୁ ତେଲ ଯୋଗାଣ ବଜାୟ ରଖିବା ଲାଗି ଅନ୍ୟ ତୈଳ ଯୋଗାଣକାରୀଙ୍କଠାରୁ ଅତିରିକ୍ତ ତେଲ କିଣାଯିବ। ଦେଶର ରିଫାଇନେରିଗୁଡ଼ିକ ପେଟ୍ରୋଲ, ଡିଜେଲ ଓ ଅନ୍ୟ ପେଟ୍ରୋଲିୟମ ପଦାର୍ଥ ଚାହିଦା ପୂରଣ କରିବାରେ ସମ୍ପୂର୍ଣ୍ଣ ସମର୍ଥ ବୋଲି ଧର୍ମେନ୍ଦ୍ର ଟୁଇଟ୍‌ରେ ଦର୍ଶାଇଛନ୍ତି। ସୂଚନାଥାଉ କି, ଆମେରିକା ୨୦୧୮ ନଭେମ୍ବରରେ ଇରାନ ବିରୋଧରେ ସମ୍ପୂର୍ଣ୍ଣ କଟକଣା ଲାଗୁ କରିଥିଲା। ତେବେ ଭାରତ, ଚାଇନା, ଜାପାନ, ଦକ୍ଷିଣ କୋରିଆ, ତୁର୍କୀ ଆଦି ଦେଶକୁ ଚଳିତବର୍ଷ ମେ' ପହିଲା ପର୍ଯ୍ୟନ୍ତ ତେଲ କିଣିବାକୁ ଏହା ଅନୁମତି ଦେଇଥିଲା। କିନ୍ତୁ ସୋମବାର ଟ୍ରମ୍ପ ଆଉ ସମୟ ବୃଦ୍ଧି କରିବାକୁ ରାଜି ନୁହନ୍ତି ବୋଲି ଜଣାଇ ଦେଇଛନ୍ତି।



ଧର୍ମେନ୍ଦ୍ର ପ୍ରଧାନ।

## ଇରାନ ତେଲ କଟକଣା



### କେଉଁ କେଉଁ କ୍ଷେତ୍ର ହେବ ପ୍ରଭାବିତ

ଇରାନଠାରୁ ତେଲ ଆମଦାନି ବନ୍ଦ କରିବାକୁ ଭାରତ ସମେତ ୮ ଦେଶକୁ ଆମେରିକା ନିର୍ଦ୍ଦେଶ ଦେବା ପରେ ଏହାର ପ୍ରଭାବ ଅନ୍ତର୍ଜାତୀୟ ବଜାର ଉପରେ ପଡିଛି। ମଙ୍ଗଳବାର ଅଶୋଧିତ ତେଲ ପାଞ୍ଚ ମାସର ସର୍ବୋଚ୍ଚ ସ୍ତର ଛୁଇଁଛି। ଆମେରିକାର ଏଭଳି ନିଷ୍ପତ୍ତି ଭାରତୀୟ ଅର୍ଥ ବ୍ୟବସ୍ଥା ଏବଂ ବିତ୍ତୀୟ ଶୃଙ୍ଖଳା ଉପରେ ପ୍ରତିକୂଳ ପ୍ରଭାବ ପକାଇବ ବୋଲି ବଜାର ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରିଛନ୍ତି। ଜୁନ୍ ମାସର ଡେଲିଭରି ଲାଗି ଥିବା ବ୍ରେଣ୍ଟ ଫ୍ୟୁଚର ଅଶୋଧିତ ତୈଳ ଦର ୦.୬% ବୃଦ୍ଧି ଘଟି ବ୍ୟାରେଲ ପିଛା ୭୪.୫୧ ଡଲାର ଛୁଇଁଛି। ୩୧ ଡିସେମ୍ବରରେ ଏହା ବ୍ୟାରେଲ ପିଛା ୫୪.୫୭ ଡଲାର ଥିଲା। ଏହାବାଦ ବ୍ରେଣ୍ଟ ନର୍ଥ ଅଶୋଧିତ ତୈଳ ମଙ୍ଗଳବାର ବ୍ୟାରେଲ ପିଛା ୭୪.୭୦ ଡଲାର ରହିଛି। ଏହା ନଭେମ୍ବର ପରଠାରୁ ସର୍ବୋଚ୍ଚ ସ୍ତର। ଅପରପକ୍ଷରେ ଡବ୍ଲ୍ୟୁଟିଆଇ ମଧ୍ୟ ୬ ମାସର ସର୍ବୋଚ୍ଚ ସ୍ତର ୬୬.୧୯ ଡଲାର ଛୁଇଁଥିବା ଜଣାଯାଇଛି। ଏହାର ପ୍ରଭାବ ଭାରତ ବଜାରର ଅନ୍ୟ କ୍ଷେତ୍ର ଉପରେ ମଧ୍ୟ ଦେଖିବାକୁ ମିଳିଛି।

### ଶେୟାର ବଜାର

ସୋମବାର ଆମେରିକାର ଏଭଳି ନିଷ୍ପତ୍ତି ଶେୟାର ବଜାର ଉପରେ ତତ୍କାଳ ପ୍ରଭାବ ପକାଇଛି। ଚଳିତ ବର୍ଷ ଦେଶର ପୁଞ୍ଜିବଜାରରେ ବିଦେଶୀ ନିବେଶକମାନେ ମୋଟ ୬୩,୦୦୦ କୋଟି ଟଙ୍କାର ନିବେଶ କରିଛନ୍ତି। ଅଶୋଧିତ ତୈଳ ଲଗାତର ବୃଦ୍ଧି ଘଟିଲେ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ପ୍ରଭାବିତ ହେବ। ଏହା ଦ୍ୱାରା ବିଦେଶୀ ନିବେଶ ଉପରେ ପ୍ରତିକୂଳ ପ୍ରଭାବ ପଡିବ ବୋଲି ଆଶଙ୍କା କରାଯାଉଛି।

### ବିଦେଶୀ ନିବେଶ

ଭାରତ ଏହାର ବ୍ୟବହାର ଲାଗି ୮୦% ତୈଳ ଆମଦାନୀ କରିଥାଏ। ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ଡଲାର ଚାହିଦା ବୃଦ୍ଧି ଘଟିବ। ଟଙ୍କାର ମୂଲ୍ୟ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ। ଟଙ୍କା ଦୁର୍ବଳ ହେବା ଯୋଗୁ ବିଦେଶୀ ନିବେଶକଙ୍କୁ ଡଲାରର ରିଟର୍ନ କମିବ।

### ଚଳନ୍ତି ଖାତା ନିଅଣ୍ଟ

ଆକଳନ ମୁତାବକ ଅଶୋଧିତ ତୈଳ ବ୍ୟାରେଲ ପିଛା ୧୦ ଡଲାର ବଢିଲେ ଏହା ଦେଶର ଚଳନ୍ତି ଖାତା ନିଅଣ୍ଟ(ସିଏଡି) ଉପରେ ପ୍ରତିକୂଳ ସ୍ଥିତି ଉପୁଜାଇବ। ଏହାଯୋଗୁ ସିଏଡି ଦେଶର ଜିଡିପି ତୁଳନାରେ ୦.୪% ବୃଦ୍ଧି ଘଟିପାରେ। ଏହା ଦରଦାମ ଉପରେ ମଧ ୦.୨୦% ପ୍ରଭାବ ପକାଇବ ବୋଲି ଆକଳନ କରାଯାଇଛି।

### ରିଜର୍ଭ ବ୍ୟାଙ୍କ ସୁଧହାର

ସିଏଡି ଏବଂ ଦରଦାମ ପ୍ରଭାବିତ ହେଲେ ଏହା ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ଉପରେ ପ୍ରଭାବ ପକାଇପାରେ। ଏଭଳି ସ୍ଥିତିକୁ ଦେଖି ରିଜର୍ଭ ବ୍ୟାଙ୍କ ସୁଧହାର ବଢାଇପାରେ। ଫଳରେ ଘରୋଇ ବଜାରର ଅସୁବିଧା ଆହୁରି ବଢିପାରେ। ଜୁନରେ ସୁଧହାର ହ୍ରାସ ହେବା ନେଇ ବଜାର ଆଶା ରଖିଥିବା ବେଳେ ଏହା ଉପରେ ବର୍ତ୍ତମାନର ସ୍ଥିତି କ'ଣ ପ୍ରଭାବ ପକାଉଛି ତାହା ଦେଖିବାକୁ ବାକି ରହିଲା।

### ଶିଳ୍ପଗୁଡିକର ଖର୍ଚ୍ଚ

ଆମେରିକାର ନିଷ୍ପତ୍ତି ଦ୍ୱାରା ରସାୟନ, ଅଟୋମୋବାଇଲ, କଞ୍ଜ୍ୟୁମର ଷ୍ଟେପଲ୍ସ, ପେଣ୍ଟ ଏବଂ ଲୁବ୍ରିକାଣ୍ଟ ଭଳି ଶିଳ୍ପର ପରିଚାଳନା ପୁଞ୍ଜି, କଞ୍ଚାମାଲ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ବଢିବ। ବିଶେଷଜ୍ଞଙ୍କ ଆକଳନ ଅନୁସାରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୮୦ରୁ ୮୫ ଡଲାର ଛୁଇଁପାରେ। ଏହା ହେଲେ ଶିଳ୍ପଗୁଡିକ କେତେକ ତ୍ୱରିତ ସମସ୍ୟା ସାମ୍ନା କରିବେ।

# ୨୬% ହାରରେ କମୁଛି ନିଯୁକ୍ତି

ନୂଆଦିଲ୍ଲୀ,୨୩-୪

ବିଗତ କିଛି ମାସ ହେବା ଦେଶରେ ଧିମା ହୋଇଛି ନିଯୁକ୍ତି। କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫଓ)ର ସଦ୍ୟତମ ପରିସଂଖ୍ୟାନକୁ ଅନୁଧ୍ୟାନ କଲେ ଏହା ଜଣାପଡୁଛି। ଗତବର୍ଷ ଅକ୍ଟୋବରରୁ ସଂଗଠିତ କ୍ଷେତ୍ରରେ ନିଯୁକ୍ତି ସୃଷ୍ଟି ହାରାହାରି ୨୬% ହାରରେ କମିବାରେ ଲାଗିଛି। ତେବେ କେବଳ ନଭେମ୍ବର ୨୦୧୮ରେ ହାରାହାରି ୧୨୬୨ ନୂଆ ନିଯୁକ୍ତି ସୃଷ୍ଟି ହୋଇଥିଲା।

ସୂଚନାଯୋଗ୍ୟ ଯେ, ଇପିଏଫ୍‌ଓ ପକ୍ଷରୁ ୨୦୧୭ ସେପ୍ଟେମ୍ବରରୁ ନୂଆ ନିଯୁକ୍ତି ସୃଷ୍ଟିର ପରିସଂଖ୍ୟାନ ସଂଗ୍ରହ କରାଯାଉଛି। ସେପ୍ଟେମ୍ବର ୨୦୧୭ରୁ ଫେବୃୟାରୀ ୨୦୧୯ ମଧ୍ୟରେ ମିଳିଥିବା ତଥ୍ୟରୁ ଜଣାପଡୁଛି ଯେ, ନିଯୁକ୍ତି ସୃଷ୍ଟି ଧିମା ହେବାରେ ଲାଗିଛି। ଗତବର୍ଷ ଅକ୍ଟୋବରରେ ଜାରି ତଥ୍ୟ ଅନୁଯାୟୀ, ସେପ୍ଟେମ୍ବର ୨୦୧୭ରୁ ଅଗଷ୍ଟ ୨୦୧୮ ମଧ୍ୟରେ ୬.୧୦ ଲକ୍ଷ ପ୍ରତି ମାସରେ ନୂଆ ନିଯୁକ୍ତି ସୃଷ୍ଟି ହୋଇଛି। ସେହିପରି ନଭେମ୍ବରରେ ଏହା ମାତ ୧୨୬୨ ହୋଇଥିଲା। ତେବେ ୨୦୧୭ ସେପ୍ଟେମ୍ବରରୁ ଅକ୍ଟୋବର ୨୦୧୮ ମଧ୍ୟରେ ୫.୬୫ ଲକ୍ଷ ପ୍ରତିମାସରେ ନୂଆ ରୋଜଗାର ସୃଷ୍ଟି ହୋଇଥିଲା। ଏଭଳି ଭାବେ ଚଳିତବର୍ଷ ଜାନୁୟାରୀରେ ଜାରି ତଥ୍ୟ ଅନୁଯାୟୀ, ସେପ୍ଟେମ୍ବର ୨୦୧୭ରୁ ୨୦୧୮ ନଭେମ୍ବର ମଧ୍ୟରେ ପ୍ରତି ମାସରେ ୪.୯୦ ଲକ୍ଷ ରୋଜଗାର ସୃଷ୍ଟି ହୋଇଥିଲା।

> ଆସନ୍ତା ବିଶ୍ୱକପ୍ ପାଇଁ ଆମ ଦଳକୁ ଅଣ୍ଡର ଡଗ୍ ବିଚାରିଲେ ଭଲ। କାରଣ, ଏହାଦ୍ୱାରା ଆମ ଖେଳାଳିମାନେ କମ୍ ଚାପରେ ରହିବେ ।
> –ସର୍ଫରାଜ ଅହମ୍ମଦ, ପାକିସ୍ତାନ ଅଧିନାୟକ



> ଫର୍ମରେ ଥିବା ଭାରତ ଏକ ସନ୍ତୁଳିତ ଦଳ ହୋଇଥିବାରୁ ଆସନ୍ତା କ୍ରିକେଟ ବିଶ୍ୱକପ୍‌ରେ ସେମିଫାଇନାଲ ପ୍ରବେଶ ନିଶ୍ଚିତ ମନେ ହେଉଛି ।
> –ଚାମିଣ୍ଡା ଭାସ୍, ପୂର୍ବତନ ଶ୍ରୀଲଙ୍କା ଅଧିନାୟକ



## ସଂକ୍ଷେପରେ

### ଶିବାଙ୍କୁ କ୍ରମାଗତ ୪ର୍ଥ ଏସିଆନ୍ ପଦକ

**ବ୍ୟାଙ୍କକ୍,୨୩।୪(ପିଟି):** ଶିବା ଥାପ୍ପା (୬୦ କି.ଗ୍ରା.) କ୍ରମାଗତ ୪ର୍ଥ ଥର ପାଇଁ ଏସିଆନ୍ ବକ୍ସିଂ ପଦକ ନିଶ୍ଚିତ କରିଛନ୍ତି। ତାଙ୍କ ଭଳି ଏଲ୍. ସରିତା ଦେବୀ (୬୦ କି.ଗ୍ରା.) ମଧ୍ୟ ଏଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୨୫ ବର୍ଷୀୟ ଥାପ୍ପା ଏକତରଫା ମୁକାବିଲାରେ ଥାଇଲାଣ୍ଡର ରୁଜାକ୍ରାନ ଜୁଣ୍ଟରଙ୍ଗଙ୍କୁ ହରାଇ ଦେଇଛନ୍ତି। ସେ ସେମି ଫାଇନାଲ ପର୍ଯ୍ୟାୟରେ କାଜାଖସ୍ତାନର ଜାକିର ସାଫିଉଲିନଙ୍କୁ ଭେଟିବେ। ପୂର୍ବରୁ ଥାପ୍ପା ୨୦୧୩ ସଂସ୍କରଣରେ ସ୍ୱର୍ଣ୍ଣ, ୨୦୧୫ରେ ବ୍ରୋଞ୍ଜ ଓ ୨୦୧୭ରେ ରୌପ୍ୟ ପଦକ ଜିତିସାରିଛନ୍ତି। ମହିଳାଙ୍କ ମଧ୍ୟରେ ପୂର୍ବତନ ବିଶ୍ୱ ଚାମ୍ପିୟନ ସରିତା କାଜାଖସ୍ତାନର ରିମା ଭୋଲୋସେଙ୍କୋଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ବଳରେ ସେ ପ୍ରାୟ ୧୦ ବର୍ଷ ପରେ ଏସିଆନ୍ ବକ୍ସିଂ ଚାମ୍ପିୟନଶିପ୍‌ରେ ପଦକ ନିଶ୍ଚିତ କରିଛନ୍ତି।

### ଭାରତକୁ ମିଳିଲାନି ରୌପ୍ୟ ପଦକ

**ଦୋହା,୨୩।୪:** ଏଠାରେ ଚାଲିଥିବା ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଭାରତୀୟ ଦଳ ଏକ ରୌପ୍ୟ ପଦକରୁ ବଞ୍ଚିତ ରହିଛି। ପୁରୁଷ ୧୦,୦୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ଜିତିଥିବା ବାହାରିନର ହାସନ ଚାନି ଇଭେଣ୍ଟରେ ଟେକ୍‌ନିକାଲ ନିୟମ ଭଙ୍ଗ କରିଥିଲେ। ଦୌଡ଼ିବା ବେଳେ ତାଙ୍କ ପଛ ଭାଗରେ ନମ୍ବର ଲଗାଇ ନ ଥିଲେ। ଏଣୁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ଉଚିତ। ଏ ନେଇ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଧାବକ ମୁରଲୀ କୁମାର ଗାଭିଟ ଓ ଭାରତୀୟ ଦଳ ଚାନିଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯିବାକୁ ବିରୋଧ କରିଥିଲେ। କିନ୍ତୁ ଇଭେଣ୍ଟର ଟେକ୍‌ନିକାଲ ପ୍ରତିନିଧି ଭାରତୀୟ ଦଳର ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଅନ୍ତର୍ଜାତୀୟ ଆଥ୍‌ଲେଟିକ୍ସ ଫେଡେରେଶନ (ଆଇଏଏଏଫ୍) ପ୍ରତିଯୋଗିତା ନିୟମ ଅନୁଯାୟୀ, ପ୍ରତ୍ୟେକ ଆଥ୍‌ଲେଟ୍‌ଙ୍କୁ ଦୁଇଟି ନମ୍ବର ପ୍ରଦାନ କରାଯାଏ। ଗୋଟିଏ ଛାତିରେ ଓ ଅନ୍ୟଟି ପଛ ଭାଗରେ ଲଗାଯାଏ। ଏହି ନମ୍ବର ଗୁଡ଼ିକୁ କଟା କିମ୍ବା ଫୋଲ୍ଡ ଯାଇପାରିବ ନାହିଁ। ଏହି ନିୟମକୁ କାର୍ଯ୍ୟକାରୀ କରା ନ ଗଲେ ଆଥ୍‌ଲେଟ୍‌ଙ୍କୁ ଅଯୋଗ୍ୟ ଘୋଷିତ କରାଯିବ। କିନ୍ତୁ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନ୍ସିପ ଟେକ୍‌ନିକାଲ ପ୍ରତିନିଧି ବାହାରିନ ଧାବକଙ୍କୁ ଅଯୋଗ୍ୟ ଘୋଷଣା କରିବା ବଦଳରେ ଭାରତୀୟ ଦଳ ପକ୍ଷରୁ କରାଯାଇଥିବା ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ। ଏଠାରେ ନିୟମ ଭଙ୍ଗ କରାଯାଇଛି। ତ୍ରୁଟି ପୂର୍ଣ୍ଣ ଆରମ୍ଭ କିମ୍ବା ଧାଡ଼ି ପରିବର୍ତ୍ତନ ଭଳି ନମ୍ବର ପରିଧାନ କରିବାରେ ତ୍ରୁଟି ହେଲେ ଆଥ୍‌ଲେଟ୍‌ଙ୍କୁ ଅଯୋଗ୍ୟ ଘୋଷଣା କରାଯାଇପାରିବ।





ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ହେପ୍‌ଟାଥଲନ ଜାଭେଲିନ୍ ଥ୍ରୋ ଅବସରରେ ଭାରତର ଦୁଇ ପ୍ରତିଯୋଗୀ ସ୍ୱପ୍ନା ବର୍ମନ ଓ ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ।

## ପଣ୍ଡିଚେରୀକୁ ହରାଇ କ୍ୱାର୍ଟରରେ ଓଡ଼ିଶା

**କଟକ ଅଫିସ,୨୩।୪:** ମହାରାଷ୍ଟ୍ରର କୋହ୍ଲାପୁରଠାରେ ଚାଲିଥିବା ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପରେ ମଙ୍ଗଳବାର ଓଡ଼ିଶା ବୃହତ୍ତ ଗୋଲ ବ୍ୟବଧାନରେ ପଣ୍ଡିଚେରୀକୁ ପରାସ୍ତ କରିଛି । ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଛତିଶଗଡ଼କୁ ହରାଇଥିବା ଓଡ଼ିଶାର ଏହା ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଦଳ ଏହି ବିଜୟ ସହ କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି । ପଣ୍ଡିଚେରୀ ବିପକ୍ଷରେ ଓଡ଼ିଶା ୧୩–୦ ଗୋଲରେ ବିଜୟୀ ହୋଇଛି। ଓଡ଼ିଶା ପକ୍ଷରୁ ଜ୍ୟୋତି କୁମାରୀ ସର୍ବାଧିକ ୭ଟି ଗୋଲ ସ୍କୋର କରିଥିଲେ । ଏହାଛଡ଼ା ମନୀଷା ନାୟକ ୩ଟି ଗୋଲ ସ୍କୋର କରିଥିବା ବେଳେ ଶୁଭସ୍ମିତା ଶୁଭଦର୍ଶିନୀ ଦାସ, ମାଳତୀ ମୁଣ୍ଡା, ସାଲଗେ ମାଝୀ ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି । ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ସଞ୍ଜୟ ବେହେରା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

# ୨୦୦ ମିଟର ଫାଇନାଲରେ ଦୂତୀ

**ଭୁବନେଶ୍ୱର, ୨୩।୪(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ଦୋହାଠାରେ ଚାଲିଥିବା ୨୩ତମ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୨୦୦ ମିଟର ରେସ୍ ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ହିଟ୍‌ରେ ଦୂତୀ ୨୩.୩୩ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ହିଟ୍–୩ରେ ଦୌଡ଼ିଥିଲେ ଦୂତୀ। ଏଥିରେ ସେ ଅନ୍ୟ ୭ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। ଚାଇନାର କୋଙ୍ଗ ଲିଙ୍ଗୱେଇ ୨୩.୫୧ ସେକେଣ୍ଡ ସମୟ ନେଇ ଦ୍ୱିତୀୟ

**ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍**

ସ୍ଥାନରେ ରହିବା ସହ ଏହି ହିଟ୍‌ରୁ ଫାଇନାଲ ଯୋଗ୍ୟତା ପାଇଛନ୍ତି। ହିଟ୍–୧ରୁ ଚାଇନାର ଜି ମାନ୍‌ଗି ୨୩.୪୬ ଓ ବାହାରିନର ଇଡିଡଙ୍ଗ ଓଡିଅଙ୍ଗ ୨୩.୫୩ ସେକେଣ୍ଡ ସମୟ ନେଇ ଏବଂ ହିଟ–୨ରୁ ବାହାରିନର ସାଲ୍‌ୱା ନାସେର ୨୨.୮୪ ଓ କାଜାଖସ୍ତାନର ଓଲ୍‌ଗା ସାଫ୍ରାନୋଭା ୨୨.୯୮ ସେକେଣ୍ଡ ସମୟ ନେଇ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ପ୍ରତିଯୋଗିତାର ୧୦୦ ମିଟର ରେସ୍‌ରେ ଦୂତୀ ହିଟ୍‌ରେ ୧୧.୨୮ ଓ ସେମିଫାଇନାଲରେ ୧୧.୨୬ ସେକେଣ୍ଡ ସମୟ ନେଇ ଦୁଇଥର ଜାତୀୟ ରେକର୍ଡ ଭାଙ୍ଗିଥିଲେ ହେଁ ଫାଇନାଲରେ ନୈରାଶ୍ୟଜନକଭାବେ ୧୧.୪୪ ସେକେଣ୍ଡ ସମୟ ନେଇ ୫ମ ସ୍ଥାନରେ ସନ୍ତୁଷ୍ଟ ରହିଥିଲେ।



ମହିଳା ୨୦୦ ମିଟର ଅବସରରେ ଓଡ଼ିଶାର ଦୂତୀ ଚାନ୍ଦ।

## ହେପ୍‌ଟାଥଲନ ସ୍ୱପ୍ନାଙ୍କୁ ରୌପ୍ୟ, ପୂର୍ଣ୍ଣିମା ପଞ୍ଚମ

**ଦୋହା, ୨୩।୪:** ଦୋହାରେ ଚାଲିଥିବା ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ହେପ୍‌ଟାଥଲନ ଇଭେଣ୍ଟରେ ଭାରତର ସ୍ୱପ୍ନା ବର୍ମନ ରୌପ୍ୟ ପଦକ ପାଇଛନ୍ତି। ଏଥିରେ ଭାଗ ନେଇଥିବା ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମ ୫ମ ସ୍ଥାନ ପାଇଛନ୍ତି। ତୃତୀୟ ଦିବସରେ ଅନୁଷ୍ଠିତ ୮୦୦ ମିଟରରେ ସ୍ୱପ୍ନା ୨:୨୦.୨୪ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ସହ ୮୨୦ ପଏଣ୍ଟ ପାଇଥିଲେ। ପୂର୍ଣ୍ଣିମା ୨:୨୮.୪୮ ସେକେଣ୍ଡ ସମୟ ନେଇ ୭୧୨ ପଏଣ୍ଟ ପାଇଥିଲେ। ଫଳରେ ୭ ଇଭେଣ୍ଟ ବିଶିଷ୍ଟ ପ୍ରତିଯୋଗିତାରେ ସ୍ୱପ୍ନା ୫୯୯୩ ପଏଣ୍ଟ ସହ ରୌପ୍ୟ ପଦକ ହାସଲ କରିଥିଲେ। ଅନ୍ୟପକ୍ଷରେ ପୂର୍ଣ୍ଣିମା ୫୫୨୮ ପଏଣ୍ଟ ପାଇ ୫ମ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ଅନୁଷ୍ଠିତ ଲଙ୍ଗଜମ୍ପରେ ସ୍ୱପ୍ନା ୬.୦୧ ମିଟର କ୍ଲିୟର କରି ୮୫୩ ପଏଣ୍ଟ ପାଇଥିଲେ। ପୂର୍ଣ୍ଣିମା ୫.୯୯ ମିଟର ସହ ୮୪୬ ପଏଣ୍ଟ ହାସଲ କରିଥିଲେ। ଜାଭେଲିନ୍ ଥ୍ରୋରେ ସ୍ୱପ୍ନା ୪୬.୮୩ ମିଟର ସହ ୭୯୯ ଏବଂ ପୂର୍ଣ୍ଣିମା ୩୯.୭୦ ମିଟର ସହ ୬୬୨ ପଏଣ୍ଟ ହାସଲ କରିଥିଲେ। ପ୍ରକାଶ ଯୋଗ୍ୟ ଯେ ସୋମବାର ହେପ୍‌ଟାଥଲନର ୪ ଇଭେଣ୍ଟ ପରେ ସ୍ୱପ୍ନା ୩୫୨୧ ପଏଣ୍ଟ ସହିତ ୩ୟ ଓ ପୂର୍ଣ୍ଣିମା ୩୩୦୮ ପଏଣ୍ଟ ସହ ୫ମ ସ୍ଥାନରେ ଥିଲେ।

# ଆତଙ୍କବାଦର ଚ୍ୟାଲେଞ୍ଜ

**ଗୌତମ ଗମ୍ଭୀର**

ଆମେ ଏବେ ଅସୁରକ୍ଷିତ ସମୟ ଦେଇ ଗତିକରୁଛି। ଗତମାସ ନ୍ୟୁଜିଲାଣ୍ଡରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଏବେ ରବିବାର ଶ୍ରୀଲଙ୍କାରେ ମଧ୍ୟ ଆହୁରି ଭୟାନକ ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିରୁ କୌଣସି ଦେଶ ସୁରକ୍ଷିତ ନୁହଁ ବୋଲି ସ୍ପଷ୍ଟ ହୋଇଛି। ଏହି ଦୁଇଦେଶ ଶାନ୍ତିପ୍ରିୟ ହୋଇଥିବା ବେଳେ ଏଠାରେ କ୍ରିକେଟକୁ ଯଥେଷ୍ଟ ନେଇ ଭଲ ପାଇବା ରହିଛି। ନ୍ୟୁଜିଲାଣ୍ଡ ଭଳି ଶାନ୍ତିପ୍ରିୟ ଦେଶରେ ଏମିତି ଘଟଣା ମତେ ଚକିତ କରିଛି। କେତୋଟି ଦଶନ୍ଧିର ଅଶାନ୍ତି ପରେ ଶ୍ରୀଲଙ୍କାରେ ମଧ୍ୟ ଶାନ୍ତି ବିରାଜମାନ ହୋଇଥିଲା। କ୍ରିକେଟ ଖେଳିବାର ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଶ୍ରୀଲଙ୍କା ସବୁଠାରୁ ଉତ୍ତମ ଦେଶ ବୋଲି ମୁଁ ବିଚାର କରେ। ଶେଷରେ ଏ ସବୁ ଭୁଲ ପ୍ରମାଣିତ ହୋଇଛି। ଆତଙ୍କବାଦ କାର୍ଯ୍ୟକଳାପ ଏବେ କ୍ରୀଡ଼ା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। କିନ୍ତୁ ପ୍ରଶ୍ନ ଉଠୁଛି ଯେ, ଆମେ ଏଥିରୁ କିଛି ଶିକ୍ଷା ଲାଭ କରିଛୁ ନା ନାହିଁ? ଆମେ ଆବଶ୍ୟକ ଅନୁସାରେ ସତର୍କତା ଅବଲମ୍ବନ କରିଛୁ ନା ନାହିଁ?

ପେସାଦାର କ୍ରିକେଟର ହିସାବରେ ଆମେ ଭରପୂର ଷ୍ଟାଡିୟମରେ ଖେଳିଛୁ ଓ ବିଶ୍ୱର ଅତି ବ୍ୟସ୍ତ ବହୁଳ ବିମାନବନ୍ଦର ଦେଇ ଯାତ୍ରା କରିଛୁ। ସମସ୍ତଙ୍କ ନଜର ମଧ୍ୟ ଏହି ଅବସରରେ ଆମ ଉପରେ ରହିଥାଏ। ତେବେ ଏହା ସତ୍ତ୍ୱେ ମୁଁ କେବେ କୌଣସି ବିପଦ ଥିବା ଅନୁଭବ କରି ନାହିଁ। ଦୁଇଟି ଝିଅର ବାପା ହିସାବରେ ଏବେ କିନ୍ତୁ ମୁଁ ବ୍ୟଥିତ। ମୁଁ ଜଣେ ନିରାପତ୍ତା ବିଶେଷଜ୍ଞ ହୋଇ ନ ଥିଲେ ମଧ୍ୟ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଓ ଆଗାମୀ ବିଶ୍ୱକପ୍ ଭଳି ବଡ଼ ଇଭେଣ୍ଟ ପୂରା ସୁରକ୍ଷାର ଆୟୋଜନ ହେଉ ବୋଲି ଆଶା କରୁଛି। ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ପଣ୍ଡ କରିବା ଭଳି ସବୁ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଆଶା କରୁଛି।

ବିସ୍ଫୋରଣ ଘଟିବା ଦିନ ଶ୍ରୀଲଙ୍କା ପୂର୍ବତନ କ୍ରିକେଟର ମୁଥିଆ ମୁରଲୀଧରନ ସନରାଇଜର୍ସ ହାଇଦ୍ରାବାଦ ଡଗ୍‌ଆଉଟ୍‌ରେ ବସିଥିଲେ। ଏହି ଘଟଣା ତାଙ୍କୁ ବ୍ୟଥିତ କରିଥିବ ଓ ସେ କ୍ରିକେଟରେ ମନୋନିବେଶ କରି ନ ଥିବେ। ମୁରଲୀଙ୍କୁ ହାଇଦ୍ରାବାଦ ଟିମ୍ ମ୍ୟାନେଜମେଣ୍ଟ ସ୍ୱଦେଶ ତଥା ଘରକୁ ଯିବା ପାଇଁ ନିଶ୍ଚିତ ଭାବେ ଅନୁମତି ପ୍ରଦାନ କରିଥିବ ବୋଲି ଭାବୁଛି। ମୁରଲୀଙ୍କ ପୂର୍ବତନ ଫ୍ରାଞ୍ଚାଇଜ୍ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବେ ଅନିଶ୍ଚିତ ପରିସ୍ଥିତିରେ ଥିବ ବୋଲି ମୁଁ ଭାବୁଛି। କୋଲକାତା ନାଇଟ ରାଇଡର୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିବା ପରେ ବାଙ୍ଗାଲୋରର ଆତ୍ମବିଶ୍ୱାସରେ ବୃଦ୍ଧି ଘଟିଥିବ ବୋଲି ଭାବୁଛି। ବାଙ୍ଗାଲୋର ଆହୁରି କେତେକ ସମସ୍ୟା ରହିଛି ଓ ଏଗୁଡ଼ିକର ସମାଧାନ ହେବା ଆବଶ୍ୟକ ବୋଲି ଭାବୁଛି। ବୁଧବାର ରବିଚନ୍ଦ୍ରନ ଅଶ୍ୱିନଙ୍କ କିଙ୍ଗ୍ସ ଏକାଦଶ ପଞ୍ଜାବ ବିରାଟ କୋହଲିଙ୍କ ବାଙ୍ଗାଲୋର ମଧ୍ୟରେ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଅଶ୍ୱିନ ଓ କୋହଲିଙ୍କ ମଧ୍ୟରେ ଏକ ବ୍ୟକ୍ତିଗତ ଲଢେଇ ହେବ ବୋଲି ମୁଁ ଭାବୁଛି। ବିଶ୍ୱକପ୍ ଦଳରେ ସ୍ଥାନ ପାଇ ନ ଥିବାରୁ ଅଶ୍ୱିନ ନିରାଶ ହୋଇଥିଲେ। ତେବେ ସେ ସମସ୍ତଙ୍କୁ କିଛି କରି ଦେଖାଇବାକୁ ପ୍ରୟାସ କରିବେ। ଅନ୍ୟପଟେ କୋହଲି ମଧ୍ୟ ଆହୁରି ଭଲ ଖେଳି ବିଶ୍ୱକପ୍ ପାଇଁ ପ୍ରସ୍ତୁତି ଜୋର୍‌ଦାର କରିବା ଲକ୍ଷ୍ୟରେ ରହିଛନ୍ତି। ମୁଁ କୋଲକାତାର ଅଧିନାୟକ ଥିବାବେଳେ ଚେନ୍ନାଇ ବିପକ୍ଷ ମ୍ୟାଚ୍‌ରେ ମହେନ୍ଦ୍ର ସିଂ ଧୋନୀଙ୍କୁ ସାମନା କରୁଥିଲି। ଏହି ମୁକାବିଲା ଗୁଡ଼ିକର ମଜା ମଧ୍ୟ ନିଆରା ଥିଲା।

(ଗେମ୍ ପ୍ଲାନ୍)

SEAGRAM'S
ROYAL STAG
MEGA CRICKET · CRICKET GEAR

**ଆଇସିସି ବିଶ୍ୱକପ**

**ଆଉ ୩୫ ଦିନ**

# ୱେଷ୍ଟଇଣ୍ଡିଜକୁ କ୍ରମାଗତ ଦ୍ୱିତୀୟ ଟାଇଟଲ

ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣ ୧୯୭୯ରେ ଆୟୋଜିତ ହୋଇଥିଲା। ଇଂଲଣ୍ଡରେ କ୍ରମାଗତ ଦ୍ୱିତୀୟଥର ପାଇଁ ଏହି ମେଗା ଇଭେଣ୍ଟ ଖେଳାଯାଇଥିଲା। ଆନୁଷ୍ଠାନିକ ଭାବେ ଏହାକୁ ପ୍ରୁଡେନ୍ସିଆଲ କପ୍ ୭୯ ବୋଲି କୁହାଯାଉଥିଲା। ବିଭିନ୍ନ ଦୃଷ୍ଟିକୋଣରୁ ଏହି ବିଶ୍ୱକପ୍ ବିଶେଷ ଭାବେ ଗୁରୁତ୍ୱ ବହନ କରିଥିଲା। ଆଇସିସି ଦ୍ୱାରା ଆୟୋଜିତ ହୋଇଥିବା ବିଶ୍ୱକପ୍‌ରେ ୱେଷ୍ଟଇଣ୍ଡିଜ୍ କ୍ଲାଇଭ୍ ଲୟଡଙ୍କ ନେତୃତ୍ୱରେ ଚାମ୍ପିୟନ ହେବା ସହ ଦ୍ୱିତୀୟଥର ପାଇଁ ଟାଇଟଲ ହାସଲ କରିଥିଲା। ଫର୍ମାଟରେ କୌଣସି ପରିବର୍ତ୍ତନ ହୋଇ ନ ଥିଲା। ଅର୍ଥାତ୍ ଟୁର୍ନାମେଣ୍ଟ ରାଉଣ୍ଡ– ରବିନ ଓ ନକ୍–ଆଉଟ୍ ଭିତ୍ତିରେ ଖେଳାଯାଇଥିଲା। ଫାଇନାଲରେ ୱେଷ୍ଟଇଣ୍ଡିଜଠାରୁ ପରାସ୍ତ ହୋଇ ଇଂଲଣ୍ଡ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଟୁର୍ନାମେଣ୍ଟରେ ୮ଟି ଦେଶ ଅଂଶଗ୍ରହଣ କରିଥିଲେ ଓ ମୋଟ ୧୫ଟି ମ୍ୟାଚ୍ ଖେଳାଯାଇଥିଲା। ୱେଷ୍ଟଇଣ୍ଡିଜ ଓପନର ଗର୍ଡନ ଗ୍ରୀନିଜ୍ ସର୍ବାଧିକ ୨୫୩ ରନ ସଂଗ୍ରହ କରି ସଫଳତମ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ। ସେହିପରି ଇଂଲଣ୍ଡର ମାଇକ ହେଣ୍ଡ୍ରିକ ମୋଟ ୧୦ ଉଇକେଟ ନେଇ ସଫଳତମ ବୋଲର ସାବ୍ୟସ୍ତ ହୋଇଥିଲେ। ଜୁନ୍ ୯ରୁ ଆରମ୍ଭ ହୋଇ ଏହି ବିଶ୍ୱକପ୍ ୨୩ ତାରିଖରେ ଶେଷ ହୋଇଥିଲା। ୧୪ ଦିନଧରି ଖେଳାଯାଇଥିବା ଏହି ଟୁର୍ନାମେଣ୍ଟ ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଟି ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ ଓ ଫାଇନାଲ ମ୍ୟାଚ୍ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିଲା। ମ୍ୟାଚଗୁଡ଼ିକ ୬୦ ଓଭର ବିଶିଷ୍ଟ ହୋଇଥିଲା। ଖେଳାଳିମାନେ ଧଳା ପୋଷାକ ଓ ନାଲି ବଲ୍‌ରେ ମ୍ୟାଚ୍ ଖେଳିଥିଲେ। ଦିନରେ ଖେଳାଯାଇଥିବାରୁ ମ୍ୟାଚ୍‌ଗୁଡ଼ିକ ସଅଳ ଆରମ୍ଭ ହୋଇଥିଲା।

ଟେଷ୍ଟ ମାନ୍ୟତା ପାଇ ନ ଥିଲେ ମଧ୍ୟ ଶ୍ରୀଲଙ୍କା ଓ କାନାଡ଼ା ୧୯୭୯ ଆଇସିସି ଟ୍ରଫି ଫାଇନାଲରେ ପ୍ରବେଶ କରି ଏହି ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ। ପ୍ରଥମ ବିଶ୍ୱକପ୍ ଖେଳିଥିବା ଇଷ୍ଟ ଆଫ୍ରିକା କିନ୍ତୁ ଏହି ସଂସ୍କରଣରେ ଖେଳିବାର ସୁଯୋଗ ପାଇ ନ ଥିଲା। ଫଳରେ ଏହି ବିଶ୍ୱକପ୍‌ରେ ଆଫ୍ରିକାର କୌଣସି ଦେଶ ଅଂଶଗ୍ରହଣ କରି ନ ଥିଲେ। ୬ଟି ଭେନ୍ୟୁରେ ମ୍ୟାଚ୍ ଆୟୋଜିତ ହୋଇଥିଲା। ଲଣ୍ଡନର ଲର୍ଡ୍ସ ଓ ଦି ଓଭାଲ, ବର୍ମିଂହାମର ଏଜବାଷ୍ଟନ କ୍ରିକେଟ ଗ୍ରାଉଣ୍ଡ, ନଟିଂହାମ୍‌ର ଟ୍ରେଣ୍ଟ ବ୍ରିଜ୍, ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫର୍ଡ କ୍ରିକେଟ ଗ୍ରାଉଣ୍ଡ ଓ ଲିଡ୍ସର ହେଡିଂଲେ ଷ୍ଟାଡିୟମରେ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହୋଇଥିଲା।



ଗ୍ରୁପ୍ ଏ'ରେ ଇଂଲଣ୍ଡ, ପାକିସ୍ତାନ, ଅଷ୍ଟ୍ରେଲିଆ ଓ କାନାଡ଼ା ସାମିଲ ରହିଥିଲେ। ସେହିପରି ଗ୍ରୁପ୍ ବି'ରେ ୱେଷ୍ଟଇଣ୍ଡିଜ୍, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା ଓ ଭାରତ ପରସ୍ପର ମଧ୍ୟରେ ମ୍ୟାଚ୍ ଖେଳିଥିଲେ। ଗ୍ରୁପ୍ ଏ'ରେ ଇଂଲଣ୍ଡ ୩ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟୀ ହୋଇ ୧୨ ପଏଣ୍ଟ ପାଇ ଶୀର୍ଷରେ ରହିବା ସହ ସେମିକୁ ଉଠିଥିଲା। ସେହିପରି ପାକିସ୍ତାନ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୮ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିବା ସହ ସେମିରେ ପ୍ରବେଶ କରିଥିଲା। ତେବେ ପ୍ରଥମ ବିଶ୍ୱକପ୍‌ର ରନର୍ସଅପ୍ ଦଳ ଅଷ୍ଟ୍ରେଲିଆ ୩ଟି ମ୍ୟାଚରୁ ୧ ଗୋଟିଏ ବିଜୟ ଓ ଦୁଇଟି ପରାଜୟ ସହ ୪ ପଏଣ୍ଟ ପାଇ ଟୁର୍ନାମେଣ୍ଟରୁ ବାଦ୍ ପଡିଥିଲା। ଅନ୍ୟପଟେ କାନାଡ଼ା ୩ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ଖାତା ଖୋଲି ନ ପାରି ଚତୁର୍ଥ ସ୍ଥାନରେ ରହିଥିଲା। ଅନ୍ୟପଟେ ଗ୍ରୁପ୍ ବି'ରେ ୱେଷ୍ଟଇଣ୍ଡିଜ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ସହ ୧୦ ପଏଣ୍ଟ ପାଇଁ ଶୀର୍ଷରେ ରହିବା ସହ ସେମିକୁ ଉଠିଥିଲା। ଗୋଟିଏ ମ୍ୟାଚ୍‌ର ଫଳାଫଳ ବାହାରି ପାରି ନ ଥିଲା। ସେହିପରି ନ୍ୟୁଜିଲାଣ୍ଡ ୩ଟି ମ୍ୟାଚ୍ ଖେଳି ୨ଟି ବିଜୟ ଓ ଗୋଟିଏ ପରାଜୟ ସହ ୮ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହି ସେମିରେ ପ୍ରବେଶ କରିଥିଲା। ଶ୍ରୀଲଙ୍କା ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୬ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହି ବାଦ୍ ପଡିଥିଲା। ତେବେ ଭାରତ ୩ଟି ମ୍ୟାଚ୍ ଖେଳି ସବୁଥିରେ ପରାସ୍ତ ହୋଇ ଖାତା ଖୋଲିପାରି ନ ପାରି ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

ସେମିଫାଇନାଲରେ ଇଂଲଣ୍ଡ ନ୍ୟୁଜିଲାଣ୍ଡକୁ ହରାଇ ଓ ୱେଷ୍ଟଇଣ୍ଡିଜ ପାକିସ୍ତାନକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଲର୍ଡ୍ସରେ ଫାଇନାଲରେ ୱେଷ୍ଟଇଣ୍ଡିଜ ଆୟୋଜକ ଇଂଲଣ୍ଡକୁ ହରାଇ ବାଜି ମାରିଥିଲା। ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ୍ ୬୦ ଓଭରରେ ୯ ଉଇକେଟ ହରାଇ ୨୮୬ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଭିଭିଆନ ରିଚାର୍ଡ୍ସ ୧୩୮ ରନର ଶତକୀୟ ପାଳି ଖେଳି ଅପରାଜିତ ରହି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି କଲିସ୍ କିଙ୍ଗ୍ ଦ୍ରୁତ ୮୬ ରନର ପାଳି ଖେଳିଥିଲେ ମଧ୍ୟ ଅନ୍ୟମାନେ ବିଫଳ ହୋଇଥିଲେ। ଇଂଲଣ୍ଡର ତରଫରୁ ବୋଲିଂରେ ଇଆନ ବୋଥାମ, ମାଇକ୍ ହେଣ୍ଡ୍ରିକ, କ୍ରିସ୍ ଓଲ୍ଡ ଓ ଫିଲ ଏଡମଣ୍ଡ୍ସ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଇଂଲଣ୍ଡ ଭଲ ଆରମ୍ଭ କରିଥିଲେ ମଧ୍ୟ ୫୧ ଓଭରରେ ୧୯୪ ରନ କରି ଅଲଆଉଟ ହୋଇ ୯୨ ରନରେ ପରାସ୍ତ ହୋଇଥିଲା। ଦଳର ତରଫରୁ ଓପନ ତଥା ଅଧିନାୟକ ମାଇକ୍ ବ୍ରେୟରଲି ସର୍ବାଧିକ ୬୪, ଜେଫ ବୟକଟ ୫୭, ଗ୍ରାହମ ଗୁଚ୍ ୩୨ ଓ ଡେରେକ ରାଣ୍ଡଲ ୧୫ ରନ କରି ଆଉଟ ହୋଇଥିବା ବେଳେ ବାକି ୭ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଜୋଏଲ ଗାର୍ନର ସର୍ବାଧିକ ୫, କଲିନ କ୍ରଫ୍ଟ ୩ ଓ ମାଇକେଲ ହୋଲ୍ଡିଂ ୨ଟି ଉଇକେଟ ଅକ୍ତିଆର କରିଥିଲେ।

## ୨୫ ବଲରୁ ଟି୨୦ ଶତକ

**ଲଣ୍ଡନ,୨୩।୪:** ଟି୨୦ କ୍ରିକେଟରେ ଦିନକୁ ଦିନ ନୂଆ ରେକର୍ଡ ସୃଷ୍ଟି ହେଉଛି। ସ୍କଟଲାଣ୍ଡ ବ୍ୟାଟ୍ସମ୍ୟାନ ଜର୍ଜ ମୁନ୍‌ସେ ଟି୨୦ କ୍ରିକେଟରେ ୨୫ ବଲରୁ ଶତକ ଲଗାଇଛନ୍ତି। ଗ୍ଲୁଷ୍ଟରଶାୟର ଦ୍ୱିତୀୟ ଏକାଦଶ ଓ ବାଥ ସିସି ମଧ୍ୟରେ ଖେଳାଯାଇଥିବା ଅନ୍‌ଅଫିସିଆଲ ଟି୨୦ ମ୍ୟାଚ୍‌ରେ ମୁନ୍‌ସେ ୩୯ ବଲରୁ ୧୪୭ ରନ୍ କରିଛନ୍ତି। ତାଙ୍କର ଏହି ବିସ୍ଫୋରକ ଇନିଂସ ଯୋଗୁ ଦଳୀୟ ସ୍କୋର ଧାର୍ଯ୍ୟ ୨୦ ଓଭରରେ ୩୨୬ ରନ୍ ହୋଇପାରିଥିଲା। ଟି୨୦ କ୍ରିକେଟର ଦଳଗତ ସ୍କୋରରେ ଏହା ସର୍ବାଧିକ। ମାତ୍ର ମ୍ୟାଚ୍‌ଟି ଅନ୍‌ଅଫିସିଆଲ ହୋଇଥିବାରୁ ଉଭୟ ରେକର୍ଡକୁ ହିସାବକୁ ନିଆଯିବ ନାହିଁ। ମୁନ୍‌ସେଙ୍କ ଇନିଂସରେ ୨୦ ଛକା ଓ ୫ ଚୌକା ସାମିଲ ଥିଲା। ଏହି ଇନିଂସ ଅବସରରେ ସେ ଗୋଟିଏ ଓଭରରେ ୬ ଛକା ମଧ୍ୟ ଲଗାଇଥିଲେ। ଗ୍ଲୁଷ୍ଟରଶାୟର ଦ୍ୱିତୀୟ ଏକାଦଶ ପାଇଁ ମୁନ୍‌ସେ ଓପନିଂ କରି ପ୍ରଥମ ୧୭ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ। ପରବର୍ତ୍ତୀ ୮ ବଲରେ ସେ ଶତକ ପୂରଣ କରିଥିଲେ। ତାଙ୍କ ଓପନଂ ପାର୍ଟନର ଜି. ପି. ୱିଲ୍ସ ୫୩ ବଲରୁ ଶତକ ଲଗାଇଥିଲେ। ୩ୟ କ୍ରମର ବ୍ୟାଟ୍ସମ୍ୟାନ ଟମ ପ୍ରାଇସ ୨୩ ବଲରୁ ଅର୍ଦ୍ଧଶତକ ପୂରଣ କରିଥିଲେ। ଯାହାଫଳରେ ଗ୍ଲୁଷ୍ଟରଶାୟର ଦ୍ୱିତୀୟ ଏକାଦଶ ୨୦ ଓଭରରେ ୩ ଉଇକେଟ ହରାଇ ୩୨୬ ରନ୍ କରିପାରିଥିଲା। ତେବେ ଟି୨୦ କ୍ରିକେଟରେ ଦ୍ରୁତତମ ଶତକ ରେକର୍ଡ ୟୁନିଭରସାଲ ବସ୍ କ୍ରିସ୍ ଗେଲଙ୍କ ନାମରେ ରହିଛି।

## ଆଜିର ମ୍ୟାଚ



ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର
**ବନାମ**
କିଙ୍ଗ୍ସ ଇଲେଭେନ୍ ପଞ୍ଜାବ

ପ୍ରସାରଣ
ସ୍ଥାନ : ବାଙ୍ଗାଲୋର
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

# ଶୀର୍ଷକୁ ଫେରିଲା ଚେନ୍ନାଇ

ଚେନ୍ନାଇ,୨୩।୪(ପି.ଟି.)

ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ଚଳିତ ଆଇପିଏଲ୍‌ର ୪୧ତମ ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦକୁ ଗୋଟିଏ ବଲ୍ ବାକିଥାଇ ୬ ଉଇକେଟରେ ପରାସ୍ତ କରିଛି। ଏଥିସହ ଚେନ୍ନାଇ ୧୧ଟି ମ୍ୟାଚ୍ ଖେଳି ୮ ବିଜୟ ଓ ୩ ପରାଜୟ ସହ ୧୬ ପଏଣ୍ଟ ପାଇ ତାଲିକା ଶୀର୍ଷକୁ ଫେରିଛି। ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ହାଇଦ୍ରାବାଦ ୩ ଉଇକେଟ ହରାଇ ୧୭୫ ରନ କରିଥିଲା। ଜବାବରେ ଚେନ୍ନାଇ ୧୯.୫ ଓଭରରେ ୪ ଉଇକେଟ ହରାଇ ୧୭୬ ରନ କରି ବିଜୟୀ ହୋଇଛି। ୯୬ ରନର ଦ୍ରୁତ ଇନିଂସ ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଚେନ୍ନାଇ ଅଭିଜ୍ଞ ଓପନର ଶେନ୍ ୱାଟସନ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୧୭୬ ରନ ବିଜୟ ଲକ୍ଷ୍ୟର ପିଛା କରି ଚେନ୍ନାଇ ଆରମ୍ଭରୁ ଫାଫ୍ ଡୁପ୍ଲେସି (୧ ରନ୍)ଙ୍କୁ ହରାଇଥିଲା। ଡୁପ୍ଲେସି ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ୍ ହୋଇଥିଲେ। ଦ୍ୱିତୀୟ ଉଇକେଟ ଯୋଡିରେ ୱାଟସନ ଓ ସୁରେଶ ରାଇନା ୪୪ ବଲରୁ ୭୭ ରନ ସଂଗ୍ରହ କରିଥିଲେ। ରାଇନା ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ ୨୪ଟି ବଲ୍‌ରୁ ୬ ଚୌକା ଓ ୧ ଛକା ସହ ୩୮ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଓପନର ୱାଟସନ୍ ୫୩ଟି ବଲ୍ ଖେଳି ୯ ଚୌକା ଓ ୬ ଛକା ସହ ୯୬ରନର ଧୂଆଁଧାର ଇନିଂସ ଖେଳି ଆଉଟ ହେବା ପୂର୍ବରୁ ବିଜୟପଥ ପରିଷ୍କାର କରିଥିଲେ। ସେ ଭୁବନେଶ୍ୱର କୁମାରଙ୍କ ବଲ୍‌ରେ ବେୟାରଷ୍ଟୋଙ୍କୁ କ୍ୟାଚ୍ ଦେଇ ୪ ରନ ପାଇଁ ଶତକ ହାସଲରୁ ବଞ୍ଚିତ ହୋଇଥିଲେ। ଅମ୍ବାତି ରାୟୁଡୁ ୨୫ ବଲରୁ ୨୧ ରନ କରି ସନ୍ଦୀପ ଶର୍ମାଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। କେଦାର ଯାଦବ ୧୦ ବଲରୁ ୧୧ ରନ କରି ଦଳ ବିଜୟରେ ମୁଣ୍ଡି ମାରିଥିଲେ। ବୋଲିଂ ହାଇଦ୍ରାବାଦ ତରଫରୁ ଭୁବନେଶ୍ୱର, ସନ୍ଦୀପ ଓ ରସିଦ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ପୂର୍ବରୁ ଇନ୍‌ଫର୍ମ ଓପନର ଜନୀ ବେୟାରଷ୍ଟୋଙ୍କୁ ହରାଇ ହାଇଦ୍ରାବାଦ ଆରମ୍ଭରୁ ଝଟ୍‌କା ଖାଇଥିଲା। ବେୟାରଷ୍ଟୋ ବିନା ସ୍କୋରରେ ଅଭିଜ୍ଞ ସ୍ପିନର ହରଭଜନ ସିଂଙ୍କ ବଲ୍‌ରେ ଉଇକେଟ କିପର ଧୋନୀଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଚଳିତ ଆଇପିଏଲ୍‌ରେ ବେୟାରଷ୍ଟୋ ତାଙ୍କ ଅନ୍ତିମ ମ୍ୟାଚ୍‌ରେ ବିଫଳ ହୋଇଛନ୍ତି। ସାରା ସେସନରେ ଜବରଦସ୍ତ ବ୍ୟାଟିଂର ନମୁନା ପ୍ରଦର୍ଶନ କରିଥିଲେ ମଧ୍ୟ ଶେଷ ମ୍ୟାଚ୍‌ରେ ସେ ଖାତା ଖୋଲିବାରେ ବିଫଳ ହୋଇଛନ୍ତି। ବେୟାରଷ୍ଟୋ ଏବେ ଇଂଲଣ୍ଡ କ୍ରିକେଟ ଦଳର ବିଶ୍ୱକପ୍ ପ୍ରସ୍ତୁତି ଶିବିରରେ ଯୋଗଦେବେ ଓ ଏଥିପାଇଁ ଆଇପିଏଲ୍‌ରୁ ସେ ଓହରିଯିବାକୁ ନିଷ୍ପତ୍ତି ନେଇଛନ୍ତି।

### ସଂକ୍ଷିପ୍ତ ସ୍କୋର

■ ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୭୫/୩ (ମନୀଷ- ୮୩*, ୱାର୍ନର- ୫୭, ଶଙ୍କର- ୨୬, ହରଭଜନ-୨/୩୯, ଚହର- ୧/୩୦)।

■ ଚେନ୍ନାଇ ସୁପର କିଙ୍ଗ୍ସ ୧୯.୫ ଓଭରରେ ୧୭୬/୪ (ୱାଟସନ- ୯୬, ରାଇନା- ୩୮, ରାୟୁଡୁ- ୨୧, ଯାଦବ- ୧୧, ଭୁବନେଶ୍ୱର- ୧/୧୮, ସନ୍ଦୀପ- ୧/୫୪, ରସିଦ- ୧/୪୪)।

ଏହାପରେ ଦ୍ୱିତୀୟ ଉଇକେଟ ଯୋଡିରେ ବିସ୍ଫୋରକ ଓପନର ଡେଭିଡ ୱାର୍ନର ଓ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ମନୀଷ ପାଣ୍ଡେ ୭୨ଟି ବଲ୍‌ର ସମ୍ମୁଖୀନ ହୋଇ ୧୧୫ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିବା ସହ ଭଲ ମୂଳଦୁଆ ପ୍ରଦାନ କରିଥିଲେ। ତେବେ ୱାର୍ନର ୪୫ଟି ବଲର ସମ୍ମୁଖୀନ ହୋଇ ୩ ଚୌକା ଓ ୨ ଛକା ସହ ୫୭ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଧୋନୀଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇ ହରଭଜନଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଅଲରାଉଣ୍ଡର ବିଜୟ ଶଙ୍କର ଦ୍ରୁତଗତିରେ ରନ୍ ସଂଗ୍ରହ କରିବାକୁ ଯାଇ ୨୦ ବଲରୁ ୨ ଚୌକା ଓ ୧ ଛକା ସହ ୨୬ ରନ କରି ଦୀପକ ଚହରଙ୍କ ବଲ୍‌ରେ ରବୀନ୍ଦ୍ର ଜାଡେଜାଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ମନୀଷ ୪୯ଟି ବଲର ସମ୍ମୁଖୀନ ହୋଇ ୭ ଚୌକା ଓ ୩ ଛକା ସହ ୮୩ ରନର ଧୂଆଁଧାର ପାଳି ଖେଳି ଅପରାଜିତ ରହିଥିଲେ। ସେହିପରି ୟୁସୁଫ ପଠାନ୍ ୪ ବଲରୁ ୫ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଚେନ୍ନାଇ ତରଫରୁ ହରଭଜନ ୨ ଓ ଚହର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

## ମୁମ୍ବାଇ ଦଳରେ ନୂଆ ପେସର

ମୁମ୍ବାଇ, ୨୩।୪ (ପି.ଟି.): ଆଇପିଏଲ ଫ୍ରାଞ୍ଚାଇଜ ମୁମ୍ବାଇ ଇଣ୍ଡିଆନ୍ସ ବାମହାତୀ ପେସର ବେଉରାନ ହେଣ୍ଡ୍ରିକ୍ସଙ୍କ ସହ ଚୁକ୍ତି କରିଛି। ତାଙ୍କୁ ଆଲଜରି ଜୋଶେଫଙ୍କ ବଦଳ ଖେଳାଳି ଭାବେ ମୁମ୍ବାଇ ଦଳରେ ନିଆଯାଇଛି। ଜୋଶେଫ ଆହତ ସମସ୍ୟା ଯୋଗୁ ଚଳିତ ଆଇପିଏଲର ବଳକା ମ୍ୟାଚ୍‌ଗୁଡ଼ିକରୁ ବାଦ୍ ପଡ଼ିଛନ୍ତି। ହେଣ୍ଡ୍ରିକ୍ସ ୬୪ ଟି୨୦ ଖେଳି ୮୯ ଉଇକେଟ ନେଇଛନ୍ତି। ସେ ଅନ୍ତର୍ଜାତୀୟ ସ୍ତରରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ୨ ଦିନିକିଆ ଓ ୧୦ ଟି୨୦ ଖେଳିଛନ୍ତି।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଉମାକାନ୍ତ ଦାଶ**
ଆବିର୍ଭାବ: ୨୯।୦୭।୧୯୪୦
ତିରୋଧାନ: ୦୬।୦୪।୨୦୧୮
ଶାସ୍ତ୍ରୀ ନଗର, ଜନନୀ ହସପିଟାଲ ରୋଡ଼, ବ୍ରହ୍ମପୁର, ଗଞ୍ଜାମ
ଆମ ଆଧ୍ୟାତ୍ମିକ ଓଡ଼ିଆ ସାହିତ୍ୟର ଲେଖକ, Academy of Technocrats College (BAM). Hi-tech (Jaipure)ର ପ୍ରତିଷ୍ଠାତା
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆନ୍ତରିକତା, ଭଗବତ ପ୍ରେମ, ପରୋପକାରିତା, ଆଦର୍ଶ, ସ୍ୱାଭିମାନ, ସରଳ ଓ ନିଷ୍କପଟ ଜୀବନଶୈଳୀ, ହସ ହସ ମୁଖମଣ୍ଡଳ ଆମ ପାଇଁ ସର୍ବଦା ଉତ୍ସହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ। ଶୋକସନ୍ତପ୍ତ: ପୁଅ-ଦୀପକ, ବୋହୂ- ଅମିତା, ଝିଅ- ଦୀପା, ରୂପା, ଜ୍ୱାଇଁ- ରାମ, ଦ୍ୱାରିକା, ନାତିନାତୁଣୀ ଓ ପରିବାରବର୍ଗ। ଧ-୪୯୨୯୩

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ସାବିତ୍ରୀ ସାହୁ**
ଆବିର୍ଭାବ: ୧୮।୦୮।୧୯୫୩
ତିରୋଧାନ: ୨୪।୦୪।୨୦୧୪
ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲା। କାଲିପରି ଲାଗୁଛି, ସବୁକିଛି ଅଛି ତୁମେ ନାହଁ। ବହୁତ ଶୂନ୍ୟତା ତଥାପି ତୁମର ସ୍ମୃତିକୁ ପାଥେୟ କରି ଆଗେଇ ଚାଲିଛୁ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ତ୍ୟାଗ ସଦ୍‌ଭାବନା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି। ଏହି ପୁଣ୍ୟ ତିଥିରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଶ୍ରୀଚରଣାରବିନ୍ଦରେ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ବିନମ୍ର ପ୍ରାର୍ଥନା କରୁଛୁ। ହତଭାଗ୍ୟ: ଝୁନ୍‌ମୁନ୍, ରାୟେନ୍, ଲିକ୍ସୁଲ, ସଙ୍ଗୀତା, ରିପୁଲ, ଲିଟୁନା ଓ ପରିବାରବର୍ଗ।
ଧ-୬୧୯୧୫


## ସ୍ୱଦେଶ ଫେରିଲେ ୱିଲିୟମ୍‌ସନ

ଚେନ୍ନାଇ,୨୩।୪ (ପି.ଟି.): ସନ୍ ରାଇଜର୍ସ ହାଇଦ୍ରାବାଦ (ଏସ୍‌ଆର୍‌ଏଚ୍) ଅଧିନାୟକ କେନ ୱିଲିୟମ୍‌ସନ ବ୍ୟକ୍ତିଗତ କାରଣ ଦର୍ଶାଇ ନ୍ୟୁଜିଲାଣ୍ଡ ଫେରିଛନ୍ତି। ତାଙ୍କ ବଦଳରେ ଭୁବନେଶ୍ୱର କୁମାର ଦଳର ନେତୃତ୍ୱ ନେବେ। ସନରାଇଜର୍ସର ଆଗାମୀ ମ୍ୟାଚ୍ ପୂର୍ବରୁ ୱିଲିୟମ୍‌ସନ ଦଳରେ ଯୋଗଦେବେ। ଆସନ୍ତା ୨୭ ତାରିଖରେ ଏସ୍‌ଆର୍‌ଏଚ୍ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୧୧ | ୮ | ୩ | ୧୬ | ୦.୦୯୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୧ | ୭ | ୪ | ୧୪ | ୦.୧୮୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୧୨ | ୦.୩୫୭ |
| ସନ୍‌ରାଇଜର୍ସ | ୧୦ | ୫ | ୫ | ୧୦ | ୦.୬୫୪ |
| କିଙ୍ଗ୍ସ ଇଲେଭେନ | ୧୦ | ୫ | ୫ | ୧୦ | -୦.୦୪୪ |
| ନାଇଟ ରାଇଡର୍ସ | ୧୦ | ୪ | ୬ | ୮ | -୦.୦୧୩ |
| ରାଜସ୍ଥାନ ରୟାଲ୍ସ | ୧୦ | ୩ | ୭ | ୬ | -୦.୪୭୦ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୦ | ୩ | ୭ | ୬ | -୦.୮୩୬ |

## ବିଶାଖାପାଟଣାରେ ୨ ପ୍ଲେ-ଅଫ୍ ମ୍ୟାଚ

**ଅମରାବତୀ, ୨୩।୪ (ପି.ଟି.):** ବନ୍ଦର ସହର ବିଶାଖାପାଟଣା ଚଳିତ ଇଣ୍ଡିଆନ ଆଇପିଏଲ୍‌ର ଦୁଇଟି ପ୍ଲେ-ଅଫ୍ ମ୍ୟାଚ୍‌ର ଆୟୋଜନ କରିବ। ମ୍ୟାଚ ଦୁଇଟି ମେ ୮ ଓ ୧୦ରେ ଖେଳାଯିବ ବୋଲି ଆନ୍ଧ୍ର କ୍ରିକେଟ ଆସୋସିଏସନ (ଏସିଏ) ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ ଏହା ପ୍ରକାଶ କରାଯାଇଛି। ଏହି ପ୍ଲେ-ଅଫ୍ ମ୍ୟାଚ ପ୍ରକୃତରେ ଚେନ୍ନାଇଠାରେ ଖେଳାଯିବା କାର୍ଯ୍ୟକ୍ରମ ଥିଲା। ମାତ୍ର ଅନିବାର୍ଯ୍ୟ କାରଣବଶତଃ ଏହାକୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିବା ଏସିଏ ସାଧାରଣ ସମ୍ପାଦକ ସିଏଚ୍ ଅରୁଣ କୁମାର ସୂଚନା ଦେଇଛନ୍ତି। ଆଇପିଏଲ୍ ଅଫିସିଆଲମାନେ ନିକଟରେ ୱାଇଏସ୍‌ଆର୍-ଏସିଏ କ୍ରିକେଟ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ସେଠାରେ ରହିଥିବା ବନ୍ଦୋବସ୍ତ ନେଇ ସେମାନେ ସନ୍ତୋଷ ବ୍ୟକ୍ତ କରିଥିଲେ। କୌଣସି ପରିସ୍ଥିତି ପାଇଁ ଏହାକୁ ଷ୍ଟାଣ୍ଡବାଇ ଭେନ୍ୟୁ ଭାବେ ସଂରକ୍ଷିତ ରଖିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ବିଶାଖାପାଟଣା ହେଉଛି ଏକ ଅନ୍ତର୍ଜାତୀୟ ଭେନ୍ୟୁ। ୨୦୧୬ରେ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ମ୍ୟାଚ ଆୟୋଜନ ଉପରେ ମହାରାଷ୍ଟ୍ର ହାଇକୋର୍ଟଙ୍କ କଟକଣା ପରେ କେତେକ ଆଇପିଏଲ ମ୍ୟାଚ୍ ଏହି ଭେନ୍ୟୁରେ ଖେଳାଯାଇଥିଲା।

## 'ପନ୍ତଙ୍କୁ ବିଶ୍ୱକପ୍ ଦଳରେ ନ ନେଇ ଭୁଲ୍ କରିଛି ଭାରତ'

ରାଜସ୍ଥାନ,୨୩।୪(ପି.ଟି.): କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ତଥା ଦିଲ୍ଲୀ କ୍ୟାପିଟାଲ୍ସ କୋଚ୍ ରିକି ପଣ୍ଟିଂ ବିଶ୍ୱକପ୍ ଲାଗି ଘୋଷିତ ଭାରତୀୟ ଦଳ ଚୟନ ଭୁଲ ଥିବା ସୋମବାର କହିଛନ୍ତି। ରିଷଭ ପନ୍ତଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ଖେଳାଯାଇଥିବା ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌କୁ ଦିଲ୍ଲୀ କ୍ୟାପିଟାଲ୍ସ ଦଳ ସହଜରେ ଜିତିନେଇଥିଲା। ଏହାପରେ ପଣ୍ଟିଂ କହିଛନ୍ତି, ବିଶ୍ୱକପ୍ ଦଳରୁ ପନ୍ତ ବାଦ୍ ପଡ଼ିବା ଦୁଃଖର ବିଷୟ। ମୋ ମତରେ ଭାରତ ଏକ ଭୁଲ ବିକଳ୍ପ ବାଛି ନେଇଛି। ଇଂଲଣ୍ଡ ପରିସ୍ଥିତିରେ ପନ୍ତ ଅତ୍ୟନ୍ତ ଭୟଙ୍କର। ସେଠାରେ ମଧ୍ୟକ୍ରମ ବ୍ୟାଟ୍ସମ୍ୟାନଙ୍କୁ ସ୍ପିନରମାନେ ଅଧିକ ପ୍ରଭାବିତ କରନ୍ତି। ଏଭଳି ପରିସ୍ଥିତି ପନ୍ତଙ୍କ ଉପସ୍ଥିତି ଭାରତୀୟ ଦଳରେ ନିହାତି ଦରକାର। ସେ ନିଜକୁ ଫିଟ୍ ଓ ସୁସ୍ଥ ରଖିପାରିଲେ ୩ରୁ ୪ ବିଶ୍ୱକପ୍ ଖେଳିପାରିବେ। ଉଲ୍ଲେଖଥାଉ କି, ଭାରତୀୟ ଦଳରେ ଅତିରିକ୍ତ ଉଇକେଟକିପର ଭାବେ ପନ୍ତଙ୍କ ବଦଳରେ ଚୟନ କମିଟି ଦୀନେଶ କାର୍ତ୍ତିକଙ୍କୁ ଉପରେ ଭରସା କରିଛି।

# କ୍ରମାଗତ ତୃତୀୟ ବିଜୟ ଲକ୍ଷ୍ୟରେ ଆର୍‌ସିବି

ବେଙ୍ଗାଲୁରୁ, ୨୩।୪(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ-୧୨)ରେ ବୁଧବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଓ କିଙ୍ଗ୍ସ ଇଲେଭେନ ପଞ୍ଜାବ ମଧ୍ୟରେ ମ୍ୟାଚ ଏଠାରେ ଅନୁଷ୍ଠିତ ହେବ। ଖରାପ ଆରମ୍ଭ କରିଥିବା ଆରସିବି ଗତ ୨ଟି ମ୍ୟାଚରେ ବିଜୟୀ ହୋଇଥିବାରୁ ଏହି ଧାରା ବଜାୟ ରଖିବା ଆଶାରେ ରହିଛି। ମେମୋଣ୍ଟମ ଧରି ରଖି ବିଜୟରେ ହ୍ୟାଟ୍ରିକ କରିବା ଏହି ଦଳର ମୁଖ୍ୟ ଲକ୍ଷ୍ୟ।

ଆରସିବି ଓ ଚେନ୍ନାଇ ସୁପରକିଙ୍ଗ୍ସ ମ୍ୟାଚ ଅତ୍ୟନ୍ତ ରୋମାଞ୍ଚକ ହୋଇଥିଲା। ଶେଷରେ ୧ ରନରେ ବିଜୟୀ ହୋଇଥିଲା ବିରାଟ କୋହଲିଙ୍କ ଦଳ। ଶେଷ ଓଭରରେ ଧୋନୀ ଧମାକା ସତ୍ତ୍ୱେ ବିଜୟ ସମ୍ଭବ ହୋଇଥିବାରୁ ଆରସିବି ଖେଳାଳିଙ୍କ ମନୋବଳ ବଢ଼ିଛି। ଗତ ମ୍ୟାଚରେ କୋହଲି ଏବଂ ଏବି ଡିଭିଲର୍ସ କ୍ଲିକ୍ କରି ନ ଥିଲେ। ଏହି ବିଫଳତା ସେମାନଙ୍କୁ ଆଗାମୀ ମ୍ୟାଚରେ ବଡ଼ ସ୍କୋର କରିବାକୁ ନିଶ୍ଚିତ ପ୍ରେରୀତ କରିବ। କିଙ୍ଗ୍ସ ଇଲେଭେନ ବିପକ୍ଷ ପ୍ରଥମ ଚରଣ ମ୍ୟାଚରେ କୋହଲି ୬୭ ଓ ଡିଭିଲର୍ସ ଅପରାଜିତ ୫୯ ରନର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ଏହା ଆଗାମୀ ମ୍ୟାଚରେ ସେମାନଙ୍କୁ ନିଶ୍ଚିତ ସହାୟତା କରିବ। କ୍ରମାଗତ ୬ ପରାଜୟ ପରେ ପଞ୍ଜାବ ବିପକ୍ଷରେ ହିଁ କୋହଲିଙ୍କ ଦଳ ବିଜୟ ସ୍ୱାଦ ଚାଖିଥିଲା। ତେବେ ଡେଲ୍ ଷ୍ଟେଇନ ଆସିବା ସତ୍ତ୍ୱେ ଦଳର ବୋଲିଂ ଚିନ୍ତାର କାରଣ ହୋଇଛି। ଡେଥ୍ ଓଭର ବୋଲିଂ ବିଫଳତା ଯୋଗୁ ଗତ ମ୍ୟାଚରେ ଧୋନୀ ଏକପ୍ରକାର ମ୍ୟାଚ ଛଡ଼ାଇନେଇଥିଲେ କହିଲେ ଭୁଲ ହେବନି। ବାଙ୍ଗାଲୋର ପ୍ରଥମେ ବ୍ୟାଟିଂ କରି ୧୬୧ ରନ କରିଥିଲା। ଶେଷ ଓଭରର ୬ ବଲ୍‌ରୁ ୨୬ ରନ ଥିଲେ ହେଁ ଦଳର ସ୍ଥିତି ଅସମ୍ଭାଳ ହୋଇ ଯାଇଥିଲା। ଧୋନୀ ବିସ୍ଫୋରକ ବ୍ୟାଟିଂ କରିବାରୁ ଶେଷ ବଲ୍‌ରୁ ଚେନ୍ନାଇକୁ ମାତ୍ର ୨ ରନ ଆବଶ୍ୟକ ହେଉଥିଲା। ଉଇକେଟ କିପର ପାର୍ଥିବ ପଟେଲ ମ୍ୟାଚ ବଞ୍ଚାଇ ଦେଇଥିଲେ ଏବଂ ଶାର୍ଦ୍ଦୁଳ ଠାକୁରଙ୍କୁ ରନ ଆଉଟ କରିବାରୁ ଆରସିବି ପାଇଁ ୧ ରନର ବିଜୟ ସମ୍ଭବ ହୋଇଥିଲା। ୧୦ ଗେମ୍‌ରୁ କୋହଲିଙ୍କ ଦଳପାଇଁ ଏହାଥିଲା ମାତ୍ର ୩ୟ ବିଜୟ। ପଞ୍ଜାବ ୧୦ ମ୍ୟାଚରୁ ୫ମ ବିଜୟ ସହ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଛି। ମୋମେଣ୍ଟମକୁ ସାଥିକରି ଏହି ଦଳ ବିପକ୍ଷରେ ଆଉ ଏକ ବିଜୟ ଲକ୍ଷ୍ୟରେ ରହିଛି ଆରସିବି।



ବିରାଟ କୋହଲି ଓ ରବିଚନ୍ଦ୍ରନ୍ ଅଶ୍ୱିନ।

ରବିଚନ୍ଦ୍ରନ ଅଶ୍ୱିନଙ୍କ ନେତୃତ୍ୱାଧୀନ କିଙ୍ଗ୍ସ ଇଲେଭେନ ପ୍ରଦର୍ଶନରେ ମଧ୍ୟ ସ୍ଥିରତା ରହିନାହିଁ। ଫଳସ୍ୱରୂପ ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍, ଲୋକେଶ ରାହୁଲ ଓ ଡେଭିଡ ମିଲରଙ୍କ ଉପସ୍ଥିତି ସତ୍ତ୍ୱେ ଏହି ଦଳ ପ୍ଲେ-ଅଫ୍‌ରେ ନିଜର ସ୍ଥାନ ସୁରକ୍ଷିତ କରି ପାରିନାହିଁ। ତେବେ ଆଗାମୀ ମ୍ୟାଚରେ ଆରସିବିର ଦୁର୍ବଳ ବୋଲିଂରୁ ଫାଇଦା ନେବାକୁ ଏହି ଦଳ ଲକ୍ଷ୍ୟ ରଖିଛି। ପେସର ମହମ୍ମଦ ସାମି ଏବଂ ସ୍ପିନର ଅଶ୍ୱିନ ପଞ୍ଜାବ ପାଇଁ ଏପର୍ଯ୍ୟନ୍ତ ସଫଳ ବୋଲର ସାବ୍ୟସ୍ତ ହୋଇ ଆସିଛନ୍ତି। ଆଗାମୀ ମ୍ୟାଚରେ ମଧ୍ୟ ଦଳ ତାଙ୍କଠାରୁ ଏପରି ପ୍ରଦର୍ଶନ ଆଶା କରୁଛି। ଅନ୍ୟମାନଙ୍କ ମଧ୍ୟରେ ଅଙ୍କିତ୍ ରାଜପୁତ, ସାମ୍ କୁରାନ, ହର୍ଡୁସ ଭିଲଜନ ଓ ଆଣ୍ଡ୍ରୁ ଟାଇଙ୍କୁ ନେଇ ପଞ୍ଜାବର ବୋଲିଂ ବିଭାଗ ବେଶ୍ ସନ୍ତୁଳିତ। ତେବେ ପ୍ରଦର୍ଶନରେ ଅସ୍ଥିରତା ଦଳକୁ ଏପର୍ଯ୍ୟନ୍ତ ସୁରକ୍ଷିତ ସ୍ଥାନରେ ପହଞ୍ଚାଇ ପାରିନାହିଁ। ଚଳିତ ସିଜନରେ ଦଳ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ୧୪ ରନରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିବାବେଳେ ପରବର୍ତ୍ତୀ ମ୍ୟାଚରେ କୋଲକାତା ନାଇଟ ରାଇଡର୍ସ ନିକଟରୁ ୨୮ ରନରେ ହାରି ଯାଇଥିଲା। ୩ୟ ଓ ୪ର୍ଥ ମ୍ୟାଚକୁ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଯଥାକ୍ରମେ ୮ ଉଇକେଟରେ ଏବଂ ୧୪ ରନରେ ଜିତିଥିଲେ ହେଁ ୫ମ ମ୍ୟାଚରେ ଚେନ୍ନାଇ ପକ୍ଷରୁ ୨୨ ରନରେ ହାରି ଯାଇଥିଲା। ପରେ ସନ୍ ରାଇଜର୍ସ ହାଇଦ୍ରାବାଦକୁ ୬ ଉଇକେଟରେ ହରାଇଥିବାବେଳେ ମୁମ୍ବାଇ ପାଖରୁ ୩ ଉଇକେଟରେ ଏବଂ ବାଙ୍ଗାଲୋରଠାରୁ ୮ ଉଇକେଟରେ ହାରି ଯାଇଥିଲା। ସେହିପରି ପରବର୍ତ୍ତୀ ମ୍ୟାଚରେ ରାଜସ୍ଥାନ ରୟାଲ୍ସକୁ ୧୨ ରନରେ ହରାଇଥିଲେ ହେଁ ଦିଲ୍ଲୀ ନିକଟରୁ ୫ ଉଇକେଟରେ ହାରି ଆଗାମୀ ମ୍ୟାଚ ଖେଳିବାକୁ ଯାଉଛି।

ଅନ୍ୟପକ୍ଷରେ ଆରସିବି ପ୍ରତିପକ୍ଷ ଚେନ୍ନାଇ, ମୁମ୍ବାଇ, ହାଇଦ୍ରାବାଦ, ରାଜସ୍ଥାନ, କୋଲକାତା ଏବଂ ଦିଲ୍ଲୀଠାରୁ କ୍ରମାଗତ ୬ ମ୍ୟାଚରେ ପରାଜିତ ହେବାପରେ ପଞ୍ଜାବ ବିପକ୍ଷରେ ବିଜୟୀ ହୋଇ ନୂଆ ଜୀବନ ପାଇଥିଲା। ପରବର୍ତ୍ତୀ ମ୍ୟାଚରେ ମୁମ୍ବାଇଠାରୁ ୫ ଉଇକେଟରେ ହାରିଥିଲେ ହେଁ କ୍ରମାଗତ ୨ଟି ମ୍ୟାଚରେ କୋଲକାତାକୁ ୧୦ ରନରେ ଏବଂ ଚେନ୍ନାଇକୁ ୧ ରନରେ ହରାଇ ବିଜୟ ପଥରେ ରହିଛି।


## ପୂର୍ବ ତଟ ରେଳପଥ
### ଇଞ୍ଜିନିୟରିଂ କାର୍ଯ୍ୟ

ଫାଇଲ ନଂ.DRM/Engg/KUR/19-20/E-tender/03, ତା.18.04.2019ରିଖ

1. ଟେଣ୍ଡର ବିଜ୍ଞପ୍ତି ସଂ.e-Tender NORTH-KUR-06-2019, ତା.15.04.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ପର୍ଜନପୁର ଷ୍ଟେସନ ଠାରେ ଗୁଡ୍‌ସ ପ୍ଲାଟଫର୍ମ ଠାରୁ ପଳାସପଙ୍ଗ ରୋଡ଼ ପର୍ଯ୍ୟନ୍ତ ସଂଯୋଗ କରୁଥିବା ସିମେଣ୍ଟ କଂକ୍ରିଟ ପ୍ରବେଶ ପଥର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 88.30 ଲକ୍ଷ, EMD (ଟଙ୍କାରେ) : 1,76,600/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 06 (ଛଅ) ମାସ।

2. ଟେଣ୍ଡର ବିଜ୍ଞପ୍ତି ସଂ.e-Tender NORTH-KUR-07-2019, ତା.15.04.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭଦ୍ରକ ଷ୍ଟେସନ ଠାରେ ପ୍ଲାଟଫର୍ମ ନଂ.1 ରେ 10 bay ପ୍ଲାଟଫର୍ମ ସେଲ୍ଟର ର ନିର୍ମାଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ) : 123.79 ଲକ୍ଷ, EMD (ଟଙ୍କାରେ) : 2,11,900/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 08 (ଆଠ) ମାସ।

3. ଟେଣ୍ଡର ବିଜ୍ଞପ୍ତି ସଂ.e-Tender CENT-KUR-08-2019, ତା.15.04.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (ନିର୍ମାଣ) ପରିସୀମା ଅଧୀନରେ 2 ବର୍ଷ ସମୟାବଧି ନିମନ୍ତେ ସହାୟକ ମଣ୍ଡଳ ଯନ୍ତ୍ରୀଙ୍କ ଅନୁଯାୟୀ ରେଳବାଇ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ 01 ଟନ୍ ଏବଂ 10 ଟନ୍ କ୍ଷମତା ବିଶିଷ୍ଟ ଟ୍ରକ୍‌ର ପ୍ରସ୍ତାବିତ ପ୍ଲେସ୍‌ମେଣ୍ଟ (Placement)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 71.93 ଲକ୍ଷ, EMD (ଟଙ୍କାରେ) : 1,43,900/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 24 (ଚବିଶି) ମାସ।

4. ଟେଣ୍ଡର ବିଜ୍ଞପ୍ତି ସଂ.e-Tender HQ-KUR-09-2019, ତା.15.04.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ୟାର୍ଡ଼ ଠାରେ ବାଲାଷ୍ଟ ସାଇଡ଼ିଙ୍ଗ୍‌ର ପ୍ରସ୍ତାବିତ ରୂପାନ୍ତରଣ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 60.89 ଲକ୍ଷ, EMD (ଟଙ୍କାରେ) : 1,21,800/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 06 (ଛଅ) ମାସ।

5. ଟେଣ୍ଡର ବିଜ୍ଞପ୍ତି ସଂ.e-Tender ESTATE-KUR-11-2019, ତା.15.04.2019ରିଖ
ବିବରଣୀ : ସହାୟକ ମଣ୍ଡଳ ଯନ୍ତ୍ରୀ / ସେଟେଲମେଣ୍ଟ / ମୁଖ୍ୟାଳୟ / ଭୁବନେଶ୍ୱର ଅଧୀନରେ ରେଳ କୁଞ୍ଜ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଠାରେ ଡୁପ୍ଲେକ୍ସ-1 ଠାରୁ 12 ୟୁନିଟ୍ ପର୍ଯ୍ୟନ୍ତ ଏବଂ ରେଳ ହାଉସ୍ (Rail House)ର ଚଟାଣ, ଶୌଚାଳୟ, ସାନିଟାରୀ ଫିଟିଙ୍ଗ୍ ଏବଂ ଛାତ ଇତ୍ୟାଦିର ମରାମତି ଭଳି ବିବିଧ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 92.75 ଲକ୍ଷ, EMD (ଟଙ୍କାରେ) : 1,85,500/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 06 (ଛଅ) ମାସ।

6. ଟେଣ୍ଡର ବିଜ୍ଞପ୍ତି ସଂ.e-Tender EAST-KUR-13-2019, ତା.16.04.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର କଟକ ଷ୍ଟେସନ ଠାରେ 04 ଗୋଟି ଲିଫ୍ଟ ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 78.17 ଲକ୍ଷ, EMD (ଟଙ୍କାରେ) : 1,56,300/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 08 (ଆଠ) ମାସ।

7. ଟେଣ୍ଡର ବିଜ୍ଞପ୍ତି ସଂ.e-Tender EAST-KUR-15-2019, ତା.16.04.2019ରିଖ
ବିବରଣୀ : ଖୋର୍ଦ୍ଧା ରୋଡ଼ ମଣ୍ଡଳର କଟକ-ପାରାଦ୍ୱୀପ ସେକ୍ସନରେ ବାଲାଷ୍ଟ ରିଟେନିଙ୍ଗ୍ ୱାଲ, ପାରାପେଟ୍ ୱାଲ, ଯାଞ୍ଚ ସିଡ଼ୀ (Inspection Steps), ବ୍ରିଜ୍ ଟାବଲେଟ୍, ପୋଲ ପ୍ରବେଶ ପଥ ସେସ୍ (Cess)ର ପ୍ରଶସ୍ତୀକରଣ, ରେନ୍‌ଫୋର୍ସମେଣ୍ଟ ଏକ୍ସପୋଜ୍ଡ (Reinforcement exposed) ସ୍ଥାନର ଦେଖାଶୁଣା, ଷ୍ଟୋନ୍ ପିଚିଙ୍ଗ୍, ସେଣ୍ଟ୍ରାଲ ଡ୍ରେନ୍ ଇତ୍ୟାଦିଗୁଡ଼ିକର ମରାମତି ତଥା ଛୋଟ ପୋଲ/ବଡ଼ ପୋଲ ଏବଂ ଏହାର ପ୍ରବେଶ ପଥଗୁଡ଼ିକର ବିବିଧ ମରାମତି।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 169.10 ଲକ୍ଷ, EMD (ଟଙ୍କାରେ) : 2,34,600/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 12 (ବାର) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.05.2019 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବକୁ ଫାର୍ମ (Firm) ର ଲେଟର ହେଡ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବ ଗୁଡ଼ିକୁ ଅବୈଧ ଭାବେ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ନାକଚ କରି ଦିଆଯିବ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ଦଶ ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)
ଖୋର୍ଦ୍ଧା ରୋଡ଼
PR-47/K/19-20



## ମଳକଣ୍ଟକ

ରେ ପୀଡ଼ା, ଜ୍ୱାଳା, ରକ୍ତକ୍ଷରଣ, କୁଣ୍ଡିଆ, ଏନାଲ ଫିଶର୍ସ କିମ୍ବା ଭଗନ୍ଦର ହୋଇପାରେ।

ଶିରାର ଫୁଲାକୁ କମ୍ କରିବା, ରକ୍ତକ୍ଷରଣକୁ ବନ୍ଦ କରିବା, ପାଚନକ୍ରିୟାକୁ ସୁଧାରିବା, ଲିଭର୍‌କୁ ସ୍ୱାଭାବିକ ରଖିବା ଏବଂ ପେଟ ସଫା କରିବାରେ ଫଳପ୍ରଦ।




ଅସ୍ତ୍ରୋପଚାରରୁ ବର୍ତ୍ତନ୍ତୁ, ଆପଣାନ୍ତୁ ଉପଯୁକ୍ତ ଓ ଆୟୁର୍ବେଦିକ ଚିକିତ୍ସା
JOLLY
ବାସିର
ଜେଲ୍ ଓ କ୍ୟାପସୁଲ୍
ପ୍ରତ୍ୟେକ ମେଡିକାଲ୍ ଷ୍ଟୋର୍‌ରେ ଉପଲବ୍ଧ। ☎ 0161-520-1588

## ବୈବାହିକ ସୁଖ ଓ ସୁଖଦ କ୍ଷଣଗୁଡ଼ିକର ଆନନ୍ଦ ନିଅନ୍ତୁ



ଜୋଶ୍, ଶକ୍ତି ଓ ସ୍ଫୁର୍ତ୍ତି ସହିତ
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସଉକିଆ ବ୍ୟକ୍ତି ମଧ୍ୟ ଥରେ ନିଶ୍ଚୟ ଆପଣାନ୍ତୁ
ପ୍ଲେ-ୱିନ୍® କ୍ୟାପ୍‌ସୁଲ
୧ କ୍ୟାପ୍‌ସୁଲ୍ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ଉତ୍ତମ ପରିଣାମ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ।
ଏକ୍ସଟ୍ରା ଟାଇମିଂ ପାଇଁ
TRADE ENQUIRY : 08657520093
ନୂଆ ବିଶ୍ୱାସ ଭରପୂର ଶକ୍ତି ଏବଂ ମଜାଦାର ବୈବାହିକ ଜୀବନ ପାଇଁ ଇନ୍ଦ୍ରିୟ ଖରାପ ହେବା, ଶୀଘ୍ରପତନ ଦୂର କରିବା, ମନ ଚାହୁଁଥିବା ସମୟ ପ୍ରାପ୍ତ କରିବା, ଉଦ୍ଦୀପନାକୁ ପୁନଃ ଜାଗ୍ରତ କରାଇବା, ଅନ୍ୟାନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାବେଳେ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦା ମାଲିସ କରନ୍ତୁ ଏବଂ ଉପରୋକ୍ତ ସମସ୍ୟାରୁ ମୁକ୍ତି ପାଆନ୍ତୁ।
www.playwincapsule.com




ମୋତେ ଡାଇବେଟିସ୍ ଅଛି, ମୁଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ବ୍ୟବହାର କରିପାରିବି - ପ୍ଲେ ୱିନ୍ କ୍ୟାପ୍‌ସୁଲ ୧୦୦% ଆୟୁର୍ବେଦିକ ଦୁର୍ଲଭ ଚେରମୂଳୀରୁ ପ୍ରସ୍ତୁତ, ଏଥିପାଇଁ ଏହାକୁ କେହି ବି ବ୍ୟବହାର କରିପାରିବେ। ଏହାର କୌଣସି ସାଇଡ୍ ଇଫେକ୍ଟ ନାହିଁ।
ତେଲ | କ୍ୟାପ୍‌ସୁଲ୍
SS : Mahendra Pharma / ODD
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋର୍‌ରେ ଉପଲବ୍ଧ
ଜୋଶ୍, ଶକ୍ତି, ଏକ୍ସଟ୍ରା ଟାଇମିଂ ଏବଂ ସ୍ଫୁର୍ତ୍ତି ବଢ଼ାଏ



## ଅମୁଲ୍




ମ୍ୟାଙ୍ଗୋ 180 mL ₹10*
ମ୍ୟାଙ୍ଗୋ ଲସି 200 mL ₹20*
କୋକୋ 200 mL ₹25*
ପ୍ରୋ 250 mL ₹35*
କାଫେ 200 mL ₹30*
କଡ଼ାଇ ଦୁଧ 200 mL ₹20*

ଆକର୍ଷଣୀୟ ଉତ୍ପାଦର ସମଗ୍ର ସମ୍ଭାର ପାଇବା ପାଇଁ ଆପଣଙ୍କର ନିକଟତମ ଅମୁଲ୍ ପାର୍ଲରକୁ ପରିଦର୍ଶନ କରନ୍ତୁ।




*MRP (incl. of all taxes), Conditions apply.



ଯେଉଁ ଲୋକର ମସ୍ତିଷ୍କରେ ଜ୍ଞାନ ଭରପୂର, ସେ ହିଁ ସଂକ୍ଷେପରେ କଥାଟିଏ କହିଦେଇ ପାରେ।

- ବ୍ୟାସକବି ଫକୀରମୋହନ



## ସଂକ୍ଷେପରେ

### ତାମିଲନାଡୁରେ ଶ୍ରମିକ ମୃତ: ଅର୍ଥାଭାବରୁ ମୃତଦେହ ଆସି ପାରିଲାନି

**ବିନିକା, ୨୩।୪(ଡି.ଏନ୍.ଏ.):** ଟଙ୍କା ଉପାର୍ଜନ କରିବା ପାଇଁ ଘରେ ସ୍ତ୍ରୀ ଓ ୩ ଝିଅପୁଅଙ୍କୁ ଛାଡି ତାମିଲନାଡୁ ଯାଇଥିବା ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହଦା ଗ୍ରାମର ଶଙ୍କର ସାହୁ (୩୫)ଙ୍କର ସୋମବାର ଏକ ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ସେଠାରେ ଥିବା ତାଙ୍କ ନିକଟତମ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରାଯାଇଥିଲା। ହେଲେ ଅର୍ଥାଭାବରୁ ମୃତଦେହ ଏଠାକୁ ଅଣା ଯାଇ ନପାରି ସେଠାରେ ସତ୍କାର କରାଯାଇଛି। ପ୍ରାୟ ୬ମାସ ତଳେ ଶଙ୍କର କେତେକ ସମ୍ପର୍କୀୟଙ୍କ ସହ ତାମିଲନାଡୁ ରାଜ୍ୟ ଧୃରପୁର ଜିଲା ପାରାଡମକୁ କାମ କରିବା ପାଇଁ ଯାଇଥିଲେ। ସେଠାରେ ସେ ଏକ କୋଠା କାମରେ ଦିନ ମଜୁରିଆ ଭାବେ କାମ କରୁଥିଲେ। ସୋମବାର ବଜାରକୁ ଯାଇ ରାସ୍ତା ପାର ହେଉଥିବା ବେଳେ ଏକ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ପାରାଡମ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପାରାଡମ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇଛି। ଶଙ୍କରଙ୍କ ମୃତ ଖବର ଶୁଣି ଗାଁରେ ଥିବା ତାଙ୍କ ସ୍ତ୍ରୀ, ଦୁଇ ଝିଅ ଓ ପୁଅ ଦୁଃଖରେ ଭାଙ୍ଗି ପଡିଛନ୍ତି। କାମ ଧନ୍ଦା କରି ଚାରି ପ୍ରାଣୀ କୁଟୁମ୍ବ ପରିପୋଷଣ କରୁଥିବା ଶଙ୍କର ପରିବାରକୁ ଜିଲା ପ୍ରଶାସନ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

### ସିଆଲି ରାମଲୀଳା : ଲକ୍ଷ୍ମଣଙ୍କ ଶକ୍ତିଭେଦ, ଇନ୍ଦ୍ରଜିତ୍ ବଧ

**ବିନିକା, ୨୩।୪(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହଦା ପଞ୍ଚାୟତ ଅନ୍ତର୍ଗତ ସିଆଲି ରାମମନ୍ଦିର ପ୍ରାଙ୍ଗଣରେ ରଘୁନାଥ ନାଟ୍ୟ କଳା ପରିଷଦ ଆନୁକୂଲ୍ୟରେ ଚାଲିଥିବା ରାମଲୀଳା ମହୋତ୍ସବର ମଙ୍ଗଳବାର ଥିଲା ୧୧ତମ ସନ୍ଧ୍ୟା। କାର୍ଯ୍ୟକ୍ରମରେ ଲକ୍ଷ୍ମଣଙ୍କ ଶକ୍ତିଭେଦ ଓ ଇନ୍ଦ୍ରଜିତ ବଧ ନାଟକ ମଞ୍ଚସ୍ଥ ହୋଇଥିଲା। ଡୋଲାମଣୀ ଷାଣ୍ଢଙ୍କ ପରିଚାଳନାରେ ଅନୁଷ୍ଠିତ ରାମଲୀଳାର ରାମ ଭୂମିକାରେ ଶିବ ପ୍ରସାଦ ସେଠୀ, ଲକ୍ଷ୍ମଣ- ଭାଗବତ ବିଶ୍ୱାଳ, ରାବଣ- ପଞ୍ଚାନନ ସାହୁ, ହନୁମାନ -ଲବ ସେଠ୍, ଇନ୍ଦ୍ରଜିତ- ନାରାୟଣ ଷାଣ୍ଢ ପ୍ରମୁଖଙ୍କ ଅଭିନୟ ଚମତ୍କାର ହୋଇଥିଲା।

### ବନ୍ଧପାଲିରେ ଦନ୍ତ ଚିକିତ୍ସା ଶିବିର

**ଡୁଙ୍ଗୁରିପାଲି, ୨୩।୪ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବନ୍ଧପାଲି ଗ୍ରାମ ପଞ୍ଚାୟତରେ ମଙ୍ଗଳବାର ଏକ ଦନ୍ତ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଡା. ଦିପ୍ତିମୟୀ ବାରିକ ଓ ସହକାରୀ ଫୁଲମତୀ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କେନ୍ଦ୍ରରେ ବନ୍ଧପାଲି ଗ୍ରାମର ୭୦ରୁ ଉର୍ଦ୍ଧ୍ୱ ମହିଳା, ପୁରୁଷଙ୍କ ଦନ୍ତ ଚିକିତ୍ସା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସୂର୍ଯ୍ୟୋଦୟ ଫାଇନାନ୍ସର କର୍ମୀ ଉଷା ମାଝୀ, ରାଜୀବ କୁମାର ଦାୟିତ୍ୱ ତୁଲାଇଥିଲେ। ବନ୍ଧପାଲି ପଞ୍ଚାୟତର ସରପଞ୍ଚ ସଂଯୁକ୍ତା ଦଣ୍ଡସେନା ଓ ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଯୁବକଙ୍କ ସମେତ ହରିଶ୍ଚନ୍ଦ୍ର ନାୟକ, ବୁଠି ପାଣ୍ଡେ, ପଦ୍ମଲୋଚନ ବଗର୍ତ୍ତି, ମହେନ୍ଦ୍ର ଭୋଇ, କରୁଣାକର ବୁଡେକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଟ୍ରକ୍ ଧକ୍କାରେ ୪ ଗୋରୁ ମୃତ

**ବଡ଼ଗାଁ, ୨୩।୪ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଫିସ ସମ୍ମୁଖ ୧୦ନଂ. ରାଜ୍ୟ ରାଜପଥରେ ମଙ୍ଗଳବାର ଅପରାହ୍ନ ୩ଟାରେ ଟ୍ରକ୍ ଧକ୍କାରେ ୪ ଗୋରୁର ମୃତ୍ୟୁ ଘଟିଛି। ସୁନ୍ଦରଗଡ ପଟକୁ ଦ୍ରୁତ ଗତିରେ ଯାଉଥିବା ଟ୍ରକ ଓଡି ୧୬ ଡି- ୭୨୯୯ ଗୋରୁ ପଲକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଗୋଟିଏ ବାଛୁରୀ ଓ ୩ ଗାଈ ମରିଥିଲାବେଳେ ଗୋଟିଏ ଗାଈ ଆହତ ହୋଇଛି। ଦ୍ରୁତ ଗତିରେ ଧକ୍କା ଦେଇ ଯାଉଥିବା ଟ୍ରକକୁ ଜଣେ ବାଇକ ଚାଳକ ପିଛା କରି ଥାନା ସମ୍ମୁଖରେ ଅଟକାଇ ଡ୍ରାଇଭରକୁ ଥାନାରେ ଜିମା ଦେଇଛନ୍ତି। ଟ୍ରକଟି ରାଉରକେଲା ବେଦବ୍ୟାସର ରମେଶ ମିଶ୍ରୀଙ୍କ ଓ ଚାଳକ ବିହାର ଛାପ୍ରା ଜିଲାର ଶୈଳେନ୍ଦ୍ର କୁମାର ରାୟ ବୋଲି ତାଙ୍କଠାରୁ ଜଣାପଡିଛି।

■ କାମେ ନାଇଁ ଆଏବାର ସ୍ୱଜଳଧାରା ପ୍ରକଳ୍ପ

# ପାଏନ୍ ଲାଗି ଗୁଲଗୁଲା

**ବିନିକା, ୨୩।୪(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଁଚେତ୍ର ଦେଣ୍ଟୁପଦର ଗାଁ। ୨ଟା ୱାର୍ଡ ଥିବାର ଇ ଗାଁରେ ପାଖାପାଖି ୮ଶହ ଲୋକ୍ ବାସ୍ କରୁଛନ୍। ଗାଁରେ ଗଲା ୧୨ ବଛର ହେଲା ପିଇଲା ପାଏନ୍ ସମସିଆ ଲାଗିରହିଥିଲେ ବି ତାର ସମାଧାନର ବାଟ୍ ନାଇଁ ଫିଟିପାରବାର। ଏହେଦେ ଗାଁରେ ଥିବାର ଗୁଟେ ବଲି ନଲ୍‌ଚୁଆଁ ଲୁକ୍‌କର ସାହାଭରସା ପାଲଟିଛେ। ୨୦୦୭-୦୮ ଆରଥିକ ବଛରରେ ଜିଲା ଜଳ ଓ ପରିମଳ ମିଶନ ସୁବର୍ଣ୍ଣପୁର ତରଫୁ ୮ ଲାଖ୍ ଟଁକା ଖରଚ୍‌ରେ ଗାଁରେ ସ୍ୱଜଳଧାରା ପ୍ରକଳ୍ପ ତିଆର ହେଲା। ଫିଦିନ୍ ୫୦ ହଜାର ଲିଟର ପିଇଲା ପାଏନ୍ ପ୍ରକଳ୍ପରୁ ଗାଁର ଲୁକ୍‌କୁ ଯୁଗେଇ ଦେବାର ବେବସ୍ତା ରହିଥିଲା। ଗାଁରେ ପାଖାପାଖି ୨୨ଟା ଷ୍ଟାଣ୍ଡପୋଷ୍ଟ ତିଆର କରି ଲୁକ୍‌କୁ ପାଏନ୍ ଯୁଗେଇ ଦେବାର ବେବସ୍ତା ହେଲା। ହେଲେ ଦୁଖର କଥା ଯେ, ପ୍ରକଳ୍ପଟା ମାସେ ଚଲ୍‌ଲା ଉତାରୁ ବିଦ୍ୟୁତ୍ ଅଭାବୁ ବଁନ୍ଦ୍ ହେଇଗଲା। ପହେଲାରୁ ପ୍ରକଳ୍ପ ଚଲାବାର ଲାଗି ଗାଁର ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ପଛେ ବିଦ୍ୟୁତ୍ ବିଭାଗ ପ୍ରକଳ୍ପ ଲାଗି ଉନିଆ ଟ୍ରାନ୍ସଫର୍ମରର ବେବସ୍ତା କରବାର ଲାଗି କହି ବିଦ୍ୟୁତ୍ ସଂଯୋଗ କାଟିଦେଲା। ସେଦିନ୍‌ଠାନୁ ପ୍ରକଳ୍ପ ଅଚଲ ହେଇ ପଡ଼ିରହିଛେ। ଇ ବାବ୍‌ଦେ ବିନିକା ବ୍ଲକ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗୀୟ ଜେଇ ଗଜେନ୍ଦ୍ର ନାଏକଙ୍କୁ ପଚରାଲାରୁ ଦେଣ୍ଟୁପଦର ଜଳଯୋଗାଣ ପ୍ରକଳ୍ପ କାଯକ୍ଷମ କରବାର ଲାଗି ଉଚ କତୃପକ୍ଷଙ୍କୁ ଜନେଇଛେଁ ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ବାବୁପାଲି କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ଶତପଥୀଙ୍କୁ ପଚରାଲାରୁ ପ୍ରକଳ୍ପର ଦାଇତିଅ ପଁଚେତ୍‌କେ ଦେବାର ଲାଗି ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗ୍‌କେ ବହୁତଥର କୁହାଯାଇଛେ। ପ୍ରକଳ୍ପ କାୟକ୍ଷମ କରବାର ଲାଗି ପଁଚେତ୍ ତରଫୁ ଦେଢ଼ ଲାଖ୍ ଟଁକାର ଖରଚ୍ ଅଟକଲର କାଗଜପତର ବି କରାଯାଇଛେ। ହେଲେ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗ ପ୍ରକଳ୍ପର ଦାଇତିଅ ପଁଚେତ୍‌କେ ନାଇଁ ଦେବାର, ଯେନ୍‌ଥିରଲାଗି ଲୋକ୍ ମଉଳିକ ସୁବିଧାରୁ ବଁଚିତ ହେଉଛନ୍। ପ୍ରକଳ୍ପର ଭାର ପଁଚେତ୍‌କେ ଦେଲେ ଯେତେ ଜଲଦି ହେବା ନୂତନ ଟ୍ରାନ୍ସଫର୍ମର ଲଗେଇ ପ୍ରକଳ୍ପ ଚାଲୁ କରାଯିବା ବଲି ସେ କହିଥିଲେ।



ଦେଣ୍ଟୁପଦର ଗାଁରେ ଅଚଲ ହେଇ ପଡ଼ିଥିବାର ସ୍ୱଜଳଧାରା ପ୍ରକଳ୍ପ।

# ସାଧନକେନ୍ଦ୍ର, ପାଠାଗାରରେ ତାଲା

## ନଷ୍ଟ ହେଉଛି ବହି, କମ୍ପ୍ୟୁଟର

**ସୋନପୁର,୨୩।୪(ନି.ପ୍ର.)**

ସୋନପୁର ବ୍ଲକ ପରିସରରେ ଖୋଲା ଯାଇଥିବା ସାଧନ କେନ୍ଦ୍ର ଓ ଜିଲାର ପ୍ରଥମ ବ୍ଲକସ୍ତରୀୟ ପାଠାଗାରରେ ସବୁବେଳେ ତାଲା ଝୁଲୁଛି। ଗତ ୨୦୧୩ ମେ ୨୩ତାରିଖରେ ବଲାଙ୍ଗୀର ଏମପି କଳିକେଶ ନାରାୟଣ ସିଂଦେଓ ମୁଖ୍ୟଅତିଥିଭାବେ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି ସାଧନ କେନ୍ଦ୍ର ଓ ପାଠାଗାରରେ ୨ ହଜାର ବହି ସହ କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ସୁବିଧା ଥିଲା। ଲକ୍ଷ୍ୟ ଥିଲା ବରିଷ୍ଠ ନାଗରିକ ଓ ଛାତ୍ରୀଛାତ୍ର ବହି ପଢିବା ସହ କମ୍ପ୍ୟୁଟରରୁ ଜ୍ଞାନ ଆହରଣ କରିବେ। ମାତ୍ର ଏ ବିଷୟରେ ପ୍ରଚାର ପ୍ରସାର କରାଗଲାନି। ତନ୍ମଧ୍ୟ ଦରୱାନ ବିଡିଓ ଥିବା ସମୟରେ କେନ୍ଦ୍ର ଖୋଲା ଯାଉଥିଲା। ତାଙ୍କ ବଦଳି ପରେ ପ୍ରାୟ ସାଢେ ୩ ବର୍ଷ ହେବ ଏହି କେନ୍ଦ୍ରରେ ତାଲା ଝୁଲୁଥିବା ଅଭିଯୋଗ ହେଉଛି। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବାରୁ କମ୍ପ୍ୟୁଟର ନଷ୍ଟ ହେବାକୁ ବସିଥିବା ବେଳେ ବହିଗୁଡିକ ଅଦରକାରୀ ଭାବେ ଖତ ଖାଉଛି।



ସୋନପୁର ବ୍ଲକ ପରିସରରେ ଥିବା ସାଧନ କେନ୍ଦ୍ର ଓ ପାଠାଗାରରେ ତାଲା ଝୁଲୁଛି।

# ଅଇଁଲାଛାଟରେ ୨୪ ପ୍ରହର ନାମଯଜ୍ଞ

**ଉଲୁଣ୍ଡା ୨୩।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅଇଁଲାଛାଟ ଗ୍ରାମରେ ୨୪ ପ୍ରହର ନାମଯଜ୍ଞ ମଙ୍ଗଳବାର ସମ୍ପନ୍ନ ହୋଇଛି। ଗ୍ରାମର ୧୦୮ ଜଣ ମହିଳା ନିକଟସ୍ଥ କଟାରୁ ପୂର୍ଣ୍ଣ କଳସ ଜଳ ଆଣି ଯଜ୍ଞସ୍ଥଳରେ ସ୍ଥାପନ କଲାପରେ ପୂଜକ ହରେକୃଷ୍ଣ ଦାସ ପୂଜାର୍ଚ୍ଚନା କରିଥିଲେ। ସୂର୍ଯ୍ୟକୁମାର ଦେହୁରି କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏଥିରେ ବଘାରମୁଣ୍ଡା, ବଡମାଲ, ଦୀପପାଲି, ଝାରବାହାଲି, ସୁଲିଆ, କ୍ଷେମାଲୋଏ, ଇଛାପୁର, ଜଉଁରାଭଉଁରା, ଚଢେଇପଙ୍କ (ଗଉଡପଡା), କେଉଟପଡା ପ୍ରଭୃତି ଗ୍ରାମର କୀର୍ତ୍ତନ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ। ସେହିପରି ବାବୁପାଲି ଓ ହରିଣାପାଲି ମଧ୍ୟରେ ବୈଠକୀ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଯଜ୍ଞ ପରିଚାଳନା ପରିଷଦର ସଭାପତି ସନ୍ତୋଷ କୁମାର ଦେହୁରି, ସମ୍ପାଦକ ଗଜିନ୍ଦ୍ର ସେଠୀଙ୍କ ସମେତ ବୃଷବ ରଣା, ଚତ୍ତରଞ୍ଜନ ପଧାନ, ଜଗଦୀଶ ଛନ୍ଦ, ଧ୍ରୁବଳେଶ୍ୱର ରଣା, ଟଙ୍କଧର ରଣା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



୨୪ ପ୍ରହର ନାମଯଜ୍ଞରେ ସଂକୀର୍ତ୍ତନ ପରିବେଷଣ କରାଯାଉଛି।

# ହାର୍‌ଜିତକୁ ନେଇ ଚାଲିଛି ଅବଗଣନା

■ ଛିଣ୍ଡୁନି କାହାରି ଗଣିତ
■ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀ
■ ସୁରକ୍ଷା ବଳୟ ଭିତରେ ପ୍ରାର୍ଥୀଙ୍କ ଭାଗ୍ୟ

**ବୀରମହାରାଜପୁର, ୨୩।୪(ଡି.ଏନ୍.ଏ.)**

ବଲାଙ୍ଗୀର ସଂସଦୀୟ କ୍ଷେତ୍ର ପରିସରଭୁକ୍ତ ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରେ ଗୁରୁବାର ଭୋଟଗ୍ରହଣ ସରିଥିବା ବେଳେ ମତଦାନ ପାଇଁ ବ୍ୟବହୃତ ଇଭିଏମ୍, ଭିଭିପିଏଟି ସବୁ ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟର ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ଏଥିସକାଶେ ତ୍ରିସ୍ତରୀୟ କଡା ସୁରକ୍ଷା ଗ୍ରହଣ କରାଯାଇଛି। ୨୦୧୪ ନିର୍ବାଚନରେ ଏଠାରେ ୧ ଲକ୍ଷ ୪୭ ହଜାର ୯୨ ମତଦାତା ମତାଧିକାର ସାବ୍ୟସ୍ଥ କରିଥିବା ବେଳେ ଏଥର ଭୋଟ ଦେଇଛନ୍ତି ୧ ଲକ୍ଷ ୬୭ ହଜାର ୧୮୬। ୨୦୧୪ ସାଧାରଣ ନିର୍ବାଚନ ତୁଳନାରେ ଏହା ୨୦ହଜାର ୯୪ ଖଣ୍ଡ ଅଧିକ। ଭୋଟ ଗଣତିକୁ ଆହୁରି ଏକ ମାସ ସମୟ ବାକି ଥିବା ବେଳେ ନିର୍ବାଚନ ଫଳାଫଳ ନେଇ ଅବଗଣନା ଆରମ୍ଭ ହୋଇଯାଇଛି। ୨୬୭ ବୁଥ୍ ବିଶିଷ୍ଟ ନିର୍ବାଚନ ମଣ୍ଡଳୀର ଗାଁଗାଁରେ ଭୋଟକୁ ନେଇ ପ୍ରମୁଖ ପ୍ରାର୍ଥୀମାନଙ୍କ ସହ ଦଳୀୟ କର୍ମୀ ଓ ସମର୍ଥକ ଏପରିକି ବିଭିନ୍ନ ବର୍ଗର ଲୋକେ ଅଙ୍କ କଷୁଥିବା ଦେଖାଯାଇଛି। ପ୍ରମୁଖ ଦଳର ଶିବିରରେ ମଧ୍ୟ ତର୍ଜମା ଚାଲିଛି। ପ୍ରାକ୍ ନିର୍ବାଚନୀ ଦୃଶ୍ୟପଟ୍ଟଠାରୁ ପରବର୍ତ୍ତୀ ସ୍ଥିତିରେ ଅନେକଟା ଅଦଳବଦଳ ପରିଲକ୍ଷିତ ହୋଇଥିବାରୁ ହାରଜିତ ଓ ଭୋଟ ବ୍ୟବଧାନର ଗଣିତ ମଧ୍ୟ ଓଲଟପାଲଟ ହେବାର ସମ୍ଭାବନା ସୃଷ୍ଟି କରିଛି। ସମ୍ପ୍ରତି ଏଭଳି ଚର୍ଚ୍ଚା ଚାରିଆଡେ ଜୋର ଧରିଛି।

୨୦୧୪ ନିର୍ବାଚନରେ ଏହି ନିର୍ବାଚନ ମଣ୍ଡଳୀରୁ ସର୍ବାଧିକ ଭୋଟପାଇ ଉଭୟ ଲୋକ ସଭା ତଥା ବିଧାନସଭା ଆସନରେ ବିଜୁ ଜନତା ଦଳର ପ୍ରାର୍ଥୀ ବିଜୟୀ ହୋଇଥିଲେ। ଗତଥର ସମୁଦାୟ ବୈଧଭୋଟ ୧ ଲକ୍ଷ ୪୬ ହଜାର ୬୨୯ ଭୋଟ ମଧ୍ୟରୁ ଲୋକ ସଭା ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ ୬୭ ହଜାର ୬୫୬ ଏବଂ ବିଧାୟକ ପ୍ରାର୍ଥୀ ଥିବ ପଦ୍ମନାଭ ବେହେରା ୬୭ ହଜାର ୭୭୪ ଭୋଟ ପାଇଥିଲେ। ସେହିଭଳି ଗତଥର ଲୋକ ସଭା ନିର୍ବାଚନରେ ଦ୍ୱିତୀୟ ସ୍ଥାନ ପାଇଥିବା ଭାଜପାକୁ ଏଠାରେ ୪୦ ହଜାର ୧୬ ଭୋଟ ମିଳିଥିବା ବେଳେ କଂଗ୍ରେସକୁ ଯାଇଥିଲା ୩୦ ହଜାର ୯୭୮। ଅନୁରୂପ ଭାବେ ବିଧାନସଭା ଆସନପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଭାଜପା ପ୍ରାର୍ଥୀଙ୍କୁ ଏଠାରୁ ୩୬ ହଜାର ୪୮୪ ମିଳିଥିଲା। ତୃତୀୟ ସ୍ଥାନରେ ରହିଥିବା କଂଗ୍ରେସ ପ୍ରାର୍ଥୀ ୩୪ ହଜାର ୫୮୯ ପାଇଥିଲେ। ଏହିକ୍ରମରେ ଲୋକ ସଭା ଅସନ ପାଇଁ ବିଜୟୀ ବିଜେଡି ପ୍ରାର୍ଥୀ ୨୭ ହଜାର ୬୪୦ ଏବଂ ବିଧାନସଭା ଆସନର ପ୍ରାର୍ଥୀ ୩୧ ହଜାର ୨୯୦ ଭୋଟ ବ୍ୟବଧାନରେ ଜିଣିଥିଲେ। ଏଥର ପୂନର୍ବାର ସେହି ଦୁଇ ଜଣଙ୍କୁ ବିଜେଡି ପ୍ରାର୍ଥୀ କରିଛି। ହେଲେ ବିରୋଧୀ ଭାଜପା ଓ କଂଗ୍ରେସ ଏଥର ପ୍ରାର୍ଥୀ ବଦଳାଇଛନ୍ତି। କଂଗ୍ରେସ ଦଳରୁ ସୋନପୁରର ପ୍ରାକ୍ତନ ବିଧାୟକ ତଥା ୨୦୦୯ ନିର୍ବାଚନରେ ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରି ୨ୟ ସ୍ଥାନ ନେଇଥିବା ବିନୋଦ ପାତ୍ର ଚଳିତ ଥର କଂଗ୍ରେସ ଟିକଟରେ ଲଢିଥିବା ବେଳେ ଭାଜପା ନୂଆଁ ମୁହଁ ଆଣିଛି। ଏଠାରୁ ଇଂ. ରଘୁନାଥ ଜଗଦଲା ଭାଜପାର ପ୍ରାର୍ଥୀ ହୋଇଛନ୍ତି। ୨୦୧୪ରେ ଭାଜପାରୁ ଲଢି ଦ୍ୱିତୀୟ ସ୍ଥାନରେ ରହିଥିବା ଆନନ୍ଦ ବାରିକ ଟିକେଟ ନ ପାଇ ଏଥର ସ୍ୱାଧୀନ ପ୍ରାର୍ଥୀଭାବେ ମଇଦାନକୁ ଓହ୍ଲାଇଛନ୍ତି। ତେବେ ତିନୋଟି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ଏଥରବି ଲଢେଇ ହେଉଥିବା ସ୍ପଷ୍ଟ ଜଣାପଡୁଛି। କିନ୍ତୁ ଚଳିତ ନିର୍ବାଚନରେ କେଉଁ ଦଳ ପ୍ରାର୍ଥୀ ଜୟଯୁକ୍ତ ହୋଇ କ୍ଷମତା ଲାଭ କରିବେ ଏବଂ କେଉଁ ଦଳର ପ୍ରାର୍ଥୀଙ୍କୁ ୨ୟ ଓ ୩ୟ ସ୍ଥାନ ମିଳିବ ତାହକୁ ନେଇ ସରଗରମ ଆଲୋଚନା ସାଙ୍ଗକୁ ଅଙ୍କକଷା ଚାଲିଛି।



ସୁରକ୍ଷାବଳୟ ମଧ୍ୟରେ ଇଭିଏମ୍ ରହିଥିବା ଷ୍ଟ୍ରଙ୍ଗରୁମ୍।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଋଣ ମଞ୍ଜୁର ହେବା ପରେ ଖର୍ଚ୍ଚ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

BUSINESS

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ:
8763499150
OMM HONEY

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁଲୋକ କାମ କରି ଚାଲିଥାଏ, ସୁଯୋଗ ତା’ ପାଖକୁ ଶୀଘ୍ର ହେଉ ବା ବିଳମ୍ବରେ ହେଉ ନିଶ୍ଚୟ ଆସେ।

- ଚକ୍ରବର୍ତ୍ତୀ ରାଜଗୋପାଳଚାରୀ

## ସଂକ୍ଷେପରେ

### ରଣେଶ୍ୱର ରାମଚଣ୍ଡୀଙ୍କ ବାର୍ଷିକ ପୂଜା ମହୋତ୍ସବ

ଜାମଟିକ୍ରା,୨୩।୪(ଡି.ଏନ.ଏ.)- ଅତାବିରା ବ୍ଲକ ଅଧୀନ ଝିଲିମିଣ୍ଡା ଗ୍ରାମରେ କୁଲତା ସମାଜର ଅଧିଷ୍ଠାତ୍ରୀ ଦେବୀ ରଣେଶ୍ୱର ରାମଚଣ୍ଡୀଙ୍କ ବାର୍ଷିକ ପୂଜା ମହୋତ୍ସବ ମଙ୍ଗଳବାର ସ୍ଥାନୀୟ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଗ୍ରାମର ଶତାଧିକ କୁଲତା ପରିବାର ଉତ୍ସବରେ ଯୋଗଦେଇଥିଲେ। ଏଥିରେ ପୂଜା କର୍ତ୍ତା ଭାବେ ଶିକ୍ଷକ ଧର୍ମରାଜ ପଧାନ ଓ ତାଙ୍କ ସ୍ତ୍ରୀ ମଞ୍ଜୁଳା ପ୍ରଧାନ ଯୋଗଦେଇଥିଲେ। ବିଜୟ କୁମାର ଭୋଇ ପୂଜାକାର୍ଯ୍ୟ ତୁଲାଇଥିଲେ। ଏଥିରେ ଅତାବିରା ବ୍ଲକ କୁଲତା ସମାଜ ସଭାପତି ଦିବାକର ପ୍ରଧାନ ଯାଗଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ବରଗଡ଼ ଜିଲା କଟାପାଲି ଗ୍ରାମର ସୁଦାମ ସାହୁଙ୍କୁ ଶ୍ରେଷ୍ଠ କୃଷି ପ୍ରଶିକ୍ଷକ ଓ ଗବେଷକ ଭାବେ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ସ୍ୱାଧୀନ ପଧାନ ଯୋଗଦେଇଥିଲେ। ଝିଲିମିଣ୍ଡା ପଞ୍ଚାୟତର ପ୍ରଥମରୁ ଦଶମ ଶ୍ରେଣୀ ପଢୁଥିବା ଶ୍ରେଷ୍ଠ ୧୦ଜଣ କୁଲତା ସମାଜର ଛାତ୍ରୀଛାତ୍ରଙ୍କୁ ଜନ କଲ୍ୟାଣ କୁଲତା ସମାଜ ଝିଲିମିଣ୍ଡା ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଉଜଳ ସାହୁ, ଆନନ୍ଦ ପ୍ରଧାନ, ଗୋବିନ୍ଦ ଭୋଇ, ରୋହିତ ଭୋଇ, ରମେଶ ପ୍ରଧାନ, ରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ହରେକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ସାନି ମତଦାନ ଲାଗି ୪୮୧୬ ଭୋଟର

ବରଗଡ଼ ଅଫିସ୍,୨୩।୪- ବରଗଡ଼ ଲୋକ ସଭା ଆସନର ୭ଟି ନିର୍ବାଚନ ମଣ୍ଡଳୀରେ ଗତ ୧୮ତାରିଖ ମତଦାନ ହୋଇଥିଲା । ସେତେବେଳେ ମତଦାନରେ ଇଭିଏମ୍, ଭିଭିପିଏଟି ତ୍ରୁଟି ଯୋଗୁ ଏହି ଲୋକ ସଭା ଆସନର ୪ଟି ଭୋଟଗ୍ରହଣ କେନ୍ଦ୍ର ବରଗଡ଼ ବିଧାନସଭା ଆସନର ଶକ୍ତିନଗର ପ୍ରାଥମିକ ସ୍କୁଲ, ଅତାବିରା ବିଧାନସଭା ଆସନର ଅରେଇଗୁଡ଼ି ପ୍ରାଥମିକ ସ୍କୁଲ, ପଦ୍ମପୁର ବିଧାନସଭା ଆସନର ଡଭା ପ୍ରାଥମିକ ସ୍କୁଏ ଏବଂ ବ୍ରଜରାଜନଗର ବିଧାନସଭା ଆସନର ଚାରମାଳ ପ୍ରାଥମିକ ସ୍କୁଲ ଭୋଟଗ୍ରହଣ କେନ୍ଦ୍ରର ମତଦାନକୁ ବାତିଲ କରାଯାଇଥିଲା । ଆସନ୍ତା ୨୫ତାରିଖ ଉପରୋକ୍ତ ଭୋଟଗ୍ରହଣ କେନ୍ଦ୍ରରେ ସାନି ମତଦାନ ହେବ । ଏହି ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକରେ ସମୁଦାୟ ୪୮୧୬ ଭୋଟର ମତଦାନ କରିବେ। ସେମାନଙ୍କ ମଧ୍ୟରେ ୨୩୬୪ ପୁରୁଷ ଏବଂ ୨୩୫୨ ମହିଳା ଭୋଟର ରହିଛନ୍ତି । ତେବେ ସାନି ମତଦାନ ପାଇଁ ରହିଥିବା ଭୋଟରଙ୍କ ମଧ୍ୟରୁ ଶକ୍ତିନଗର ଭୋଟ ଗ୍ରହଣ କେନ୍ଦ୍ର-୬୮ରେ ୧୩୫୭(୬୮୩ ପୁରୁଷ, ୬୭୪ ମହିଳା), ଡଭା ଭୋଟ ଗ୍ରହଣ କେନ୍ଦ୍ର-୧୬ରେ ୧୧୪୫( ୫୭୪ ପୁରୁଷ, ୫୭୧ ମହିଳା), ଅରେଇଗୁଡ଼ି ଭୋଟ ଗ୍ରହଣ କେନ୍ଦ୍ରରେ ୧୧୩୧( ୬୦୨ ପୁରୁଷ, ୫୨୯ ମହିଳା), ଚାରମାଳ ଭୋଟ ଗ୍ରହଣ କେନ୍ଦ୍ରରେ ୧୧୮୩(୫୯୩ ପୁରୁଷ, ୫୯୦ ମହିଳା) ଭୋଟର ରହିଛନ୍ତି । ଉପରୋକ୍ତ ନିର୍ବାଚନ ମଣ୍ଡଳୀରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଚାଲିଥିବା ଯୋଗୁ ସାନି ମତଦାନ ମଧ ସବୁଦଳ ପାଇଁ ଗୁରୁତ୍ୱ ବହନ କରୁଛି । ଫଳରେ ସାନି ମତଦାନ ଘୋଷଣା ପରେ କିଛି ନିର୍ଦ୍ଦିଷ୍ଟ ଦଳର ପ୍ରାର୍ଥୀ ତଥା ସମର୍ଥକମାନେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ସମ୍ପୃକ୍ତ ମତଦାନ କେନ୍ଦ୍ର ଅଧୀନ ଅଞ୍ଚଳକୁ ଅନ୍ଧାରୀ ବିଜେ କରିଥିବା ଚର୍ଚ୍ଚାର ବିଷୟ ହୋଇଛି ।

## ସାନି ମତଦାନ ଘୋଷଣା

# ଉଲ୍ଲାସରେ ହଜିଗଲା ଭୋଟରଙ୍କ ନିରାଶା

ବରଗଡ଼ ଅଫିସ୍,୨୩।୪

ବରଗଡ଼ ଜିଲାରେ ଗତ ୧୮ତାରିଖ ସାଧାରଣ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହୋଇଥିଲା। ବରଗଡ଼ ଲୋକସଭା ସମେତ ଜିଲାର ୫ଟି ବିଧାନସଭା ଆସନର ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କୁ ଭୋଟରମାନେ ନିଜ ମତାଧିକାର ସାବ୍ୟସ୍ତ କରିଥିଲେ। ତେବେ ସେହିଦିନ ଇଭିଏମ୍, ଭିଭିପିଏଟି ପରିଚାଳନାରେ ତ୍ରୁଟି ଯୋଗୁ ଜିଲାର ବରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଭୋଟ ଗ୍ରହଣ କେନ୍ଦ୍ର ଶକ୍ତିନଗର ପ୍ରାଥମିକ ସ୍କୁଲ (ବୁଥ୍ ନଂ.୬୮) , ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଭୋଟ ଗ୍ରହଣ କେନ୍ଦ୍ର ଅରେଇଗୁଡ଼ି ନୋଡ଼ାଲ ଉନ୍ନୀତ ପ୍ରାଥମିକ ସ୍କୁଲ(ବୁଥ୍ ନଂ.୨୩୫), ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ ଭୋଟ ଗ୍ରହଣ କେନ୍ଦ୍ର ଡଭା ପ୍ରାଥମିକ ସ୍କୁଲ(ବୁଥ୍ ନଂ.୧୬)ରେ ମତଦାନ ଅଧାରୁ ବନ୍ଦ ହୋଇଯାଇଥିଲା। ବରଗଡ଼ ଲୋକ ସଭା ଅଧୀନ ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ଚାରମାଳ ପ୍ରାଥମିକ ସ୍କୁଲ(ବୁଥ୍ ନଂ.୨୫୪)ରେ ମଧ୍ୟ ଅନୁରୂପ ସମସ୍ୟା ଉପୁଜିଥିଲା। ଏଭଳି ସମସ୍ୟା ଦେଖାଯିବା ଯୋଗୁ ନିର୍ବାଚନ କମିଶନର ଉପରୋକ୍ତ ଭୋଟଗ୍ରହଣ କେନ୍ଦ୍ରର ମତଦାନକୁ ବାତିଲ କରି ସାନି ମତଦାନ ପାଇଁ ଘୋଷଣା କରିଥିଲେ। ଏହା ସହିତ ସମ୍ପୃକ୍ତ ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକର ପ୍ରିଜାଇଡ଼ିଂ ଅଫିସର ଏବଂ ସେକ୍ଟର ଅଫିସରଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଥିଲା। ଅନ୍ୟପଟେ ଉପରୋକ୍ତ ଭୋଟ ଗ୍ରହଣ କେନ୍ଦ୍ରଗୁଡ଼ିକରେ ଆସନ୍ତା ୨୫ତାରିଖରୁ ସାନି ମତଦାନ ପାଇଁ ନିର୍ବାଚନ କମିଶନର ମଙ୍ଗଳବାର ଘୋଷଣା କରିଛନ୍ତି । ଏହି ଘୋଷଣା ପରେ ସମ୍ପୃକ୍ତ ଭୋଟ ଗ୍ରହଣ କେନ୍ଦ୍ରର ଭୋଟରଙ୍କ ମଧ୍ୟରେ ଦେଖାଯାଇଥିବା ଉଲ୍ଲାସରେ ସେଦିନର ନିରାଶା, ହତାଶା ମନୋଭାବ ହଜି ଯାଇଛି । ଏଭଳି କିଛି ଭୋଟରଙ୍କ ମତାମତକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା।

ରିପୋର୍ଟ– ପ୍ରେମାନନ୍ଦ ଖମାରୀ

### ସେମାନେ ଯାହା କୁହନ୍ତି...



“ ୧୮ତାରିଖ ମତଦାନ ଥିଲା । ମୁଁ ଭୋଟ ଦେଇ ପାରି ନ ଥିଲି । ଏଥର ଆଉ ଭୋଟ ଦେବା ସୁଯୋଗ ମିଳିବ ବୋଲି ମଧ ଭାବି ନ ଥିଲି । ସୌଭାଗ୍ୟବଶତଃ ୨୫ତାରିଖ ସାନି ମତଦାନ ହେବ। ମୁଁ ମୋର ମତାଧିକାର ସାବ୍ୟସ୍ତ କରିବାକୁ ସୁଯୋଗ ପାଇବି । ବହୁତ ଖୁସି ଲାଗୁଛି ।

**ପ୍ରସନ୍ନ କୁମାର ମିଶ୍ର**, ଶକ୍ତିନଗର



“ ଭୋଟ ଦେବା ଆମ ଅଧିକାର । ଗତ ୧୮ତାରିଖ ଭୋଟ୍ ଦେବାକୁ ଆସିଥିଲି । ହେଲେ ନିରାଶରେ ଫେରି ଯାଇଥିଲି । ଏବେ ପୁନଃ ମତଦାନ ହେବ ବୋଲି ଖବର ପାଇଲି । ଖୁସି ଲାଗୁଛି । ନିଶ୍ଚୟ ଭୋଟ ଗ୍ରହଣ କେନ୍ଦ୍ରକୁ ଯିବି ଏବଂ ମୋର ପସନ୍ଦର ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବି।

**ରାମଲାଲ ପ୍ରଧାନ**, ଡଭା



“ ଆମ ବୁଥ୍‌ରେ ଗୁରୁବାର ପୁଣି ଭୋଟ ଗ୍ରହଣ ହେବ । ଆଜି ଏହା ଜାଣିଲି । ବହୁତ ଖୁସି ଅଛି । କାରଣ ମୁଁ ସେହିଦିନ ଭୋଟ୍‌ଟିଏ ଦେଇଥିଲି। ହେଲେ ଗତ ୧୮ତାରିଖରେ ଅନେକ ଭୋଟର ଭୋଟ ଗ୍ରହଣ କେନ୍ଦ୍ରକୁ ଯାଇ ଧାଡ଼ିରେ ଛିଡ଼ା ହୋଇ ଭୋଟ୍ ଦେଇ ନ ପାରି ନିରାଶରେ ଘରକୁ ଫେରି ଆସିଥିଲେ ।

**ଦେବେନ୍ଦ୍ର ସାହୁ**, ଡଭା



“ ଗତ ୧୮ତାରିଖ ଭୋଟ ଦେବି ଭାବି ଗ୍ରାମର ଭୋଟ ଗ୍ରହଣ କେନ୍ଦ୍ରକୁ ଆସିଥିଲି । ଦେଖିଲି ଭୋଟରଙ୍କ ଲମ୍ୱାଧାଡ଼ି ଲାଗିଛି । ପରେ ଖବର ପାଇଲି ଭୋଟିଂ ମେଶିନ କାମ କରୁନି । ଭୋଟର ମଧ ଅପେକ୍ଷା କରିଛନ୍ତି । ହେଲେ କେହି ଭୋଟ ଦେଇ ପାରିଲେନି । ଏଠାରେ ପୁନଃ ମତଦାନ ସ୍ୱାଗତ ଯୋଗ୍ୟ ।

**ନରେଶ ସେଠ**, ଅରେଇଗୁଡ଼ି



“ ସାଧାରଣ ନିର୍ବାଚନ ସବୁବେଳେ ଆସେ ନାହିଁ । ପ୍ରତି ୫ବର୍ଷରେ ଥରେ ଏହା ହେଉଛି । ଏଥର ଭୋଟ୍ ଦେବୁ ବୋଲି ଭାବିଥିଲି । ମେଶିନ ଖରାପ ଯୋଗୁ ଲୋକେ ଭୋଟ ଦେଇ ପାରି ନ ଥିଲେ। ଆଉ ଭୋଟ ଦେବାର ସୁଯୋଗ ମିଳିବ, ଏହି ଆଶା ବି ନ ଥିଲା । ହେଲେ ସାନି ମତଦାନ ଖବର ପାଇଁ ଖୁସି ଅଛୁ।

**ରମେଶ ଛନ୍ଦ**, ଅରେଇଗୁଡ଼ି



“ ସାନି ମତଦାନ ହେଲା, ଏହା ବହୁତ ଭଲ ହେଲା । କାରଣ ଗତ ୧୮ତାରିଖରେ ବହୁ ଲୋକେ ଭୋଟ ଦେଇ ପାରି ନ ଥିଲେ । ଭୋଟିଂ ମେଶିନ କାମ ନ ଦେବାରୁ ବହୁତ ଅସୁବିଧାରେ ପଡ଼ିଲେ। ଧାଡ଼ିରେ ଛିଡ଼ା ହୋଇ ବି ବିନା ମତଦାନରେ ଘରକୁ ଫେରିଲେ । ପୁଣି ଭୋଟଦେବାର ସୁଯୋଗ ମିଳିଲା । ବହୁତ ଖୁସି ଅଛୁ ।

**କପିଳ ବିଶ୍ୱାଳ**, ଅରେଇଗୁଡ଼ି



“ ଗତ ୧୮ତାରିଖ ବହୁତ ଟାଣଖରା ହୋଇଥିଲା । ଏହାସତ୍ତ୍ୱେ ମତଦାନ ପାଇଁ ବହୁ ଲୋକେ ଆସିଥିଲୁ । ଧାଡ଼ିରେ ଛିଡ଼ା ହୋଇଥିଲୁ । କିନ୍ତୁ ଅନେକ ଭୋଟ ଦେଇ ପାରି ନ ଥିଲେ । ଆଉ ଭୋଟ ଦେବାର ସୁଯୋଗ ମିଳିବ ବୋଲି ସେମାନେ ଭାବି ନ ଥିଲେ । ୨୫ତାରିଖ ପୁଣି ଭୋଟ୍ ଦେବୁ ।

**ସୁବ୍ରତ ବିଶି**, ଅରେଇଗୁଡ଼ି



“ ନିର୍ବାଚନ କମିଶନ ଉଚିତ ପଦକ୍ଷେପ ନେଇଛନ୍ତି । ଗତ ୧୮ତାରିଖ ଆମ ଭୋଟକେନ୍ଦ୍ରରେ ଭୋଟରମାନେ ଯେଭଳି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି, ଯିଏ ଦେଖିଛି, ସେ ହିଁ ତାହା କହି ପାରିବ । ଭୋକ ଉପାସରେ ଭୋଟ ଦେବାକୁ ଆସି ଧାଡ଼ିରେ ଲାଗିଥିଲେ । ହେଲେ ମେଶିନ ଖରାପ ହେବା ଯୋଗୁ ଭୋଟ୍ ଦେଇ ନ ପାରି ଫେରି ଯାଇଥିଲେ ।

**ଜ୍ଞାନେନ୍ଦ୍ର ଚାନ୍ଦ**, ଅରେଇଗୁଡ଼ି

# ବିଲରୁ ମୁମୂର୍ଷୁ ଅବସ୍ଥାରେ ମହିଳାଙ୍କୁ ଉଦ୍ଧାର, ଜଣେ ଅଟକ

ବୌଦ୍ଧ/ବାଉଁଶୁଣୀ, ୨୩।୪(ସ୍ୱ.ପ୍ର./ଡି.ଏନ୍.ଏ.)

ବୌଦ୍ଧ ଜିଲା ବାଉଁଶୁଣୀ ଗ୍ରାମ ଏକ ବିଲରୁ ମୁମୂର୍ଷୁ ଅବସ୍ଥାରେ ସୋମବାର ଜଣେ ମହିଳାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ସୂଚନା ମୁତାବକ, ବାଉଁଶୁଣୀ ଅଞ୍ଚଳର ଜଣେ ବିଧବା ମହିଳାଙ୍କ ସହ ଜଣେ ଯୁବକଙ୍କ ୩ ବର୍ଷ ହେଲା ପ୍ରେମ ସମ୍ପର୍କ ରହିଥିଲା। ୨ମାସ ତଳେ ଯୁବକ ଜଣକ ବିବାହ କରିବା ପରେ ସେମାନଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ହେଲେ ମହିଳା ଜଣକ ପ୍ରତିଦିନ ଯୁବକଙ୍କ ଘରକୁ ଯିବାଆସିବା କରୁଥିଲେ। ସପ୍ତାହ ହେଲା ମହିଳା ଜଣକ ଯୁବକଙ୍କ ଘରେ ରହିଆସୁଥିଲେ। ଏନେଇ ଯୁବକଙ୍କ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିଲା। ମଙ୍ଗଳବାର ସକାଳେ ମହିଳା ଜଣକ ଏକ ବିଲରେ ମୁମୂର୍ଷୁ ଅବସ୍ଥାରେ ପଡିଥିବା ସ୍ଥାନୀୟ ଲୋକ ଦେଖି ମହିଳାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ହେଲେ ପରିବାର ଲୋକ ଆସି ନ ଥିଲେ। ଏନେଇ ସ୍ଥାନୀୟ ଲୋକେ ଦମକଳ କେନ୍ଦ୍ରକୁ ସୂଚନା ଦିଆଯାଇଥିଲା। ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଉଁଶୁଣୀ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବୌଦ୍ଧ ମୁଖ୍ୟାଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ମହିଳାଙ୍କୁ ବିଷ ପିଆଇ ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ବାଉଁଶୁଣୀ ଥାନା ପୋଲିସ ଏକ ମାମଲା (ନଂ୫୪/୧୯) ରୁଜୁ କରି ଯୁବକଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ ଚଳାଇଛି।

# ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ

ବରପାଲି,୨୩।୪(ଡି.ଏନ.ଏ.)

ବରପାଲିର ୧୪୨ତମ ଶୀତଳଷଷ୍ଠୀ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ରାତିରେ ସ୍ଥାନୀୟ ନୃପରାଜ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା କମିଟି ସଭାପତି ଆନନ୍ଦ ବାବୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସପ୍ତାହବ୍ୟାପି ହେବାକୁ ଥିବା ମହୋତ୍ସବକୁ ଅଧିକ ଆକର୍ଷଣୀୟ ଓ ଲୋକାଭିମୁଖୀ କରିବା ପାଇଁ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଯାତ୍ରା କମିଟିର ପିନାକୀ ଦାଶ ଶିବ ବନ୍ଦନା ଗାନ କରିବା ପରେ ସମ୍ପାଦକ ଜୟନ୍ତ ତ୍ରିପାଠୀ ବିଗତ ବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଚଳିତ ବର୍ଷ ମନୋନୀତ କନ୍ୟାପକ୍ଷ ସ୍ଥାନୀୟ କୁଷ୍ଠାପଡାବାସୀ ବୈଠକରେ ଉପସ୍ଥିତ ଥିବା ବେଳେ ଯାତ୍ରା କମିଟିର ସମସ୍ତ ସଦସ୍ୟ ଏବଂ ଜନସାଧାରଣ ସାମିଲ ଥିଲେ। ଏହି ଅବସରରେ ଆସନ୍ତା ଅକ୍ଷୟତୃତୀୟା ଦିନ ଥାଲଉଠା ପର୍ବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଜୁନ ୩ରୁ ୯ ତାରିଖ ପର୍ଯ୍ୟନ୍ତ ଶୀଳତଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବ।

# ଚୋରି ଟ୍ରାକ୍ଟର ଉଦ୍ଧାର, ୨ଗିରଫ

ବରଗଡ଼ ଅଫିସ୍,୨୩।୪

ବରଗଡ଼ ସହରର ଖଜୁରଟିକ୍ରାରୁ ଗତ ୧୯ତାରିଖ ବିଳମ୍ବିତ ରାତ୍ରିରେ ହୋଇଥିବା ଟ୍ରାକ୍ଟର ଚୋରି ଘଟଣାର ପର୍ଦ୍ଦାଫାଶ ହୋଇଛି । ଏହି ଘଟଣାରେ ପୋଲିସ ଚୋରି ଟ୍ରାକ୍ଟରକୁ ଉଦ୍ଧାର କରିବା ସହିତ ୨ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ, ବରଗଡ଼ ଜିଲା ଅତାବିରା ଥାନା ଲେଣ୍ଡିଜୁରିଆ ଗ୍ରାମର କୁବେର ରଣା ଏବଂ ଛତିଶଗଡ଼ ରାଜ୍ୟ ମହାସମୁଦ ଜିଲା ସରାଇପାଲି ଥାନା ଅର୍ଜୁଣ୍ଡା ଗ୍ରାମର ଲମ୍ଭୁ ଓରଫ ଭୋଇ । ମଙ୍ଗଳବାର ବରଗଡ଼ ଟାଉନ ଥାନା ପୋଲିସ ଗିରଫ ୨ଜଣଙ୍କୁ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି । ପୋଲିସ ଚୋରି ଟ୍ରାକ୍ଟର (ନଂ.ଓଡ଼ି୭ଏନ ୫୧୨୩)କୁ ଉଦ୍ଧାର କରିବା ସହ ବ୍ୟବହୃତ ୨ଟି ବାଇକ(ନଂ.ଓଡ଼ି୧୭କେ ୮୮୩୪, ଓଡ଼ି୧୭କେ-୩୦୦୯) ଜବତ କରିଛି। ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଦଫା ୩୭୯ରେ ଏକ ମାମଲା(ନଂ.୨୦୧/୧୯)ରୁଜୁ କରିଛି। ପ୍ରକାଶ ଯେ, ୧୯ତାରିଖ ରାତ୍ରିରେ ତାଙ୍କ ଘର ସମ୍ମୁଖରେ ରଖିଥିବା ଟ୍ରାକ୍ଟର(ନଂ-ଓଡ଼ି୭ଏନ ୫୧୨୩) ଚୋରି ହୋଇଥିବା ନେଇ ଖଜୁରଟିକ୍ରା ନିବାସୀ ସୁଧୀର କୁମାର ଦାଶ ବରଗଡ଼ ଟାଉନ ଥାନାରେ ଏକ ଅଭିଯୋଗ କରିଥିଲେ । ଏ ନେଇ ପୋଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।



ଉଦ୍ଧାର ହୋଇଥିବା ଚୋରି ଟ୍ରାକ୍ଟର ସହିତ ୨ଗିରଫ ଅଭିଯୁକ୍ତ ।

## ସାନି ମତଦାନ ଘୋଷଣା ପରେ ଭୋଟରଙ୍କୁ ମନାଇବାକୁ ଉଦ୍ୟମ

ଲଖନପୁର,୨୩।୪(ଡି.ଏନ୍.ଏ)

ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଲଖନପୁର ୩ନଂ. ଜୋନ୍ ଡିଲିଆ ଚାରମାଲ ପ୍ରୋଜେକ୍ଟ ଅପରପ୍ରାଇମେରୀ ୨୫୪ନଂ. ବୁଥ୍‌ରେ ପରିଚାଳନା ଗତ ତ୍ରୁଟିପାଇଁ ନିର୍ବାଚନ କମିଶନର ସାନି ଭୋଟ୍ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ଆସନ୍ତା ଗୁରୁବାର ସାନି ମତଦାନ ହେବ। ଏହି ବୁଥ୍‌ରେ ସମୁଦାୟ ୧୧ଶହ ୮୩ ଭୋଟର୍ ରହିଛନ୍ତି। ଏନେଇ ଉପଜିଲାପାଳ ଶିବ ଟପ୍ପୋ କହିଛନ୍ତି, ଗୁରୁବାର ୨୫୪ନଂ. ବୁଥ୍‌ରେ ମତଦାନବେଳେ ଇଭିଏମ୍‌ରେ ତ୍ରୁଟି ଦେଖାଦେଇଥିଲା। ନିର୍ବାଚନ କମିଶନ ଏହି ବୁଥ୍‌ରେ ସାନି ମତଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଉପଜିଲାପାଳ ଟପ୍ପୋ କହିଛନ୍ତି। ଏହା ଜଣାପଡିବା ପରେ ମଙ୍ଗଳବାର ସନ୍ଧ୍ୟାରେ ଭାଜପା ବରଗଡ ଲୋକସଭାପ୍ରାର୍ଥୀ ସୁରେଶ ପୂଜାରୀ, ଭାଜପା ବିଧାୟିକା ପ୍ରାର୍ଥୀ ରାଧାରାଣି ପଣ୍ଡା, କର୍ମୀ ରଘୁନନ୍ଦନ ପଣ୍ଡା, ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ନେତା ଓ କର୍ମୀମାନେ ଗାଁରେ ପହଞ୍ଚି ନିଜ ସପକ୍ଷରେ ଭୋଟ୍‌ରଙ୍କୁ ବୁଝାଉଛନ୍ତି।

# ଋତୁ ଶାଗ୍ କୁଲେରର ଚାହିଦା କାହିଁରେ କେତେ

ପଦ୍ମପୁର, ୨୩।୪ (ଡି.ଏନ.ଏ)

ପଶ୍ଚିମ ଓଡ଼ିଶାର ଅନେକ ଜିଲା ଆଦିବାସୀ ବହୁଳ। ଇଠାନେ ଭିନେ ଭିନେ ସମିଆରେ ଅନେକ କିସମର ସାଗ୍, ଫଳମୂଳ, କଁଦା ଖାଏବାକେ ମିଲସି। ଯେନ୍‌ଥିର ସୁଆଦ୍ ବି ଭିନେ କିସମର। ଏନ୍‌ତା ଖରାଦିନେ ମିଲୁଥିବାର ଗୁଟେ ଶାଗ୍ ହେଲା କୁଲେର। ଜାଗା ଜାନି ଲୋକ୍ ଇ ଶାଗ୍‌କେ ବରଡ଼ା ଶାଗ୍ ବଲି ବି କହେସନ୍। ଇ ଶାଗ୍‌ଟା ଖାଲି ଖରାଦିନେ ମିଲ୍‌ସି। ସେନ୍‌ତା ଇତାର କଢ଼ୋ ବି ଲୋକ୍ ତୁନ୍ ତରକାରି କରି ଖାଏସନ୍। ବଛରକ ଥରେ ଇ ଶାଗ୍ ମିଲୁଥିବାର ଲାଗି ଇତାର ଚାହିଦା ବି କାହିଁରେ କେତେ। ହେଲେ ଇ ଶାଗ୍‌ର ମିଠା ଯେ ଥରେ ପାଇଛେ ସେ ଯେତେ ଟଁକା ହେଲେ ବି ପଛଘୁଁଚା ନାଇଁଦିଏ। କୁଲେର ଗଛ୍ ଗାଁଗଁଲିରେ କାଁ ଭାଁ ଲୁକ୍‌କର ବାରିରେ ଥିଲେ ବି ବଡ଼ଭାରି ଝାର ଜଂଗଲରେ ଦେଖିବାକେ ମିଲସି। ଇ ଗଛ୍‌ଟା ଉନିଆ ଶାଗ୍ ମିତାନ୍ ଛୋଟ ଗଛ୍ ନୁହେ, ଗଛଟା ବନେ ବଡ଼ ହେସି। ଲୋକ୍ ଗଛ୍‌କେ ଚଢ଼ି ଶାଗ୍ ତୁଲସନ୍। ଖରାଦିନ୍ ଆଏଲେ ଗଛର ପୁରନା ପତର ଝଡ଼ି ନୂଆଁପତର କଁଲିସି। ଇ ନୂଆଁ କଁଲି ପତରକେ କୁଲେର ଶାଗ୍ ବଲି କହେସନ୍। ପଶ୍ଚିମ ଓଡ଼ିଶାବାସୀକର ଇଟା ହେଉଛେ ଗୁଟେ ମନ୍‌ପସନର ଶାଗ୍। ଜଂଗଲ ପାସର ଗାଁଗଁଲିର ଲୋକ୍ ଇ ଶାଗ୍ ଆନି ବଜାରରେ ବିକାଭଂଗା କରସନ୍। ପଦ୍ମପୁର ଅଂଚଲର ଗନ୍ଧମାର୍ଦ୍ଦନ, ବୁଢ଼ା ଡଂଗର ଆଦି ପାହାଡ଼ି ଇଲାକାରୁ ଲୋକ୍ ଇ ଶାଗ୍ ଆନି ପାସର ଆସର ବଜାରମାନକେ ବିକ୍ରି କରସନ୍। ପଦ୍ମପୁର ଅଂଚଲରେ ଏହେଦ୍‌କା ଇ ଶାଗ୍ କେ.ଜି. ପିଛା ୧୨୦ ଟଁକା ଭାଉରେ ବିକ୍ରି ହେଉଛେ। ଇ ବାବ୍‌ଦେ ଝନେ ଥାନୀୟ ବାସିନ୍ଦା ଦେବରାଜ ମଲ୍ଲିକଙ୍କୁ ପଚରାଲାରୁ ଯେ ଥରେ ଇ ଶାଗର ମିଠା ପାଇଛେ ସେ କେଭେ ପାସରି ନାଇଁପାରେ ବଲି କହିଥିଲେ। ଏହେଦେ ଦିନୁ ଦିନ୍‌କେ ଜଂଗଲ ସଫା ହେଇଗଲା ବେଲେ ଇ କୁଲେର ଗଛ୍ ସଂଖ୍ୟା ବି କମ୍‌ତେଲ ଯାଉଛେ। ଯେନ୍‌ଥିରଲାଗି ଇ ଶାଗ୍‌ର ଦାମ୍ ବି ଫିବଛର ବଢ଼୍‌ତେଲ ଯାଉଛେ। ଆଘ ଯେନ୍‌ତା ଜଂଗଲେ ଯାହାକୁ ଯେତେ କୁଲେର ଗଛ୍ ଦେଖିବାକେ ମିଲୁଥିଲା ଏହେଦେ ଭାଉଁରେ କିଁଦିରଲେ ଗୁଟେ କି ଜୁଡ଼େ ଗଛ୍ ଦେଖିବାକେ ମିଲୁଛେ। ଜଂଗଲରେ ଇ ଗଛ୍‌ର ବଢ଼ତି ଲାଗି ସଭେ ଚେଷ୍ଟା କରବାର କଥା ବଲି ଆମ୍ବାହାଲ ଗାଁର ରୂପଧର ନେଗୀ କହିଛନ୍।



ଝନେ ବେପାରୀ କୁଲେରର ଶାଗ୍ ବିକି ନେଉଛନ୍।

## ଜାତୀୟ କରାଟେ ପ୍ରତିଯୋଗିତା

# ଅଭିନବଙ୍କୁ ମିଳିଲା ରୌପ୍ୟପଦକ

ପାଇକମାଲ, ୨୩।୪ (ଡି.ଏନ୍.ଏ.)

ବରଗଡ଼ ଜିଲା ପାଇକମାଲର ଅଭିନବ ଶ୍ରୀବାସ୍ତବ(୧୧) ଜାତୀୟସ୍ତରୀୟ କରାଟେ ପ୍ରତିଯୋଗିତାର ଜୁନିୟରସ୍ତରରେ ସୋମବାର ରୌପ୍ୟ ପଦକ ହାସଲ କରିଛନ୍ତି। ବରଗଡ଼ ଜିଲା କରାଟେ ଆସୋସିଏଶନ୍ ପକ୍ଷରୁ ଅଭିନବଙ୍କୁ ଝାଡ଼ଖଣ୍ଡ ରାଞ୍ଚିସ୍ଥିତ ଖେଳଗାଁଠାରେ ହୋଇଥିବା ଜାତୀୟ କରାଟେ ପ୍ରତିଯୋଗିତାକୁ ପଠାଯାଇଥିଲା। ଅଭିନବ କରାଟେ କୁମିତେରେ ରୌପ୍ୟ ପଦକ ଓ କାଟାରେ କାଂଶ୍ୟ ପଦକ ହାସଲ କରି ପାଇକମାଲ ତଥା ବରଗଡ଼ ଜିଲା ପାଇଁ ଗୌରବ ଆଣିଛନ୍ତି। ସେ ପାଇକମାଲସ୍ଥିତ ମହାମାୟା ପବ୍ଲିକ ସ୍କୁଲରେ ଅଧ୍ୟୟନ କରୁଛନ୍ତି । ଅଭିନବ ଗତବର୍ଷ ପଶ୍ଚିମବଙ୍ଗରେ ଅନୁଷ୍ଠିତ ଜାତୀୟ କରାଟେ ପ୍ରତିଯୋଗିତାରେ ରୌପ୍ୟ ପଦକ ପାଇଥିଲେ। ବରଗଡ଼ର କୋଚ ରେନ୍ସି କାବୁଲି ପଟ୍ଟନାୟକ ଅଭିନବଙ୍କ ଖେଳ ପ୍ରଦର୍ଶନକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଆନ୍ତର୍ଜାତୀୟସ୍ତରରେ ଭାଗ ନେଇପାରିବ ବୋଲି ପ୍ରକାଶ କରିଛନ୍ତି।



ଅତିଥିମାନେ ଅଭିନବ ଶ୍ରୀବାସ୍ତବଙ୍କୁ ପୁରସ୍କୃତ କରୁଛନ୍ତି।

# କାମରେ ଲାଗୁନି ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର

ପଦ୍ମପୁର,୨୩।୪ (ଡି.ଏନ.ଏ.)

### ଉଦ୍‌ଘାଟନ ପରେ ତାଲା

ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ପ୍ରାୟ ୧୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପଦ୍ମପୁର ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଏହାର ଉଦ୍‌ଘାଟନ କରିଥିଲେ। ଏହି ଅତ୍ୟାଧୁନିକ ୫ ମହଲା ବିଶିଷ୍ଟ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ପ୍ରଶାସନିକ ଅବ୍ୟବସ୍ଥା, ଡାକ୍ତର ଓ କର୍ମଚାରୀଙ୍କ ଅଭାବ, ଆବଶ୍ୟକ ଉପକରଣ ନ ଥିବାରୁ ଏହା ଲକ୍ଷ୍ୟଠାରୁ ଦୂରରେ ରହିଛି। ବର୍ତ୍ତମାନ ସ୍ୱାସ୍ଥକେନ୍ଦ୍ରରେ ତାଲା ପଡିଥିବା ବେଳେ ବାରଣ୍ଡା ଗାଈ, କୁକୁରଙ୍କ ଆଶ୍ରୟସ୍ଥଳୀ ପାଲଟିଛି । ଏ ସମ୍ପର୍କରେ ପଦ୍ମପୁର ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଗୀତା ପିୟୂଷ ମିଶ୍ରଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିବା ବେଳେ ମତାମତ ମିଳିପାରି ନାହିଁ। ତେବେ ଚିକିତ୍ସାକେନ୍ଦ୍ରରେ କେବେ ରୋଗୀ ସେବା ଆରମ୍ଭ ହେବ ସେ ନେଇ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।



ପଦ୍ମପୁର ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପଡିଛି।



ରାମ ନାମ ପାପୀମାନଙ୍କ ପାଇଁ ପରମ ଔଷଧ।
- ମହର୍ଷି ବାଲ୍ମୀକି



## ସଂକ୍ଷେପରେ

### ଦୁର୍ଘଟଣାରେ ମହିଳା ମୃତ

**ବେଲପଡା, ୨୩।୪ (ଡି.ଏନ.ଏ.):** ବେଲପଡା ନିକଟ କାନୁଟରେ ମଙ୍ଗଳବାର ଦୁର୍ଘଟଣା ଘଟି ଜଣକର ଜୀବନ ଯାଇଛି। ମୃତକ ହେଲେ କାନୁଟ ଗ୍ରାମର ମାଖନୁ ହାତୀଙ୍କ ସ୍ତ୍ରୀ ଧନମତୀ ହାତୀ । ତାଙ୍କୁ କୌଣସି ଗାଡି ଧକ୍କା ଦେଇ ପଳାଇ ଯାଇଥିବା ଅନୁମାନ କରାଯାଉଛି। ତେବେ ତାଙ୍କ ଘର ଲୋକଙ୍କ କହିବା ଅନୁସାରେ ଭୋର ୪ଟାର ସେ ଶୌଚ ପାଇଁ ଘରୁ ବାହାରି ଥିଲେ। ଗ୍ରାମରେ ଏକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିବା ଖବର ପ୍ରଚାରିତ ହେବା ଓ ଦୀର୍ଘ ସମୟ ଧରି ଧନମତୀ ଘରକୁ ନ ଫେରିବାରୁ ପରିବାର ଲୋକେ ଦ୍ୱନ୍ଦ୍ୱରେ ପଡିଥିଲେ। ଘଟଣାସ୍ଥଳକୁ ପରିବାର ଲୋକେ ଯାଇ ଦେଖିଲା ବେଳକୁ ଧନମତୀଙ୍କ ମୃତ୍ୟୁ ଘଟିଛି। ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଦୁର୍ଘଟଣା ପରେ କାନୁଟ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି। ମୃତା ଧନମତୀଙ୍କ ୨ଝିଅ ଓ ଗୋଟିଏ ପୁଅ ଅଛନ୍ତି। ସେ ଶ୍ରମିକ ଭାବରେ କାମ କରି ପରିବାର ଚଳାଉଥିଲେ । ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି। ଦୁର୍ଘଟଣା ଘଟାଇ ଫେରାର ଥିବା ଗାଡିକୁ ଧରିବା ସହ ଏହି ଗରିବ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ୨୪ ବର୍ଷରେ ପଣ୍ଡରାଣୀ ରାମଲୀଳା

**ଲୋଇସିଂହା,୨୩।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ପଣ୍ଡରାଣୀ ଗ୍ରାମର ରାମଲୀଳା ମହୋତ୍ସବ ଚଳିତ ବର୍ଷ ୨୪ ବର୍ଷରେ ପଦାର୍ପଣ କରିଛି। ଏଠାରେ ରାମ ନବମୀଠାରୁ ରାମଲୀଳା ଆରମ୍ଭ ହୋଛି। ଏହା ୧୪ ଦିନ ଧରି ଅନୁଷ୍ଠିତ ହେବ । ଏଠାରେ ପ୍ରତ୍ୟେହ ରାମାୟଣ ପରାୟାଣ ସହ ରାତିରେ ରାମଲୀଳା ନାଟକ ପରିବେଷଣ କରାଯାଉଛି । ଅବସରପ୍ରାପ୍ତ ଶିକ୍ଷକ ତଥା ଅନୁଷ୍ଠାନର ସଭାପତି ସ୍ୱର୍ଣ୍ଣ ବେହେରାଙ୍କ ତତ୍ତ୍ୱାବଧାନରେ ଗ୍ରାମର କଳାକାରମାନେ ନାଟ୍ୟ ପରିବେଷ ଣକରୁଛନ୍ତି। ତ୍ରିଲୋଚନ, ଜିତେନ୍ଦ୍ର, ମହାଦେବ, ସଦାନନନ୍ଦ, ଜୟଚନ୍ଦ୍ର ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଅକାଶବାଣୀ କଳାକାର ଗୌରୀଶଙ୍କର ସାହୁ, ଚୈତନ୍ୟ ଥାଟି ଓ ଅନ୍ୟମାନେ ସହଯୋଗ କରୁଛନ୍ତି।

### ଆଗଲପୁରରେ ପ୍ରାଥମିକ ଶିକ୍ଷା ଅଚଳାବସ୍ଥା ଅଭିଯୋଗ

**ଲୋଇସିଂହା,୨୩।୪(ଡି.ଏନ.ଏ.):** ଗଣଶିକ୍ଷା ବିଭାଗ ଦ୍ୱାର ପରିଚାଳିତ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ୬ରୁ ୧୪ ବର୍ଷର ସମସ୍ତ ଛାତ୍ରୀଛାତ୍ରଙ୍କୁ ମାଗଣା ଓ ସାର୍ବଜନୀନ ଶିକ୍ଷା ଦେବାର ବ୍ୟବସ୍ଥା ରହିଛି । ହେଲେ ପ୍ରଶାସନିକ ଅଚଳାବସ୍ଥା ଯୋଗୁ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକରେ ପ୍ରାଥମିକ ଶିକ୍ଷା ବାଟବଣା ହୋଇଯାଇଥିବା ଅଭିଯୋଗ ହୋଇଛି। ଏହି ବ୍ଲକର ୨୦ଟି ପଞ୍ଚାୟତରେ ୧୧୦ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି । ପ୍ରାଥମିକ ବିଦ୍ୟାଳୟରେ ୧୦ ହଜାରୁ ଅଧିକ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଚଳିତ ବର୍ଷ ୧୩ ଶହ ନୂତନ ଛାତ୍ରୀଛତ୍ର ନାମ ଲେଖାଇଥିବା ସୂଚନା ମିଳିଛି । ବ୍ଲକରେ ଶିକ୍ଷା ବ୍ୟବସ୍ଥା ତଦାରଖ ପାଇଁ ଜଣେ ବିଇଓ ଓ ୩ ଜଣ ଏବିଇଓ ଅବଶ୍ୟକ। ହେଲେ ବିଇଓ ରହିଥିବାବେଳେ ୩ ଏବିଇଓ ସ୍ଥଳେ ୨ ଜଣ ଥିଲେ । ଗତ ଫେବୃୟାରୀରେ ଜଣେ ଏବିଇଓ ସବିତା ମିଶ୍ର ଅବସର ନେଇଛନ୍ତି। ଉଛବାହାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦିଲୀପ ସାହୁ ସପ୍ତାହକୁ ୩ ଦିନ ପାଇଁ ଏବିଇଓ ଦାୟିତ୍ୱ ତୁଲାଉଛନ୍ତି। ଅପରପକ୍ଷେ ୧୩ ସିଆରସିସି ମଧ୍ୟରୁ ନଅଗାଁ(କ), ବାବୁଫାସଡ, ତୁଡକା ଓ ସାଲେଭଟା ସିଆରସିସି ପଦବୀ ଖାଲି ପଡିଛି । ଆଞ୍ଚଳିକ ସାଧାନ କେନ୍ଦ୍ର ଅନ୍ତର୍ଗତ ଜଣେ ଶିକ୍ଷକଙ୍କ ମାଧ୍ୟମରେ ସିଆରସିସି କାମ ଚଳା ଯାଉଛି। ତେବେ ଏ ସମ୍ପର୍କରେ ବିଇଓ ଆରତୀ ଭୋଇଙ୍କୁ ପଚାରିବାରୁ ସେ ଏହି ସମସ୍ୟା ସମ୍ପର୍କରେ ଅବଗତ ଅଛନ୍ତି। ଏ ନେଇ ଆବଶ୍ୟକ ପଦକ୍ଷେପ ନେବା ଲାଗି ମଧ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇଥିବା ସୂଚନା ଦେଇଛନ୍ତି।

### ଜାତୀୟ କରାଟେ ପ୍ରତିଯୋଗିତା: ଅଭିନବଙ୍କୁ ମିଳିଲା ରୌପ୍ୟପଦକ

**ପାଇକମାଲ, ୨୩।୪ (ଡି.ଏନ୍.ଏ.):** ବରଗଡ଼ ଜିଲା ପାଇକମାଲର ଅଭିନବ ଶ୍ରୀବାସ୍ତବ(୧୧) ଜାତୀୟସ୍ତରୀୟ କରାଟେ ପ୍ରତିଯୋଗିତାର ଜୁନିୟରସ୍ତରରେ ସୋମବାର ରୌପ୍ୟ ପଦକ ହାସଲ କରିଛନ୍ତି। ବରଗଡ଼ ଜିଲା କରାଟେ ଆସୋସିଏଶନ୍ ପକ୍ଷରୁ ଅଭିନବଙ୍କୁ ଝାଡ଼ଖଣ୍ଡ ରାଜ୍ୟସ୍ଥିତ ଖେଳଗାଁଠାରେ ହୋଇଥିବା ଜାତୀୟ କରାଟେ ପ୍ରତିଯୋଗିତାକୁ ପଠାଯାଇଥିଲା। ଅଭିନବ କରାଟେ କୁମିତେରେ ରୌପ୍ୟ ପଦକ ଓ କାଟାରେ କାଂଶ୍ୟ ପଦକ ହାସଲ କରି ପାଇକମାଲ ତଥା ବରଗଡ଼ ଜିଲା ପାଇଁ ଗୌରବ ଆଣିଛନ୍ତି।

# ଆନ୍ଧ୍ରପ୍ରଦେଶରେ ବନ୍ଧକ ଅଛନ୍ତି ୪୦ ଦାଦନ ଶ୍ରମିକ

**ବଲାଙ୍ଗୀର ଅଫିସ, ୨୩।୪**

**ଇଟାଭାଟି ମାଲିକ ଦେଉଛନ୍ତି ଶାରୀରିକ ନିର୍ଯାତନା**

ବଲାଙ୍ଗୀର ଜିଲାର ୪୦ ଜଣ ଦାଦନ ଶ୍ରମିକ ଆନ୍ଧ୍ରପ୍ରଦେଶର ମାଲାକପେଟ୍-ଭିଠାରେ ବନ୍ଧକ ଥିବା ଅଭିଯୋଗ ହୋଇଛି । ଏହି ବନ୍ଧକ ଦାଦନ ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ସେମାନଙ୍କ ପରିବାର ସଦସ୍ୟ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ଅନୁରୋଧ କରିଛନ୍ତି। ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ୍ ଅନ୍ତର୍ଗତ ଝାରଖମାର ଗ୍ରାମର ପ୍ରାୟ ୭ ଜଣ ଦାଦନ ଶ୍ରମିକ ସହ ବଲାଙ୍ଗୀର ଜିଲାର ୪୦ ଜଣ ଦାଦନ ଶ୍ରମିକ ଆନ୍ଧ୍ରପ୍ରଦେଶରେ ବନ୍ଧକ ଥିବା ଓ ସେମାନଙ୍କୁ ସେଠାକାର ଇଟାଭାଟି ମାଲିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଛି । ଗତ ପ୍ରାୟ ୬ ମାସ ତଳେ ଝାରଖମାର ଗ୍ରାମର ୭ ଜଣ ଦାଦନ ଶ୍ରମିକ ପ୍ରଫୁଲ୍ଲ ଭୋଇ (୨୬), ଗୀତା ଭୋଇ (୨୫), ଶୁକଦେବ ଭୋଇ (୨୮), ସୁରେଶ ବିଶ୍ୱାଳ (୩୦), ପଦ୍ମା ବିଶ୍ୱାଳ (୨୫), କଲ୍ୟାଣ ବିଶ୍ୱାଳ (୨), ନରସିଂହ ଭୋଇ (୬)ଙ୍କୁ ମୁରିବାହାଲ ବ୍ଲକ୍ ଟେଙ୍ଗରା ଗ୍ରାମର ଦାଦନ ସର୍ଦ୍ଦାର ଦଶରଥ ସାଗର ୪୦ ହଜାର ଟଙ୍କା ଅଗ୍ରୀମ ଦେଇ ଇଟାଭଟିବାକୁ ଆନ୍ଧ୍ରପ୍ରଦେଶ ନେଇଥିଲେ। ସେଠାରେ ପହଞ୍ଚିବା ପରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଚୁକ୍ତି ମୁତାବକ ସେମାନଙ୍କ ଟଙ୍କା ପଇଠ କରିବେ ଓ ତାପରେ କାମ ଆରମ୍ଭ କରିବେ ବୋଲି କହିଥିଲେ । ଦାଦନ ସର୍ଦ୍ଦାରଙ୍କ କଥାକୁ ବିଶ୍ୱାସ କରି ଉପରୋକ୍ତ ଦାଦନ ଶ୍ରମିକମାନେ ଆନ୍ଧ୍ରପ୍ରଦେଶର ମାଲାକପେଟ୍-ଭି ଅଭିମୁଖେ ଯାଇଥିଲେ । ସେଠାରେ ପହଞ୍ଚି କାମ ଆରମ୍ଭ କରିଥିଲେ ମଧ ସର୍ଦ୍ଦାରଙ୍କ କହିବା ମୁତାବକ ଦାଦନ ଶ୍ରମିକଙ୍କୁ ବକେୟା ଟଙ୍କା ଦିଆଯାଇ ନ ଥିଲା । ଦୀର୍ଘ ୬ ମାସ ଧରି ଦାଦନ ଶ୍ରମିକମାନେ ସେଠାରେ ଇଟା ଗଢ଼ିଥିଲେ ମଧ ସେମାନଙ୍କୁ କୌଣସି ଟଙ୍କା ଦିଆ ନ ଯାଇ ବନ୍ଧକ ରଖି କାମ କରିବାକୁ ବାଧ କରୁଥିବା ବଳମତ ଭୋଇ ମଙ୍ଗଳବାର ଜିଲା ଶ୍ରମ କାର୍ଯ୍ୟାଳୟରେ ଅଭିଯୋଗ କରି ବନ୍ଧକ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଅନୁରୋଧ କରିଛନ୍ତି । ଇଟାଭାଟିରେ ଦାଦନ ଶ୍ରମିକଙ୍କୁ ଠିକ୍ ଭାବେ ଖାଇବାକୁ ଦେଉ ନ ଥିବାବେଳେ ପାଉଣା ମଧ ଦିଆଯାଉ ନ ଥିବା ଅଭିଯୋଗ କରିଛନ୍ତି । ଏ ନେଇ କେହି ପ୍ରତିବାଦ କଲେ ମାଡ ମରାଯାଉଛି । ମହିଳା ସଦସ୍ୟମାନଙ୍କୁ ଶାରୀରିକ ନିର୍ଯାତନା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଉଥିବା ଅଭିଯୋଗ କରିଛନ୍ତି । ଉକ୍ତ ଇଟାଭାଟିରେ ବଲାଙ୍ଗୀରର ୪୦ ଓ ଅନ୍ୟ ଜିଲାର ଅନେକ ଦାଦନ ଶ୍ରମିକ କାର୍ଯ୍ୟ କରୁଥିବା ସୂଚନା ଦିଆଯାଇଛି । ଦୀର୍ଘ ୬ ମାସ ହେଲା ଦାଦନ ଶ୍ରମିକମାନେ ସେଠାରେ ଘୋର ନିର୍ଯାତନା ଭୋଗୁଥିଲେ ମଧ ସେଠାରୁ ଉଦ୍ଧାର ହୋଇ ଆସିପାରୁ ନାହାନ୍ତି । ଏ ଦିଗରେ ଜିଲା ଶ୍ରମ ବିଭାଗ ତୁରନ୍ତ ହସ୍ତକ୍ଷେପ କରି ବନ୍ଧକ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିବାକୁ ଦାବି ହେଉଛି।



ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଗେଟ ସମ୍ମୁଖରେ ଅସରାଏ ପାଣିରେ ଆଣ୍ଠୁଏ କୁଦୁଅ ପାଣି ଭାସୁଛି ।

# ଅସରାଏ ବର୍ଷାରେ ବୋଡେନ ମେଡିକାଲ ଭାସୁଛି

**ନୂଆପଡା ଅଫିସ/ବୋଡେନ, ୨୩।୪**

ନୂଆପଡା ଜିଲାର ପଛୁଆ ତଥା ଉପାନ୍ତ ବ୍ଲକ ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ସଙ୍ଗୀନ ହୋଇପଡିଛି । ସରକାର ଉପାନ୍ତ ଅଞ୍ଚଳର ରୋଗୀସେବା ନାଁରେ ବାର୍ଷିକ କୋଟି କୋଟି ଟଙ୍କାର ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ଘରେ ନ ପଶୁଣୁ ଚାଳ ବାଜିବା ନ୍ୟାୟରେ ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଶିବା ଆଗରୁ ନାକେ ଦମ ହେବାକୁ ପଡିଥାଏ । ବର୍ଷଯାକ ଖାଲଖମା ହୋଇ ରହିଥିବାବେଳେ ଏଥିପ୍ରତି କାହାରି ନଜର ନାହିଁ । ଅସରାଏ ବର୍ଷା ହେଲେ ଗେଟ ସମ୍ମୁଖରେ ଆଣ୍ଠୁଏ କାଦୁଅ ପାଣି ଜମି ଯାଇଥାଏ। ରୋଗୀଙ୍କୁ ଏହାକୁ ପାରି କରି ହସ୍ପିଟାଲକୁ ଯିବାକୁ ହୋଇଥାଏ। ଗେଟ ଅବସ୍ଥା ଯଦି ଏମିତି ତେବେ ଭିତରେ କ'ଣ ହେଉ ନ ଥିବ ବୋଲି ଲୋକେ ଆଲୋଚନା କରୁଛନ୍ତି। ଏନେଇ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଜଙ୍ଗଲ କ୍ଷୟ ତାପମାତ୍ରା ବୃଦ୍ଧିର କାରଣ ପାଲଟିଛି

**ଟିଟିଲାଗଡ଼,୨୩।୪ (ଡି.ଏନ.ଏ.)**

ଟିଟିଲାଗଡ ସହର ସମେତ ଆଖପାଖ ଅଞ୍ଚଳର ତାପମାତ୍ରା ବୃଦ୍ଧି ଯୋଗୁ ଜୀବନ ଯାତ୍ରା ଉପରେ ଏହାର ପ୍ରଭାବ ଦେଖା ଯାଇଛି । ଦିନ ୧୦ଟା ପରେ ସହର ଜନ ଶୂନ୍ୟ ହୋଇଯାଉଛି । ଲୋକେ ଘରୁ ବାହାରକୁ ବାହାରିବା ପାଇଁ ଇଚ୍ଛା ପ୍ରକାଶ କରୁ ନ ଥିବା ବେଳେ କୌଣସି ଜରୁରୀ କାମରେ ବାହାରକୁ ବାହାରୁଛନ୍ତି । ତାପମାତ୍ରାକୁ ରୋକିବା ପାଇଁ ପ୍ରଶାସନ ତରଫରୁ ଜଙ୍ଗଲ ସୃଷ୍ଟି କରିବା ପାଇଁ ପଦକ୍ଷେପ ନିଆଯାଉଥିବା ବେଳେ ଲୋକଙ୍କ ମଧ୍ୟରେ ସଚେତନତା ଅଭାବ ଯୋଗୁ ଜଙ୍ଗଲ କ୍ଷୟ ହେବାରେ ଲାଗିଛି । ଜଙ୍ଗଲ କ୍ଷୟ ଯୋଗୁ ଟିଟିଲାଗଡ ସହରର ଆଖପାଖ ଅଞ୍ଚଳରେ ଥିବା ପାହାଡ଼ ଗୁଡିକ ଲଣ୍ଡା ହେବାକୁ ବସିଲାଣି। ପ୍ରଶାସନ ତରଫରୁ ଏଥି ନେଇ କଡା ପଦକ୍ଷେପ ନ ନେଲେ ପ୍ରବଳ ଗରମକୁ ରୋକିବାରେ ବାଧା ସୃଷ୍ଟି ହେବ । ମାର୍ଚ୍ଚରୁ ସହରରେ ଗରମ ଆରମ୍ଭ ହୋଇଯାଇଥିବା ବେଳେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଆସୁଛି । ଲୋକଙ୍କ ମଧ୍ୟରେ ଜଙ୍ଗଲ କ୍ଷୟକୁ ରୋକିବା ପାଇଁ ସଚେତନତା ସୃଷ୍ଟି କଲେ ତାପମାତ୍ରା ବୃଦ୍ଧିକୁ ରୋକିବାରେ ସହାୟକ ହେବ ବୋଲି ପରିବେଶବିଦ୍ ଡ. ଦୋଳଗୋବିନ୍ଦ ବିଶି କହିଛନ୍ତି ।

# ବିଜ୍ଞାପନ ହୋର୍ଡିଂ ଉହାଡ଼ରେ ଥଣ୍ଡା ପାନୀୟ ପ୍ରକଳ୍ପ

**ଲୋଇସିଂହା,୨୩।୪(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଫିସ ଗେଟ୍‌କୁ ଲାଗି ଏକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ବସିଛି । ହେଲେ ଏହି ପ୍ରକଳ୍ପ ଆଗରେ ଏକ ବିଜ୍ଞାପନ ହୋର୍ଡିଂ ଲଗା ଯାଇଥିବାରୁ ଥଣ୍ଡା ପାନୀୟ ପ୍ରକଳ୍ପଟି ଲୁଚି ଯାଉଛି । ଏଣୁ ରାସ୍ତାରେ ଯାଉଥିବା ଯାତ୍ରୀ ଏହି ପାଣି ପ୍ରକଳ୍ପକୁ ଦେଖି ପାରୁ ନାହାନ୍ତି। ବରଗଡ-ବଲାଙ୍ଗୀର ୨୬ ନଂ ଜାତୀୟ ରାଜପଥ କଡରେ ଲୋଇସିଂହା ବ୍ଲକ କାର୍ଯ୍ୟାୟ ଅବସ୍ଥିତ । ବ୍ଲକ ପରିସରରେ କୋର୍ଟ, ଆଇସିଡିଏସ ଅଫିସ, ପରିସଂଖ୍ୟାନ କାର୍ଯ୍ୟାଳୟ, କୃଷି କାର୍ଯ୍ୟାଳୟ ଅବସ୍ଥିତ। ବ୍ଲକ କାର୍ଯ୍ୟାଳୟର ଅପରପାର୍ଶ୍ୱରେ ହରେକୃଷ୍ଣ ମହତାବ ହାଇସ୍କୁଲ, କଲେଜ ଓ ତହସିଲ କାର୍ଯ୍ୟାଳୟ ଅବସ୍ଥିତ। ଉକ୍ତ ଛକ ନିକଟରେ ଗୁରୁତ୍ୱପୂର୍ଣ୍ଣ ଅଫିସ ଓ ଶିକ୍ଷାନୁଷ୍ଠାନ ରହିଥିବାରୁ ଜାତୀୟ ରାଜପଥରେ ଯାଉଥିବା ବସ ଗୁଡିକ ଅଟକି ଥାନ୍ତି। ଲୋଇସିଂହା ଆଖପାଖ ଗ୍ରାମର ଲୋକେ ଓ ବିଭିନ୍ନ ଅଫିସ, ଶିକ୍ଷାନୁଷ୍ଠାନକୁ ଆସୁଥିବା ଛାତ୍ରୀଛାତ୍ର ଏଠାରୁ ବସ ଧରିଥାନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ଛକ ହୋଇଥିବାରୁ ଦୀର୍ଘ ବର୍ଷ ହେଲା ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ଗେଟ ନିକଟରେ ଗୋଟିଏ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ବସା ଯାଇଛି। ସ୍କୁଲ, କଲେଜ ଛାତ୍ରୀଛାତ୍ର, ବସଯାତ୍ରୀ, ରାଜପଥରେ ଯାତ୍ରା କରୁଥିବା ଯାତ୍ରୀମାନେ ପ୍ରକଳ୍ପର ସୁବିଧା ପାଇବେ ବୋଲି ଏହାର ଲକ୍ଷ୍ୟ। ହେଲେ ପ୍ରକଳ୍ପ ଆଗରେ ଏକ ବିଜ୍ଞାପନ ହୋର୍ଡିଂ ବସା ଯାଇଛି । ଏଥି ଯୋଗୁ ପ୍ରକଳ୍ପ ଲୁଚି ଯାଉଛି । ଜାଣିଥିବା ଲୋକ ଓ ସ୍ଥାନୀୟ ବ୍ୟବସାୟୀମାନେ କେବଳ ଉକ୍ତ ପ୍ରକଳ୍ପର ସୁବିଧା ନେଉଛନ୍ତି। ଅପରପକ୍ଷେ ପରିଚାଳନା ଗତ ତ୍ରୁଟି ଯୋଗୁ ପ୍ରକଳ୍ପର ୩ଟି ଟ୍ୟାପରୁ କେବଳ ଗୋଟିଏ ଟ୍ୟାପ୍ ହିଁ କାମରେ ଆସୁଛି । ବର୍ତ୍ତମାନ ଲୋଇସିଂହାରେ ୪୨ ଡିଗ୍ରୀରୁ ଅଧିକା ତାପମାତ୍ର ରହୁଛି । ପ୍ରଚଣ୍ଡ ଖରାରେ ମଧ୍ୟ ଏହି ରାସ୍ତାରେ ଯାନବାହାନରେ ଯାତ୍ରୀମାନେ ଯାତ୍ରା କରୁଛନ୍ତି। ହେଲେ ପ୍ରକଳ୍ପ ଉପରେ ଆଖି ପଡି ପାରୁନାହିଁ।



ଲୋଇସିଂହା ବ୍ଲକ ଅଫିସ ଗେଟ୍‌କୁ ଲାଗି ରହିଥିବା ଥଣ୍ଡା ପାନୀୟ ଜଳ ପ୍ରକଳ୍ପର ଅବସ୍ଥା ।



କେସିଙ୍ଗା ଷ୍ଟେଶନରୁ ମହାରାଷ୍ଟ୍ରକୁ ଦାଦନ ଖଟି ଯାଉଥିବା ଯୁବ ଦାଦନ ଶ୍ରମିକ ଗୋଷ୍ଠୀ ।

# ସରିଲା ସାଧାରଣ ନିର୍ବାଚନ: ଦାଦନ ଖଟିବାକୁ ବାହାରିଲେ ଶ୍ରମିକ

**କେସିଙ୍ଗା,୨୩।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲାର ଦାଦନ ଶ୍ରମିକମାନଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଦାଦନ ଖଟିବାକୁ ଯାଇ ଦାଦନ ଶ୍ରମିକମାନେ ନିର୍ଯାତନା ଓ ମୃତ୍ୟୁବରଣ କରୁଥିବା ଅନେକ ଖବର ନଜରକୁ ଆସୁଛି । ଏହିସବୁ ସତ୍ତ୍ୱେ ଆର୍ଥିକସ୍ଥିତି ଭଲ ନ ଥିବାରୁ ପରିବାର ପୋଷଣ ପାଇଁ ଯୁବଗୋଷ୍ଠୀମାନେ ଦାନନ ଖଟିଯିବାକୁ ପଛାଉ ନାହାନ୍ତି । କଳାହାଣ୍ଡି ଜିଲାର ଜୁନାଗଡ, ଧର୍ମଗଡ, ଭବାନୀପାଟଣା, କେସିଙ୍ଗା, ଏମ.ରାମପୁର, କର୍ଲାମୁଣ୍ଡା ଓ ବଲାଙ୍ଗୀର ଜିଲାର ବିଭିନ୍ନ ବ୍ଲକରୁ ସୋମବାର କେସିଙ୍ଗା ରେଳୱେ ଷ୍ଟେଶନରୁ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଯୁବକମାନେ ଦାଦନ ଖଟିବାକୁ ସମ୍ବଲପୁରଠାରୁ ମହାରାଷ୍ଟ୍ର ଅଭିମୁଖେ ଯାଉଥିବା ନାଗାବଳୀ ଟ୍ରେନରେ ଦାଦନ ଖଟିବାକୁ ଯାଇଥିବା ଦେଖିବାକୁ ମିଳିଛି । ଚଳିତବର୍ଷର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଭୋଟ ଦେବା ପାଇଁ ବିଭିନ୍ନ ବ୍ଲକ ଓ ଗ୍ରାମର ଯୁବକମାନେ ଭୋଟ ଦେଇ ପରିବାର ପ୍ରତିପୋଷଣ ପାଇଁ ରାଜ୍ୟ ବାହାରକୁ ଯାତ୍ରା କରିଛନ୍ତି । ବର୍ତ୍ତମାନ ଘରର ବୁଢ଼ାବୁଢ଼ୀ ଓ ମା'ବାପାଙ୍କୁ ଘରେ ରଖି ଯୁବଗୋଷ୍ଠୀମାନେ ଦାଦନ ଖଟିବାକୁ ଯାଉଛନ୍ତି । କେସିଙ୍ଗା ରେଳୱେ ଷ୍ଟେଶନରୁ ସୋମବାର ଦ୍ରୁତଗାମୀ ଟ୍ରେନ ନାଗାବଳୀରେ ୩ ଶହରୁ ଉର୍ଦ୍ଧ୍ୱ ଯୁବକମାନେ ଟ୍ରେନରେ ଦାଦନ ଖଟିବାକୁ ଯାଇଛନ୍ତି। ଟ୍ରେନ ଭିଡ ଥିବା ଯୋଗୁ ଅଧିକାଂଶ ଯୁବକମାନେ ଘରକୁ ଫେରିଯାଇଥିଲେ। ପରିବାର ପୋଷଣ ଓ ଭାଇଭଉଣୀଙ୍କ ବିବାହ କାର୍ଯ୍ୟ ପାଇଁ ମହାରାଷ୍ଟ୍ର ଅଭିମୁଖେ ଦାଦନ ଖଟି ଯାଉଥିବା କେତେକ ଯୁବକମାନେ ମତ ପ୍ରକାଶ କରିଥିଲେ।

# ଘରକୁ ଫେରିବା ବାଟରେ ନିଖୋଜ

**ଖପ୍ରାଖୋଲ,୨୩।୪ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଦାଦନ ସମସ୍ୟା ଶେଷ ହେବାର ନାଁ ନେଉ ନାହିଁ । ଏହି ଅଞ୍ଚଳର ହଜାର ହଜାର ପରିବାର ପଡୋଶୀ ରାଜ୍ୟ ସମେତ ବ୍ରହ୍ମପୁର, କଟକ, ଖୋର୍ଦ୍ଧା ଅଞ୍ଚଳକୁ ଇଟା ଭାଟିରେ କାମ କରିବା ପାଇଁ ଦାଦନ ଭାବରେ ଯାଇଥାନ୍ତି। ହେଲେ ଏହି ଶ୍ରମିକମାନେ ସେଠାରେ ମାନସିକ, ଶାରୀରିକ ଶୋଷଣ ସହିତ ମୌଳିକ ଅଧିକାରରୁ ମଧ ବଞ୍ଚିତ ହୋଇଥାନ୍ତି। ନିକଟରେ ସାଧାରଣ ନିର୍ବାଚନ ଶେଷ ହୋଇଥିବାବେଳେ ଅନେକ ଭୋଟ ଦେବାରୁ ବଞ୍ଚିତ ହୋଇଛନ୍ତି। କେତେକ ଶ୍ରମିକ ନିଜର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ ପାଇଁ ଗାଁକୁ ଫେରିଥିଲେ। ହେଲେ ଗାଁକୁ ଫେରିବା ବାଟରେ ଉପେନ୍ଦ୍ର ଗୁଣ୍ଡା (୬୦) ନାମକ ଜଣେ ଶ୍ରମିକ ଗତ ୧୭ ତାରିଖରୁ ନିଖୋଜ ହୋଇଯାଇଛନ୍ତି। ଏ ନେଇ ଖପ୍ରାଖୋଲ ଥାନାରେ ଅଭିଯୋଗ ହୋଇଛି। ଖପ୍ରାଖୋଲ ବ୍ଲକ ମଟିଆଭଟା ପଞ୍ଚାୟତ କେନ୍ଦୁଭଟା ଗାଁର ୯ଟି ପରିବାରର ୧୭ ଜଣ ଗଞ୍ଜାମ ଜିଲା ଇଚ୍ଛାପୁର ନିକଟ ଏକ ଇଟା ଭାଟିରେ ଇଟା କାମ ପାଇଁ ଗତ ଜାନୁୟାରୀ ମାସରୁ ମଧ୍ୟସ୍ଥି ମାଧ୍ୟମରେ ଯାଇଥିଲେ । ନିର୍ବାଚନ ଥିବାରୁ ଫ୍ୟାକ୍ଟ୍ରି ମାଲିକଙ୍କୁ କହି ଗତ ୧୭ ତାରିଖ ବସ୍ ଯୋଗେ ଇଚ୍ଛାପୁରରୁ ବ୍ରହ୍ମପୁରକୁ ୧୭ ଜଣ ଶ୍ରମିକ ଫେରୁଥିଲେ । ହେଲେ ବ୍ରହ୍ମପୁର ବସଷ୍ଟାଣ୍ଡରୁ ଉପେନ୍ଦ୍ର ନିଖୋଜ ହୋଇ ଯାଇଥିଲେ। ଅନ୍ୟମାନେ ତାଙ୍କୁ ଖୋଜି ପାଇ ନ ଥିଲେ । ଅନ୍ୟ ୧୬ ଜଣ ଘରକୁ ଫେରିଥିଲେ। ହେଲେ ଆଜି ଯାଏ ଉପେନ୍ଦ୍ର ଘରକୁ ଫେରି ନାହାନ୍ତି। ଏହାକୁ ନେଇ ପରିବାର ପକ୍ଷରୁ ଖପ୍ରାଖୋଲ ଥାନାରେ ଅଭିଯୋଗ କରାଯାଇଛି । ଏ ନେଇ ଖପ୍ରାଖୋଲ ଥାନା ଆଇଆଇସି ଜ୍ୟୋତିରଞ୍ଜନ ପତିଙ୍କୁ ପଚାରିବାରୁ ବ୍ରହ୍ମପୁର ପୋଲିସ୍ ସହ ଯୋଗାଯୋଗ କଲା ପରେ ଘଟଣା ସମ୍ପର୍କରେ ଜଣାପଡିବ ବୋଲି ପ୍ରକାଶ କରିଛନ୍ତି।

ଫେଲ୍ ମାରୁଛି ସରକାରୀ ସ୍ୱାସ୍ଥ୍ୟସେବା

# ମା'ମାନେ ଜନ୍ମ ଦେଉଛନ୍ତି ଭିନ୍ନକ୍ଷମ ଶିଶୁ

**ନୂଆପଡା ଅଫିସ,୨୩।୪**

ସରକାର ସବୁବେଳେ ସ୍ୱାସ୍ଥ୍ୟସେବା ଭଳି ମୌଳିକ ସୁବିଧାକୁ ସୁନିଶ୍ଚିତ କରିବାକୁ ନୂଆପଡା ଭଳି ଉପାନ୍ତ ତଥା ପଛୁଆ ଜିଲା ପାଇଁ ବାର୍ଷିକ କୋଟି କୋଟି ଟଙ୍କାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ହେଲେ ପରିଚାଳନାଗତ ତ୍ରୁଟି ହେଉକି ବିଭାଗୀୟ ଉଦାସୀନତାରୁ ସବୁ ଠପ ହୋଇପଡିଥିବା ଚର୍ଚ୍ଚାର ବିଷୟ ହୋଇଛି । ଯୋଜନା ଅର୍ଥକୁ ଚଳୁ କରିଦେବାକୁ କର୍ମଚାରୀଙ୍କଠାରୁ ଆରମ୍ଭ କରି ଅଧିକାରୀଯାଏଁ ମଧୁଚନ୍ଦ୍ରିକା କରିଥିବା ଅଭିଯୋଗ ହେଉଛି । ନୂଆପଡ଼ା ଜିଲାର ଉପାନ୍ତ ବୋଡେନ ବ୍ଲକ ଅନ୍ତର୍ଗତ କୁଲିଙ୍ଗାମାଲ ଗାଁର ସ୍ଥିତି ସମସ୍ତଙ୍କ ଆଖିରୁ ନିଦ ହଜାଇଦେଇଛି । ଏହି ଗାଁରେ ଆଜକୁ ତିନି ଚାରି ବର୍ଷ ହେବ ମା'ମାନେ କେବଳ ଭିନ୍ନକ୍ଷମ ଶିଶୁମାନଙ୍କୁ ଜନ୍ମ ଦେଉଛନ୍ତି । ସୁସ୍ଥ ଶିଶୁଟିଏ ଜନ୍ମ ଦେବେ। ତାଙ୍କର କୋଳ ଭରିଯିବ ବୋଲି କେତେ ସ୍ୱପ୍ନ ଦେଖୁଥିବା ମା'ଙ୍କ ଆଖିରୁ ଲୁହ ସୁଖୁନାହିଁ। ଦିନେ ମା'ଆବାପାଙ୍କୁ ଅର୍ଦ୍ଧଲୀ ହେବ ବୋଲି ବାଟ ଦେଖୁଥିବା ଛୁଆ ପରିବାର ପାଇଁ ବୋଝ ହେଉଛନ୍ତି । ଗ୍ରାମ୍ୟସ୍ତରରୁ ସବୁ ସ୍ୱାସ୍ଥ୍ୟଗତ ସମସ୍ୟାକୁ ସରକାରୀ ଖାତାକୁ ଆଣିବାକୁ ସବୁପ୍ରକାର ବ୍ୟବସ୍ଥା ରହିଛି। ହେଲେ ସେସବୁ କାଗଜ କଲମରେ ରହିଯାଉଥିବା ସ୍ପଷ୍ଟ ହୋଇଛି । ପ୍ରଶାସନ ପାଖରେ ଖବର ନାହିଁ । ଗାଁରେ ଗଣମାଧ୍ୟମ ଟିମର ଛାନଭିନ ପରେ ଜଣାପଡିଛି ଅସଲ ଚିତ୍ର । ଆଜକୁ ତିନିଚାରି ବର୍ଷ ହେବ ମା'ମାନେ କେବଳ ଭିନ୍ନକ୍ଷମ ଶିଶୁଙ୍କୁ ଜନ୍ମ ଦେଉଥିବା ଜଣାପଡିଛି । ଏହାକୁ ନେଇ ଗରିବ ମଜୁରିଆ ଶ୍ରେଣୀର ଲୋକେ ସର୍ବସ୍ୱାନ୍ତ ହୋଇପଡିଲେଣି। ଆଗକୁ ଗର୍ଭବତୀମାନେ ଭୟରେ ପ୍ରମାଦ ଗଣୁଛନ୍ତି। ତଥ୍ୟ ନେବାରେ କୁଲିଙ୍ଗାମାଲର ମାଲପଡା । ଏଠାରେ ଶହେରୁ ଉର୍ଦ୍ଧ୍ୱ ପରିବାର ରହୁଥିବାବେଳେ ଜନସଂଖ୍ୟା ଚାରି ଶହ ଡେଇଁଯିବ । ଏଥିରୁ ଅର୍ଦ୍ଧାଧିକ ଗରିବ ଶ୍ରେଣୀର ଲୋକ । ମଜୁରି କାମ କଲେ ପେଟ ଚଳେ । ସବୁ ଦୃଷ୍ଟି କୋଣରୁ ଠିକ ଥିବା ଗାଁରେ ବର୍ତ୍ତମାନ ଚଡକ ପଡିଯାଇଛି । ଗାଁର ହେମକାନ୍ତି ମାଝି ୨୦୧୫ ସେପ୍ଟେମ୍ବରରେ ସଂଘମିତ୍ରା ନାମ୍ନୀ ଏକ କନ୍ୟା ସନ୍ତାନଙ୍କୁ ଜନ୍ମଦେଇଥିଲେ। ସେ ଜନ୍ମରୁ ମୂକ ବଧିର ଥିବାବେଳେ ୨୦୧୮ରେ ଅନ୍ୟ ଏକ ଶିଶୁ କରିସ୍ମାଙ୍କୁ ମଧ୍ୟ ଅନ୍ଧ ଭାବରେ ଜନ୍ମ ଦେଇଛନ୍ତି। ସେହିଭଳି ଗାଁର ରୀନା ମାଝି, ସରସ୍ୱତୀ ସଗରିଆ, ରୁପେନ୍ଦ୍ରୀ ସଗରିଆ, ହାରାବତୀ ସଗରିଆ ଭିନ୍ନକ୍ଷମ ଶିଶୁଙ୍କୁ ଜନ୍ମ ଦେଇଛନ୍ତି। ଅନ୍ୟପକ୍ଷେ ଗାଁର ଭଜନୀ କଣ୍ଟା, ସମ୍ବାରୀ କଣ୍ଟା, ଡୋଲାମଣୀ ସଗରିଆ ପ୍ରମୁଖ ଗର୍ଭବତୀ ରହିଛନ୍ତି । ଏମାନେ କୁଆଡେ ଭିନ୍ନକ୍ଷମଙ୍କୁ ଜନ୍ମ ଦେବେ ବୋଲି ଭୟଭୀତ ହୋଇ ଦିନ ଗଣୁଛନ୍ତି। ଏହାକୁ ନେଇ ଗାଁର ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ବିଭାଗକୁ ଜଣାଇଆସୁଥିଲେ ମଧ୍ୟ କୌଣସି ଆଶୁ ପ୍ରତିକାର ବ୍ୟବସ୍ଥା କରାଯାଉ ନ ଥିବାରୁ ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେହି କେହି ଗାଁର ଦେବଦେବୀ ରୋଷ କରିଥିବା ନେଇ ଗଣନା କରୁଥିବାବେଳେ କେହି ଗାଁର ପାଣି ପବନ ବିଗିଡି ଯାଇଛି ବୋଲି କହୁଛନ୍ତି। ପ୍ରକୃତରେ ଗାଁ ଅଭିଶପ୍ତ ହୋଇପଡିଛି ନା ସ୍ୱାସ୍ଥ୍ୟ ବିଭାଗର ତ୍ରୁଟି ଯୋଗୁ ଏଭଳି ହେଉଛି ସେ ଉପରେ ବିଶେଷ ଦୃଷ୍ଟି ଦେବା ଜରୁରି ହୋଇପଡିଛି। ଏହା ଉପରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାସିନି ବ୍ରହ୍ମାଙ୍କୁ ପଚାରିବାରୁ ଏଭଳି ଅଭିଯୋଗ ଆମ ନଜରକୁ ଆସିନାହିଁ। ଏହା ଉପରେ ଦୃଷ୍ଟି ଦେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।



ଦିବ୍ୟାଙ୍ଗ ଶିଶୁଙ୍କୁ ସହ ମା'ମାନେ ।

**ଚର୍ଚ୍ଚାରେ କୁଲିଙ୍ଗାମାଲର ମାଲପଡା**



କୃପଣ ହେଉଛି ପ୍ରକୃତରେ ଦରିଦ୍ର, କାରଣ ପ୍ରାଚୁର୍ଯ୍ୟ ଭିତରେ ବି ସେ ଅନାହାରରେ ଥାଏ।
-ଜନ୍ ଡ୍ରାଇଡେନ୍



## ରଣେଶ୍ୱର ରାମଚଣ୍ଡୀଙ୍କ ବାର୍ଷିକ ପୂଜା ମହୋତ୍ସବ

ଜାମଟିକ୍ରା,୨୩।୪(ଡି.ଏନ.ଏ.): ଅତାବିରା ବ୍ଲକ ଅଧୀନ ଝିଲିମିଣ୍ଡା ଗ୍ରାମରେ କୁଲତା ସମାଜର ଅଧିଷ୍ଠାତ୍ରୀ ଦେବୀ ରଣେଶ୍ୱର ରାମଚଣ୍ଡୀଙ୍କ ବାର୍ଷିକ ପୂଜା ମହୋତ୍ସବ ମଙ୍ଗଳବାର ସ୍ଥାନୀୟ ହନୁମାନ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି । ଗ୍ରାମର ଶତାଧିକ କୁଲତା ପରିବାର ଉତ୍ସବରେ ଯୋଗଦେଇଥିଲେ । ଏଥିରେ ପୂଜା କର୍ତ୍ତା ଭାବେ ଶିକ୍ଷକ ଧର୍ମରାଜ ପଧାନ ଓ ତାଙ୍କ ସ୍ତ୍ରୀ ମଞ୍ଜୁଲା ପ୍ରଧାନ ଯୋଗଦେଇଥିଲେ। ବିଜୟ କୁମାର ଭୋଇ ପୂଜାକାର୍ଯ୍ୟ ତୁଲାଇଥିଲେ। ଏଥିରେ ଅତାବିରା ବ୍ଲକ କୁଲତା ସମାଜ ସଭାପତି ଦିବାକର ପ୍ରଧାନ ଯୋଗଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ବରଗଡ଼ ଜିଲା କଟାପାଲି ଗ୍ରାମର ସୁଦାମ ସାହୁଙ୍କୁ ଶ୍ରେଷ୍ଠ କୃଷି ପ୍ରଶିକ୍ଷକ ଓ ଗବେଷକ ଭାବେ ଉପଢ଼ୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ମାନୀତ ଅତିଥି ଭାବେ ସ୍ୱାଧୀନ ପଧାନ ଯୋଗଦେଇଥିଲେ। ଝିଲିମିଣ୍ଡା ପଞ୍ଚାୟତର ପ୍ରଥମରୁ ଦଶମ ଶ୍ରେଣୀ ପଢୁଥିବା ଶ୍ରେଷ୍ଠ ୧୦ଜଣ କୁଲତା ସମାଜର ଛାତ୍ରୀଛାତ୍ରଙ୍କୁ ଜନ କଲ୍ୟାଣ କୁଲତା ସମାଜ ଝିଲିମିଣ୍ଡା ପକ୍ଷରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଉଜଳ ସାହୁ, ଆନନ୍ଦ ପ୍ରଧାନ, ଗୋବିନ୍ଦ ଭୋଇ, ରୋହିତ ଭୋଇ, ରମେଶ ପ୍ରଧାନ, ରଞ୍ଜନ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ହରେକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

■ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ମେ ୧୫ ରୁ ଖୋଲିବ ଧାନମଣ୍ଡି

ଭବାନୀପାଟଣା,୨୩।୪(ଡି.ଏନ.ଏ.)



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଆଲୋଚନା ଚାଲିଛି ।

କଳାହାଣ୍ଡି ଜିଲାରେ ଇନ୍ଦ୍ରାବତୀ ବହୁମୁଖୀ ପ୍ରକଳ୍ପରୁ ନିଶ୍ଚିତ ଜଳସେଚନ ଆରମ୍ଭ ହେବା ପରେ କଳାହାଣ୍ଡି ରାଜ୍ୟରେ ଦ୍ୱିତୀୟ ବୃହତ୍ତମ ଧାନ ଉତ୍ପାଦନକାରୀ ଜିଲାର ମାନ୍ୟତା ପାଇଛି । ଚଳିତ ରବି ଋତୁରେ କଳାହାଣ୍ଡି ଜିଲାରେ ୩୦ ଲକ୍ଷ କୁଇଣ୍ଟାଲ ଧାନ ଉତ୍ପାଦନ ହେବ ବୋଲି କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ସୂତ୍ରରୁ ଆକଳନ କରାଯାଇଛି । ରବି ଋତୁରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବା ପାଇଁ ରାଜ୍ୟ ସରକାର ମେ ପହିଲାରୁ ମଣ୍ଡି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ କଳାହାଣ୍ଡି ଜିଲାରେ ମେ ୧୫ ତାରିଖ ସୁଦ୍ଧା ଚାଷୀମାନେ ଧାନ ଅମଳ କରି ମଣ୍ଡିକୁ ଆଣିବାର ସମ୍ଭାବନା ରହିଛି ବୋଲି ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ମତ ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମେ ପହିଲା ସୁଦ୍ଧା ଜିଲାର ସମସ୍ତ ବ୍ଲକର ପ୍ରାଥମିକ କୃଷି ସେବା ସମବାୟ ସମିତି ମଣ୍ଡି ଖୋଲିବା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିବାକୁ ଜିଲାପାଳ ଗାଭାଲି ପରାଗ ହର୍ଷଦ ନିର୍ଦ୍ଦେଶ ଦେଇଛନ୍ତି । ଜିଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶନ୍ନ କୁମାର ଷଡଙ୍ଗୀ, ଧର୍ମଗଡ ଉପଜିଲାପାଳ ପଦ୍ମନାଭ ବେହେରା, ଜିଲା ଯୋଗାଣ ଅଧିକାରୀ ଶିବ ପ୍ରସାଦ ଦରା, ଜିଲା କୃଷି ଉପନିର୍ଦ୍ଦେଶକଙ୍କ ସମେତ ଡିଆର୍‌ସିଏସ୍, ବିସିସି ବ୍ୟାଙ୍କ ଅଧିକାରୀ ଓ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ । କଳାହାଣ୍ଡି ଜିଲାରେ ବର୍ତ୍ତମାନ ସୁଦ୍ଧା ରବି ଧାନ ଫସଲ କରିଥିବା ୨୩ ହଜାରରୁ ଊର୍ଦ୍ଧ୍ୱ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି । ଜିଲା କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ସୂତ୍ରରୁ ଚଳିତ ରବି ଋତୁରେ କଳାହାଣ୍ଡି ଜିଲାରେ ୩୦ ଲକ୍ଷ କୁଇଣ୍ଟାଲ ଧାନ ଉତ୍ପାଦନ ହେବାର ଆକଳନ କରାଯାଇଛି। ସରକାରୀ ନିୟମ ମୁତାବକ ଏପ୍ରେଲ ୩୦ ତାରିଖ ସୁଦ୍ଧା ଯେଉଁ ମିଲରମାନେ ଗତ ଖରିଫ ଋତୁରେ ଧାନ ଉଠାଇ ଶତପ୍ରତିଶତ ଚାଉଳ ଏଫ୍‌ସିଆଇ ଓ ଆର୍‌ଆର୍‌ସିରେ ଦାଖଲ କରିଥିବେ ସେହି ମିଲରମାନଙ୍କୁ ଚଳିତ ରବି ଋତୁରେ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯିବ। ଚଳିତ ରବି ଋତୁରେ କଳାହାଣ୍ଡି ଜିଲାରେ ୫୦ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ଜରିଆରେ ସମୁଦାୟ ୮୩ଟି ମଣ୍ଡି ଖୋଲାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ଜିଲା ଯୋଗାଣ ଅଧିକାରୀ ଶିବପ୍ରସାଦ ଦରା ପ୍ରକାଶ କରିଛନ୍ତି।

**ରବି ଧାନ ସଂଗ୍ରହ ପାଇଁ ପ୍ରସ୍ତୁତି**

- ୨୩ ହଜାରରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣ କରିଛନ୍ତି
- ୮୩ ମଣ୍ଡି ଖୋଲାଯିବାକୁ ବୈଠକରେ ନିଷ୍ପତ୍ତି

■ ବଙ୍ଗୋମୁଣ୍ଡା ଆଦର୍ଶ ବିଦ୍ୟାଳୟକୁ ଅଣଦେଖା

## ଯୁକ୍ତ ୨ ଖୋଲିବାକୁ ଅଭିଭାବକଙ୍କ ଦାବିପତ୍ର

କୋକସରା,୨୩।୪(ଡି.ଏନ.ଏ.)

ଚଳିତବର୍ଷ ରାଜ୍ୟ ସରକାର ଆଦର୍ଶ ବିଦ୍ୟାଳୟରେ ଯୁକ୍ତ ୨ ପାଠ୍ୟକ୍ରମ ଆରମ୍ଭ କରିବାକୁ ଯାଉଛନ୍ତି । ଏହିକ୍ରମରେ କଳାହାଣ୍ଡି ଜିଲାର ଭବାନୀପାଟଣା, ମ. ରାମପୁର ଓ ଲାଞ୍ଜିଗଡ଼ ବ୍ଲକରେ ଥିବା ୩ଟି ଆଦର୍ଶ ବିଦ୍ୟାଳୟରେ ଯୁକ୍ତ ଦୁଇ ଆରମ୍ଭ କରିବାକୁ ଯୋଜନା କରିଛନ୍ତି । ଏହା ଜାଣାପଡ଼ିବା ପରେ କୋକସରା ବ୍ଲକ ବଙ୍ଗୋମୁଣ୍ଡାଠାରେ ଥିବା ଆଦର୍ଶ ବିଦ୍ୟାଳୟ ପ୍ରତି ଜିଲା ଶିକ୍ଷା ବିଭାଗ ଅଣଦେଖା ପ୍ରତିବାଦରେ ଅଭିଭାବକମାନେ ଜିଲା ଶିକ୍ଷା ଅଧିକାରୀ, ଜିଲାପାଳ, ରାଜ୍ୟ ଗଣଶିକ୍ଷା ବିଭାଗ ସଚିବଙ୍କ ସମେତ ଆଦର୍ଶ ବିଦ୍ୟାଳୟ ସଚିବ ପ୍ରମୁଖଙ୍କୁ କୋକସରା ବ୍ଲକ ଆଦର୍ଶ ବିଦ୍ୟାଳୟରେ ଯୁକ୍ତ ଦୁଇ ଖୋଲିବାକୁ ଦାବିପତ୍ର ଦେଇଥିବା ଜଣାପଡ଼ିଛି । ଅଭିଭାବକମାନଙ୍କ ମଧ୍ୟରେ ଅଭିନ୍ନ ଶତନାମୀ, ବିମଳା ନାଏକ, ଚିନିଲାଲ ନାଏକ, ଜଳନ୍ଧର ଖମାରୀ, ମଦନଲାଲ ବେମାଲ, ମୃତ୍ୟୁଞ୍ଜୟ ପଣ୍ଡା, ଯୁଗଳ ଦାସ, ସୁଧାକର ପୁରୋହିତ, ସତ୍ୟନାରାୟଣ ଠାକୁର, ସୁବ୍ରତ ମଶ୍ରା, ଚଞ୍ଚଳା ମାଝି, ବିଘ୍ନେଶ୍ୱର ମାଝି, ଜଗବନ୍ଧୁ ନାଏକ ପ୍ରମୁଖ ସମେତ ଅଞ୍ଚଳବାସୀ ଦାବି ଜଣାଇଛନ୍ତି। ଦାବିକୁ ଅଣଦେଖା କଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକପନ୍ଥା ନେବାକୁ ମଧ୍ୟ ଚେତାବନୀ ଦେଇଛନ୍ତି । କୋକସରା ବ୍ଲକ ବଙ୍ଗୋମୁଣ୍ଡାଠାରେ ଥିବା ଆଦର୍ଶ ବିଦ୍ୟାଳୟରେ ଚଳିତବର୍ଷ ଛାତ୍ରୀଛାତ୍ରମାନେ ମାଟ୍ରିକ ପରୀକ୍ଷା ଦେଇଛନ୍ତି । ଛାତ୍ରୀଛାତ୍ରମାନେ ମାଟ୍ରିକ ପରୀକ୍ଷାରେ ପାସ କରିବା ପରେ କେଉଁଠି ନାମ ଲେଖାଇବେ ସେ ନେଇ ଅଡୁଆରେ ପଡ଼ିଛନ୍ତି । ଗ୍ରାମାଞ୍ଚଳରେ ପଢୁଥିବା ପିଲାମାନଙ୍କ ପାଇଁ ଇଂରାଜୀ ମାଧ୍ୟମରେ ଶିକ୍ଷାଗ୍ରହଣ କରିବାକୁ ରାଜ୍ୟ ସରକାର ୨୦୧୬ରେ ଆଦର୍ଶ ବିଦ୍ୟାଳୟ ଆରମ୍ଭ କରିଥିଲେ। ଶିକ୍ଷା ପ୍ରଣାଳି ସହ ସିବିଏସି ଢାଞ୍ଚାରେ ଶିକ୍ଷାଦାନ ପାଇଁ ଉକ୍ତ ବିଦ୍ୟାଳୟ ହୋଇଥିଲା।




କୋକସରା ବ୍ଲକ ବଙ୍ଗୋମୁଣ୍ଡାଠାରେ ଥିବା ଆଦର୍ଶ ବିଦ୍ୟାଳୟ ।

■ ରାସ୍ତାକଡ଼ ବୃକ୍ଷରୋପଣ ନାଁରେ ଅନିୟମିତତା

# ରକ୍ଷଣାବେକ୍ଷଣ ଅଭାବରୁ ମରିଗଲାଣି ଗଛ

ଜୁନାଗଡ,୨୩।୪(ଡି.ଏନ.ଏ.)

ତାପମାତ୍ରା ହ୍ରାସ ଓ ପରିବେଶ ସନ୍ତୁଳନ ରକ୍ଷା ନିମନ୍ତେ ସରକାର ରାସ୍ତାକଡରେ ବୃକ୍ଷରୋପଣ ଆରମ୍ଭ କରି ଏକ ସବୁଜ ବଳୟ ସୃଷ୍ଟି କରିବା ପାଇଁ ପ୍ରୟାସ କରିଛନ୍ତି। ଏଥିପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବନବିଭାଗ ଜରିଆରେ ରାସ୍ତାକଡରେ ବୃକ୍ଷରୋପଣ କରୁଛନ୍ତି। ତେବେ ଦାୟିତ୍ୱରେ ଥିବା ବନକର୍ମଚାରୀଙ୍କ ଖାମଖିଆଲି ତଥା ଲାଭଖୋର ମନୋବୃତ୍ତି ଏବଂ ରକ୍ଷଣାବେକ୍ଷଣ ଅଭାବ ଯୋଗୁ ଏହି ଯୋଜନା ଏବେ ବାଟବଣା ହେବାରେ ଲାଗିଛି। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ରେଞ୍ଜ ଅଧୀନ ଜୁନାଗଡ ବ୍ଲକ ଦାସିଗାଁ ବଜାର ଛକଠୁ ଚୋରଖସିଗୁଡା ରାସ୍ତା କଡ ବୃକ୍ଷ ରୋପଣରେ ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି । ଗତ ୨୦୧୮ ଜୁଲାଇରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଦାସିଗାଁ ବଜାର ଛକଠାରୁ ଚୋରଖସିଗୁଡା ପର୍ଯ୍ୟନ୍ତ ୩ କି.ମି. ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା। ଏଥିରେ ରାସ୍ତାର ଉଭୟ ପାର୍ଶ୍ୱରେ ବଡଚାକୁଣ୍ଡା, ସିଶୋ, ଅଁଳା, ବାହାଡା ଗଛ ଭଳି ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ୧୫୦୦ଟି ଗଛ ଲଗାଯାଇଥିଲା । ଯାହାକି ସ୍ଥାନୀୟ ଫରେଷ୍ଟରଙ୍କଠୁ ଜଣାପଡିଛି। ବର୍ତ୍ତମାନ ସେହି ଗଛଗୁଡିକ ଉତ୍କଟ ଖରା ହେଉ କିମ୍ବା ପାଣି ଅଭାବରୁ ମରିବାକୁ ବସିଛି। ସବୁଜ ବାଡ ମଧ୍ୟରେ ଶୁଖିଯାଉଥିବା ଗଛକୁ ବିଭାଗ ପକ୍ଷରୁ ପାଣି ମଧ ଯୋଗାଇ ଦିଆଯାଉ ନ ଥିବା ଜଣାପଡିଛି। କେତେକ ସ୍ଥାନରେ ଗଛ ଥିବାବେଳେ ସବୁଜ ବାଡ ନାହିଁ, ଆଉ କେତେକ ସ୍ଥାନରେ ବାଡ ଥିବାବେଳେ ଗଛ ନ ଥିବା ଦେଖିବାକୁ ମିଳୁଛି। ଆଉ କେତେକ ସ୍ଥାନରେ ସବୁଜ ବାଡ ଓ ଗଛ ତଳେ ପଡିଯାଇଥିବା ମଧ ଦେଖିବାକୁ ମିଳିଛି। ଫଳରେ ସରକାରଙ୍କ ଏହି ରାସ୍ତାକଡ ବୃକ୍ଷରୋପଣ ଯୋଜନା ଏବେ ଫେଲ ମାରିଛି। ଅନ୍ୟପକ୍ଷରେ ଗଛର ରକ୍ଷଣାବେକ୍ଷଣ ଦାୟିତ୍ୱ ବନବିଭାଗ ଅଧୀନରେ ଥିବାବେଳେ ସ୍ଥାନୀୟ ବନବିଭାଗ କର୍ମଚାରୀଙ୍କ ଦାୟିତ୍ୱ ହୀନତା ଓ ଅବହେଳା ଯୋଗୁ ଏପରି ଗଛଗୁଡିକ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। ସେହିପରି ଏହି ବୃକ୍ଷରୋପଣରେ ବ୍ୟାପକ ଅନିୟମିତତା ହୋଇଥିବା ମଧ ଅଭିଯୋଗ ହୋଇଛି। ଏଠାରେ ବୃକ୍ଷରୋପଣ କରାଯାଇ ଇତିମଧ୍ୟରେ ୯ ମାସ ବିତିଯାଇଥିଲେ ମଧ ବିଭାଗ ପକ୍ଷରୁ ସୂଚନା ଫଳକ ଲଗାଯାଇନାହିଁ। ଯାହାକି ସାଧାରଣରେ ବିଭାଗ ପ୍ରତି ସନ୍ଦେହ ପ୍ରକାଶ ପାଇଛି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ତଥା ଭିଜିଲାନ୍ସ ତଦନ୍ତ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି। ଏ ନେଇ ସ୍ଥାନୀୟ ଫରେଷ୍ଟର ଭୁବନେଶ୍ୱର ବେହେରାଙ୍କୁ ପଚାରିବାରୁ ସ୍ଥାନୀୟ ଲୋକମାନେ ସବୁଜବାଡକୁ ଖୋଲି ନେଇ ଯାଉଥିବାରୁ ଗଛଗୁଡିକ ଏପରି ହେଉଛି ବୋଲି କହିଥିଲେ। ସେହିପରି ସୁଚନା ଫଳକ ନ ଲଗାଇବା କଥାକୁ ସ୍ୱୀକାର କରିଥିଲେ। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ବୁଦ୍ଧିଜିବୀ ମହଲରେ ଦାବି ହୋଇଛି ।





ଗଛ ଓ ବାଡ ତଳେ ପଡିଯାଇଛି, ଗଛ ଅଛି ସବୁଜ ବାଡ ନାହିଁ।

- ୯ ମାସ ପରେ ବି ସୂଚନା ଫଳକ ଲାଗିଲାନି
- ଭିଜିଲାନ୍ସ ତଦନ୍ତ ଦାବି
- ଥୁଆମୂଳ ରାମପୁର ରେଞ୍ଜ

■ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବ୍ୟାପକ ଦୁର୍ନୀତି

# ଶ୍ରମିକ ବଦଳରେ ମେଶିନ କରୁଛି କାମ

ଭବାନୀପାଟଣା,୨୩।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଜରିଗୁମା ଗାଁରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବ୍ୟାପକ ଦୁର୍ନୀତି ହୋଇଥିବା ଘଟଣା ନଜରକୁ ଆସିଛି । ଲୋକଙ୍କୁ ୧୦୦ ଦିନ କାମ ଯୋଗାଇ ଦେବା ପାଇଁ ଉକ୍ତ ଯୋଜନା ହୋଇଥିବା ବେଳେ ଜୟପାଟଣା ବ୍ଲକ ଜରିଗୁମା ଗ୍ରାମରେ ଏହା ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। କାମ କିଏ କରୁଛି ତାହା ପ୍ରଶାସନ ପାଖରେ ଖବର ନ ଥିବା ବେଳେ ଶ୍ରମିକ ବଦଳରେ ପୋକଲିନ ମେଶିନ ଦ୍ୱାରା କରାଯାଉଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହିଘଟଣାର ତଦନ୍ତ ପାଇଁ କଳାହାଣ୍ଡି ଜିଲାପାଳ ଜୟପାଟଣା ବିଡିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶ ଯେ, ଜୟପାଟଣା ବ୍ଲକ ଅନ୍ତର୍ଗତ ଅଁଳାଭଟା ଗ୍ରାମପଞ୍ଚାୟତ ଜରିଗୁମା ଗ୍ରାମରେ ଉକ୍ତ ଯୋଜନାରେ ଚାଲିଥିବା କରାଘାଟି ବନ୍ଧର ପଙ୍କଉଦ୍ଧାର କାର୍ଯ୍ୟରେ ଶ୍ରମିକ ବଦଳରେ ପୋକଲିନ ମେଶିନ ଓ ଟ୍ରାକ୍ଟର ବ୍ୟବହାର ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ପୋଖରୀ ଖନନ ବିଷୟରେ ଗ୍ରାମ ରୋଜଗାର ସେବକଙ୍କଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀଙ୍କ ପାଖରେ ମଧ୍ୟ କୌଣସି ଖବର ନ ଥିବା ପ୍ରକାଶ କରିଛନ୍ତି । ସୂଚନା ଫଳକରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଚାଲିଥିବା ପ୍ରକଳ୍ପ ଅଟକଳର ପରିମାଣ ୫ ଲକ୍ଷ ଟଙ୍କା ବୋଲି ଉଲ୍ଲେଖ ରହିଛି । ଏହି କାର୍ଯ୍ୟ ଖୋଲାଖୋଲି ଭାବେ ଚାଲିଥିଲେ ମଧ୍ୟ ଜିଆରଏସ କିମ୍ବା କନିଷ୍ଠ ଯନ୍ତ୍ରୀଙ୍କ ପାଖରେ କୌଣସି ଖବର ନାହିଁ ବୋଲି କହିବା ସାଧାରଣରେ ଆଲୋଡନ ସୃଷ୍ଟି ହୋଇଛି। ଜିଆରଏସ ଏବଂ କନିଷ୍ଠ ଯନ୍ତ୍ରୀ ନିଜ ପାଖ ଲୋକ କିମ୍ବା ନିଜ ସମ୍ପର୍କୀୟ ଲୋକମାନଙ୍କୁ କାମରେ ନିୟୋଜିତ କରି ବିନା ଫାଇଲରେ କାମ କରିପାରନ୍ତି ଏବଂ କେହି ପଚାରିଲେ ଏହି କାମର ଫାଇଲ ହୋଇନାହିଁ, ଏହି କାମ ଆମର ନୁହେଁ ବୋଲି ସମସ୍ତଙ୍କୁ ଭୁଆଁ ବୁଲାଇଥାନ୍ତି । କିଛି ମାସ ବିତିଗଲା ପରେ ଉଭୟେ ମିଶି ସେହି କମାର ଫାଇଲ ତିଆରି କରି ସମ୍ପର୍କୀୟମାନଙ୍କ ଆକାଉଣ୍ଟରେ ମିଥ୍ୟା ଶ୍ରମିକଙ୍କ ନାମରେ ଟଙ୍କା ଜମା କରିଥାନ୍ତି। ଏଭଳି କାମର ସରକାରୀ ଅର୍ଥକୁ ହଡପ କରୁଥିବା ନେଇ ଲୋକେ ବାରମ୍ବାର ବ୍ଲକରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଏ ନାହିଁ । ଏହି ଘଟଣାକୁ ନେଇ କଳାହାଣ୍ଡି ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦଙ୍କୁ ପଚାରିବାରୁ ଏହି ଘଟଣା ନେଇ ସୂଚନା ମିଳିଛି । ଘଟଣାର ତଦନ୍ତ ପାଇଁ ଜୟପାଟଣା ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି ଘଟଣାକୁ ନେଇ ତଦନ୍ତ ଆରମ୍ଭ ହୋଇଥିବା ବେଳେ କାହାର ନିର୍ଦ୍ଦେଶରେ ଓ କାହାର ପ୍ରରୋଚନାରେ ଉକ୍ତ ଯୋଜନାରେ ମେଶିନ ଯୋଗେ କାମ ହେଉଥିଲା ଏବଂ କିଏ ବିନା ୱାର୍କ ଅର୍ଡରେ କାମ କରୁଥିଲା ତାହାକୁନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି କରୁଛି।



ଶ୍ରମିକ ବଦଳରେ ପୋକଲିନ ମେଶିନରେ କାମ କରାଯାଉଛି ।

**ବିଡିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ**

## ଉଜ୍ଜ୍ୱଳଦେଈଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ଭବାନୀପାଟଣା,୨୩।୪(ଡି.ଏନ.ଏ.)

ଦିନକୁ ଦିନ ବଢି ଚାଲିଛି ରୋଗ । ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ଉଜ୍ଜ୍ୱଳ ଦେଈ ମାଝି । କିନ୍ତୁ ଚିକିତ୍ସା ପାଇଁ ସମ୍ବଳ ନ ଥିବାରୁ ରୋଗ ଶଯ୍ୟାରେ ପଡିଛନ୍ତି। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଧୀନ କର୍ଲାପାଟ ଅଭୟାରଣ୍ୟ ଭଳି ଦୁର୍ଗମ ଅଞ୍ଚଳର ବଡଚିକ୍ରାଗୁଡା ଗାଁରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଏହି ଗାଁରେ ରହନ୍ତି ଉଜ୍ଜ୍ୱଳ ଦେଈ ମାଝି । ଗତ କିଛି ବର୍ଷ ତଳେ ଲାକାଶ ମାଝିଙ୍କ ସ୍ତ୍ରୀ ଉଜ୍ଜ୍ୱଳଙ୍କ ବେକ ପାଖରେ ଏକ ମାଂସ ପିଣ୍ଡୁଳା ଦେଖାଦେଇଥିଲା । ଦିନକୁ ଦିନ ଏହି ମାଂସ ପିଣ୍ଡୁଳା ଆକୃତି ବୃଦ୍ଧି ପାଇବାରେ ଲାଗିଲା । ଚିକିତ୍ସା ପାଇଁ ଲାକାଶ ଥୁ. ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ଏହା ଏକ ବ୍ୟୟ ବହୁଳ ଚିକିତ୍ସା ହୋଇଥିବାରୁ ଲାକାଶଙ୍କ ପାଖରେ ସମ୍ବଳ ଅଭାବରୁ ତାଙ୍କୁ ଘରକୁ ଫେରାଇ ଆଣିଥିଲେ । ବର୍ତ୍ତମାନ ଉଜ୍ଜ୍ୱଳଙ୍କ ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଛି। ଏପରିକି ତାଙ୍କ ଏକ ଆଖି ମଧ୍ୟ ନଷ୍ଟ ହେବାରେ ଲାଗିଛି । ଲାକାଶଙ୍କ ସମ୍ପଳ କହିଲେ ମାତ୍ର ୫ ଡେସିମିଲ ଘର ଡିହ ବ୍ୟତିତ ଅନ୍ୟ କିଛି ନାହିଁ । ପର ଘରେ ମୂଲ ଲାଗିଲେ ପରିବାର ଚଳେ । ଏଭଳି ସ୍ଥିତିରେ କେଉଁଠୁ ଅର୍ଥ ଯୋଗାଡ କରି ସ୍ତ୍ରୀଙ୍କ ଚିକିତ୍ସା କରାଇବ ଚିନ୍ତାରେ ସେ ଭାଙ୍ଗି ପଡିଛନ୍ତି । ଗୋଟେପଟେ ରାଜ୍ୟ ଓ କେନ୍ଦ୍ର ସରକାର ଗରୀବ ତଥା ଅସହାୟ ଲୋକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଓ ଚିକିତ୍ସା ପାଇଁ ଅନେକ ଯୋଜନା କରିଛନ୍ତି । ଏପରିକି ମହିଳାମାନଙ୍କ ଚିକିତ୍ସା ପାଇଁ ୭ ଲକ୍ଷ ଟଙ୍କା ସହାୟତା କରିବାର ଯୋଜନା କରିଛନ୍ତି। କିନ୍ତୁ ସ୍ଥାନୀୟ ପ୍ରଶାସନ ଲୋକଙ୍କୁ ଏ ନେଇ ସଚେତନତା କରାଇବାରେ ବିଫଳ ହୋଇଥିବାରୁ ଠିକ ଲୋକଙ୍କ ନିକଟରେ ସରକାରଙ୍କ ଯୋଜନା ସବୁ ଅପହଞ୍ଚ ହୋଇ ରହିଥିବାରୁ ଉଜ୍ଜ୍ୱଳଦେଈ ଭଳି ଅନେକ ହିତାଧିକାରୀ ଦୁର୍ଦ୍ଦିନରେ ପଡି ରହୁଛନ୍ତି । ତୁରନ୍ତ ଏଭଳି ଜଣେ ମହିଳାଙ୍କ ଚିକିତ୍ସା ଯୋଗାଇ ଦେଲେ ସାଧାରଣରେ ସରକାରଙ୍କ ଯୋଜନା ଉପରେ ବିଶ୍ୱାସ ହୋଇପାରିବ । ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ବନଲତା ଦେବୀଙ୍କୁ ପଚାରିବାରୁ ସେ କହିଥିଲେ ପୀଡିତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ପ୍ରକୃତ ରୋଗ ନିରୁପଣ କରାଇବା ପରେ ଆବଶ୍ୟକ ସହାୟତା ବ୍ୟବସ୍ଥା କରାଯିବ ବୋଲି କହିଥିଲେ।



ଉଜ୍ଜ୍ୱଳଦେଈ ମାଝି ।

■ ସରିଲା ସାଧାରଣ ନିର୍ବାଚନ

# ଦାଦନ ଖଟିବାକୁ ବାହାରିଲେ ଶ୍ରମିକ

କେସିଙ୍ଗା,୨୩।୪(ଡି.ଏନ.ଏ.)

କଳାହାଣ୍ଡି ଜିଲାର ଦାଦନ ଶ୍ରମିକମାନଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଦାଦନ ଖଟିବକୁ ଯାଇ ଦାଦନ ଶ୍ରମିକମାନେ ନିର୍ଯାତନା ଓ ମୃତ୍ୟୁବରଣ କରୁଥିବା ଅନେକ ଖବର ନଜରକୁ ଆସୁଛି । ଏହିସବୁ ସତ୍ତ୍ୱେ ଆର୍ଥକସ୍ଥିତି ଭଲ ନ ଥିବାରୁ ପରିବାର ପୋଷଣ ପାଇଁ ଯୁବଗୋଷ୍ଠୀମାନେ ଦାନନ ଖଟିଯିବାକୁ ପଛାଉ ନାହାନ୍ତି । କଳାହାଣ୍ଡି ଜିଲାର ଜୁନାଗଡ, ଧର୍ମଗଡ, ଭବାନୀପାଟଣା, କେସିଙ୍ଗା, ଏମ.ରାମପୁର, କର୍ଲାମୁଣ୍ଡା ଓ ବଲାଙ୍ଗୀର ଜିଲାର ବିଭିନ୍ନ ବ୍ଲକରୁ ସୋମବାର କେସିଙ୍ଗା ରେଳୱେ ଷ୍ଟେଶନରୁ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଯୁବକମାନେ ଦାଦନ ଖଟିବାକୁ ସମ୍ବଲପୁରଠାରୁ ମହାରାଷ୍ଟ୍ର ଅଭିମୁଖେ ଯାଉଥିବା ନାଗାବଳୀ ଟ୍ରେନରେ ଦାଦନ ଖଟିବାକୁ ଯାଇଥିବା ଦେଖିବାକୁ ମିଳିଛି । ଚଳିତବର୍ଷର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଭୋଟ ଦେବା ପାଇଁ ବିଭିନ୍ନ ବ୍ଲକ ଓ ଗ୍ରାମର ଯୁବକମାନେ ଭୋଟ ଦେଇ ପରିବାର ପ୍ରତିପୋଷଣ ପାଇଁ ରାଜ୍ୟ ବାହାରକୁ ଯାତ୍ରା କରିଛନ୍ତି । ବର୍ତ୍ତମାନ ଘରର ବୁଢ଼ାବୁଢ଼ୀ ଓ ମା'ବାପାଙ୍କୁ ଘରେ ରଖି ଯୁବଗୋଷ୍ଠୀମାନେ ଦାଦନ ଖଟିବାକୁ ଯାଉଛନ୍ତି । କେସିଙ୍ଗା ରେଳୱେ ଷ୍ଟେଶନରୁ ସୋମବାର ଦ୍ରୁତଗାମୀ ଟ୍ରେନ ନାଗାବଳୀରେ ୩ ଶହରୁ ଊର୍ଦ୍ଧ୍ୱ ଯୁବକମାନେ ଟ୍ରେନରେ ଦାଦନ ଖଟିବାକୁ ଯାଇଛନ୍ତି। ଟ୍ରେନ ଭିଡ ଥିବା ଯୋଗୁ ଅଧିକାଂଶ ଯୁବକମାନେ ଘରକୁ ଫେରିଯାଇଥିଲେ। ପରିବାର ପୋଷଣ ଓ ଭାଇଭଉଣୀଙ୍କ ବିବାହ କାର୍ଯ୍ୟ ପାଇଁ ମହାରାଷ୍ଟ୍ର ଅଭିମୁଖେ ଦାଦନ ଖଟି ଯାଇଥିବା କେତେକ ଯୁବକମାନେ ମତ ପ୍ରକାଶ କରିଥିଲେ। ମହାରାଷ୍ଟ୍ରକୁ ଯାଇ ବିଭିନ୍ନ ଶିଳ୍ପ କାରଖାନା, ଇଟାଭାଟି, ଗୃହ କାର୍ଯ୍ୟ, ରାସ୍ତା ନିର୍ମାଣରେ ନିୟୋଜିତ ହୋଇଥାନ୍ତି । ଦାଦନ ଶ୍ରମିକମାନେ କାର୍ଯ୍ୟ କରୁଥିବା ସମୟରେ ମୃତ୍ୟୁବରଣ ମଧ କରୁଛନ୍ତି । ତଥାପି ଜାଣିଶୁଣି ଦାଦନ ଶ୍ରମିକମାନେ ଦାଦନ ଖଟିବାକୁ ଯାଇ ନିର୍ଯାତନ ସହି ମୃତ୍ୟୁବରଣ କରୁଛନ୍ତି । ରାଜ୍ୟ ସରକାରଙ୍କ ଶ୍ରମ ବିଭାଗ ପକ୍ଷରୁ ଦାଦନ ଖଟିଯିବା ପୂର୍ବରୁ ଯେଉଁ ସତର୍କ ଓ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ପଞ୍ଜୀକରଣ କରିବାକୁ ବିଭିନ୍ନ ବିଜ୍ଞାପନ ମାଧମରେ ସଚେତନ କରାଯାଉଛି । କିନ୍ତୁ ତାହା ଶ୍ରମିକମାନେ ବେଖାତିର ଭାବରେ ରାଜ୍ୟ ବାହାରକୁ ଯାଇ ହଇରାଣ ହେଉଛନ୍ତି। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲା ଶ୍ରମ ଅଧିକାରୀ ସଂଗ୍ରାମ ଦଲାଇଙ୍କୁ ପଚାରିବାରୁ ଆମକୁ ନ ଜଣାଇ ଲୁଚିଛପି କରି ବାହାର ରାଜ୍ୟକୁ ଯାଉଛନ୍ତି। ସେଠାରେ ମୃତ୍ୟୁବରଣ କରିବା ସହ ନିର୍ଯାତନାର ଶିକାର ହେଉଛନ୍ତି । ଫଳରେ ଆମେ ହଇରାଣ ହୋଇ ଶେଷରେ ଉଦ୍ଧାର ମଧ କରୁଛୁ ବୋଲି କହିଥିଲେ ।



କେସିଙ୍ଗା ଷ୍ଟେଶନରୁ ମହାରାଷ୍ଟ୍ରକୁ ଦାଦନ ଖଟି ଯାଉଥିବା ଯୁବ ଦାଦନ ଶ୍ରମିକ ଗୋଷ୍ଠୀ ।

**ସଂକ୍ଷେପରେ**

## ଟଙ୍କିକିଆ କଏନ ନେବାକୁ ନାରାଜ

**ରାଉରକେଲା ଅଫିସ,୨୩।୪:** ଟଙ୍କିକିଆ କଏନ କାରବାର ନେଇ ସହରର ବିଭିନ୍ନ ସ୍ଥାନରେ ଅଚଳାବସ୍ଥା ଲାଗି ରହିଛି। ବିନା କାରଣରେ ଏହାକୁ ସଂଖ୍ୟା ବହୁଳ ବ୍ୟବସାୟୀ ନେବାକୁ ମନା କରୁଛନ୍ତି। ବିଶେଷକରି ପୁରୁଣା ଓ ବଡ଼ ସାଇଜ କଏନ ଆଦୌ ଗ୍ରହଣ କରୁନାହାନ୍ତି। ଘଣାକୁ ନେଇ ଅନେକ ସମୟରେ ପାଟିତୁଣ୍ଡ ଲାଗି ରହୁଛି। ଟଙ୍କିକିଆ କଏନ ଅଚଳ ହେବା ନେଇ କାହା ପାଖରେ କିଛି ଖବର ନାହିଁ। ଏଭଳି ଅପପ୍ରଚାର ପଛରେ କାରଣ ଯାହା ଥାଉନା କାହିଁକି ଟଙ୍କିକିଆ କଏନ ଯେ ଏବେ ସମ୍ପୂର୍ଣ୍ଣ ଅଚଳ ହେବାକୁ ବସିଲାଣି ଏହା ଉଣାଅଧିକ ସମସ୍ତେ ସ୍ୱୀକାର କରୁଛନ୍ତି। କେବଳ ଏହି କାରଣରୁ ବହୁ ବ୍ୟବସାୟୀଙ୍କ ହାତରେ ଏବେ ପୁଳାପୁଳା କଏନ ଜମା ହେଲାଣି। ବଜାରରେ ଚକୋଲେଟ, ଦିଆସିଲି, ଛୁଞ୍ଚି, ସେଫ୍‌ଟିପିନ୍, ପ୍ଲାଷ୍ଟିକ ଗ୍ଲାସ ଭଳି ଅନେକ ସାମଗ୍ରୀ ଟଙ୍କାକରେ ବିକ୍ରି କରାଯାଉଥିବେଳେ ଏହାକୁ ଦୁଇଟି ଲେଖାଏଁ କିଣିବାକୁ ଗ୍ରାହକଙ୍କୁ ବାଧ କରାଯାଉଛି। ବାଧ ହୋଇ ଗ୍ରାହକ ଅନିଚ୍ଛା ସତ୍ତ୍ୱେ ବ୍ୟବସାୟୀଙ୍କ ବୋଲ ମାନୁଛନ୍ତି। ଆଗକୁ ଏହି ଅବସ୍ଥା ଜାରି ରହିଲେ ବସ୍ତା ବସ୍ତା ଟଙ୍କିକିଆ କଏନ ଅଚଳ ହେବା ଆଶଙ୍କା ପ୍ରକାଶ ପାଇଛି।

# ତାତି ସହ ବଢୁଛି ମୃଦୁ ପାନୀୟର ଚାହିଦା

**ରାଉରକେଲା ଅଫିସ,୨୩।୪**


ବିର୍ସା ଛକଠାରେ ଏକ ଥଣ୍ଡା ପାନୀୟ ଷ୍ଟଲରେ ଗ୍ରାହକଙ୍କ ଭିଡ଼।

ସହରରେ ଗତ ୩ରୁ ୪ ଦିନ କାଳବୈଶାଖୀ ବର୍ଷା ପରେ ଏବେ ଟାଣ ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ତାତି ଦିନକୁ ଦିନ ବଢ଼ିବା ଆଶଙ୍କା ପ୍ରକାଶ ପାଇଛି। ମୁଣ୍ଡାଫଟା ଖରା ସାଙ୍ଗକୁ ଗୁଳୁଗୁଳି ଅସହ୍ୟ ହୋଇ ପଡ଼ିଥିବାବେଳେ ବଜାରରେ ମୃଦୁ ପାନୀୟର ଚାହିଦା ବଢ଼ିବାରେ ଲାଗିଛି। ପାର୍ଶ୍ୱାଞ୍ଚଳ ଚାଷୀ ପ୍ରତିଦିନ ଗାଡ଼ି ଗାଡ଼ି ତରଭୁଜ ଆଣି ସହରରେ ପସରା ମେଲାଉଛନ୍ତି। ସୁଦୂର ଅନୁଗୋଳକ ଅଞ୍ଚଳରୁ ମଧ ବ୍ୟବସାୟୀମାନେ ବହୁଳ ଭାବେ ତରଭୁଜ ଆଣି ଭଲ ରୋଜଗାର କରୁଛନ୍ତି। ଆଗକୁ ଷ୍ଟିଲ ସିଟିରେ ତାତି ଅସମ୍ଭାଳ ହେବ ବୋଲି କୁହାଯାଉଛି। ଏମିତି ଅବସ୍ଥାରେ ଦେଶୀ ପାନୀୟର ଚାହିଦାକୁ ନଜରରେ ରଖି ବ୍ୟବସାୟୀମାନେ ରାସ୍ତା କଡ଼ରେ ଦହି ଲସି, ଫଳରସ, ଆମ୍ବ ପଣା, ଛତୁ, ପଇଡ଼, ବରଫ ଗୋଲା, କାକୁଡ଼ି, ଆଇସକ୍ରିମ ଭଳି ଗ୍ରୀଷ୍ମକାଳୀନ ପାନୀୟ କାରବାର ଆରମ୍ଭ କରିଦେଲେଣି। ଏବେ ପଇଡ଼ ଗୋଟା ପ୍ରତି ୨୦ରୁ ୩୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି ଚାଲିଥିବା ବେଳେ ଦହି ଲସି ଗ୍ଲାସ ପ୍ରତି ୩୦ ଛୁଇଁଲାଣି। ବିଭିନ୍ନ କିସମର ଫଳରସ ଗ୍ଲାସ ପ୍ରତି ୨୫ରୁ ୪୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଗ୍ରୀଷ୍ମ ଦାଉରୁ ରକ୍ଷା ପାଇଁ ଲୋକେ କାକୁଡ଼ି ଉପରେ ନିର୍ଭର କରୁଥିବା ବେଳେ ଗୋଟା ପ୍ରତି ଏହା ୨ଟଙ୍କାରେ ବକ୍ରି ଚାଲିଛି। ତେବେ ଷ୍ଟିଲ ସିଟିର ଏକ ମୁଖ୍ୟ ଆକର୍ଷଣ ପୋଡ଼ା ଆମ୍ବ ସରବତ, ଛତୁ ଓ କାଗେଜି ଲେମ୍ବୁ ମିଶ୍ରିତ ପାରମ୍ପରିକ ପଣା ଆଜି ବି ୧୦ଟଙ୍କାରେ ମିଳୁଛି। ଯେଉଁ କାରଣରୁ ସବୁ ବର୍ଗର ଲୋକେ ଏହାକୁ ଅଧିକ ଆଦର କରୁଛନ୍ତି। ଏଠି ଭିଡ଼ ମଧ ଲାଗି ରହୁଛି। ଶୋଷ ମେଣ୍ଟାଇବାକୁ ଅଧିକାଂଶ ପଥଚାରୀ ରାସ୍ତା ପାର୍ଶ୍ୱ ମୃଦୁ ପାନୀୟ ଷ୍ଟଲ ଉପରେ ନିର୍ଭର କରୁଥିବା ବେଳେ ଏହାକୁ ଭଲ ଭାବେ ଆକର୍ଷଣୀୟ କରି ସଜାଯାଉଛି। ଛେଣ୍ଡ ରିଂ ରୋଡ୍ କଡ଼ରେ ତାଜା ପଇଡ଼ ପିଇବାକୁ ଭିଡ଼ ଜମୁଥିବା ବେଳେ ଉଦିତନଗର ଅଞ୍ଚଳରେ ଦହି ଲସିର ଚାହିଦା ବଢ଼ିବାରେ ଲାଗିଛି। ସାରନା ଛକ ଓ ବିର୍ସା ଛକରେ ପୋଡ଼ା ଆମ୍ବ ସରବତ ଭଲ କାରବାର ହେଉଛି। ମୁଖ୍ୟ ମାର୍ଗରେ ଛତୁ ଓ କାଗେଜି ଲେମ୍ବୁ ପଣାର ବିଶେଷ ଆଦର ରହିଛି। ଏଗୁଡ଼ିକ ବାଦ୍ ଅନେକ ସ୍ଥାନରେ ବହୁ ନାମୀ ଦାମୀ କମ୍ପାନୀ ପ୍ରସ୍ତୁତ ଆଇସକ୍ରିମ ବିକ୍ରି ନେଇ ସ୍ୱତନ୍ତ୍ର ଷ୍ଟଲ ଖୋଲିବାରେ ଲାଗିଛି। ଏପରି ଅବସ୍ଥାରେ ଖରା ତାତିରୁ ଲୋକଙ୍କୁ ତ୍ରାହି ଦେବା ଲକ୍ଷ୍ୟରେ ବିଭିନ୍ନ ସଂଗଠନ ପକ୍ଷରୁ ଜଳଛତ୍ର ଖୋଲିବା ଆରମ୍ଭ ହୋଇଛି। ଆଗକୁ ତାତି ଯେତିକି ବୃଦ୍ଧି ପାଇବ ସେହି ଅନୁସାରେ ଥାଣ୍ଡା ପାନୀୟ କାରବାର ଜମିବ ବୋଲି ଆଶା କରାଯାଉଛି।

## ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଯୁବକଙ୍କ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି

**ରାଉରକେଲା ଅଫିସ,୨୩।୪**

ସୋମବାର ଲହୁଣୀପଡ଼ା ବ୍ଲକ ଟାଙ୍କେଯୋଡ଼ା ଗ୍ରାମରେ ଦୀନବନ୍ଧୁ କିଷାନ (୩୫) ନାମକ ଜଣେ ଯୁବକ ବିଦ୍ୟୁତ୍ ଖୁଣ୍ଟରୁ ଖସିପଡ଼ି ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ସାମାଜିକ କର୍ମୀ ଶାନ୍ତନୁ କୁସୁମ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି କୁସୁମ। ଏକ ପ୍ରେସ୍ ବିବୃତିରେ କୁସୁମ କହିଛନ୍ତି ଯେ ଅନଭିଜ୍ଞଙ୍କୁ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ାଇବାକୁ କଡ଼ାକଡ଼ି ବାରଣ କରାଯାଇଥିବା ବେଳେ କେଉଁ ପରିସ୍ଥିତିରେ ଦୀନବନ୍ଧୁଙ୍କୁ ଚଢ଼ିବାକୁ କୁହାଯାଇଥିଲା ତାହାର ତଦନ୍ତ ହେବା ଆବଶ୍ୟକ। ବିଦ୍ୟୁତ୍ ବିଭାଗର ମାର୍ଗଦର୍ଶିକାରେ ସବୁବେଳେ ଅଭିଜ୍ଞ କର୍ମଚାରୀଙ୍କୁ ଖୁଣ୍ଟରେ ଚଢ଼ାଇବାକୁ ନିର୍ଦ୍ଦେଶ ରହିଛି। ଏହା ସତ୍ତ୍ୱେ ଜଣେ ଅଣକର୍ମଚାରୀ ଯୁବକଙ୍କୁ କେଉଁ ଅଧିକାରରେ ଖୁଣ୍ଟକୁ ଚଢ଼ିବାକୁ ଅନୁମତି ଦିଆଯାଇଥିଲା ତାହା ବିଭାଗ ଜ୍ଞାତରେ ବା ଅଜ୍ଞାତରେ ହୋଇଛି ତଦନ୍ତ ହେବା ଆବଶ୍ୟକ। ଦୀନବନ୍ଧୁଙ୍କ ମୃତ୍ୟୁ ଯୋଗୁ ତାଙ୍କ ପରିବାର ଯେଉଁ ଦୁର୍ଦ୍ଦଶାର ସମ୍ମୁଖୀନ ହେବେ ସେଥିପାଇଁ କିଏ ଦାୟୀ ରହିବ ବୋଲି କୁସୁମ ପ୍ରଶ୍ନ ଉଠାଇଛନ୍ତି। ବିଭାଗର ଏଭଳି ବେପରୁଆ ନୀତି ଯୋଗୁ ଜିଲାର ଅନେକ ସ୍ଥାନରେ ଏଭଳି ଘଟଣା ଘଟିବା ନଜିର ରହିଛି। ଯେଉଁମାନେ ସୁରକ୍ଷା ବ୍ୟବସ୍ଥାକୁ ଅଣଦେଖା କରି ଦୀନବନ୍ଧୁଙ୍କୁ ମୃତ୍ୟୁମୁଖକୁ ଠେଲିଦେଲେ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ। ଅନ୍ୟଥା ଭବିଷ୍ୟତରେ ଏହାର ପୁନରାବୃତି ହେବା ସହ ଏଭଳି ଅନେକ ନିରୀହ ଯୁବକଙ୍କ ମୃତ୍ୟୁ ଆଶଙ୍କା ରହିଛି। ଏ ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଓ ଦୀନବନ୍ଧୁଙ୍କ ପରିବାରକୁ ନ୍ୟାୟ ନ ମିଳିଲେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି କୁସୁମ ପ୍ରକାଶ କରିଛନ୍ତି।

## ସରସ୍ୱତୀ ବିଦ୍ୟାମନ୍ଦିର ପକ୍ଷରୁ ଗ୍ରୀଷ୍ମ ଶିବିର

**ରାଉରକେଲା ଅଫିସ,୨୩।୪**

ବିର୍ସାଡାହାର ରୋଡ୍ ଅଞ୍ଚଳରେ ଥିବା ସରସ୍ୱତୀ ବିଦ୍ୟାମନ୍ଦିର ପକ୍ଷରୁ ଏକ ଗ୍ରୀଷ୍ମକାଳୀନ ଶିବିର ସୋମବାରଠାରୁ ଆରମ୍ଭ ହୋଇଛି। ଏଥିରେ ପ୍ରାରମ୍ଭରୁ ୬ଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶ ସହ ଶୈକ୍ଷିକ ଚାପରୁ କିପରି ମୁକ୍ତ ରହିବାକୁ ହେବ ସେ ନେଇ ପରାମର୍ଶ ଦିଆଯାଉଛି। ନିଜକୁ କିପରି ମାନସିକ ଚାପରୁ ଦୂରେଇ ରଖାଯାଇ ପାରିବ ସେ ନେଇ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏହି ଅବସରରେ ଚିତ୍ରାଙ୍କନ, ଖେଳ, ସଙ୍ଗୀତ, ନୃତ୍ୟ, ଇଂଲିଶ ଭାଷଣ, ହିନ୍ଦୀ କବିତା ପାଠ, ହିନ୍ଦୀ ନାଟକ ଓ ଯୋଗ ଧ୍ୟାନାଦି ସମ୍ପର୍କରେ ପରାମର୍ଶ ଦିଆଯାଉଛି। ଶିବିର ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ବିଦ୍ୟାଳୟ ଅଧକ୍ଷ ପ୍ରକାଶ କରିଛନ୍ତି। ଏଥିରେ ଯୋଗ ଦେଇଥିବା ଛାତ୍ରୀଛାତ୍ର ନିଜ ଇଚ୍ଛାନୁସାରେ ଯେକୌଣସି ବିଷୟରେ ପ୍ରଶିକ୍ଷଣ ନେଇପାରିବେ। ପିଲାଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ଏହାର ମୂଳ ଉଦ୍ଦେଶ୍ୟ ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି।


ବିର୍ସାଡାହାର ସରସ୍ୱତୀ ବିଦ୍ୟାମନ୍ଦିର ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି।

## ■ ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ଲେନିନ୍ ଜୟନ୍ତୀ

# ପୁଞ୍ଜିବାଦର ଏକମାତ୍ର ବିକଳ୍ପ ସମାଜବାଦ

**ରାଉରକେଲା ଅଫିସ,୨୩।୪**



ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ଭଞ୍ଜଭବନଠାରେ ଆୟୋଜିତ ଲେନିନଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଓଡ଼ିଆ ଭାଷା ବିକାଶ ମଞ୍ଚ ଆନୁକୂଲ୍ୟରେ ସମାଜବାଦୀ ବିପ୍ଳବର ଅଗ୍ରଦୂତ ଭ୍ଲାଦିମିର ଇଲିଚ ଲେନିନଙ୍କ ଜୟନ୍ତୀ ସେକ୍ଟର-୫ କଲଚରାଲ ଏକାଡେମୀଠାରେ ପାଳିତ ହୋଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱ ଓ କବି ଅଶୋକ ରାଉତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଶ୍ରମିକ ନେତା ପ୍ରଭାତ ମିଶ୍ର, ମୁଖ୍ୟବକ୍ତା ରୂପେ ଗଗନ ବିହାରୀ ଧଳ, ଅନ୍ୟତମ ବକ୍ତା ରୂପେ କେଦାରନାଥ ପ୍ରଧାନ ଯୋଗଦେଇଥିଲେ। ଆବାହକ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରି କହିଥିଲେ, ଲେନିନ ହେଉଛନ୍ତି ମହାନ ଅକ୍ଟୋବର ବିପ୍ଳବର ରୂପକାର। ମାର୍କ୍ସବାଦକୁ ହତିଆର କରି ଲେନିନ ଋଷିଆର କଠୋର ରାଜତନ୍ତ୍ରକୁ ଧୂଳିସାତ କରିବାକୁ ସକ୍ଷମ ହୋଇଥିଲେ। ଖଟିଖିଆ ମେହେନତି ମଣିଷକୁ ନ୍ୟାୟ ମିଳିଥିଲା। ଫଳରେ ସେଠାରେ ସମାଜ ତନ୍ତ୍ରର ମୂଳଦୁଆ ପଡ଼ିପାରିଥିଲା ବୋଲି ମହାପାତ୍ର କହିଥିଲେ। ମୁଖ୍ୟଅତିଥି ମିଶ୍ର କହିଥିଲେ, ପୁଞ୍ଜିବାଦର ଏକମାତ୍ର ବିକଳ୍ପ ହେଉଛି ସମାଜବାଦ। ସାରା ବିଶ୍ୱର ମୁକ୍ତି ଆନ୍ଦୋଳନ ପାଇଁ ଲେନିନଙ୍କ ଅବଦାନ ଅତୁଳନୀୟ। ତାଙ୍କ ନେତୃତ୍ୱରେ ବିଶ୍ୱର ୬ ଭାଗରୁ ୧ଭାଗ ଭୂମିରେ ଶୋଷଣମୁକ୍ତ ସମାଜ ଗଠନ ହୋଇପାରିଥିଲା। ଲେନିନଙ୍କ ନୀତିଆଦର୍ଶକୁ ଅପଣାଇପାରିଲେ ଏକ ଶୋଷଣମୁକ୍ତ ସମାଜ ଗଠନ ସମ୍ଭବ ବୋଲି ମିଶ୍ର ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଧଳ କହିଥିଲେ, ଲେନିନ କେବଳ ଋଷିଆର ନେତା ନୁହନ୍ତି। ସେ ସମଗ୍ର ବିଶ୍ୱର ମେହନତି ମଣିଷଙ୍କ ନେତା। ମାର୍କ୍ସବାଦ ଦର୍ଶନରେ ଲେନିନଙ୍କ ଭୂମିକା ଯୁଗାନ୍ତକାରୀ ଥିଲା। ହକ୍ ଆଦାୟ କରିବାକୁ ହେଲେ ଲେନିନଙ୍କ ଆଦର୍ଶକୁ ଆପଣାଇବାକୁ ପଡ଼ିବ ବୋଲି ଧଳ କହିଥିଲେ। ଅନ୍ୟତମ ବକ୍ତା ପ୍ରଧାନ କହିଥିଲେ, ଲେନିନ ମାର୍କ୍ସବାଦର ଜୀବନ୍ୟାସ ଦେବା ସହ ତାହାକୁ ବିକଶିତ କରିଥିଲେ। ବିଂଶ ଶତାବ୍ଦିର ପୁଞ୍ଜିବାଦ ଓ ଏହାର ଚରିତ୍ର ନିରୂପଣ କରି ଏହାକୁ ସାମ୍ରାଜ୍ୟବାଦର ରୂପ ଦେଇଛନ୍ତି। ମଣିଷ ଯୁକ୍ତିନିଷ୍ଠ ଜ୍ଞାନର ଅଧିକାରୀ ହେବା ଉଚିତ। ସମସ୍ତେ ଏକକ ଭାବେ କହିବା ଉଚିତ ଯେ ମୁଁ ସତ୍ୟନିଷ୍ଠ, ବିବେକୀ ଓ ସମ୍ବେଦନଶୀଳ। ଏହା ସମ୍ଭବ ହେଲେ ସାମାଜିକ ପରିବର୍ତ୍ତନ ସମ୍ଭବ ହେବ ବୋଲି ପ୍ରଧାନ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କବି କୁଞ୍ଜବିହାରୀ ରାଉତ, ସ୍ୱରୂପ ମହାପାତ୍ର, ଅଙ୍ଗୁରବାଳା ପରିଡ଼ା, ସୁଶାନ୍ତ ନାୟକ, ବିଜୟ ରାୟ, ଶୈଳବାଳା ଷଡ଼ଙ୍ଗୀ, ଜୟନ୍ତ ଦାସ, କାଶୀନାଥ ପାତ୍ର, ମୀନକେତନ ପଶାୟତ, ପଶୁପତିନାଥ ଚାଟାର୍ଜୀ, ଅକ୍ଷୟ ସାମଲ, ଅବନୀନ୍ଦ୍ର ଓଝା, ଛବି ମହାନ୍ତି, କୈଳାସ ନାୟକ, ଶଶିଭୂଷଣ ତ୍ରିପାଠୀ ଓ ଭଗବାନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଇଂରାଜୀ ଭାଷା ଦିବସ ପାଳିତ

**ବେଲପାହାଡ଼, ୨୩।୪(ଡ଼ି.ଏନ୍.ଏ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ବି.ଆର୍.ଉଚ୍ଚ ବିଦ୍ୟାଳୟରେ ଜାତିସଂଘ ଇଂରାଜୀ ଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ସକାଳେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଛାତ୍ରୀଛାତ୍ର ଯୋଗଦେଇ ପ୍ରଖ୍ୟାତ କବି, ଲେଖକ ଓ ନାଟ୍ୟକାର ୱିଲିୟମ ସେକ୍ସପିୟରଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ଇଂରାଜୀ ଭାଷା ପ୍ରାଚୀର ପତ୍ରିକା ଦି ଭିର୍ଗାର ୧୦ମ ବର୍ଷ ୧ମ ସଂସ୍କରଣକୁ ଉନ୍ମୋଚନ କରିଥିଲେ। ଉକ୍ତ ପତ୍ରିକାରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ରଚିତ ୧୫ଟି ଲେଖା ପ୍ରକାଶିତ ହୋଇଛି। ଇଂରାଜୀ ବିଭାଗର ବରିଷ୍ଠ ଶିକ୍ଷକ କୈଳାସ ଚନ୍ଦ୍ର ପଟ୍ଟନାୟକ ପତ୍ରିକାର ସମ୍ପାଦକ ଓ ଶିକ୍ଷକ ଟଙ୍କଧର ସାହୁ ସହ ସମ୍ପାଦକ ରହିଛନ୍ତି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ମହୁମାଛି ଚାଷ
ମହୁମାଛି ଚାଷ କରିବା ପାଇଁ ଆଗ୍ରହୀ ଫାର୍ମ ହାଉସ୍ ମାଲିକମାନଙ୍କ ପାଇଁ ଉଦ୍ଦିଷ୍ଟ, (ସରକାରୀ ପ୍ରୋତ୍ସାହନ ଉଦ୍ଦିଷ୍ଟ 40%)
ଯୋଗାଯୋଗ: 8763499150
OMM HONEY

ASTROLOGY ASTROLOGY

FINANCE FINANCE

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ। ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now
7895985440

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

SMS JOB
Send SMS, Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ
୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + Bike + 1 Month Salary Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୨୪ ଏପ୍ରିଲ, ୨୦୧୯



ଯେଉଁମାନେ ଯୁକ୍ତି କରି ଜାଣନ୍ତି ନାହିଁ, ସେହିମାନେ ହିଁ କଥାବାର୍ତ୍ତାବେଳେ କଳି କରନ୍ତି।

-ଚେଷ୍ଟାର ଷ୍ଟେନ୍



## ସଂକ୍ଷେପରେ

### ସାନି ମତଦାନ ଘୋଷଣା ପରେ ଭୋଟରଙ୍କୁ ମନାଇବାକୁ ଉଦ୍ୟମ

ଲଖନପୁର,୨୩।୪(ଡି.ଏନ୍.ଏ)- ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଲଖନପୁର ୩ନଂ. ଜୋନ୍ ତିଲିଆ ଚାରମାଲ ପ୍ରୋଜେକ୍ଟ ଅପରପ୍ରାଇମେରୀ ୨୫୪ନଂ. ବୁଥ୍‌ରେ ପରିଚାଳନା ଗତ ତ୍ରୁଟିପାଇଁ ନିର୍ବାଚନ କମିଶନର ସାନି ଭୋଟ୍ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଠାରେ ଆସନ୍ତା ଗୁରୁବାର ସାନି ମତଦାନ ହେବ । ଏହି ବୁଥ୍‌ରେ ସମୁଦାୟ ୧୧ଶହ ୮୩ ଭୋଟର୍ ରହିଛନ୍ତି। ଏନେଇ ଉପଜିଲାପାଳ ଶିବ ଟପ୍ପୋ କହିଛନ୍ତି, ଗୁରୁବାର ୨୫୪ନଂ. ବୁଥ୍‌ରେ ମତଦାନବେଳେ ଇଭିଏମ୍‌ରେ ତ୍ରୁଟି ଦେଖାଦେଇଥିଲା। ନିର୍ବାଚନ କମିଶନ ଏହି ବୁଥ୍‌ରେ ସାନି ମତଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଉପଜିଲାପାଳ ଟପ୍ପୋ କହିଛନ୍ତି। ଏହା ଜଣାପଡିବା ପରେ ମଙ୍ଗଳବାର ସନ୍ଧ୍ୟାରେ ଭାଜପା ବରଗଡ ଲୋକସଭାପ୍ରାର୍ଥୀ ସୁରେଶ ପୂଜାରୀ, ଭାଜପା ବିଧାୟିକା ପ୍ରାର୍ଥୀ ରାଧାରାଣି ପଣ୍ଡା, କର୍ମୀ ରଘୁନନ୍ଦନ ପଣ୍ଡା, ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ନେତା ଓ କର୍ମୀମାନେ ଗାଁରେ ପହଞ୍ଚି ନିଜ ସପକ୍ଷରେ ଭୋଟ୍‌ରଙ୍କୁ ବୁଝାଉଛନ୍ତି।

# ମିଳୁନି ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପ୍ରୋତ୍ସାହନ ରାଶି

- କୁଆଁରମୁଣ୍ଡା ବ୍ଲକରେ ବହୁ ହିତାଧିକାରୀ ନିରାଶ
- ଉପର ସ୍ତରରୁ ଟଙ୍କା ଆସିଲେ ପ୍ରଦାନ କରାଯିବ

କୁଆଁରମୁଣ୍ଡା, ୨୩।୪(ଡି.ଏନ.ଏ.)

ଗ୍ରାମାଞ୍ଚଳର ଦାରିଦ୍ର୍ୟ ସୀମାରେଖା ତଳେ ବାସ କରୁଥିବା ଗରିବ ପରିବାରକୁ ଚିହ୍ନଟ କରାଯାଇ ସରକାରଙ୍କ ବିଭିନ୍ନ ଯୋଜନାରେ କଂକ୍ରିଟ ଛାତ ଘର ନିର୍ମାଣ ନିମନ୍ତେ ସରକାରୀ ସହାୟତା ପ୍ରଦାନ କରାଯାଉଛି। ପୁଣି ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଯଦି ହିତାଧିକାରୀ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରନ୍ତି, ତେବେ ତାଙ୍କୁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରାଯିବା ପାଇଁ ସ୍ୱୀକୃତି ପ୍ରଦାନ କରାଯାଇଛି। ମାତ୍ର ବିଡମ୍ବନାର ବିଷୟ ଯେ, ଗରିବ ହିତାଧିକାରୀ ଦିନରାତି ଏକାକାର କରି ପ୍ରୋତ୍ସାହନ ରାଶି ପାଇବା ନିମନ୍ତେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରୁଥିଲେ ମଧ୍ୟ ତାହା ସେମାନଙ୍କୁ ମିଳୁ ନ ଥିବା ଅଭିଯୋଗ ହେଉଛି। ସେମାନଙ୍କର ଏହି ଆଶା କେବଳ ଆଶାରେ ହିଁ ରହିଯାଉଥିବା ହିତାଧିକାରୀମାନେ ଅଭିଯୋଗ କରୁଛନ୍ତି। ଏଥିପାଇଁ ସେମାନେ ସ୍ଥାନୀୟ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ସୁନ୍ଦରଗଡ଼ ଜିଲା ଆଦିବାସୀବହୁଳ କୁଆଁରମୁଣ୍ଡା ବ୍ଲକ। ଏହି ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ଗଞ୍ଜୁବସ୍ତିର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ସରସ୍ୱତୀ ରାଉତ୍ ଗତ ୨୦୧୭-୧୮ ବର୍ଷ ନିମନ୍ତେ ପଞ୍ଚାୟତରୁ ପିଏମ୍‌ଏୱାଇ (ପ୍ରଧାନମନ୍ତ୍ରୀ ଆବାସ ଯୋଜନା)ରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିଲେ। କାର୍ଯ୍ୟାଦେଶ ପାଇବାର ପ୍ରଥମ ୪ ମାସ ମଧ୍ୟରେ ଗୃହ ନିମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ସରକାରଙ୍କ ପ୍ରୋତ୍ସାହନ ବାବଦ ୨୦ ହଜାର ଟଙ୍କା ପାଇବା ପାଇଁ ମାସ ମାସ ଧରି ଅନାଇ ବସିଛନ୍ତି। ଏହା ସହ ତାଙ୍କ ଘରକୁ ବିପିଏଲ୍ ବିଦ୍ୟୁତ୍ ସଂଯୋଗ ପାଇଁ ବିଭାଗ ପକ୍ଷରୁ କେବଳ ବଙ୍କା ପାଇପ ଓ ମିଟର ଲଗାଯାଇଛି,ମାତ୍ର ବିଦ୍ୟୁତ୍ ସଂଯୋଗ ଦିଆ ନ ଯିବା ସମ୍ପୂର୍ଣ୍ଣଭାବେ ସରକାରୀ ଉଦାସୀନତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ପଦ୍ମପୁର ଗ୍ରାମକୁ ଯିବା ବେଳେ ପିଏମ୍‌ଏୱାଇ ହିତାଧିକାରୀ ସରସ୍ୱତୀ ରାଉତ୍ ଧରିତ୍ରୀ ପ୍ରତିନିଧିଙ୍କୁ ଭେଟି ଏହି ଦୁଃଖଦ ଘଟଣା ସମ୍ପର୍କରେ ଜଣାଇଛନ୍ତି। ଏ ନେଇ ପଦ୍ମପୁର ଗ୍ରାମପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବବ୍ରତ ଦାସଙ୍କୁ ଅବଗତ କରାଯିବା ପରେ ସେ କହିଲେ ଯେ, ସରସ୍ୱତୀଙ୍କ ଭଳି ଆହୁରି ଅନେକ ହିତାଧିକାରୀ ନିର୍ଦ୍ଧାରିତ ସମୟରେ ଗୃହ ନିର୍ମାଣ କରିଥିଲେ ମଧ୍ୟ କାହାରିକୁ ପ୍ରୋତ୍ସାହନ ରାଶି ମିଳିନାହିଁ। ଉପର ସ୍ତରରୁ ଏହି ଟଙ୍କା ଆସିଲେ ସେମାନଙ୍କୁ ପ୍ରଦାନ କରାଯିବ ବୋଲି ନିର୍ବାହୀ ଅଧିକାରୀ ଦାସ କହିଛନ୍ତି। କାର୍ଯ୍ୟାଦେଶ ଫର୍ମରେ ସ୍ପଷ୍ଟ ଲେଖାଅଛି ଯେ, ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଗୃହ କାର୍ଯ୍ୟ ଆରମ୍ଭ ନ ହେଲେ/ସମ୍ପୂର୍ଣ୍ଣ କରା ନ ଗଲେ ଦିଆଯାଇଥିବା କାର୍ଯ୍ୟାଦେଶ ରଦ୍ଦ କରାଯିବ ଏବଂ ପ୍ରଦାନ କରାଯାଇଥିବା ଅର୍ଥରାଶି ଆଦାୟ ନିମନ୍ତେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଯଦି ହିତାଧିକାରୀ ନିର୍ଦ୍ଧାରିତ ୪ ମାସ ଅବା ୬ ମାସ ସମୟ ଅବଧି ମଧ୍ୟରେ ଗୃହ କାର୍ଯ୍ୟ ନିର୍ମାଣ ସମ୍ପୂର୍ଣ୍ଣ କରୁଛି, ତାଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନରେ ବିଭାଗୀୟ ଅବହେଳା ପାଇଁ କି ପ୍ରକାର ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ବୋଲି ହିତାଧିକାରୀଙ୍କ ମନରେ ପ୍ରଶ୍ନ ଉଙ୍କି ମାରୁଛି। ତେବେ ସେ ଯାହା ହେଉନା କାହିଁକି ଘଟଣା ଉପରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ସମେତ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।


ଓଡ଼ିଶା ସରକାର
ପଞ୍ଚାୟତରାଜ ବିଭାଗ
ପ୍ରଧାନମନ୍ତ୍ରୀ ଆବାସ ଯୋଜନା
କାର୍ଯ୍ୟାଦେଶ



ପଦ୍ମପୁର ପଞ୍ଚାୟତର ପିଏମଏୱାଇ ହିତାଧିକାରୀ ସରସ୍ୱତୀ ରାଉତ୍ ଓ ତାଙ୍କ କାର୍ଯ୍ୟାଦେଶ ଫର୍ମ।



### ରାଜ୍ୟସ୍ତରୀୟ ବିବେକାନନ୍ଦ ପ୍ରଜ୍ଞା ପୁରସ୍କାର ପାଇଲେ ଚିଚିଣ୍ଡାର ଛାତ୍ରୀଛାତ୍ର

ବ୍ରଜରାଜନଗର, ୨୩।୪ (ଡି.ଏନ.ଏ)

ସ୍ଥାନୀୟ ଚାନ୍ଦିନୀମାଲ ପଞ୍ଚାୟତର ଚିଚିଣ୍ଡା ଗ୍ରାମରେ ଥିବା ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ର ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସମାରୋହରେ ଉନ୍ନତମାନର ସଫଳତା ହାସଲ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ବିଶ୍ୱଲୋଚନ ଭୋଇ ଛାତ୍ରୀଛାତ୍ରଙ୍କୁ ନେଇ ରାଜ୍ୟସ୍ତରୀୟ ପୁରସ୍କାର ଗ୍ରହଣ କରିଛନ୍ତି। ମୋଟ ୭୫ ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ଉନ୍ନତମାନର ସଫଳତା ପାଇଁ ଗିରିଧାରୀ ମେହେର, ସ୍ୱପ୍ନଲିକା ଭୋଇ, ବିନୋଦିନୀ ରୋହିଦାସ, ସୃଜନ ଭୋଇ, ନୃତ୍ୟପାଇଁ ଶିବାନୀ ସା, ଶିଲ୍ପା କରାଳି ଓ ଦେବଯାନୀ ବେସନଙ୍କୁ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ମୁଖ୍ୟଶାସନ ସଚିବ ଅଜିତ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

ନିର୍ବାଚନ ଆଳରେ ୬ମାସ ଧରି ବନ୍ଦ ପଡିଛି ବିକାଶମୂଳକ କାର୍ଯ୍ୟ

# ମୌଳିକସେବାରୁ ବଞ୍ଚିତ ସହରବାସୀ



ନୂତନ ପାଇପଲାଇନ ସଂଯୋଗ କାର୍ଯ୍ୟଗୁଡିକର ଅନୁଧ୍ୟାନ କରାଯାଉଛି।

ସୁନ୍ଦରଗଡ଼, ୨୩।୪ (ଡି.ଏନ୍.ଏ)

ସୁନ୍ଦରଗଡ଼ ସହରରେ ଦୀର୍ଘ ୧ବର୍ଷରୁ ଊର୍ଦ୍ଧ୍ୱ ହେବ ମଞ୍ଜୁରୀପ୍ରାପ୍ତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ନିର୍ବାଚନ ଆଚରଣବିଧି ଆଳରେ ବନ୍ଦ ରହିଥିଲା। ଫଳରେ ବର୍ତ୍ତମାନ ସହରବାସୀ ବିଭିନ୍ନ ମୌଳିକସେବା ଗୁଡିକରୁ ବଞ୍ଚିତ ହେଉଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସହରର ପାନୀୟ ଜଳ ସମସ୍ୟା, ଭାଙ୍ଗିଯାଇଥିବା ନାଳନର୍ଦ୍ଦମାର ନିର୍ମାଣ, ପୁନରୁଦ୍ଧାର କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଗତ କିଛିମାସ ହେବ ସହରରେ ପାନୀୟ ଜଳ ଯୋଗାଣ ନାଆଁରେ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ସାରା ସହରରେ ଆରମ୍ଭ ହୋଇଥିବା ପାଇପ ବିଛା କାମ ଅଧାପନ୍ତରିଆରେ ପଡିରହିଛି । ସହରର ଅଧିକାଂଶ ରାସ୍ତା ଘାଟପାଇପ୍ ବିଛାଇବା ପାଇଁ ଖୋଳା ଯାଇଥିବାବେଳେ ପରବର୍ତ୍ତୀ ସମୟରେ ସେଗୁଡିକର କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଦିଗରେ କିମ୍ବା ପାଇପ୍ ବିଛା ପରେ ରାସ୍ତାଗୁଡିକର ମରାମତି ପ୍ରତି ଧ୍ୟାନ ଦିଆଯାଉ ନାହିଁ। ଆଉ କେତେକ ସ୍ଥାନରେ ରାସ୍ତା ଉପରେ ପାଣି ପାଇପ୍‌ଗୁଡିକ ଗଦା ହୋଇ ରଖାଯାଇ ଥିବାରୁ ଜନସାଧାରଣ ତଥା ଯାନବାହାନ ଚଳାଚଳବେଳେ ବାଧା ସୃଷ୍ଟି ହେଉଛି। ସେହିପରି ସହରର ଅଧିକାଂଶ ସ୍ଥାନରେ ଷ୍ଟ୍ରିଟଲାଇଟ ଜଳୁ ନ ଥିବା ଯୋଗୁ ସେସବୁ ଅଞ୍ଚଳଗୁଡିକ ଅନ୍ଧାରୁଆ ରହୁଛି। ଏ ନେଇ ମଙ୍ଗଳବାର ପୂର୍ବତନ କାଉନସିଲର ଡା. ହିମାଂଶୁ ଶେଖର ଷଡଙ୍ଗୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ, ପୌରନିର୍ବାହୀ ଅଧିକାରୀ ଓ ଜଳଯୋଗାଣ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଆଲୋଚନା କରି ଏସବୁ ସମସ୍ୟା ଗୁଡିକର ତୁରନ୍ତ ସମାଧାନ ସକାଶେ ଦାବି କରିଥିଲେ। ଏଥିସହିତ ଡ. ଷଡଙ୍ଗୀ ଜଳଯୋଗାଣ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସହ ପତ୍ରାପଡା, ରଙ୍ଗାଢିପା ସମେତ ବିଭିନ୍ନ ୱାର୍ଡରେ ପାନୀୟ ଜଳ ସମସ୍ୟା ଓ ନୂତନ ପାଇପଲାଇନ ସଂଯୋଗ କାର୍ଯ୍ୟଗୁଡିକର ଅନୁଧ୍ୟାନ କରି ଆଗାମୀ ୧୦ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଦାବି କରିଥିଲେ। ଏହି ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାଉନସିଲର ଲକ୍ଷ୍ମୀକାନ୍ତ ସାହୁ ଓ ରଞ୍ଜିତା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ବଡ଼ଗାଁ, ୨୩।୪ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରି ଅବସର ଗ୍ରହଣ କରିଥିବା ସଂସ୍କୃତ ଶିକ୍ଷକ ଗଜେନ୍ଦ୍ର ମିଶ୍ର (୭୮) ଙ୍କ ସୋମବାର ରାତିରେ ହୃତଘାତ ଯୋଗୁ ପରଲୋକ ହୋଇଛି। ତାଙ୍କ ମୃତ୍ୟୁ ଖବର ଶୁଣି ବଡଗାଁର ଶିଷ୍ୟମାନେ ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ଶୋକ ପ୍ରକାଶ ପାଇଛି ।



ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଥାନା ଅଞ୍ଚଳରେ ଏକ ଟ୍ରକ୍ ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇଛି।

# ରାମ, ହନୁମାନ ଭେଟ: ଶବରୀଠାରୁ ଫଳ ଭକ୍ଷଣ

ବଡ଼ଗାଁ, ୨୩।୪ (ଡି.ଏନ.ଏ)

ବଡ଼ଗାଁ ରାମଲୀଳା ଯାତ୍ରାର ଦଶମ ରଜନୀରେ ରାମ ଓ ହନୁମାନଙ୍କ ମଧ୍ୟରେ ଭେଟ, ଶବରୀଠାରୁ ଫଳ ଭକ୍ଷଣ ଏବଂ ସୁଗ୍ରୀବଙ୍କ ସହିତ ମିତ୍ରତା ବିଷୟବସ୍ତୁ ଉପରେ ମଞ୍ଚସ୍ଥ ହୋଇଛି। ସୀତାଙ୍କୁ ହରାଇଲା ପରେ ରାମ, ଲକ୍ଷ୍ମଣ କିସ୍କିନ୍ଧ୍ୟା ରାଜ୍ୟରେ ପ୍ରବେଶ କଲେ। ଅରଣ୍ୟରେ ବିଚରଣ କଲାବେଳେ ହନୁମାନଙ୍କ ସହିତ ସାକ୍ଷାତ ହୋଇଥିଲା। ହନୁମାନ ସ୍ୱରୂପ ବଦଳାଇ ନିଜ ପରିଚୟ ପ୍ରଦାନ କଲେ। ହନୁମାନଙ୍କ ମୁଣ୍ଡରେ ଥିବା ଦେବଦତ୍ତ ମୁକୁଟରୁ ରାମ, ହନୁମାନଙ୍କ ପରିଚୟ ପାଇ ଖୁସି ପ୍ରକଟ କଲେ। ଜରୁରୀ ସମୟରେ ସ୍ମରଣ କଲେ ଉପସ୍ଥିତ ହେବାର ପ୍ରତିଶ୍ରୁତି ଦେଇ ବିଦାୟ ନେଲେ। ଏହାପରେ ରାମଚନ୍ଦ୍ର ଅରଣ୍ୟରେ ଶବରୀଙ୍କ ଆତିଥ୍ୟ ଗ୍ରହଣ କରିଥିଲେ। ରାମଙ୍କୁ ଫଳମୂଳ ଖୁଆଇବା ଓ ରାମଭକ୍ତିରେ ବିଭୋର ଶବରୀ ନିଜେ ମିଠା ଫଳ ଚାଖି ରାମଙ୍କୁ ଦେଇଥିଲେ। ବଣରେ ମହାକୁଳ ନନ୍ଦ ଗଉଡମାନେ କ୍ଷୀର ନେଇ ଗଲାବେଳେ ରାମ ଲକ୍ଷ୍ମଣଙ୍କୁ ତୃଷ୍ଣା ଯୋଗୁ କ୍ଷୀର ମାଗିଥିଲେ। ଗଉଡମାନେ ଅର୍ଥ ମାଗିବାରୁ ଦେଇପାରି ନ ଥିଲେ। କିଛି ଦୂର ଗଲାପରେ କ୍ଷୀର ରକ୍ତବର୍ଣ୍ଣ ହେବାରୁ ସନ୍ଦେହ କରି ନନ୍ଦରାଜାଙ୍କୁ ଜଣାଇ ରାମଙ୍କ ନିକଟକୁ ଆସିଥିଲେ। ରାମ ପ୍ରଭୁ ବୋଲି ଜାଣି ନନ୍ଦରାଜା କ୍ଷମା ମାଗିଥିଲେ। କ୍ଷୀର, ଦହି, ଲହୁଣି ଖାଇବାକୁ ଦେଇଥିଲେ ଏବଂ ନିଃସନ୍ତାନ ଥିବାରୁ ତାଙ୍କ ଘରେ ଜନ୍ମ ନେବାକୁ ଗୁହାରୀ କରିଥିଲେ। ରାମ ଦ୍ୱାପର ଯୁଗରେ ଜନ୍ମ ନେବାକୁ ପ୍ରତିଶ୍ରୁତି ଦେଲେ। ଏହା ପରେ ରାମ ଋଷ୍ୟମୂକ ପର୍ବତରେ ସୁଗ୍ରୀବଙ୍କ ସହିତ ମୈତ୍ରତା ସ୍ଥାପନ କରିଥିଲେ। ହନୁମାନ, ଶବରୀ, ନନ୍ଦରାଜା, ନନ୍ଦରାଣୀ, ସୁଗ୍ରୀବ ଭୂମିକାରେ ଯଥାକ୍ରମେ ବାବଲୁ ପ୍ରଧାନ, ଭିକାରୀଚରଣ ସା, ମୋନୁ ପାଣିଗ୍ରାହୀ, ରାଜେଶ ଚକ୍ରବର୍ତ୍ତି ଅଭିନୟ କରିଥିଲେ ।

ବଡ଼ଗାଁ ରାମଲୀଳା ଯାତ୍ରା



ଦଶମ ରଜନୀର ଦୃଶ୍ୟ ।

# ଗୋରୁପଲକୁ ଧକ୍କା ଦେଲା ଟ୍ରକ୍: ୪ ଗୋରୁ ମୃତ

ବଡ଼ଗାଁ, ୨୩।୪ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଫିସ ସମ୍ମୁଖ ୧୦ନଂ. ରାଜ୍ୟ ରାଜପଥରେ ମଙ୍ଗଳବାର ଅପରାହ୍ନ ୩ଟାରେ ଟ୍ରକ୍ ଧକ୍କାରେ ୪ ଗୋରୁର ମୃତ୍ୟୁ ଘଟିଛି। ସୁନ୍ଦରଗଡ ପଟକୁ ଦ୍ରୁତ ଗତିରେ ଯାଉଥିବା ଟ୍ରକ ଓଡି ୧୬ ଡି- ୭୨୯୯ ଗୋରୁ ପଲକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଗୋଟିଏ ବାଛୁରୀ ଓ ୩ ଗାଈ ମରିଥିଲାବେଳେ ଗୋଟିଏ ଗାଈ ଆହତ ହୋଇଛି। ଦ୍ରୁତ ଗତିରେ ଧକ୍କା ଦେଇ ଯାଉଥିବା ଟ୍ରକକୁ ଜଣେ ବାଇକ ଚାଳକ ପିଛା କରି ଥାନା ସମ୍ମୁଖରେ ଅଟକାଇ ଡ୍ରାଇଭରକୁ ଥାନାରେ ଜିମା ଦେଇଛନ୍ତି। ଟ୍ରକଟି ରାଉରକେଲା ବେଦବ୍ୟାସର ରମେଶ ମିସ୍ତ୍ରୀଙ୍କ ଓ ଚାଳକ ବିହାର ଛାପ୍ରା ଜିଲାର ଶୈଳେନ୍ଦ୍ର କୁମାର ରାୟ ବୋଲି ତାଙ୍କଠାରୁ ଜଣାପଡିଛି। ଡ୍ରାଇଭର ମଦ୍ୟପାନ କରିଥିବା ପୋଲିସ କହିଛି। ଥାନାରେ ଏନେଇ ଏକ କେସ (ନଂ. ୬୩/୨୦୧୯) ରୁଜୁ ହୋଇଛି। ତେବେ ଅନେକ ସମୟରେ ମଦ୍ୟପ ଚାଳକ ଦୁର୍ଘଟଣା ଘଟାଉଥିଲେ ମଧ ପୋଲିସର କୋହଳ ମନୋଭାବ ଯୋଗୁ ନିୟନ୍ତ୍ରଣ କରାଯାଇପାରୁନାହିଁ। ଏହି ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କ ଡାକ୍ତରୀ ପରୀକ୍ଷା କରାଯିବ ବୋଲି ଆଇଆଇସି ସୂର୍ଯ୍ୟକାନ୍ତି ଦାସ କହିଛନ୍ତି।



ଦୁର୍ଘଟଣାରେ ମୃତ ଗାଈ।

# କୋଠା ତିଆରି ହୋଇଥିଲେ ମଧ କାର୍ଯ୍ୟକ୍ଷମ ହୋଇନାହିଁ

- ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ
- ଅସୁବିଧା ଭୋଗୁଛନ୍ତି ସାଧାରଣ ଜନତା

କୁତ୍ରା, ୨୩।୪ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ତହସିଲ ଅଧିନରେ ଥିବା ୬ଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପାଇଁ ଦୀର୍ଘ ଦିନରୁ ନୂତନ କୋଠା ତିଆରି ହୋଇଥିଲେ ମଧ କାର୍ଯ୍ୟକ୍ଷମ ହୋଇନାହିଁ। ଜିଲାର କୁତ୍ରା ତହସିଲ ଅଧିନରେ ସମୁଦାୟ ୭ଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଛି। ଏଥିମଧ୍ୟରୁ ଲାଞ୍ଜିବେର୍ଣ୍ଣା କାର୍ଯ୍ୟାଳୟ ଦୀର୍ଘ ଦିନରୁ କଟଙ୍ଗ ଗ୍ରାମରେ କାର୍ଯ୍ୟ କରୁଛି। ଅମ୍ବଗୋଭା, ପଞ୍ଚରା, ବିରିଙ୍ଗାଟୋଲି, ପୁର୍କାପାଲି, କନ୍ଦେଇମୁଣ୍ଡା ଓ କୁତ୍ରାରେ ଦୀର୍ଘ ଦିନ ହେବ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଗୁଡିକର ନୂତନ କୋଠା ତିଆରି ହୋଇଥିଲେ ମଧ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ଜମିଜମା, ବିଭିନ୍ନ ପ୍ରମାଣପତ୍ର ତଥା ଅନ୍ୟାନ୍ୟ କାମ ପାଇଁ ସେହି ଅଞ୍ଚଳରେ ଲୋକଙ୍କୁ ନାହିଁ ନ ଥିବାର ଅସୁବିଧା ଭୋଗିବାକୁ ପଡୁଛି। ସମସ୍ତ ରାଜସ୍ୱ ନିରୀକ୍ଷକ କୁତ୍ରାରେ ନିଜ ଅଞ୍ଚଳର କାର୍ଯ୍ୟ କରୁଛନ୍ତି। ଦୂରଦୂରାନ୍ତରୁ ଲୋକେ କୁତ୍ରାକୁ ଆସି ରାଜସ୍ୱ ନିରୀକ୍ଷକଙ୍କୁ ନ ପାଇ ହନ୍ତସନ୍ତ ହୋଇ ଫେରିଯାଉଛନ୍ତି। ଏହା ଗରିବ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନୂତନ କୋଠା ଘରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଚାଲୁ ନ ଥିବାରୁ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଦେଖିବାକୁ ମିଳିଛି। ଏବାବଦରେ ଫୋନ ମାଧ୍ୟମରେ କୁତ୍ରା ତହସିଲଦାର ସୁପ୍ରଭା ଦାସଙ୍କୁ ପଚାରିବାରୁ କିଛି କାର୍ଯ୍ୟାଳୟରେ ବିଜୁଳି ଲାଗି ନ ଥିବା ବେଳେ କେତେକ ସ୍ଥାନରେ ପାଣିର ସୁବିଧା ନ ଥିବାରୁ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବା ପ୍ରକାଶ କରିଥିଲେ। ସେ ବିଜୁଳି ବିଭାଗ ଅଧିକାରୀଙ୍କ ସହିତ ଏବାବଦରେ ଆଲୋଚନା କରିଛନ୍ତି। ଖୁବ୍‌ଶୀଘ୍ର ଏହି ନୂତନ କୋଠାରେ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆରମ୍ଭ ହେବ ବୋଲି ଉତ୍ତର ଦେଇଥିଲେ। ଏବାବଦରେ ସୁନ୍ଦରଗଡ ଜିଲାପାଳ ମଧ କୁତ୍ରା ତହସିଲଦାରଙ୍କୁ ଯଥାଶୀଘ୍ର ନୂତନ କାର୍ଯ୍ୟାଳୟଗୁଡିକ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ କୁତ୍ରା ତହସିଲର ସଦର ମହକୁମା କୁତ୍ରାରେ ତିଆରି ହୋଇଥିବା କୋଠାରେ କାର୍ଯ୍ୟାଳୟ ଚାଲିବା ବଦଳରେ କୁତ୍ରା ରାଜସ୍ୱ ନିରୀକ୍ଷକ ସପରିବାର ବସବାସ କରୁଛନ୍ତି। ଏଥିରୁ ସହଜେ ଅନୁମାନ କରାଯାଇ ପାରେ ଯେ, ନୂତନ ଭାବେ ତିଆରି ହୋଇଥିବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଗୁଡିକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରଶାସନିକ ଅଧିକାରୀ କେତେ ଦାୟୀତ୍ୱବାନ। ଏଠି ଜିଲାପାଳଙ୍କ ନିର୍ଦ୍ଦେଶକୁ ଖାତିର କରାଯାଉ ନ ଥିବା ଲୋକେ ଆଲୋଚନା କରୁଛନ୍ତି।



ନୂତନ କୋଠାକୁ ବାସଗୃହ ଭାବେ ବ୍ୟବହାର କରାଯାଉଛି।